# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com

Published Simultaneously from Bhubaneswar, Angul & Berhampur.

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୩୧ Vol. 22 No-31 1 MAY 2025 THURSDAY BHUBANESWAR

ଗୁରୁବାର, ୧ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ବିଶ୍ୱ ଶ୍ରମିକ ଦିବସର ଶୁଭେଚ୍ଛା

ମଇ,୧ ତାରିଖ ବିଶ୍ୱ ଶ୍ରମିକ ଦିବସ ଅବସରରେ ଆମେ ଆମର ଅଗଣିତ ପାଠକ,ପାଠିକା/ ଲେଖକ,ଲେଖିକା/ ବିଜ୍ଞାପନଦାତା/ସମ୍ବାଦଦାତା/ଏଜେଣ୍ଟ ବନ୍ଧୁ/ପୃଷ୍ଠପୋଷକ ଓ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଉଛୁ।

'ଓଡ଼ିଶା ଭାସ୍କର' ପରିବାର


## ଛୁଟି ଘୋଷଣା

ମଇ,୧ ତାରିଖ ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ 'ଓଡ଼ିଶା ଭାସ୍କର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୩ ତାରିଖ ସକାଳେ ପ୍ରକାଶ ପାଇବ।

ପରିଚାଳକ

## ଭାରତର ରଣହୁଙ୍କାର

# ନର ରାକ୍ଷସଙ୍କୁ ଛାଡ଼ିବୁନି



ନୂଆଦିଲ୍ଲୀ,୩୦।୪: ପହଲଗାମ ଆତଙ୍କୀ ହମଲାକୁ ନେଇ ଭାରତ ଏକ ବଡ଼ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଘନ ଘନ ବୈଠକ ପାକିସ୍ତାନକୁ ଛାନିଆ କରି ପକାଇଛି। ଗୋଟିଏ ପଟେ ୩ ସେନା ମୁଖ୍ୟଙ୍କୁ ପୂର୍ଣ୍ଣ କ୍ଷମତା ଓ ଅନ୍ୟପଟେ ରଣନୀତି ପ୍ରସ୍ତୁତ ଘଟଣାକୁ ନେଇ ପାକିସ୍ତାନରେ ଆତଙ୍କ ସୃଷ୍ଟି ● ପୃଷ୍ଠା ୫ ଦେଖନ୍ତୁ

## ■ କେନ୍ଦ୍ର କ୍ୟାବିନେଟ୍‌ର ବଡ଼ ନିଷ୍ପତ୍ତି ■

# ଜାତିଗତ ଜନଗଣନାକୁ ଅନୁମୋଦନ



ନୂଆଦିଲ୍ଲୀ,୩୦।୪: କେନ୍ଦ୍ର କ୍ୟାବିନେଟର ବଡ଼ ନିଷ୍ପତ୍ତି। ସାରା ଦେଶରେ ଜାତିଗତ ଜନଗଣନା କରିବେ ମୋଦୀ ସରକାର। ଏ ନେଇ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ଏ ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ କହିଛନ୍ତି, ମୋଦୀ ସରକାର ସାରା ଦେଶରେ ଜାତିଗତ ଜନଗଣନା କରିବେ। ଏହାବ୍ୟତୀତ ଚାଷୀଙ୍କ ହିତ ଓ ରାଜପଥ ପାଇଁ ମଧ୍ୟ ଅନେକ ନିଷ୍ପତ୍ତି କ୍ୟାବିନେଟ୍‌ରେ ନିଆଯାଇଛି। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ମୋଦୀ ସରକାର ସାରା ଦେଶରେ ଜାତିଗତ ଜନଗଣନା କରିବେ। ଆଗାମୀ ଜନଗଣନା ସହ ଜାତି ଗଣନା ମଧ୍ୟ କରାଯିବ। ଏହି ପ୍ରସଙ୍ଗରେ ସେ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି ଯେ ଜାତିଗତ ଗଣନାକୁ କଂଗ୍ରେସ ନିଜ ସ୍ୱାର୍ଥପାଇଁ ବ୍ୟବହାର କରିଥିଲା। ୧୯୩୧ ମସିହାରେ ଶେଷଥର ପାଇଁ ଜାତିଗତ ଜନଗଣନା କରାଯାଇଥିଲା। ଅର୍ଥାତ୍ ୯୪ ବର୍ଷ ପରେ ସମଗ୍ର ଦେଶରେ ଜାତିଗଣନା କରାଯିବ। ସ୍ୱାଧୀନ ଭାରତରେ ପ୍ରଥମ ଥରପାଇଁ କେନ୍ଦ୍ର ସରକାର ଏହି ଗଣନା କରିବେ। ଶ୍ରୀ ବୈଷ୍ଣବ ଆହୁରି କହିଥିଲେ ଯେ ଶିଲଂରୁ ସିଲଭର କରିଡରକୁ ● ପୃଷ୍ଠା ୫ ଦେଖନ୍ତୁ





सत्यमेव जयते



ମଇ ଦିବସ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା–ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

ଶ୍ରମିକ ଦିବସ
ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-19 OIPR 15001/13/0622/2526



ଫୁଲନଖରା(ଭାସ୍କର ନ୍ୟୁଜ୍): ଅଗ୍ରଣୀ ସାମାଜିକ ସଙ୍ଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ,ଓଡ଼ିଶା(ବିସିଟି) ରକ୍ତଦାନ ସହ ବହୁବିଧ ସେବାରେ ବ୍ରତୀ । ଅସହାୟ ଲୋକମାନଙ୍କ ସହ କର୍କଟ ରୋଗୀଙ୍କ ସେବା, ରକ୍ତଦାନ ଶିବିର,ଅଙ୍ଗଦାନ ସଚେତନତା, ପରିବେଶ ସୁରକ୍ଷା,କମ୍ବଳ ଓ ଖାଦ୍ୟ ବଣ୍ଟନ,ନିୟମିତ ଏସସିବି କଟକ ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ରୋଗୀଙ୍କୁ ରକ୍ତ ଯୋଗାଇବାରେ ବ୍ରତୀ । ଏହି ମହାନ୍ ଚିନ୍ତା ଚେତନା ଅନନ୍ୟ ଆଦର୍ଶରେ ଅନୁପ୍ରାଣିତ ସମାଜସେବୀ,ରକ୍ତଦାତା ଇଂ.ବିମଳ ଚନ୍ଦ୍ର ଦାସ ଏକ ପରିଚିତ ନାମ ଯେକି ବିସିଟିର ପ୍ରତିଷ୍ଠାତା ସମ୍ପାଦକ । ସେ ଏଯାବତ୍ ୪୫ ବର୍ଷ ବୟସରେ ୬୮ ଥର ରକ୍ତଦାନ କରିଛନ୍ତି ଏବଂ ତାଙ୍କ ଜନ୍ମ ଦିନ ଓ ବିବାହ ବାର୍ଷିକରେ ରକ୍ତଦାନ ଶିବିର ଆୟୋଜନ କରନ୍ତି ଯାହାକି ନିଆରା ସେବା । ତାଙ୍କ ଧର୍ମପତ୍ନୀ କଟକ ଶିଶୁ ଭବନର ବରିଷ୍ଠ ସେବିକା ସ୍ୱର୍ଗତା ବିଷ୍ଣୁପ୍ରିୟା ଦେବୀଙ୍କ ଦ୍ୱିତୀୟ ସନ୍ତାନ ଜନ୍ମ ସମୟରେ ରକ୍ତ(ଏ+)ର ସମସ୍ୟା ନେଇ ମୃତ୍ୟୁ ଘଟିଥିଲା । ତାଙ୍କ ସ୍ମୃତିରେ ବିଷ୍ଣୁପ୍ରିୟା ଚାରି ଟେବୁଲ୍ ଟ୍ରଷ୍ଟ ଗଠନ କରି ରକ୍ତଦାନରେ ସମର୍ପିତ । ବିସିଟିର ବାର୍ତ୍ତା ରହିଛି 'ଆମକୁ ରକ୍ତଦିଅ ଆମେ ତମକୁ ଜୀବନ ଦାନ କରିବୁ । ବିଭିନ୍ନ ସ୍ଥାନରେ ଟ୍ରଷ୍ଟ ପକ୍ଷରୁ ଜନ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ବା ନାଟକ ପରିବେଷଣ କରାଯିବାସହ ଆଲୋଚନାଚକ୍ର ଆଦି କରାଯାଇ ରାଜ୍ୟରେ ରକ୍ତଦାନ ସମ୍ପର୍କରେ ଏକ ଯୁଗାନ୍ତକାରୀ ବଳିଷ୍ଠ ପଦକ୍ଷେପ ସୃଷ୍ଟି କରିଛି ।



# ମନରେଗା ସମୀକ୍ଷା ବୈଠକ |||||||||

## ଚଣ୍ଡୀତଳ ପଞ୍ଚାୟତ ଏଡିଇଓଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଉଠାଇଲେ ଜନ ପ୍ରତିନିଧି



ବଡ଼ଚଣା (ଭାସ୍କର ନ୍ୟୁଜ): ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (ମନରେଗା) ଯାଜପୁରଙ୍କର ଚିଠି ନମ୍ବର ୧୩୧୭ ଅନୁଯାୟୀ ଆଜି ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ୨୦୨୪-୨୫ ଆର୍ଥିକ ବର୍ଷରେ ହେବାକୁ ଥିବା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଓ ପଞ୍ଚଦଶ କେନ୍ଦ୍ରୀୟ ଆର୍ଥିକ ଅନୁଦାନ ଯୋଜନାର ବ୍ଲକସ୍ତରୀୟ ଜନ ଶୁଣାଣି ୨ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଗତ ୨୦୨୪ ଓ ଆଗାମୀ ୨୦୨୫ ଆର୍ଥିକ ବର୍ଷପାଇଁ ବଡ଼ଚଣା ବ୍ଲକ ର ୪୩ ଗୋଟି ପଂଚାୟତରେ କାର୍ଯ୍ୟକାରୀ ହେବାକୁ ଥିବା ମହାତ୍ମାଗାନ୍ଧୀ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାର ସଫଳ ରୂପାୟନ ଉପରେ ଆଲୋଚନା କରାଯାଇଥିଲା ଏଥିରେ ବିଭିନ୍ନ ପଂଚାୟତରେ ସମୀକ୍ଷା କରାଯାଇ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ସହିତ ମନୋରେଗା କାର୍ଯ୍ୟକ୍ରମର ସ୍ୱଚ୍ଛତା ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟ କ୍ରମରେ ମାନବ ଶ୍ରମ ନିୟୋଜନ ନକରାଇ ମେସିନ ଦ୍ୱାରା କାର୍ଯ୍ୟ କରାଯାଉଛି ବୋଲି ବହୁ ଜନ ପ୍ରତିନିଧି ଅଭିଯୋଗ କରିଥିଲେ ।ସ୍ଥାନୀୟ ଚଣ୍ଡିତଳ ପଂଚାୟତରେ ବେଆଇନ ଭାବେ ମାଟି ଉଠାଯାଇ ମନରେଗା କାର୍ଯ୍ୟକ୍ରମରେ ପଞ୍ଜୀକୃତ କରି ଅନ୍ୟତ୍ର ବିକ୍ରି କରାଯାଉଛି ବୋଲି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ଅଭିଯୋଗ କରିଥିଲେ । ସେହିପରି ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି , ମହରମ୍, ମାଙ୍କଡ଼ା, ମାଟି ଚୋରାରେ ବିକ୍ରି କରାଯାଇଛି ବୋଲି ଆଜିର ବୈଠକରେ ବହୁ ଗ୍ରାମ ପଞ୍ଚାୟତ ପ୍ରତିନିଧି ଅଭିଯୋଗ କରିଥିଲେ ।ଏହି ବେଆଇନ କାର୍ଯ୍ୟରେ ପଞ୍ଚାୟତର ହିସାବରକ୍ଷକ ତଥ୍ୟ ପରିଚାଳକ ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଚଣ୍ଡିତଳ ଓ ନଳୀପୁର ଗ୍ରାମ ପଞ୍ଚାୟତର ଦାୟିତ୍ୱରେ ଥିବା ଜନୈକ ଏଡିଇଓ ପୁଷ୍ପଲତା ଦାସ ଏହି ବେଆଇନ ଚୋରା ମାଟି ବିକୁଥିବା କାର୍ଯ୍ୟରେ ସଂପୃକ୍ତ ଥିବାର ଅଭିଯୋଗ ହୋଇଥିଲା। ଏହି ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ବିଡ଼ିଓ ରବୀନ୍ଦ୍ର କୁମାର୍ ପ୍ରଧାନ, ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି , ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ , ଅତିରିକ୍ତ ଏବିଡ଼ିଓ ସୁରେଶ ଚନ୍ଦ୍ର ପଣ୍ଡା, ବ୍ଲକ୍ ସହକାରୀ ଯନ୍ତ୍ରୀ ପାର୍ଥସାରଥୀ ପଣ୍ଡା, ଏପିଓ ପ୍ରଜ୍ଞା ସାମଲ, ଶୁଭଶ୍ରୀ ଦଳେଇ, ଲୋକ ବିକାଶ ଅନୁଷ୍ଠାନର ଦିଲ୍ଲିପ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ବୈତରଣୀ ମହୋତ୍ସବ ଆଳରେ ଲକ୍ଷାଧିକ ଟଙ୍କା ଆଦାୟ ଅଭିଯୋଗ



ଚାନ୍ଦବାଲି (ଭାସ୍କର ନ୍ୟୁଜ): ଓଡ଼ିଶାରେ ପୁଣ୍ୟ ବୈତରଣୀ ନଦୀରେ ବୁଡ଼ ମାରିଲେ କୋଟି ଜନ୍ମର ପାପ କ୍ଷୟ ହୁଏ ବୋଲି ଲୋକ କଥା ରହିଛି ଏବଂ ଏହି ପୁଣ୍ୟ ନଦୀକୁ ଓଡ଼ିଶାର ଗଙ୍ଗା ମଧ କହିଥାନ୍ତି ହେଲେ ସେହି ନଦୀର ଜଳ ଆଜି ଜହର ପାଲଟୁଛି । ନଦୀ ଜଳରେ ବୁଡ଼ ମାରିବା ତ ଦୂରର କଥା ଜଳ ଏମିତି ପ୍ରଦୂଷିତ ହୋଇଛି ମଣିଷ ଦେହରେ ବାଜିଲେ ଚର୍ମରୋଗ ଆରମ୍ଭ ହୋଇଛି। ଏହା ମନୁଷ୍ୟକୃତ ହେଉଥିଲେ ମଧ ତାର ପ୍ରତିକାର ବଦଳରେ ଚାନ୍ଦବାଲିରେ କିଛି ଅର୍ଥଲୋଭୀ ସମାଜସେବୀ ବୈତରଣୀ ବଂଚାଓ ନାରାଦେଇ ଲକ୍ଷାଧିକ ଟଙ୍କା ଆଦାୟ କରିବା ସହ ମହୋତ୍ସବ ଆୟୋଜନ କରି ବୈତରଣୀ ବଂଚାଓ ନାରାଦେଇ କୁମ୍ଭୀର କାନ୍ଦାଣା କରୁଛନ୍ତି। ଅନ୍ୟପଟେ ବୈତରଣୀ ନଦୀ କୂଳରେ ହଜାର ହଜାର ହେକ୍ଟର ଜମିରେ ଚିଙ୍ଗୁଡ଼ି ମାଫିଆଙ୍କ ଦ୍ୱାରା ବେଆଇନ ଚିଙ୍ଗୁଡ଼ି ଚାଷ କରାଯାଇଛି ତ କେଉଁଠି ନଦୀ ମଧକୁ ଜଳ କାରଖାନାରୁ ବାହାରୁଥିବା ବିଷାକ୍ତ ଜଳ ବହାରି ନଦୀଜଳ ମଧରେ ବିଷ ବଳୟ ସୃଷ୍ଟି ହେଉଛି । ସବୁଠାରୁ ଏବେ ବଡ଼ ସମସ୍ୟା ସୃଷ୍ଟି ହୋଇଛି ମତ୍ସ୍ୟ ସମ୍ପଦ ଉପରେ, ବୈତରଣୀ ନଦୀରେ ଜଳ ଜହର ପାଲଟୁଥିବାରୁ ବିଭିନ୍ନ ପ୍ରଜାତିର ମାଛ ଓ କଙ୍କଡ଼ା କମିକମି ଯାଉଛି । ଚିଙ୍ଗୁଡ଼ି ଫାର୍ମର ବ୍ୟବହୃତ ହେଉଥିବା ବିଭିନ୍ନ କୀଟନାଶକ (ଚାଇଓ୍ୱାଷ, ଅକ୍ସାଇଡ଼, ଜିଆଲାଇଟ) ଭୟଙ୍କର କୀଟନାଶକ ଜଳ ସହ ମିଶି ସିଧା ବୈତରଣୀ ଜଳରେ ମିଶୁଛି । ଯାହାଦ୍ୱାରା ବୈତରଣୀ ନଦୀ ଜଳ ଜହର ହେବାର ମୁଖ୍ୟ କାରଣ ପାଲଟିଛି । କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ସେହି ଚିଙ୍ଗୁଡ଼ି ଚାଷୀ ଓ ଫାଇନାଶରଙ୍କ ଠାରୁ ମହୋତ୍ସବ ନାମରେ ମୋଟା ଅର୍ଥ ଆଦାୟ ହେଉଛି ବୋଲି ଚାନ୍ଦବାଲି ରେ ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି। ବିଗତ ସରକାରଙ୍କ ସମୟରେ ୨୦୨୩ରେ ବିଧାନସଭାରେ ପ୍ରଶ୍ନକାଳରେ ବିଭାଗୀୟ ମନ୍ତ୍ରୀ ମଧ ମତ ରଖୁଚିଛନ୍ତି ବୈତରଣୀ ନଦୀର ଜଳ ଜହର ପାଲିଟିବାର ମୁଖ୍ୟ କାରଣ ମନୁଷ୍ୟକୃତ ।ହେଲେ ତାହାପାଇଁ ସରକାରଙ୍କ ପକ୍ଷରୁ ଆଜିଯାଏ ବିଧିବଦ୍ଧ ଭାବେ କୈଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଯଦିଓ ସରକାରଙ୍କ ପକ୍ଷରୁ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇନାହିଁ ହେଲେ ବେସରକାରୀ ସ୍ତରରେ ବୈତରଣୀ ବଂଚାଓ ଅଭିଯାନ ନାଁରେ ଚାନ୍ଦବାଲି ସହରରେ ଛୋଟବଡ଼ ସଂସ୍ଥାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଚାନ୍ଦା ଆଣି ତାକୁ ମହୋତ୍ସବ କରିବାକୁ ନେଇ ଚାନ୍ଦବାଲିର ବହୁ ବୁଦ୍ଧିଜୀବୀ ସ୍ୱର ଉଠାଇଛନ୍ତି । ଏହାକୁ ନେଇ ଚାନ୍ଦବାଲିର ବିଶିଷ୍ଟ ପରିବେଶବିତ ବିଜୟ ମହାଳିକ ଆପତ୍ତି ଉଠାଇଛନ୍ତି ।

# ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ବୈଠକ



କୋରାପୁଟ(ଭାସ୍କର ନ୍ୟୁଜ): କୋରାପୁଟରେ ଓଡିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ବାର୍ଷିକ କାର୍ଯ୍ୟପନ୍ଥା ଖସଡା ପ୍ରସ୍ତୁତ କରାଯିବା ସହ ଏକ ସଚେତନତା ରାଲି ସ୍ଥାନିୟ ଆମ୍ବେଡକର ପାର୍କରୁ ବାହାରି ସହର ପରିକ୍ରମା କରିବା ପରେ ସର୍କିଟ ହାଉସର ପାଖରେ ଥିବା ଏକ ହୋଟେଲରେ ପଂହଚିଥିଲା । ସେଠାରେ ଆୟୋଜିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋରାପୁଟ ଏମପି ସପ୍ତଗିରି ଉଲ୍ଲାକା, ବିଧାୟକ ରଘୁରାମ ମାଛ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ମ୍ୟୁନିସିପାଲଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବ୍ଲକ ଅଧକ୍ଷା ନମିତା ମାଝି, କୋଟପାଡ ବିଧାୟକ ରୁପୁ ଭତ୍ରା, ପୂର୍ବତନ ବିଧାୟକ ନିମାଇଁ ସରକାର ଓ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ । କାର୍ଯ୍ୟକ୍ରମକୁ କୋରାପୁଟ ଏମପି ଉଲ୍ଲାକା ଉଦ୍‌ଘାଟନ କରିଥିଲେ । ଏଥିରେ ଏସ୍‌ସିଏସ୍‌ଟିଙ୍କୁ କେବଳ ସଂରକ୍ଷଣ ନୁହେଁ ତାଙ୍କୁ ଉଚିତ ସମ୍ମାନ ଦିଆଯାଉ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ରାଜ୍ୟ ସଭାପତି ଆନନ୍ଦ ହେମ୍ବ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ନିଯୁକ୍ତି ସଂସ୍ଥାନ ଗୁଡିକ ଯେପରିକି ଓପିଏସ୍‌ସି, ଓଏସ୍‌ଏସ୍‌ସି ଆଦିରେ ଏସ୍‌ଟି ଓ ଏସ୍‌ସି ବର୍ଗର ସଦସ୍ୟମାନେ ନିଶ୍ଚିତ ଭାବେ ନିଯୁକ୍ତି ହେବେ ଦରକାର । ଏସ୍‌ଟି ଓ ଏସ୍‌ସିଙ୍କ ଜମି ହଡପ ରୋକ ଉପରେ ସରକାର କଡା ପଦକ୍ଷେପ ଗ୍ରହଣ କରିବା, ସରକାରୀସ୍ତରରେ ହେଉଥିବା ସମସ୍ତ ନିଯୁକ୍ତି କ୍ଷେତ୍ରରେ ସମତୁଲ ରକ୍ଷା କରିବା ଆଦି ସଂଘ କହିଛି। ସେହିପରି ବିଧାୟକ ମାଛ ଭୀମରାଓ ଆମ୍ବେଡକରଙ୍କୁ କେନ୍ଦ୍ର ସରକାର ବିଳମ୍ବରେ ଭାରତ ରତ୍ନ ପ୍ରଦାନ ନେଇ କ୍ଷୋଭ ପ୍ରକାଶ କରିଥିଲେ। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମହେଶ୍ୱର ନାୟକ, କୋରାପୁଟ ପୂର୍ବତନ ଉପଜିଲ୍ଲାପଳ ଲଳିତ କହଁରଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ପରିଷଦର ବିଭିନ୍ନ ଦାବି ନାର୍ଯ୍ୟ ସଂଗତ ବୋଲି କହିବା ସହ ଉଭୟ ସରକାର ଉପରୋକ୍ତ ଦାବିଗୁଡିକୁ ତୁରନ୍ତ ସମାଧାନ କରିବା ଆବଶ୍ୟକ ବୋଲି କହିଥିଲେ ।

# ଜିଲ୍ଲାସ୍ତରୀୟ କେଜିବିଭି ପ୍ରଧାନଶିକ୍ଷୟିତ୍ରୀମାନଙ୍କ ବୈଠକ

ବେତନଟୀ (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ବୈଠକ ବେତନଟୀ ବ୍ଲକ ଅଧୀନ ଧନପୁର କେଜିବିଭି ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ବାଳିକା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ଯୋଗ ଦେଇ ପିଲାମାନଙ୍କର ଉତ୍ତମ ଶିକ୍ଷା ଦେବା ସହ ପିଲାମାଙ୍କ ଯତ୍ନ ଦେବା ପାଇଁ ସମସ୍ତ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ ଜିଲ୍ଲାର ୨୬ ଗୋଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ହିସାବ ରକ୍ଷକ ଓ ୱାର୍ଡେନ ମାନେ ଉପସ୍ଥିତ ଥିଲେ । ଶେଷରେ ବେତନଟୀ କସ୍ତୁରବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାନନବାଳା କର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ସିନିୟର ସିଟିଜେନ୍ ଫୋରମ୍ ପକ୍ଷରୁ ସାଧାରଣ ସଭା




ବାରିପଦା(ଭାସ୍କର ନ୍ୟୁଜ୍): ସିନିୟର ଫୋରମ, ବାରିପଦା, ମୟୂରଭଞ୍ଜ ତରଫରୁ ମଧୁବନ, ବାରୁଣୀରୋଡସ୍ଥିତ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଭବନଠାରେ ସାମୁଖ୍ୟର ସଭାପତି ଡକ୍ଟର ଯୋଗେନ୍ଦ୍ର ନାଥ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶତାଧିକ ସଭ୍ୟଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥ ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ବରିଷ୍ଠ ଭେଷଜ ବିଶେଷଜ୍ଞ କୈଳାସ ଚନ୍ଦ୍ର ମହାନ୍ତି, ସଭାପତି, ଡକ୍ଟର ଯୋଗେନ୍ଦ୍ର ନାଥ ପଣ୍ଡା, ଉପ-ସଭାପତି ରଘୁନାଥ ପଣ୍ଡା, ସମ୍ପାଦକ ବସନ୍ତ କୁମାର ଦାସ, କୋଷାଧକ୍ଷ ରବୀନ୍ଦ୍ର ନାଥ ନାୟକ, ପରାମର୍ଶଦାତା ତଥା ପୂର୍ବତନ ମୁଖ୍ୟଯନ୍ତ୍ରୀ ସର୍ବେଶ୍ୱର ଭୂୟାଁ ମଞ୍ଚାସୀନ ଥିଲେ। ପ୍ରଥମେ ଉପ-ସଭାପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ପରେ ମୁଖ୍ୟ ଅତିଥି ଡକ୍ଟର ମହାନ୍ତି ବରିଷ୍ଠ ନାଗରିକମାନଙ୍କର ସୁସ୍ଥ ରହିବାର ଉପାୟ, ଅଳ୍ପ ମାତ୍ରାରେ ସଠିକ୍ ଔଷଧ ସେବନ କରି ଯୋଗ ଓ ପ୍ରାକୃତିକ ଉପାୟରେ ନିରୋଗ ଓ ସୁସ୍ଥ ରହିବାର ଅନେକ ଉପାୟ ଏବଂ ତଥ୍ୟ ଉପସ୍ଥାପନ କରିଥିଲେ ଏବଂ ଉପସ୍ଥିତ ଅନେକ ବରିଷ୍ଠ ନାଗରିକ ସେମାନଙ୍କର ସ୍ୱାସ୍ଥ୍ୟ ସମାସ୍ୟା ଓ ତାର ନିରାକରଣ ବିଷୟରେ ଅନେକ ପ୍ରଶ୍ନ ଉପସ୍ଥାପନ କରିଥିଲେ । ଶ୍ରୀଯୁକ୍ତ ଡକ୍ଟର ମହାନ୍ତି ଅତି ସରଳ ଓ ସହଜଭାବେ ତାର ଉତ୍ତର ସମାଧାନର ଦିଗ୍‌ଦର୍ଶନ ଦେଇଥିଲେ। ଉପ-ସଭାପତି ଶ୍ରୀ ପଣ୍ଡା ବରିଷ୍ଠ ନାଗରିକମାନେ ନିଜକୁ ସବୁ ସମୟରେ ସକାରାତ୍ମକ ଭାବନା, ଖାଦ୍ୟ, ପେୟ ଓ ନିତ୍ୟ ଚଳଣୀର ନିୟନ୍ତ୍ରଣ ରଖି ପରମାତ୍ମାଙ୍କ ନିକଟରେ ସମର୍ପଣ କରିବାକୁ ପରାମର୍ଶ ଦେଇଥିଲେ, କୋଷାଧକ୍ଷ ରବୀନ୍ଦ୍ର ନାଥ ନାୟକ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୫୦ ହଜାର ଟଙ୍କାର ଅନୁଦାନ ସରକାରୀ ଗାଇଡ ଲାଇନରେ କିପରି ଖର୍ଚ୍ଚ କରିବାକୁ ହେବ ତାର ବିବରଣୀ ପ୍ରଦାନ କରିଥିଲେ ଓ ସଭାପତି ଡକ୍ଟର ପଣ୍ଡା ତାଙ୍କର ସଭାପତିତ୍ୱ ଭାଷଣରେ ସମସ୍ତ ବରିଷ୍ଠ ନାଗରିକ ପ୍ରତ୍ୟେକ ସମୟରେ ନିଜକୁ ନିରୋଗ ମନେ କରି, ଚାପମୁକ୍ତ ହୋଇ ଆନନ୍ଦମୟ ଭାବରେ ଜୀବନ ଯାପନ କରି ଆଗାମୀ ଯୁବ ପିଢିକୁ ନୂତନ ଦିଗ୍‌ଦର୍ଶନ ଦେଲେ ବରିଷ୍ଠ ନାଗରିକଙ୍କର ମୁଖ୍ୟ ଉଦ୍ଦେଶ୍ୟ ସଫଳ ହେବ ବୋଲି ମତବ୍ୟକ୍ତ କରିଥିଲେ ଓ ପରାମର୍ଶଦାତା ଶ୍ରୀଯୁକ୍ତ ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମୋଟର ବିକ୍ରମ କେଶରୀ ଜେନା, ପରାମର୍ଶଦାତା ରଞ୍ଜନ କୁମାର ପାତ୍ର ଓ ସୁବୋଧ କୁମାର ପଲେଇ ମିଳିତ ଭାବେ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ



ବାରିପଦା (ଭାସ୍କର ନ୍ୟୁଜ): ପବିତ୍ର ଶୁକ୍ଲପକ୍ଷ ତୃତୀୟା ବା ଅକ୍ଷିତୃତୀୟା ଅମୃତ ବେଳାରେ ଚାଷୀ ଭାଇମାନେ ଅକ୍ଷିମୁଠି ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହି ପବିତ୍ର ଦିବସ ଅବସରରେ ଭୁବନେଶ୍ୱର ଓୟୁଏଟି ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀକୂଳର ଶୁଭମନାସୀ ଅକ୍ଷିମୁଠି ଅନୁକୂଳ କରିଛନ୍ତି।ସମୃଦ୍ଧ କୃଷକ, ବିକଶିତ ଓଡିଶା ଗଠନ ପାଇଁ ଏକ ଅଭିନବ ପଦକ୍ଷେପ ସ୍ୱରୂପ ଆଜି ମୁଖ୍ୟମନ୍ତ୍ରୀ ଚାଷୀଭାଇ ମାନଙ୍କୁ ବିଶେଷ ଉପହାର ଭାବେ ରାଜ୍ୟର ୫୦ ଲକ୍ଷ ରୁ ଉର୍ଦ୍ଧ କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ ଓ ଭୂମିହୀନ କୃଷକ ପରିବାରଙ୍କୁ ୨୦୨୫-୨୬ ଖରିଫ ଋତୁରେ ପ୍ରାରମ୍ଭିକ କୃଷି କାର୍ଯ୍ୟ ପାଇଁ ସି ଏମ କିଷାନ ସହାୟତା ରାଶି ପ୍ରଦାନ କରିଛନ୍ତି। ଡିବିଟି ଜରିଆରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ୧ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ଏହି ପବିତ୍ର ଅବସରରେ ଆଜି ପୂର୍ବାହ୍ନ ୮ ଘଟିକା ସମୟ ରେ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ପବିତ୍ର ଅକ୍ଷୟ ତୃତୀୟା ଓ କୃଷକ ଦିବସ-୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ବିଧାୟକ, ସାରସକଣା ଭାଦବ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସୟ, କୃଷି ବିଜ୍ଞାନ କେନ୍ଦ୍ରର ଅଧକ୍ଷା ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ଯୋଗ ଦେଇ ମହାଲକ୍ଷ୍ମୀଙ୍କୁ ପୂଜା ଅର୍ଚ୍ଚନା ପୂର୍ବକ ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟର ପ୍ରଥମ ସୋପାନ ଅକ୍ଷିମୁଠି ର ଶୁଭ ଅନୁକୂଳ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଦ୍ୱାରା ଉତ୍ପାଦିତ ପାରମ୍ପରିକ ଖାଦ୍ୟ ମାଣ୍ଡିଆ, ମିଲେଟ ଜାତୀୟ ଶସ୍ୟର ପ୍ରଦର୍ଶନୀ ଷ୍ଟଲ ଖୋଲା ଯାଇଥିଲା।ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କୁଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ସିଡିଭିଓ ଡ଼ା. କଳ୍ପତରୁ ସ୍ୱାଇଁ, ଡେପୁଟି ଡାଇରେକ୍ଟର ଉଦ୍ୟାନ କୃଷି ଟଙ୍କଧର କାଲୋ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ ପଦାଧିକାରୀ, ବିଭିନ୍ନ ବର୍ଗ ର ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଅଂଚଳର ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ଅଧକ୍ଷା ଶ୍ରୀମତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କୃଷି ଅଧିକାରୀ ମଧୁସ୍ମିତା ଜେନା, ରମ୍ୟରଞ୍ଜନ ମହାନ୍ତ,ଅର୍ଚ୍ଚନାବାଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ବିଭାଗୀୟ କର୍ମଚାରୀ ସମୂହ ଏଥିରେ ସହଯୋଗ କରିଥିଲେ।


# ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ବି.ଏନ୍ ପ୍ୟାଲେସ ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନିକଟସ୍ଥ ଚାଷ ଜମିରେ ପାରମ୍ପରିକ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ଓ ଭୂମିପୂଜନ କାର୍ଯ୍ୟକ୍ରମ କରାଯାଇ ଅଖି-ମୁଠି ଅନୁକୂଳ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଦାଶରଥି ଗମାଙ୍ଗ, ବିଧାୟକ ମୋହନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜି.ତିରୁପତି ରାଓ, ସଭାପତି, ଜିଲ୍ଲାପରିଷଦ ଗଜପତି,ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଢ଼େକ, ସୁରେଶ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଗଜପତି, ସୁଶାନ୍ତ ରଞ୍ଜନ ଦାସ,ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଗଜପତି, ଡ଼ାକ୍ତର ରମାକାନ୍ତ ରଣା,ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଗଜପତି ଏଥିରେ ଯୋଗଦେଇ ଚାଷ ଜମିରେ ଧାନ ବୁଣିବା ସହ ଜମିରେ ହଳ ଲଙ୍ଗଳ ବୁଲାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଆଢେକ୍ ଅକ୍ଷୟ ତୃତୀୟାର ଗୁରୁତ୍ୱ ଓ ଚାଷ କାର୍ଯ୍ୟ କୃଷି ଆନୁଷଙ୍ଗିକ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି କୃଷି କାର୍ଯ୍ୟ କରିବା ପାଇଁ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ ସଚେତନତା କରାଇଥିଲେ। ସେହିପରି ଜିଲ୍ଲାପାଳ କହିଥିଲେ ଯେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସବୁ ନୂଆ ନୂଆ ଯୋଜନା ଆସୁଛି, ତାର ସଦୁପଯୋଗ କରି ଅଧିକରୁ ଅଧିକ ଲାଭ ଉଠାଇବା ସହ ଚାଷ କାର୍ଯ୍ୟ ଦିଗରେ ସଫଳ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍. ବୀରରାଜୁ, ଅଧକ୍ଷ, ପଞ୍ଚାୟତ ସମିତି ଗୋସାଣୀ, ସୁନେମୀ ମଣ୍ଡଳ, ଅଧକ୍ଷା,ପଞ୍ଚାୟତ ସମିତି ଗୁମ୍ମା, ଲକ୍ଷ୍ମୀ ନାରାୟଣ ଶବର, ଅଧକ୍ଷ, ପଞ୍ଚାୟତ ସମିତି ଆର. ଉଦୟଗିରି , ଏମ. ସୁଧାରାଣୀ, ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ କାଶୀନଗର ଓ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ , ଜିଲ୍ଲା କୃଷକ ସଭାପତି ଗଜପତି ପ୍ରମୁଖ ମଞ୍ଚାସୀନ ନିଜ ନିଜ ଅଭିଭାଷଣ ରଖିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ହରିହର ସେଠ୍, ଉପନିବନ୍ଧକ ସମବାୟ ସମିତି ବିଭାଗ ଗଜପତି, ଶ୍ରୀ ରେବତୀ ମୋହନ ରାଉତ, ସେକ୍ରେଟାରୀ, ଆରଏମସି, ଗଜପତି ସହକାରୀ କୃଷି ଅଧିକାରୀ ସଂଘମିତ୍ରା ପ୍ରଧାନ,ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ କେ.ସୁରଜ ପାତ୍ର , ପ୍ରମୁଖ ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ ।

# ଶ୍ରୀଶ୍ରୀ ବଳଦେବ ଜିଉଙ୍କ ରଥ ଅନୁକୂଳ କାର୍ଯ୍ୟକ୍ରମ

ଜଗତସିଂହପୁର(ଭାସ୍କର ନ୍ୟୁଜ): ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ର ବହୁ ପ୍ରାଚିନ୍ନ, ଐତିହ୍ୟ, ପରମ୍ପରା ସମ୍ପର୍ଣ୍ଣ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁ ଙ୍କ ରଥ ଅନୁକୂଳ କାର୍ଯ୍ୟକ୍ରମ ଜିଲ୍ଲାପାଳ ତଥା ଠାକୁରରାଜା ଜେ ସୋନାଲ ଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏହି ଉପଲକ୍ଷେ ପୂର୍ବାହ୍ନ ରେ ସେବାୟତ, ବିଶ୍ୱକର୍ମା, ସଂକୀର୍ତନ ମଣ୍ଡଳୀ ଏକ ଶୋଭାଯାତ୍ରା ରେ ଜିଲ୍ଲାପାଳ ତଥା ଠାକୁର ରାଜା ଙ୍କ ଆବାସିକ କାର୍ଯାଳୟ ରେ ପହଂଚିବା ପରେ ରଥ ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ତଥା ଠାକୁରରାଜାଙ୍କ ପୂଜାକର୍ମ ପରେ ଠାକୁର ରାଜା ଜିଲ୍ଲାପାଳ ଜେ ସୋନାଲ ବିଶ୍ୱକର୍ମା ମାନଙ୍କୁ ରଥ କାର୍ଯ୍ୟ ର ଶୁଭାରମ୍ଭ ନିମନ୍ତେ ଆଜ୍ଞାମାଳ ଅର୍ପଣ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମ କୁ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିଚାଳନା ଟ୍ରଷ୍ଟି ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତୀତ ତନୟା ମହାନ୍ତି । ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା, ପରିଚାଳନା ଟ୍ରଷ୍ଟ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା, ସଭ୍ୟ ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ସୁର ପ୍ରସାଦ ନାୟକ, ସାରଦା ଚରଣ ବେହେରା, ନାରାୟଣ ଦାସ ଙ୍କ ସମେତ ଅଞ୍ଚଳ ର ବୁଦ୍ଧିଜୀବୀ ଜନସାଧାରଣ ଯୋଗ ଦେଇଥିଲେ ।




# ଜିଲ୍ଲାସ୍ତରୀୟ କବି ଶ୍ରୀଜୟଦେବ ଜୟନ୍ତୀ ପାଳିତ

ବାରିପଦା (ଭାସ୍କର ନ୍ୟୁଜ): ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନ ର ତତ୍ୱାବଧାନ ରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ କବି ଜୟଦେବ ଜୟନ୍ତୀ - ୨୦୨୫ ମହାସମାରୋହ ରେ ପାଳିତ ହୋଇଯାଇଛି। ଉକ୍ତ ଜୟନ୍ତୀ ସମାରୋହ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଓ ମୁଖ୍ୟ ବକ୍ତା ଭାବେ ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ଶ୍ରୀ ଭାଗବତ ପଣ୍ଡା ଓ ସମ୍ମାନିତ ବକ୍ତା ଭାବେ ଶ୍ରୀ ଶରତ ଚନ୍ଦ୍ର ନାୟକ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କବି ଜୟ ଦେବଙ୍କ ଫୋଟୋ ଚିତ୍ରରେ ଭକ୍ତିପୂତ ମାଲ୍ୟାର୍ପଣ କରି ଏହାକୁ ଉଦଘାଟନ କରିଥିଲେ ।ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କବି ଜୟଦେବ ଙ୍କ ରଚିତ ଗୀତଗୋବିନ୍ଦମ ର ଶାବ୍ଦିକ, ମାର୍ମିକ ଓ ଧାର୍ମିକ ଦିଗ ର ମଧୁରତା ଓ ଚମତ୍କାରୀତା ବିଷୟରେ ପ୍ରତିପାଦନ କରି କାଳ ଜୟୀ କବି ଜୟଦେବ ଙ୍କ ଗୀତଗୋବିନ୍ଦମ ହେଉଛି ଓଡ଼ିଆ ସାହିତ୍ୟ ଜଗତ ରେ ଏକ ଅନବଦ୍ୟ ସୃଷ୍ଟି କାରଣ ଆଜିକୁ ଶହ ଶହ ବର୍ଷ ତଳେ ଓଡିଶା ରେ ଏପରି ଏକ କାବ୍ୟ ତାଙ୍କ ଦ୍ୱାରା ରଚିତ ହୋଇଥିଲା ଯାହାକି ଅତି ଉଚ୍ଚକୋଟିର ଓ ବିଶ୍ୱବିଦିତ. ଓଡ଼ିଆ ସାହିତ୍ୟ ଜଗତ ରେ ଗୀତ ଗୋବିନ୍ଦମ କେବଳ ଗୋଟିଏ କାବ୍ୟ ନୁହେଁ ବରଂ ଆମ ଓଡ଼ିଆ ମାନଙ୍କ ପାଇଁ ଏହା ଏକ ଗର୍ବ. ତେଣୁ ଆଜି ତାଙ୍କ ପବିତ୍ର ଜନ୍ମ ଜୟନ୍ତୀ ପାଳନ ଶୁଭ ଅବସରରେ ଆମେ ସମସ୍ତେ ଆମ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ସାହିତ୍ୟ କୁ ଉଦ୍ଭାବିତ ରଖିବା ପାଇଁ ସଂକଳ୍ପ ବଦ୍ଧ ହେବା ସହ ଯୁବପିଢ଼ି ଙ୍କୁ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ପାଇଁ ଯଥାଚିତ ପ୍ରୟାସ କରିବା ଯଦ୍ୱାରା ଆଗାମୀ ଭବିଷ୍ୟତ ରେ ଓଡ଼ିଆ ସାହିତ୍ୟ ବିଶ୍ୱ ଦରବାର ରେ ତାର ପରିଚୟ କୁ ଯୁଗ ଯୁଗ ଧରି ଅମ୍ଳାନ ଓ ଅକ୍ଷୁର୍ଣ୍ଣ ରଖିଚାଲିଥିବ.ସେହିପରି ସମ୍ମାନିତ ଅତିଥି ଶ୍ରୀ ମଲ୍ଲିକ କହିଥିଲେ ଯେ, କବି ଜୟଦେବ ଭକ୍ତି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଏବଂ ତା'ଙ୍କ ରଚିତ ଗୀତ ଗୋବିନ୍ଦ, ଶ୍ରୀରାଧା-କୃଷ୍ଣଙ୍କ ଉପରେ ଆଧାରିତ ଏକ ଭକ୍ତି ରସାତ୍ମକ କାବ୍ୟ, ଯାହାକି ବିଶ୍ୱବିଦିତ। ସେହିପରି ମୁଖ୍ୟ ବକ୍ତା ଶ୍ରୀ ପଣ୍ଡା ଜୟଦେବ ଙ୍କ ରଚିତ କାବ୍ୟ ଗୀତଗୋବିନ୍ଦମ ର ବିଭିନ୍ନ ପଂକ୍ତି ଓ ଶ୍ଳୋକ କୁ ଅତି ସୁନ୍ଦର ଭାବେ ବ୍ୟାଖ୍ୟା କରି ୧୨ଟି ଅଧ୍ୟାୟ, ୨୪ ଟି କାବ୍ୟ ଓ ୭୭ଟି ଶ୍ଳୋକ ସମ୍ମିଳିତ ଏହି କାବ୍ୟର ସୁନ୍ଦରତା, ମାଧୁର୍ଯ୍ୟତା, ଚମତ୍କାରିତା ବିଷୟରେ ଉଲ୍ଲେଖ କରି ଏହି କାବ୍ୟ କୁ ଆନ୍ତରିକ ଶ୍ରଦ୍ଧାର ସହିତ ପଠନ କଲେ ମାନବ ସମାଜ ତଥା ବ୍ୟକ୍ତି ବିଶେଷ ଙ୍କ ଜୀବନ ଚର୍ଯ୍ୟା ରେ ଏହାର ଉପାଦେୟତା ଓ ସକାରାତ୍ମକ ପ୍ରଭାବ ପଡିବ ବୋଲି ଉଲ୍ଲେଖ କରିଥିଲେ. ସମ୍ମାନିତ ବକ୍ତା ଶ୍ରୀ ନାୟକ କବି ଜୟଦେବଙ୍କ ଅଗାଧ ପାଣ୍ଡିତ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭାଗୀୟ ପଦାଧିକାରୀ, କର୍ମଚାରୀ, ସାହିତ୍ୟିକ, ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଓ ଗଣମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ମା ଅମ୍ବିକା ସଂଗୀତ ସାଗର ସାଂସ୍କୃତିକ ଅନୁଷ୍ଠାନ ର କଳାକାର ମାନଙ୍କ ଦ୍ୱାରା ଗୀତଗୋବିନ୍ଦମ ସଂଗୀତ ପରିବେଷଣ କରାଯାଇଥିଲା ।ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପରିଚାଳନାରେ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



କଟକ: ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନଙ୍କ ଆର୍ଥିକ ସମସ୍ୟାକୁ ଦୃଷ୍ଟିରେ ରଖି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଉଦୀୟମାନ ସୁଭଦ୍ରା ସ୍ୱାବଲମ୍ବୀ ମହିଳା ଶିକ୍ଷାନୁଷ୍ଠାନ କଟକ ଶାଖା ପକ୍ଷରୁ ସ୍ଥାନୀୟ ମହିଳାମାନଙ୍କୁ ବିନାମୂଲ୍ୟରେ ଦୀର୍ଘଦିନ ଧରି ସିଲାଇ ଶିକ୍ଷା ଦିଆଯାଉଥିଲା ସିଲାଇ ଶିକ୍ଷା ଦିଆଯିବା ପରେ ଅନୁଷ୍ଠାନ ପକ୍ଷରୁ ସେମାନଙ୍କର ପରୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଶାଖା ଚଣ୍ଡିଖୋଲ ରୁ ଅନୁଷ୍ଠାନ ର ପ୍ରତିଷ୍ଠାତା ଶ୍ରୀ ଅନିଲ କୁମାର ଦାସ ଓ ସମ୍ପାଦିକା ଅରୁଣି ନନ୍ଦ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇ ମହିଳା ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯକାରୀ ସଭାନେତ୍ରୀ ମଞ୍ଜୁଲତା ଜେନା, ଉପସଭାନେତ୍ରି ଅନ୍ନପୂର୍ଣ୍ଣା ଦାଶ, ମାନସିଦାସ, କଳ୍ପନା ବେହେରା, ବିବେକ ଦଳାଇ, ଅଂଶୁମାନ ସିଂହ, ସମାଜସେବୀ ଚିତ୍ତରଞ୍ଜନ ପରିଡ଼ା, ପାଙ୍କଜିନି ପରିଡ଼ା ଯୋଗଦେଇ କାର୍ଯକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଉପଦେଷ୍ଟା ଦିନେଶ ଗୁପ୍ତା ଆଗାମୀ ଦିନରେ ଅନୁଷ୍ଟକ୍ଷନର ବାର୍ଷିକ ଉତ୍ସବରେ କୃତି ମହିଳାଙ୍କୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରି ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ ।

## ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ

# ୫୧ ଲକ୍ଷ ଚାଷୀଙ୍କୁ ସହାୟତା ରାଶି ବାଣ୍ଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଯଥା -ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧିକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀ ମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଲେ। ଏଥିରେ ସହରାଂଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀ ଭାଇ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। କିନ୍ତୁ, ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ ମଧ୍ୟ କରୁଛି। ବର୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗୀକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର। ୨୦୧୪ ମସିହା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠୁ ଦେଶରେ କୃଷି ଓ କୃଷକ କଲ୍ୟାଣକୁ ଏକ ନୂତନ ଦଶା ଓ ଦିଶା ମିଳିଛି। ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନୀଧି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, କୃଷି ଭିତିଭୂମି ଆଦିର ବିକାଶ ପ୍ରଭୃତି କ୍ଷେତ୍ରରେ ଅଭୁତପୂର୍ବ ଅଗ୍ରଗତି ହୋଇଛି। ସେ ପୁଣି କହିଥିଲେ, ଆମ ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗୀକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓୟୁଏଟିର ବରମୁଣ୍ଡା କୃଷି ଶୈକ୍ଷିକ ଫାର୍ମ ଠାରେ ଓଡିଆ ପରମ୍ପରା ଅନୁଯାୟୀ ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ୧୯୨୧ ମସିହାରେ ରଚିତ 'କୃଷକ ସଂଗୀତ ପୁସ୍ତକ' ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ଅବସରରେ ସ୍ୱଭାବ କବିଙ୍କ ବଂଶଧର ଉପସ୍ଥିତ ଥିଲେ। ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ପବିତ୍ର ଅକ୍ଷୟ ତୃତୀୟରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ। ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀ ମାନଙ୍କ ସହିତ ଆମ ସରକାର ସବୁବେଳେ ଛିଡାହେବ। କୃଷି ଓ କୃଷକଙ୍କୁ ମାର୍କେଟ୍ ଯୋଗାଇଦେବା ସହିତ ତାଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟଦେବା ପାଇଁ ଆମ ସରକାର ସର୍ବଦା କାମ କରୁଛି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଏବଂ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ। ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ଆଗୁଆ ସହାୟତା ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଓୟୁଏଟିର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। କୃଷି ଓ କୃଷକ ସଶକ୍ତି କରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ରାଜ୍ୟବାସୀଙ୍କୁ ପବିତ୍ର ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ପବିତ୍ର ଅକ୍ଷୟ ତୃତୀୟା ତଥା ଅଖି ମୁଠି ଅନୁକୂଳ ଅବସରରେ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା। ମହାପ୍ରଭୁଙ୍କ ଆଶୀର୍ବାଦରୁ ଭଲ ଫସଲ ଅମଳ ଚାଷୀ ଭାଇଭଉଣୀଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେଉ ଏହାହିଁ କାମନା କରିଛନ୍ତି ନବୀନ ପଟ୍ଟନାୟକ ।

## ଶ୍ରୀ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଶ୍ରୀ ଜୟଦେବଙ୍କ ଜୟନ୍ତୀ ଅବସରରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଶ୍ରୀ ଗୀତଗୋବିନ୍ଦର ପ୍ରଣେତା ଶ୍ରୀ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ଦ୍ଦିଷ୍ଟ କମ୍ପାନୀର ଔଷଧ ଲେଖିବା ଅପରାଧିକ କାର୍ଯ୍ୟ ନୁହେଁ: ହାଇକୋର୍ଟ



କଟକ (ଭାସ୍କର ନ୍ୟୁଜ୍): ନିର୍ଦ୍ଦିଷ୍ଟ ଫାର୍ମା କମ୍ପାନିର ଔଷଧ ଅଥବା ଦାମୀ ଔଷଧ ରୋଗୀଙ୍କ ପାଇଁ ଲେଖିବା ଅପରାଧିକ କାର୍ଯ୍ୟ ନୁହେଁ। ଯେପର୍ଯ୍ୟ' କୌଣସି ଔଷଧ ବିପଦଜ୍ଜନକ, ନିମ୍ନମାନର ଅଥବା ସରକାର ତାହାକୁ ନିଷେଧ କରିଛନ୍ତି ବୋଲି ପ୍ରମାଣ ନାହିଁ ତାହା ରୋଗୀଙ୍କ ପାଇଁ ଗ୍ରହଣୀୟ। ଏଭଳି କ୍ଷେତ୍ରରେ ଡାକ୍ତରଙ୍କ ବିରୋଧରେ ଅପରାଧିକ ମାମଲା କରି ଦାୟୀ କରାଯାଇପାରିବ ନାହିଁ। ଏସ୍‌ସିବି ମେଡିକାଲ ହେମାଟୋଲୋଜି ବିଭାଗର ପୂର୍ବତନ ପ୍ରଫେସର ତଥା ବିଭାଗ ମୁଖ୍ୟ ଡାକ୍ତର ରବୀନ୍ଦ୍ର କୁମାର ଜେନାଙ୍କୁ ଏଭଳି ଅପରାଧିକ ମାମଲାରୁ ମୁକ୍ତ କରିଛନ୍ତି ଓଡ଼ିଶା ହାଇକୋର୍ଟ। ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଏଭଳି ମାମଲାର ବିଚାର କରି ଏଭଳି ରାୟ ପ୍ରଦାନ କରିବା ସହ ଡା. ଜେନା ବିରୋଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନକୁ ବାତିଲ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ୨୦୧୭ ଡିସେମ୍ବର ୧୨ ତାରିଖରେ ଡା. ଜେନାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିଲା। ଡା. ଜେନା ରୋଗୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଫାର୍ମା କମ୍ପାନିର ଔଷଧ ଲେଖୁଛନ୍ତି। ସେ କର୍କଟ ପିଡ଼ିତ ଗରିବ ରୋଗୀଙ୍କ ପାଇଁ ଦାମୀ ଔଷଧ ଲେଖୁଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ଫାର୍ମା କମ୍ପାନି ଲାଭବାନ ହେଉଛି। ଏହାଦ୍ୱାରା ଓଡ଼ିଶା ଷ୍ଟେଟ ଟ୍ରିଟମେ ଫଣ୍ଡର ଗାଇଡ୍ ଲାଇନକୁ ଉଲ୍ଲଂଘନ ହେଉଛି। ତେଣୁ ଡା. ଜେନାଙ୍କ ବିରୋଧରେ ଅପରାଧିକ ମାମଲାରେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଭିଜିଲାନ୍ସ ଏପରି କାର୍ଯ୍ୟ ବିରୋଧରେ ଡା. ଜେନା ହାଇକୋର୍ଟରେ ମାମଲା ଦାୟର କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି ବେଳେ କୌଣସି ରୋଗୀ ପାଇଁ ଦାମୀ ଔଷଧର ଆବଶ୍ୟକତା ଥିଲେ ତାହାଦ୍ୱାରା ସରକାରୀ ଗାଇଡ୍ ଲାଇନ୍‌ର କୌଣସି ଉଲ୍ଲଂଘନ ହେଉ ନାହିଁ ବୋଲି କହିଛନ୍ତି।

## ଅଖି ମୁଠି ଅନୁକୂଳ କଲେ ରାଜ୍ୟପାଳ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅଖି ମୁଠି ଅନୁକୂଳ କରିଛନ୍ତି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି। ବୁଧବାର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ର (ଗଞ୍ଜାମ-୨), ଗୋଳନ୍ଥରା ଠାରେ ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଅଖି ମୁଠି ଅନୁକୂଳ କରିଛନ୍ତି ଏବଂ ରାଜ୍ୟବାସୀ ତଥା ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି। ଏହି ଅବସରରେ ଜ୍ଞାନ, ନବସୃଜନ ଓ ତାଲିମ ମାଧ୍ୟମରେ କୃଷକମାନଙ୍କୁ ସଶକ୍ତ କରିବା ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ଆହ୍ୱାନ ଜଣାଇଛନ୍ତି। ଉପସ୍ଥିତ କୃଷକମାନଙ୍କ ସହ ରାଜ୍ୟପାଳ ଆଲୋଚନା କରି ସେମାନଙ୍କର ଅନୁଭବ ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ କୃଷି କ୍ଷେତ୍ରରେ ଲାଭାନ୍ୱିତ ହେବା ପାଇଁ କୃଷକମାନେ ଆଧୁନିକ ପ୍ରଣାଳୀ ଓ ଜଳବାୟୁ ଅନୁକୂଳ ପଦ୍ଧତି ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ସମେତ ଜିଲ୍ଲା ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ ।

## ଅକ୍ଷୟ ତୃତୀୟାର ଶୁଭକାମନା ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶାର ଅନ୍ନଦାତାମାନଙ୍କୁ ଅକ୍ଷୟ ତୃତୀୟାର ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଅନ୍ନଦାତାମାନଙ୍କୁ କୃଷିଭିତ୍ତିକ ପର୍ବ 'ଅକ୍ଷୟ ତୃତୀୟା'ର ହାର୍ଦ୍ଦିକ ଶୁଭକାମନା । ଆଜିର ଦିନରେ ଆମର ଚାଷୀ ଭାଇମାନେ ଅକ୍ଷିମୁଠି ଅନୁକୂଳ କରିଥା'ନ୍ତି । ଏହି ପବିତ୍ର ଦିନରେ ରଥ ନିର୍ମାଣର ଆରମ୍ଭ ମଧ୍ୟ ହୋଇଥାଏ। ଚାଷୀ ଭାଇମାନଙ୍କର ସମୃଦ୍ଧି ଓ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ।

## ଅଖିମୁଠି ଅନୁକୂଳ କଲେ ପ୍ରଭାତୀ ପରିଡା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଅଖିମୁଠି ଅନୁକୂଳ କଲେ ପ୍ରଭାତି ପରିଡା। ସତ୍ୟବାଦୀ ବ୍ଲକର ନୂଆସୋମେଶ୍ୱରପୁର ପଞ୍ଚାୟତର ବନପୁର ଠାରେ ଅଖିମୁଠି ଅନୁକୂଳ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା। ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପୁରୀ ଲୋକସଭା ଅନ୍ତର୍ଗତ ସତ୍ୟବାଦୀ ବ୍ଲକର ନୂଆସୋମେଶ୍ୱରପୁର ପଞ୍ଚାୟତର ବନପୁର ଠାରେ ସାଂସଦ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଏବଂ ସ୍ଥାନୀୟ ଚାଷୀ ଭାଇମାନଙ୍କ ଉପସ୍ଥିତିରେ ଭୂମିପୂଜନ କରିବା ପରେ ଅଖିମୁଠି ଅନୁକୂଳର ପରମ୍ପରା ଅନୁସାରେ ପ୍ରଥମ ବିହନ ବୁଣିବାର ଶୁଭାରମ୍ଭ କରିଛନ୍ତି ପ୍ରଭାତି ପରିଡା ।

### ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ଅକ୍ଷୟତୃତୀୟା ମହୋତ୍ସବ

## 'ଶ୍ରୀଜଗନ୍ନାଥ ସଂସ୍କୃତିରେ ନାରୀଶକ୍ତି ବେଶ୍ ପ୍ରଭାବଶାଳୀ'



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଶ୍ରୀଜଗନ୍ନାଥ ସଂସ୍କୃତିରେ ନାରୀଶକ୍ତିକୁ ଯେଉଁଭଳି ପ୍ରାଧାନ୍ୟ ଦିଆଯାଇଛି ଆଜିର ସମୟରେ ସେହି ନାରୀ ପୁରୁଷଙ୍କ ତୁଳନାରେ ନିଜର ପ୍ରତିଭା ପ୍ରଦର୍ଶନ କରି ଜଗନ୍ନାଥ ସଂସ୍କୃତିର ମହନୀୟତାକୁ ପ୍ରତିପାଦନ କରିଛନ୍ତି ବୋଲି ବକ୍ତାଗଣ 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ'ର ଅକ୍ଷୟତୃତୀୟା ମହୋତ୍ସବରେ ମତବ୍ୟକ୍ତ କରିଛନ୍ତି । ଭାରତୀୟ ବିଦ୍ୟାଭବନ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରଂଜନ କୁମାର ଦାସ ତାଙ୍କର ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଥିବା ସମୟରେ ପ୍ରଭୁଙ୍କ ଶରଣରେ ନିଜକୁ ସମର୍ପିତ କରି କିପରି ଶ୍ରୀମନ୍ଦିରରେ ସଂସ୍କାର ଆଣି ଅଶୋଭନୀୟ ପୋଷାକ ପିନ୍ଧି ମନ୍ଦିର ଭିତରେ ପ୍ରବେଶବାରଣ, ଗୁଟୁଖା ଓ ପାନ ବର୍ଜନ ତଥା ଜରି ବ୍ୟବହାର ନିଷେଧ କରି ଯେଉଁ ଆତ୍ମସନ୍ତୋଷ ପାଇଥିଲେ ତାହା ବର୍ଣ୍ଣନା କରି କହିଥିଲେ ପ୍ରଭୁଙ୍କ ପାଖରେ କାମ କଲେ ନିଜକୁ ବେଶ୍ ଭାବପୂର୍ଣ୍ଣ ଲାଗେ । ମୁଖ୍ୟବକ୍ତା ଡ. ବ୍ରଜକିଶୋର ସ୍ୱାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱ ଭ୍ରାତୃତ୍ୱ ଭାବର ଏକ ମହାନ୍ ସଂସ୍କୃତି ଓ ସର୍ବଧର୍ମ ସମନ୍ୱୟର ସଂସ୍କୃତି ବୋଲି ବର୍ଣ୍ଣନା କରି ଆମ ଶାସ୍ତ୍ର ପୁରାଣରେ ଶ୍ରୀଜଗନ୍ନାଥଙ୍କୁ ନେଇ ବହୁ ତଥ୍ୟ ରହିଛି ଯାହା ଏକ ଉନ୍ନତ ବିଶ୍ୱଗଢ଼ିବା ଦିଗରେ ସହାୟକ ହୋଇପାରିବ ବୋଲି ବର୍ଣ୍ଣନା କରିଥିଲେ । ଏହି ସଭାରେ 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ତରଫରୁ ବିଦ୍ୟାପୁରୀର ସତ୍ତ୍ୱାଧିକାରୀ ଜୀବାନନ୍ଦ ମିଶ୍ରଙ୍କୁ ନନ୍ଦିଘୋଷ ସମ୍ମାନ, ସମ୍ବାଦର ସମ୍ପାଦକ ତଥା ରେଡ଼ିଓ ଚକୋଲେଟର ମୁଖ୍ୟ ତନୟା ପଟ୍ଟନାୟକଙ୍କୁ ଶ୍ରୀସୁଦର୍ଶନ ସମ୍ମାନ, ଡ. କୈଳାଶ ଚନ୍ଦ୍ର ଦାଶଙ୍କୁ ଶ୍ରୀବଳଭଦ୍ର ସମ୍ମାନ, ସାହିତ୍ୟିକା ବନଳ ଦେବୀଙ୍କୁ ଦେବୀ ସୁଭଦ୍ରା ସମ୍ମାନ ଓ ପ୍ରଫେସର ଜ?ୟକୃଷ୍ଣ ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନିତ ପ୍ରତିଭାଙ୍କ ପାଇଁ ମାନପତ୍ର ପାଠ କରିଥିଲେ ଡ. ଭାସ୍କର ମିଶ୍ର, ଡ. ପ୍ରବୀଣା ମହାନ୍ତି, କୁସୁମ ପଟେଲ, ଛନ୍ଦା ମିଶ୍ର ଓ ତନ୍ଦ୍ରାଳସା ଦାସ । ଏହାପରେ ଚଳିତବର୍ଷ ପାଇଁ ପ୍ରକାଶ ପାଇବାକୁ ଯାଉଥିବା ଚବିଶତମ ପୁସ୍ତକ 'ଅମୃତପୁରୁଷ ଶ୍ରୀଜଗନ୍ନାଥ' ପାଇଁ ଚିତ୍ରଶିଳ୍ପୀ ଶ୍ରୀ ବଳଦେବ ମହାରଥାଙ୍କ ପ୍ରଚ୍ଛଦପଟ୍ଟ ଅତିଥିମାନେ ଉନ୍ମୋଚନ କରିଥିଲେ ଓ ଚିତ୍ରଶିଳ୍ପୀ ଏହି ପ୍ରଚ୍ଛଦପଟ୍ଟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ଏହାପରେ ଚଳିତ ବର୍ଷ ପାଇଁ ପୁସ୍ତକର ସନ୍ନିବେଶିତ ହେବାକୁ ଥିବା ଚତୁର୍ଦ୍ଧା ମୂର୍ତିଙ୍କ ପାଇଁ ଚାରିଟି ଲେଖା ଡ. ଅସିତ ମହାନ୍ତି, ଡ. ଭାସ୍କର ମିଶ୍ର, ଜୀତେନ୍ଦ୍ର କୁମାର ମହାନ୍ତି ଓ ଗୀତା ପ୍ରଧାନ ଉପସ୍ଥାପନା କରିଥିଲେ ଓ ସେହି ଲେଖାଗୁଡ଼ିକ ସଭାରେ ଚତୁର୍ଦ୍ଧାମୂର୍ତିଙ୍କୁ ସମର୍ପଣ କରାଯାଇଥିଲା। ସଭାପତି ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ଜଗନ୍ନାଥ ସଂସ୍କୃତିର ମହାନତା ବିଷୟରେ ଆଲୋକପାତ କରି ଏହି ସଂସ୍କୃତି ବିଶ୍ୱବ୍ୟାପୀ ବୃଦ୍ଧି ପାଉ ବୋଲି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ସଭା ପ୍ରାରମ୍ଭରେ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ଓ ମଧୁସ୍ମିତା ବିଶ୍ୱାଳ ଭକ୍ତି ସଂଗୀତ ଗାନ କରିଥିଲେ । ସମ୍ପାଦକ ଶ୍ରୀ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ ଓ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ଇନ୍‌ଓ୍ୱେକ୍ ଓମେନ୍ ବିଜନେସ୍ ମେଳାର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ଉଦ୍ୟୋଗୀ ହେବା ପାଇଁ ମହିଳାଙ୍କୁ ପ୍ରେରଣା ଦେବ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଦ୍ୱାରା ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଇନ୍‌ଓ୍ୱେକ୍ ଓମେନ୍ ବିଜନେସ୍ ମେଳାର ୧୦୦ ବର୍ଷ ପୂର୍ତ୍ତି ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ, 'ନାରୀ ଶକ୍ତିର ମହୋତ୍ସବ' ବୋଲି କହିବା ସହିତ ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ରଖିବା ଆବଶ୍ୟକ ବୋଲି କହିଛନ୍ତି। ଏହି ଅବସରରେ ସେ କହିଛନ୍ତିଯେ, ଇନ୍‌ଓ୍ୱେକ୍ ଓମେନ୍ ବିଜନେସ୍ ମେଳା କେବଳ ଓଡିଶା ନୁହେଁ ବରଂ ସାରା ଭାରତର ମହିଳା ମାନଙ୍କ ପାଇଁ ଉଦ୍ୟୋଗୀ ହେବା ପାଇଁ ପ୍ରେରଣା ପ୍ରଦାନ କରିବ। ଆମ ସରକାର ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଏକ ଆନ୍ଦୋଳନ, ଏକ ସଂକଳ୍ପ। ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ଏବଂ ଆତ୍ମବିଶ୍ୱାସର ସହ ନେତୃତ୍ୱ ଦେବା ପାଇଁ ଆଗେଇ ଆସିବା ଅତ୍ୟନ୍ତ ଆନନ୍ଦର ବିଷୟ। ସୁଭଦ୍ରା ଯୋଜନା କେବଳ ଏକ ଆର୍ଥିକ ସହାୟତା ନୁହେଁ, ଏହା ଅର୍ଥନୈତିକ ସ୍ୱାଧୀନତାର ବାର୍ତ୍ତାବହ ଏବଂ ୯୦ ପ୍ରତିଶତରୁ ଅଧିକ ମହିଳା ସୁଭଦ୍ରା ସହାୟତାର ସଦୁପଯୋଗ କରିଛନ୍ତି। ଆମେ ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ ରଖିଛୁ । ତେବେ, ସମସ୍ତଙ୍କ ପାଇଁ ଖୁସିର ବିଷୟ ଯେ, ବର୍ତ୍ତମାନ ସୁଦ୍ଧା ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇସାରିଛନ୍ତି । ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେଯେ ଏହି ସମାବେଶ, ଓଡିଆ ମହିଳା ଉଦ୍ୟୋଗୀଙ୍କୁ ଆହୁରି ଉତ୍ସାହିତ କରିବା ସହ ଆର୍ଥିକ ସ୍ୱାଧୀନତା ପାଇଁ ଭବିଷ୍ୟତର ରାସ୍ତା ଖୋଲିବ। ଓଡ଼ିଶା ବିକାଶରେ ମହିଳା ଉଦ୍ୟୋଗୀ ମାନେ ହିଁ ଏକ ସମୃଦ୍ଧ ପରିବର୍ତ୍ତନର ସ୍ୱର । ଏହି ଅବସରରେ ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଯେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟକୁ ସଫଳତାର ରୂପାୟନ ଦେଇ ମହିଳା ମାନେ ଆଜି ପାରମ୍ପରିକ ଉଦ୍ୟୋଗ ସହିତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସଶକ୍ତ ହେଉଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଆଇସିସି ଚେୟାରପର୍ସନ ରାଜୀବ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଇନ୍-ଓ୍ୱେକ୍ ର କୋ-କନଭେନର, ସ୍ୱାତୀ କେଜରିୱାଲ, ଆଇସିସି ଭାଇସ ଚେୟାରପର୍ସନ, ପ୍ରୀତି ପଲ୍ଲବୀ ପଟନାୟକ, କନଭେନର, ଧର୍ମାଦିତ୍ୟ ପଟନାୟକ ପ୍ରମୁଖ ମଂଚାସୀନ ଥିଲେ।

## କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ ଅଖିମୁଠି ଅନୁକୂଳ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା କଂଗ୍ରେସ କମିଟି ଓ ଜିଲ୍ଲା କିଷାନ କଂଗ୍ରେସର ମିଳିତ ଆନୁକୂଲ୍ୟରେ ପାରମ୍ପରିକ ରୀତିରେ କ୍ଷେତରେ ଅଖିମୁଠି ଅନୁକୂଳ କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଟିକରପଡ଼ା ଗ୍ରାମପଞ୍ଚାୟତର କଲ୍ୟାଣପୁର ଠାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ପୌରହିତ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଅକ୍ଷିମୁଠି ଅନୁକୂଳ ଉତ୍ସବରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାରମ୍ପରିକ ରୀତିରେ କ୍ଷେତରେ ଭୂମିପୂଜା କରିବା ସହିତ ଅକ୍ଷିମୁଠି ଅନୁକୂଳର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପିସିସି ସଭାପତି ରାଜ୍ୟ ସରକାର ଚାଷୀଙ୍କୁ ନ୍ୟାୟ ଦେବା ଏବଂ ସେମାନଙ୍କର ହକ୍ ପୂରଣ କରିବା ଏକାନ୍ତ ଜରୁରୀ ବୋଲି କହିଥିଲେ । ଆଜି ଅକ୍ଷିମୁଠି ଶୁଭାରମ୍ଭର ଦିନ । ତେଣୁ ସରକାର ଚାଷୀମାନଙ୍କୁ ଆବଶ୍ୟକ ପରିମାଣର ଉନ୍ନତମାନର ବିହନ ସଠିକ ସମୟରେ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି ।

## ବିଏମ୍‌ସିରୁ ଅବସର ନେଲେ ୧୬ କର୍ମଚାରୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) :ଚଳିତ ମାସରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ରୁ ଅବସର ଗ୍ରହଣ କଲେ ୧୬ ଜଣ କର୍ମଚାରୀ । ସେମାନଙ୍କ ମଧ୍ୟରୁ ୧୨ ଜଣ ନିୟମିତ କର୍ମଚାରୀ ହୋଇଥିବା ବେଳେ ୨ ଜଣ ଡିଏଲ୍‌ଆର୍ ଏବଂ ୨ ଜଣ ସିଏଲ୍‌ଆର୍। ଏହି ଉପଲକ୍ଷେ ଆଜି ଭୁବନେଶ୍ୱର ମହାନଗର ନିଗମ ରିକ୍ରେସନ କ୍ଲବ ପକ୍ଷରୁ ଏକ ଅବସର କାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆୟୁକ୍ତ ଶୁଭେନ୍ଦୁ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଅଧିକାରୀ ଓ ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ସମୟ କ୍ରମେ କର୍ମଚାରୀମାନେ ଅବସର ଗ୍ରହଣ କରୁଛନ୍ତି । ନୂତନ ନିଯୁକ୍ତି ହୋଇନାହିଁ ।ତେଣୁ ନୂତନ ନିଯୁକ୍ତି ପାଇଁ ସରକାରଙ୍କୁ ଖୁବ୍ ଶୀଘ୍ର ଅନୁରୋଧ କରାଯିବ। ଅପରପକ୍ଷେ ଦୀର୍ଘ ଦିନ ଲୋକମାନଙ୍କ ସେବା କରି ଅବସର ନେଉଥିବା କର୍ମଚାରୀଙ୍କ ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ ଯାପନ କାମନା କରିଛନ୍ତି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ। ଏପ୍ରିଲ ମାସରେ ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ହେଲେ-ସଂଯୁକ୍ତା ପଣ୍ଡା-ଗୋଷ୍ଠୀ ସଂଗଠିକା, କେଦାରେଶ୍ୱର ପରିଡା- ବରିଷ୍ଠ ସହାୟକ, ବିକ୍ରମ କୁମାର ସାମନ୍ତରାୟ-କନିଷ୍ଠ ସହାୟକ, ଅଭିମନ୍ୟୁ ପତି-ଡ୍ରାଇଭର, ମାଧବାନନ୍ଦ ଶତପଥି-ପିଅନ, ଶ୍ରୀଧର ସାହୁ-ପ୍ରୋସେସ୍ ସର୍ଭେୟର, ମହେଶ୍ୱର ପ୍ରଧାନ- ୱାଚ୍ ମ୍ୟାନ, ହରମୋହନ ମହାପାତ୍ର-ପିଅନ, ଚନ୍ଦ୍ରଶେଖର ମହାପାତ୍ର-ହେଲପର, ଭୋଳାନାଥ ପାଇକରାୟ- ହେଲପର, ଉପେନ୍ଦ୍ର ନାଏକ- ସ୍ୱଚ୍ଛକର୍ମୀ, ସୁବଳ ନାଏକ- ସ୍ୱଚ୍ଛ କର୍ମୀ, ଗଙ୍ଗାଧର ବଳିଆରସିଂହ- କନିଷ୍ଠ ସହାୟକ, ଦୁରୁଜା ନାଏକ- ସ୍ୱଚ୍ଛକର୍ମୀ, କୃଷ୍ଣ ନାଏକ- ସ୍ୱଚ୍ଛକର୍ମୀ, ଓ ଶକୁନ୍ତଳା ଦେଇ- ସ୍ୱଚ୍ଛକର୍ମୀ । ଅବସର ଗ୍ରହଣ କରିଥିବା ଏହି କର୍ମଚାରୀମାନଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଅବସର ଗ୍ରହଣ କରୁଥିବା ଯୋଗ୍ୟ କର୍ମଚାରୀମାନଙ୍କୁ ସଂଗେ ସଂଗେ ପ୍ରୋଭିଜନାଲ ପେନସନ ପ୍ରଦାନ କରାଯାଇଥିଲା। ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଭୁବନେଶ୍ୱର ମହାନଗର ନିଗମ ପାଇଁ କାର୍ଯ୍ୟକରି ଲୋକମାନଙ୍କୁ ସେବା ଯୋଗାଇ ଥିବାରୁ ସେମାନଙ୍କର ଦୀର୍ଘ, ନିରମୟ ଓ ନିରୋଗ ଜୀବନ ଯାପନ କାମନା କରିଥିଲେ ଅତିରିକ୍ତ ଆୟୁକ୍ତ ଶ୍ରୀ ଶୁଭେନ୍ଦୁ କୁମାର ସାହୁ। ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା ଓ ମଂଚ ପରିଚାଳନା କରିଥିଲେ ବିଏମ୍ ସି ରିକ୍ରେସନ କ୍ଲବର ସାଧାରଣ ସଂପାଦକ ଶୁଭକାନ୍ତ ପାଢୀ ଏବଂ ସହଯୋଗ କରିଥିଲେ ସନ୍ତୋଷ କୁମାର ମହାନ୍ତି, ଅକ୍ଷୟ କୁମାର ସ୍ୱାଇଁ ଓ ସସ୍ମିତା ନାୟକ ପ୍ରମୁଖ ।

## କୋଲକାତା ଅଗ୍ନିକାଣ୍ଡ ଘଟଣା ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କୋଲକାତାର ଏକ ହୋଟେଲରେ ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି କୋଲକାତାର ଏକ ହୋଟେଲରେ ଅଗ୍ନିକାଣ୍ଡ ଘଟଣାରେ ଓଡ଼ିଆଙ୍କ ସମେତ ଅନ୍ୟମାନଙ୍କ ପ୍ରାଣହାନି ଖବର ସମ୍ପର୍କରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ। ସମସ୍ତ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।

## କୋଲକାତା ଅଗ୍ନିକାଣ୍ଡରେ ମୃତ୍ୟୁରେ ନବୀନଙ୍କ ଶୋକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କୋଲକତାର ଏକ ହୋଟେଲରେ ଅଗ୍ନିକାଣ୍ଡ ଯୋଗୁଁ ଜଗତସିଂହପୁର ଜିଲ୍ଲାର ତିନିଜଣ ଯୁବକଙ୍କ ସମେତ ୧୪ ଜଣଙ୍କର ଅକାଳ ମୃତ୍ୟୁ ଘଟିବା ଦୁଃଖଦାୟକ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ନବୀନ ସେମାନଙ୍କ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

### ଦୁଇ ମୃତକଙ୍କ ପତ୍ନୀଙ୍କୁ ହୋମଗାର୍ଡ ଚାକିରି

## ନିଯୁକ୍ତିପତ୍ର ସହ ୧୦ଲକ୍ଷ ଲେଖାଏଁ ସହାୟତା ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କଟକର ପ୍ରଭାସିନୀ ବେହେରା ଓ ରାୟଗଡାର ଦେବୀ ଶବର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ହୋମଗାର୍ଡ ପଦବୀ ପାଇଁ ନିଯୁକ୍ତି ପତ୍ର ଓ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କର ଭଲମନ୍ଦ ପଚାରିଥିଲେ ଏବଂ ଅଧୈର୍ଯ୍ୟ ନହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ସରକାର ସେମାନଙ୍କ ସହିତ ଅଛନ୍ତି। ସେମାନଙ୍କର ଆଗାମୀ ଜୀବନ ଓ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ସର୍ବକୁଶଳ କାମନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହୃଦୟତା ପାଇଁ ସେମାନେ ଅଶ୍ରୁଳ ନୟନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ପ୍ରଭାସିନୀଙ୍କ ସ୍ୱାମୀ ଜଗବନ୍ଧୁ ମାହାଲି ହୋମଗାର୍ଡ ଭାବେ କାର୍ଯ୍ୟକରୁଥିଲେ ଏବଂ ଦେବୀଙ୍କ ସ୍ୱାମୀ ଲୋକନାଥ ଶବର ଓ.ଏ.ପି.ଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିଲେ। ଉଭୟ କଟକରେ କର୍ତବ୍ୟରତ ଥିବା ସମୟରେ ଗତ ୨୨ ତାରିଖ ଦିନ ପି.ସି.ଆର୍ ଭ୍ୟାନ୍ ରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ହୋମଗାର୍ଡ ଓ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ମହାକବି ଜୟଦେବଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଶ୍ରୀଗୀତ ଗୋବିନ୍ଦର ରଚୟିତା ମହାକବି ଜୟଦେବଙ୍କ ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଜୟଦେବ ବିହାର ଛକରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ସାଧାରଣ ସମ୍ପାଦକ ତଥା ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିବା ସହିତ ଜୟଦେବଙ୍କ ଉତ୍କଳୀତ୍ୱ ଉପରେ ବର୍ଣ୍ଣନା କରି କହିଥିଲେ ଯେ, କାଶୀ ନିବାସୀ ଜଣେ ମୈଥିଳୀ ପଣ୍ଡିତ ଚନ୍ଦ୍ରଦତ ନିଜ ଗ୍ରନ୍ଥ ଭକ୍ତମାଳାରେ ଜୟଦେବଙ୍କ ଘର ଅବିଭକ୍ତ ପୁରୀ ଜିଲ୍ଲାରେ ବୋଲି ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀ ସମ୍ପାଦିକା ବାସନ୍ତୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



## ସେନାକୁ ପୂର୍ଣ୍ଣ କ୍ଷମତା

# ଆତଙ୍କବାଦ ବିଲୋପର ଅମୋଘ ଅସ୍ତ୍ର !

ଗତ ୨୨ ତାରିଖରେ ଜାମ୍ମୁ-କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ବର୍ବରକାଣ୍ଡ ସାରା ଦେଶକୁ ଦୋହଲାଇ ଦେଇଛି। ଏହି ଆତଙ୍କୀ ଆକ୍ରମଣରେ ୨୬ଜଣଙ୍କ ପ୍ରାଣହାନୀ ଘଟଣା ତୀବ୍ର ଉତ୍ତେଜନା ସୃଷ୍ଟି କରିବା ସହ ଆତଙ୍କବାଦର ଜନକ କୁହାଯାଉଥିବା ପାକିସ୍ତାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି ଜୋର ଧରିଛି। ସାରା ଦେଶର ଲୋକ ଏହି ଘଟଣାର ତୀବ୍ର ନିନ୍ଦା କରି ପାକ୍ ବିରୋଧରେ ଯୁଦ୍ଧ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି। ଯଦିଓ ଭାରତ ସରକାର କୂଟନୈତିକ ସ୍ତରରେ ପ୍ରତିଶୋଧ ନେବା ଆରମ୍ଭ କରିଛନ୍ତି ତେବେ ଏହା ଯଥେଷ୍ଟ ନୁହେଁ ବୋଲି ଆଲୋଚନା ଜୋର ଧରିଛି। ଏହି କ୍ରମରେ ଦେଶବାସୀଙ୍କ ପ୍ରତିକ୍ରିୟାକୁ ନଜରରେ ରଖି ଆତଙ୍କବାଦୀଙ୍କ ବିରୋଧରେ ଠୋସ୍ ପଦକ୍ଷେପ ଗ୍ରହଣ ପାଇଁ ତିନି ସେନାକୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ତାଙ୍କ ବାସଭବନରେ ବସିଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଗତ ମଙ୍ଗଳବାର ଦିନ ତମାମ ଘନ ଘନ ବୈଠକ ବସି ଆତଙ୍କବାଦର ବିଲୋପ ପାଇଁ ପନ୍ଥା ନିର୍ଦ୍ଧାରଣ କରାଯାଇଥିବା କୁହାଯାଉଛି। ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ଏନ୍‌ଏସ୍‌ଏ, ତିନିସେନାର ମୁଖ୍ୟ, ସିଡିଏସ୍ ଏକତ୍ର ବସି ବୈଠକ କରିବା ପାକିସ୍ତାନ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇ ସୂଚନା ଦେଉଛି। ଏହା ଯୁଦ୍ଧ ସମ୍ଭାବନାକୁ ନଜରକୁ ଆଣୁଥିବା କୁହାଯାଉଛି। ଭାରତ କୂଟନୈତିକ ସ୍ତରରେ ସିନ୍ଧୁ ନଦୀ ଚୁକ୍ତି ବାତିଲ କରିବା, ଭାରତରେ ରହୁଥିବା ପାକିସ୍ତାନୀଙ୍କ ଭିସା ରଦ୍ଦ କରିବା ସହ ସେମାନଙ୍କୁ ଦେଶରୁ ତଡିବା ଆରମ୍ଭ କରିଛି। ତେବେ ସେନାକୁ ପୂର୍ଣ୍ଣ କ୍ଷମତା ଦିଆଯିବା ପରେ ସାରା ପାକିସ୍ତାନରେ ଛନକା ପଶିଯାଇଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଭାରତ ରଣନୀତିର ଜବାବ ଦେବାକୁ ବିଚାର ବିମର୍ଷ ହୋଇଥିବା ସୂଚନା ମିଳିଛି। ଏତେ ସବୁ ପରେ ବି ପାକିସ୍ତାନର ମୁହଁତୋଡ ଭାଙ୍ଗିବାର ନା ନେଉ ନାହିଁ। କେତେବେଳେ କେଉଁ ପାକ୍‌ନେତା ରକ୍ତପାତ ପାଇଁ ଧମକ ଦେଲେଣି ତ ଆଉ କିଏ ପରମାଣୁ ଅସ୍ତ୍ର ବ୍ୟବହାର କରାଯିବ ବୋଲି ଚେତାବନୀ ଦେଲେଣି। ଘୋର ଆର୍ଥିକ ସଙ୍କଟ ଓ ଖାଦ୍ୟାଭାବ ଭିତରେ ପାକିସ୍ତାନର ଏହି ନାଲିଆଖି କେବଳ ଏକ ଫମ୍ପା ଆବାଜ୍ ବୋଲି କୁହାଯାଉଛି। ଇତିମଧ୍ୟରେ ପାକ୍‌ସେନା ମୁଖ୍ୟ ସପରିବାର ବିଦେଶ ପଳାଇଥିବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ୪୦୦ରୁ ଅଧିକ ସେନା ଅଧିକାରୀ ଓ ଯବାନ ଇସ୍ତଫା ଦେଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। ପାକ୍ ସେନାମୁଖ୍ୟ ଏହି ବର୍ବର ଆକ୍ରମଣର ଷଡ଼ଯନ୍ତ୍ରକାରୀ ବୋଲି କୁହାଯାଉଛି। ଭାରତ କାଳେ ତାଙ୍କୁ ସଫା କରିଦେବ, ସେହି ଭୟରେ ସେ ଅନ୍ୟତ୍ର ଆତ୍ମଗୋପନ କରିଛନ୍ତି। ଏସବୁ ଭିତରେ ଆତଙ୍କବାଦୀଙ୍କୁ ସଫା କରିବା ପାଇଁ ଜାମ୍ମୁ-କାଶ୍ମୀରର ବିଭିନ୍ନ ସ୍ଥାନରେ ଜୋରଦାର ସର୍ଚ୍ଚ ଅପରେସନ୍ ଚାଲୁ ରହିଛି। ଏନ୍‌ଆଇଏ ମଧ୍ୟ ଜୋରଦାର ତଦନ୍ତ ଜାରି ରଖିଛି। ଏସବୁ ଭିତରେ ପ୍ରଶ୍ନ ଉଠୁଛି ଭାରତ ପାକ୍ ବିରୋଧରେ ଯୁଦ୍ଧ ଘୋଷଣା କରିବ କି ? ତିନି ସେନା ପ୍ରମୁଖ ମିଳିତ ଭାବେ ଯୁଦ୍ଧ ନିଷ୍ପତ୍ତି ନେବେ କି ? ଯଦି ଯୁଦ୍ଧ ହୁଏ, ତେବେ ସେଥିରେ ଆତଙ୍କବାଦର ଦମନ ହୋଇପାରିବ କି ? ଏବେ ସେନା ଉପରେ ସବୁ ନିର୍ଭର କରୁଛି। ସେନା ଯୁଦ୍ଧ ମାଧ୍ୟମରେ କିମ୍ବା ଅନ୍ୟ କୌଣସି ତରିକାରେ ଆତଙ୍କବାଦର ବିଲୋପ କରିବ ତାକୁ ହିଁ ଅପେକ୍ଷା। ଏକଥା ସତ ପାକିସ୍ତାନ ଦୀର୍ଘଦିନ ହେବ ଆତଙ୍କବାଦୀଙ୍କୁ ପାଳିପୋଷି ଭାରତ ବିରୋଧରେ ରୀତିମତ ଷଡ଼ଯନ୍ତ୍ର ଚଳାଇଛି ଯାହାର ସ୍ଥାୟୀ ସମାଧାନ ଜରୁରି ହୋଇପଡିଛି। ଭାରତ ଏ କ୍ଷେତ୍ରରେ ବିଶ୍ୱ ସମୁଦାୟର ସହଯୋଗ ଲୋଡିବା ଉଚିତ୍।

## ନୀତିବାଣୀ

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥

ଭାବାର୍ଥ : ସବୁଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ। ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି। ଚିନ୍ତା କରନାହିଁ।

# ମାଲିକ ନୁହେଁ, ଅଭିଭାବକ ହେବା ଜରୁରି



ରାକେଶ ପଣ୍ଡା
ବନ୍ଦାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

ଯେ କୌଣସି ଶିଳ୍ପ ତଥା ଅନୁଷ୍ଠାନର ସଫଳତା ନିମନ୍ତେ, ଏହାର ମାଲିକଙ୍କର ପୁଞ୍ଜି, ଜ୍ଞାନ, କୌଶଳ ଏବଂ ଅଭିଜ୍ଞତା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପକ୍ଷ। କିନ୍ତୁ, ଶ୍ରମିକ ବିନା ସେଗୁଡିକର ଗଠନ ଓ ପ୍ରତିଷ୍ଠା ସମ୍ଭବପର ନୁହେଁ। ଗୋଟିଏ ସମାଜ, ଦେଶ ଓ ସଂସ୍ଥାର ପ୍ରଗତି, ଉନ୍ନତି, ଲାଭ, ସ୍ଥାୟିତ୍ୱ ଓ ପ୍ରତିଷ୍ଠାରେ ଶ୍ରମିକ ଏବଂ ସେମାନଙ୍କର କଠିନ ପରିଶ୍ରମ ଓ ଯୋଗଦାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସେମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ଲୋକ ନିଜର ସର୍ବୋଚ୍ଚ ଅବଦାନ ଦେବା ସହିତ, ସମର୍ପଣ ଓ ମାତୃ ଅନୁଭବର ଭାବନାକୁ ନେଇ ସଂସ୍ଥାର ସଫଳତା ନିମନ୍ତେ ନିରନ୍ତର କାର୍ଯ୍ୟ କରିଥାନ୍ତି। ତେବେ, ଶ୍ରମିକ ଶ୍ରେଣୀ ପ୍ରକୃତରେ ସେହି ଶ୍ରେଣୀ ଯାହାକୁ ବିଭିନ୍ନ କଠିନ ଶ୍ରମଯୁକ୍ତ କାର୍ଯ୍ୟରେ ଲିପ୍ତ ରହିବାକୁ ପଡ଼ିଥାଏ। ସମାଜ ପ୍ରତି ସେମାନଙ୍କର ଅବଦାନକୁ ପ୍ରଶଂସା କରିବା ଏବଂ ସ୍ୱୀକୃତି ଦେବା ନିମନ୍ତେ କେବଳ ଗୋଟିଏ ସ୍ୱତନ୍ତ୍ର ଦିନ ଉପଯୁକ୍ତ ନୁହେଁ। ପ୍ରତିଟି ଦିବସରେ ନିଜର ଶ୍ରମଦାନ ପରେ, ସେମାନଙ୍କୁ ଏକ ସ୍ୱତନ୍ତ୍ର ବ୍ୟବହାର ତଥା ଆଚରଣ ପ୍ରଦର୍ଶନ କରାଯିବା ଉଚିତ। କାରଣ, ଶ୍ରମିକ ଜଣଙ୍କ ନିଷ୍ଠା ଓ ସମର୍ପଣ ସହିତ ନିଜର ଶ୍ରମ ଦାନ କରିବା ହେତୁ, କୌଣସି ଏକ ସଂସ୍ଥା ତିଷ୍ଠି ରହେ ଏବଂ ସଂସ୍ଥାର ଉଦ୍‌ଯୋଗୀ ଜଣଙ୍କ ମାଲିକ ଗାଦିରେ ବସିବାକୁ ସକ୍ଷମ ହୋଇଥାନ୍ତି।

ଅତୀତରେ, ସମାଜରେ ଏକଛତ୍ରବାଦ ଶାସନ ବ୍ୟବସ୍ଥା ଏବଂ ବଡ଼ ପଣ୍ଡାମାନଙ୍କର ସାମାଜିକ କ୍ଷମତାର ଦୁରୂପଯୋଗ କାରଣରୁ ଶ୍ରମିକମାନଙ୍କ ଅବସ୍ଥା ଓ ପରିସ୍ଥିତି ବହୁତ ଖରାପ ଥିଲା। ସେମାନଙ୍କୁ କଠିନ ପରିଶ୍ରମ ତଥା ଦିନକୁ ୧୫-୧୮ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ପଡୁଥିଲା ଏବଂ ପ୍ରାପ୍ୟ ସ୍ୱରୂପ ବହୁତ କମ୍ ମଜୁରୀ ଦିଆଯାଉଥିଲା। ଫଳରେ, ସେମାନେ ଉଭୟ କାର୍ଯ୍ୟସ୍ଥଳ ଏବଂ ବ୍ୟକ୍ତିଗତ ଜୀବନରେ ଅନେକ ଘାତ, ପ୍ରତିଘାତ ଓ ଅନ୍ୟାନ୍ୟ ଭୟଙ୍କର ସମସ୍ୟାର ସମ୍ମୁଖୀନ ହେଉଥିଲେ । ତେବେ, ଦିନକୁ ଦିନ ଶ୍ରମିକମାନଙ୍କର ସମସ୍ୟା ବୃଦ୍ଧି ପାଇବା କାରଣରୁ ବିଶ୍ୱବ୍ୟାପୀ ବିଭିନ୍ନ ଶ୍ରମିକ ସଂଘଗୁଡ଼ିକ ମୁଣ୍ଡ ଟେକିଥିଲେ ଏବଂ ଶ୍ରମିକମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ଦୃଢ଼ ଭାବରେ ଛିଡା ହୋଇଥିଲେ। ସମୟକ୍ରମେ, ଶ୍ରମିକ ସଂଗଠନଗୁଡ଼ିକ ଉକ୍ତ ପ୍ରଚଳିତ ବ୍ୟବସ୍ଥା ଓ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବାକୁ ବାଧ୍ୟ ହେଲେ ଏବଂ ବହୁଦିନ ଧରି ସେମାନଙ୍କ ଅଧିକାର ପାଇଁ ଲଢେଇ ଜାରି ରଖିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ, ଉକ୍ତ ସଂଗଠନ ଗୁଡ଼ିକର ମିଳିତ ପ୍ରୟାସ ସରକାରଙ୍କୁ ଶ୍ରମିକଙ୍କ ସପକ୍ଷରେ ଆଇନ ପ୍ରଣୟନ କରିବାକୁ ବାଧ୍ୟ କରିଥିଲା। ବିଶ୍ୱବ୍ୟାପୀ ସୃଷ୍ଟି ହୋଇଥିବା ଉକ୍ତ ଆନ୍ଦୋଳନର ପରିଶେଷରେ ଶ୍ରମିକ ଦିବସର ଉତ୍ପତ୍ତି ହୋଇଥିଲା।

ତେବେ, ଶ୍ରମିକ ଦିବସ ହେଉଛି ଶ୍ରମିକ ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ଏକ ସ୍ୱତନ୍ତ୍ର ଦିନ। ସେମାନଙ୍କର କଠିନ ପରିଶ୍ରମ ଏବଂ ସଫଳତାକୁ ପାଳନ କରିବା ନିମନ୍ତେ ଶ୍ରମିକ ଦିବସ ପାଳନ କରାଯାଏ। ଏହା ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ତାରିଖରେ ପାଳିତ ହୋଇଥାଏ । ତଥାପି, ଅଧିକାଂଶ ଦେଶରେ ଏହି ଦିନ ପାଇଁ ୧ ମଇ ତାରିଖ ସ୍ଥିର କରାଯାଇଛି ଯେଉଁଦିନ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଏ। ଭାରତରେ ଶ୍ରମିକ ଦିବସ ପ୍ରଥମେ ୧ ମଇ ୧୯୨୩ରେ 'ଲେବର କିଷାନ ପାର୍ଟି' ଦ୍ୱାରା ପାଳନ କରାଯାଇଥିଲା। ଏହାର ନେତା ସିଙ୍ଗାରାଭେଲୁ ଚେଟିୟାର ସରକାରଙ୍କୁ ଉକ୍ତ ଦିନଟିକୁ ଜାତୀୟ ଛୁଟି ଭାବରେ ପାଳନ କରିବାକୁ ଅନୁରୋଧ କରିଥିଲେ। ଶ୍ରମିକମାନଙ୍କର ପ୍ରୟାସ ଏବଂ କଠିନ କାର୍ଯ୍ୟକୁ ବିଚାରକୁ ନେବା ପାଇଁ ଏହା ଏକ ପ୍ରତୀକ ଭାବରେ କରାଯାଇଥିଲା। ଏହି ଦିନଟି ୧୯ ଶତାବ୍ଦୀରେ ଆମେରିକାରେ ଗୋଟିଏ ସଂଘ ଆନ୍ଦୋଳନ ଭାବରେ ମଧ୍ୟ ଆରମ୍ଭ ହୋଇଥିଲା। ମାର୍କ୍ସବାଦୀ ଆନ୍ତର୍ଜାତୀୟ ସମାଜବାଦୀ କଂଗ୍ରେସ ଦ୍ୱାରା ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ଯେଉଁଥିରେ ଦାବି କରାଯାଇଥିଲା ଯେ ଶ୍ରମିକମାନଙ୍କୁ ଦିନକୁ ୮ ଘଣ୍ଟାରୁ ଅଧିକ କାମ କରିବାକୁ ବାଧ୍ୟ କରାଯିବ ନାହିଁ। ଏହାପରେ, ଶ୍ରମିକ ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କ ପାଇଁ ୮ ଘଣ୍ଟାର କାର୍ଯ୍ୟ ପାଳି ସ୍ଥିର କରାଯାଇଥିଲା। ୟୁରୋପରେ ଶ୍ରମିକ ଦିବସ ପ୍ରଥମ ଥର ପାଇଁ ୧୮୯୦ ମସିହାରେ ପାଳନ କରାଯାଇଥିଲା। ଆମେରିକା ଏବଂ କାନାଡାରେ ସେପ୍ଟେମ୍ବର ମାସର ପ୍ରଥମ ସୋମବାରରେ ଶ୍ରମିକ ଦିବସ ପାଳନ କରାଯାଏ। ଯଦିଓ ଶ୍ରମିକ ଦିବସର ଇତିହାସ ଏବଂ ଉତ୍ପତ୍ତି ବିଭିନ୍ନ ଦେଶରେ ଭିନ୍ନ, ତଥାପି ଏହାର ମୁଖ୍ୟ କାରଣ ହେଉଛି ଶ୍ରମିକ ଶ୍ରେଣୀ ପ୍ରତି ହେଉଥିବା ଅନ୍ୟାୟର ପ୍ରତିବାଦ ଏବଂ ମୌଳିକ ସୁବିଧା ପ୍ରାପ୍ତି।

ଭାରତର ଅର୍ଥନୀତିରେ 'ଶ୍ରମ' ଶବ୍ଦଟି ନିଯୁକ୍ତିକୁ ବୁଝାଏ। ୨୦୨୦ ମସିହାରେ, ଦେଶରେ ପ୍ରାୟ ୪୭୬ ନିୟୁତ ଶ୍ରମିକ ଥିଲେ, ଯାହା ଚୀନ୍ ପରେ ଦ୍ୱିତୀୟ ସର୍ବାଧିକ ଅଟେ। ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ILO) ଅନୁଯାୟୀ, ବିଶ୍ୱର ଦଶଟି ବୃହତ୍ ଅର୍ଥନୀତି ତୁଳନାରେ ଭାରତୀୟମାନଙ୍କର ହାରାହାରି କାର୍ଯ୍ୟ ସପ୍ତାହ ସବୁଠାରୁ ଲମ୍ବା। ଭାରତରେ ହାରାହାରି କାର୍ଯ୍ୟ ଘଣ୍ଟା ପ୍ରତି ସପ୍ତାହରେ ପ୍ରାୟ ୪୭.୭ ଘଣ୍ଟା। ଏହା ବିଶ୍ୱସ୍ତରରେ ସବୁଠାରୁ ଅଧିକ କାମ କରୁଥିବା ଦେଶ ତାଲିକାରେ ଭାରତକୁ ସପ୍ତମ ସ୍ଥାନରେ ରଖିଛି। ଭାରତୀୟ ଶ୍ରମ ଆଇନ ଏବଂ ବିଶେଷକରି ଫ୍ୟାକ୍ଟ୍ରି ଆଇନ, ୧୯୪୮ ଅନୁସାରେ, ସାଧାରଣତଃ ସର୍ବାଧିକ କାର୍ଯ୍ୟ ଘଣ୍ଟାକୁ ପ୍ରତିଦିନ ୯ ଘଣ୍ଟା ଏବଂ ସପ୍ତାହକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସୀମିତ ଅଟେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପିତ ଅର୍ଥନୈତିକ ସର୍ଭେ ୨୦୨୪ ଅନୁସାରେ, ଭାରତରେ ଶ୍ରମିକଙ୍କ ନିଯୁକ୍ତି ସ୍ଥିତି ଦୃଷ୍ଟିରୁ, ମୋଟ ଶ୍ରମଶକ୍ତିର ୫୭.୩ ପ୍ରତିଶତ ସ୍ୱନିଯୁକ୍ତ ଏବଂ ୧୮.୩ ପ୍ରତିଶତ ଘରୋଇ ଉଦ୍ୟୋଗରେ ଅବୈତନିକ ଶ୍ରମିକ ଭାବରେ କାମ କରୁଛନ୍ତି। 'ପିରିଓଡିକ୍ ଲେବର ଫୋର୍ସ ସର୍ଭେ (PLFS)'ର ସର୍ବେକ୍ଷଣ ବିବୃତି ଅନୁସାରେ ୨୦୨୦-୨୧ ମସିହାରେ ଭାରତରେ ଏହାର ଜନସଂଖ୍ୟାର ପ୍ରାୟ ୨୮.୯ % ଲୋକ ଦାଦନ ଶ୍ରମିକ ଭାବରେ କାର୍ଯ୍ୟ କରନ୍ତି।

ତେବେ, ଆଜିର ତାରିଖରେ ଶ୍ରମିକମାନଙ୍କର ମଙ୍ଗଳ ଓ କଲ୍ୟାଣରେ ଭାରତୀୟ ସମ୍ବିଧାନ ତଥା ସରକାରଙ୍କ ଦ୍ୱାରା, ବିଭିନ୍ନ ନୀତି, ନିୟମର ପ୍ରଚଳନ ହୋଇ ମଧ୍ୟ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ କାର୍ଯ୍ୟରତ ଶ୍ରମିକମାନେ ଅନେକ ପ୍ରତାରିତ ହେଉଛନ୍ତି । ସେମାନଙ୍କୁ ନିର୍ଦ୍ଧାରିତ ସମୟ ସୀମାଠାରୁ ଅଧିକ ସମୟ କାର୍ଯ୍ୟରେ ନିୟୋଜିତ କରାଯାଉଛି ଏବଂ ଉକ୍ତ କାର୍ଯ୍ୟର ଉପଯୁକ୍ତ ମଜୁରୀ ତଥା ପାଉଣା ସଠିକ ଭାବରେ ପ୍ରଦାନ କରାଯାଉନାହିଁ! ଏହାଛଡା, କାର୍ଯ୍ୟସ୍ଥଳରେ ଆବଶ୍ୟକୀୟ ମୌଳିକ ସୁବିଧା ସୁଯୋଗ ଦିଆନଯିବା, କମ୍ପାନୀ ମାଲିକଙ୍କ ଦ୍ୱାରା ବିଭିନ୍ନ କୌଶଳରେ ଅନେକ ପ୍ରାପ୍ୟ ଛଡାଇ ନିଆଯିବା, କାର୍ଯ୍ୟ କ୍ଷେତ୍ରରେ ସେମାନଙ୍କର ନିରାପତ୍ତା ଓ ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ଜିନିଷ ପ୍ରଦାନ କରାନଯିବାର ଅନେକ ଘଟଣା ମଧ୍ୟ ନଜରକୁ ଆସୁଛି ! ଏତଦବ୍ୟତୀତ, ସଂସ୍ଥା ଦ୍ୱାରା କରାଯିବାକୁ ଥିବା ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ତଥା ସୁବିଧା, ସୁଯୋଗରୁ ମଧ୍ୟ ସେମାନେ ଅନେକ ସମୟରେ ବଞ୍ଚିତ ହେଉଛନ୍ତି। କାର୍ଯ୍ୟକ୍ଷେତ୍ରରେ ଦୁର୍ଘଟଣା କାରଣରୁ ସେମାନଙ୍କର ମୃତ୍ୟୁ ଘଟିଲେ ଆଇନ ତଥା ସମ୍ବିଧାନର ଅଧିନିୟମରେ ଧାର୍ଯ୍ୟ ହୋଇଥିବା ପ୍ରାପ୍ୟ ତଥା ଭରଣପୋଷଣ ମଧ୍ୟ ସଠିକ ଭାବରେ ପ୍ରଦାନ କରାନଯିବାର ଅନେକ ଘଟଣା ନଜରକୁ ଆସୁଛି ଏବଂ କିଛି ଘଟଣା ଟଙ୍କା ଓ କ୍ଷମତା ତଳେ ଚାପିହୋଇ ରହିଯାଉଛି। ଲୁଚେଇ, ଚୋରେଇ ହେଉ ଅବା କ୍ଷମତାର ଦୁର୍ବ୍ୟବହାର ମାଧ୍ୟମରେ ଅନେକ ନିରୀହ ଶ୍ରମିକ ସେମାନେ କାର୍ଯ୍ୟ କରୁଥିବା ସଂସ୍ଥା ଦ୍ୱାରା ଶୋଷିତ ହେଉଛନ୍ତି! ଯେଉଁଥିପାଇଁ, ଏବେ ମଧ୍ୟ ବିଭିନ୍ନ ସମୟରେ ଅନେକ ସଂସ୍ଥାର ମୁଖ୍ୟ ପ୍ରବେଶ ପଥ ଅବା ଫାଟକ ନିକଟରେ ନିଜର ବିଭିନ୍ନ ସମସ୍ୟାର ସମାଧାନ ଓ ଦାବିଗୁଡିକୁ ନେଇ ଶ୍ରମିକମାନେ ତଥା ଶ୍ରମିକ ସଂଘଗୁଡିକ ଆନ୍ଦୋଳନ ଓ ଆମରଣ ଅନଶନ କରିବାର ପ୍ରତ୍ୟହ ନଜରକୁ ଆସିଥାଏ। ଏତଦବ୍ୟତୀତ, ବର୍ତ୍ତମାନ ସମୟରେ ଗୋଟିଏ ରାଜ୍ୟରୁ କାର୍ଯ୍ୟ ଓ ରୋଜଗାର ଆଶାରେ ଅନ୍ୟଏକ ରାଜ୍ୟକୁ ଯାଉଥିବା ଦାଦନ ଶ୍ରମିକମାନଙ୍କର ଅସୁବିଧା, ଦୁଃଖ ଓ ଖରାପ ପରିସ୍ଥିତିକୁ ବର୍ଣ୍ଣନା କରିବା ନିମନ୍ତେ ଶବ୍ଦର ଅଭାବ ପଡିପାରେ ! ସେମାନଙ୍କ ସହ ଘଟୁଥିବା ଘଟଣା ଓ ଦୁର୍ଘଟଣା ଅନେକ ସମୟରେ ବିଭିନ୍ନ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିଥାଏ। ତେବେ, ଦେଶର ଭିତ୍ତିଭୂମି ବିକାଶରେ ପ୍ରଚୁର ଅବଦାନ ରଖିଥିବା ଶ୍ରମିକମାନଙ୍କ ପ୍ରତି ଅନ୍ୟାୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ।

ମହାତ୍ମା ଗାନ୍ଧୀ କହିଥିଲେ ଯେ, ଗୋଟିଏ ଦେଶର ପ୍ରଗତି ସେହି ଦେଶର ଶ୍ରମିକ ଏବଂ କୃଷକଙ୍କ ଉପରେ ନିର୍ଭର କରେ। ଶିଳ୍ପପତିମାନେ ନିଜକୁ ଶିଳ୍ପପତି, ମାଲିକ କିମ୍ବା ପରିଚାଳକ ଭାବରେ ଭାବିବା ପରିବର୍ତ୍ତେ ନିଜେ ଗଢିଥିବା ସଂସ୍ଥାର ଟ୍ରଷ୍ଟି ତଥା ସଂରକ୍ଷକ ଭାବରେ ଭାବିବା ଆବଶ୍ୟକ ଅଟେ। ତେବେ, ବାସ୍ତବତା ହେଉଛି, ଗୋଟିଏ ଅନୁଷ୍ଠାନ ତଥା ଶିଳ୍ପ ସଂସ୍ଥା ଯେତେବେଳେ ଛିଡାହୋଇ ସଫଳତାର ଗୀତ ଗାଏ, ପ୍ରଗତିର ସ୍ୱାଦ ଚାଖେ, ସେଥିରେ ତା'ର ଶ୍ରମିକମାନଙ୍କର କେତେ ଯେ ତ୍ୟାଗ ଓ ଅବଦାନ ରହିଥାଏ ତାହା ଅବର୍ଣ୍ଣନୀୟ ଅଟେ ! ଖରା, ବର୍ଷା ଓ ଶୀତର ପ୍ରକୋପକୁ ବେଖାତିର କରି, ନ୍ୟସ୍ତ ହୋଇଥିବା ଦାୟିତ୍ୱ ଓ କାର୍ଯ୍ୟରେ ଏକାଗ୍ରତା ରଖି କାର୍ଯ୍ୟର ଅଗ୍ରଗତି ନିମନ୍ତେ, ସେ ସମସ୍ତ ଉଦ୍ୟମ କରିଥାଏ ଏବଂ ତାକୁ ଶେଷ ପରିଣାମ ପର୍ଯ୍ୟନ୍ତ ପହଞ୍ଚାଇବା ନିମନ୍ତେ ତୃଣମୂଳ ସ୍ତରରେ ସେ ନିଜର ଶ୍ରେଷ୍ଠ ଅବଦାନ ଦେଇଥାଏ । ଯେଉଁଥିପାଇଁ, ଅନେକ ସମୟରେ ତା'ର ବ୍ୟକ୍ତିଗତ ତଥା ପାରିବାରିକ ଜୀବନ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହୁଏ। ଯେଉଁ, ଅବଦାନ ଓ ତ୍ୟାଗ ରୂପକ ଦୃଢ ସ୍ତମ୍ଭ ଉପରେ ଉକ୍ତ ସଂସ୍ଥାଟି ଛିଡା ହୋଇଥାଏ ।

ତେବେ ପ୍ରତ୍ୟେକ ଅନୁଷ୍ଠାନ ତଥା ସଂସ୍ଥାର ମଧ୍ୟ ନିଜର କର୍ମଚାରୀ ଓ ସେମାନଙ୍କର ଭବିଷ୍ୟତ ନିମନ୍ତେ ଅନେକ ଦାୟିତ୍ୱବୋଧତା ରହିଅଛି। ମାଲିକ ନିଜକୁ ମାଲିକ ନୁହେଁ, ସଂସ୍ଥାର ଟ୍ରଷ୍ଟି ତଥା ସଂରକ୍ଷକ ଓ ଅଭିଭାବକ ଭାବରେ ଉପସ୍ଥାପିତ କରି, କାର୍ଯ୍ୟରତ ପରିବେଶ ତଥା କର୍ମକ୍ଷେତ୍ରରେ ଶ୍ରମିକ ଓ ନିମ୍ନସ୍ତରର କର୍ମଚାରୀମାନଙ୍କୁ ସ୍ୱାଧୀନତା ପ୍ରଦାନ କରିବା, ଅଭିଭାବକ ପରି ସେମାନଙ୍କର ଭଲ, ମନ୍ଦ ବୁଝିବା ସହ ଆର୍ଥିକ ଓ ମାନସିକ ସ୍ତରରେ ସୁଯୋଗ ଓ ସହଯୋଗ ମଧ୍ୟ ଦେବା ଉଚିତ। ଯେମିତି, ତା'ର ଜୀବନର କୌଣସି ବି' ପ୍ରତିକୂଳ ପରିସ୍ଥିତି ତା'କୁ ଭାଙ୍ଗି ନ'ଦିଏ। ଫଳସ୍ୱରୂପ, ସେ କାମ କରୁଥିବା, ଅନୁଷ୍ଠାନ ପ୍ରତି ତା'ର ଏକ ଆତ୍ମୀୟତା ଓ ମାତୃପ୍ରୀତି ଜନ୍ମ ଲାଭ କରିବ ଏବଂ ସେ ଉକ୍ତ ସଂସ୍ଥାକୁ ନିଜର ବୋଲି ଭାବିବ। ସଂସ୍ଥାର ଲାଭ ଓ ଉନ୍ନତି ପାଇଁ ସେ ନିରନ୍ତର ଚେଷ୍ଟିତ ହେବ ଏବଂ ତା'ର କ୍ଷତି ଓ ଅସଫଳତାରେ ଆଖିରୁ ଦୁଇ ଟୋପା ଲୁହ ସ୍ୱତଃ ଖସି ଆସିବ। ଅତଏବ, ଯଦି ଗୋଟିଏ ଅନୁଷ୍ଠାନର ଶ୍ରମିକ ତଥା କର୍ମଚାରୀ ଖୁସି ଓ ସୁଖୀ ରହିବେ, ତେବେ ସଂସ୍ଥାର ଉନ୍ନତି ଓ ପ୍ରଗତି ସମ୍ଭବ ହୋଇପାରିବ ଏବଂ ପରୋକ୍ଷ ଭାବରେ ଦେଶର ବିକାଶରେ ତାହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମନେହୁଏ।

# ସୁଯୋଗର ଅପେକ୍ଷା



ସରିତା ସିଂ ମହାନ୍ତି
ଗୁଡିଆନାଳି, ଢେଙ୍କାନାଳ
ମୋ: ୭୦୦୮୧୭୩୪୮୭

ଜୀବନରେ ସଫଳତା ପାଇବା ନିମନ୍ତେ ମନୁଷ୍ୟ ନିଜର ପରିଶ୍ରମ ସହିତ ସୁଯୋଗକୁ ମଧ୍ୟ ଅପେକ୍ଷା କରିଥାଏ। କାହା ଜୀବନରେ ଗୋଟିଏ ଦୁଇଟି ସୁଯୋଗ ସଫଳତାର ସିଡ଼ି ଚଢ଼ିବାରେ ସାହାଯ୍ୟ କରିଥିବା ବେଳେ ଆଉ କାହା ଜୀବନ ସୁଯୋଗକୁ ଅପେକ୍ଷା କରି କରି ନୈରାଶ୍ୟଜନକ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଥାଏ। ଆଉ କେହି କେହି ଆହୁରି ଭଲ ସୁଯୋଗ ଆସିବ କହି ଅନେକ ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରି ପଶ୍ଚାତାପର ଗ୍ଲାନିରେ ଜୀବନ ଅତିବାହିତ କରନ୍ତି ଅଥବା ଭାଗ୍ୟର ଦୋଷ କହି ନିଜକୁ ଶାନ୍ତ୍ୱନା ଦେଇଥାନ୍ତି।

ସୁଯୋଗ ଆମକୁ ସବୁ କ୍ଷେତ୍ରରେ ଆବଶ୍ୟକ। ଶିକ୍ଷା, ଚାକିରି ଓ ବିବାହ ଏହି ତିନୋଟିକୁ ନେଇ ବର୍ତ୍ତମାନ ସମାଜର ମନୁଷ୍ୟ ପ୍ରତି ମୁହୂର୍ତ୍ତରେ ସଂଘର୍ଷରତ। ଶିକ୍ଷା ଆମ ଜୀବନର ଅଭିନ୍ନ ଅଙ୍ଗ କହିଲେ ଅତ୍ୟୁକ୍ତି ହେବନାହିଁ। ଶିଶୁଟିଏ ଘରେ ଜନ୍ମ ହେବା ପରେ ପିତାମାତା ତଥା ଅନ୍ୟ ସମସ୍ତ ଗୁରୁଜନଙ୍କ ସାହାଯ୍ୟରେ ଚାଲିବା, କଥା କହିବା ଶିଖିବା ପରେ ୩ରୁ ୫ ବର୍ଷ ବୟସରେ ବିଦ୍ୟାଳୟ ଯିବା ଆରମ୍ଭ କରେ ଜୀବନରେ ସଫଳତା ପାଇବା ପାଇଁ। ଭଲ ପାଠପଢା, ନୃତ୍ୟ, ଗୀତ ଓ କ୍ରୀଡ଼ା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିବା ପାଇଁ ପିତାମାତାଙ୍କ ସହିତ ସବୁ ଛାତ୍ରଛାତ୍ରୀଙ୍କ ମନରେ ପ୍ରଚଣ୍ଡ ଆଗ୍ରହ ଥାଏ। ଘରେ ପ୍ରାୟ ଜେଜେବାପା ଜେଜେମାଙ୍କ ପାଖରୁ ଶୁଣିବାକୁ ମିଳେ ପାଠ ସହ ଶାଠର ମଧ୍ୟ ଜୀବନରେ ଆବଶ୍ୟକତା ଅଛି। କିନ୍ତୁ ଥରେ ପିଲାଟି ବିଦ୍ୟାଳୟ ଯାଇ ବହି ପାଠ ପଢିବା ପରେ ଆମ ସମାଜରେ ପ୍ରାୟ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ମନରେ ଗୋଟିଏ ବ୍ୟତିକ୍ରମ ଦେଖାଯାଏ ଯେ ପାଠପଢି କ'ଣ ଏ କାମ କରିବ ? ଯେମିତିକି ଘରର ଛୋଟ ଛୋଟ କାମ କରିବା। ବାପାମାଆଙ୍କୁ ଘର କାମରେ ସାହାଯ୍ୟ କରିବା, ନିଜର ବହିପତ୍ର, ପୋଷାକ ନିଜେ ସାଇତି ରଖିବା, ଘରେ ବଗିଚା କିମ୍ବା ଗୃହପାଳିତ ପଶୁପକ୍ଷୀ ଥିଲେ ତାଙ୍କର ଯତ୍ନ ନେଇଶିଖିବା, ନିଜର କୌଳିକ ବୃତ୍ତି ଉପରେ କିଛି ଜ୍ଞାନ ଆହରଣ କରିବା ଇତ୍ୟାଦି। କିନ୍ତୁ ଏସବୁ କାମ କରିବାକୁ ଆମେ ପିଲାଙ୍କୁ ଶିକ୍ଷା ଦିଅନ୍ତିନାହିଁ । ନଚେତ୍ ଘରେ ଚାକର/ ଚାକରାଣୀ ଥିଲେ ପିଲାଙ୍କର ଛୋଟରୁ ମାନସିକତା ଜାଗ୍ରତ ହୁଏ ଯେ ଏସବୁ କାମ ଚାକର/ଚାକରାଣୀଙ୍କର। ଏମିତି ମାନସିକତାରେ ପିଲାଟିଏ ନିଜେ ନିଜର କାମ କାମ କରିବା ମଧ୍ୟ ଶିଖିପାରେ ନାହିଁ। ସ୍ୱଚ୍ଛଳ ମଧ୍ୟବିତ୍ତ ପରିବାରର ପିଲା ହୋଇଥିଲେ ପିତାମାତା ନିଜେ ପିଲାକୁ ସବୁ ସୁଖସୁବିଧା ଦେବାକୁ ଯାଇ କୌଣସି କାର୍ଯ୍ୟ କରିବାକୁ ଦିଅନ୍ତି ନାହିଁ। ଏହା ମଧ୍ୟ ଶୁଣିବାକୁ ମିଳେ ତୋର ଏସବୁ କରିବା ଦରକାର ନାହିଁ, ତୁ କେବଳ ପାଠ ପଢ଼। ଶ୍ରେଣୀରେ ପ୍ରଥମ ହେବା, ଉଚ୍ଚ ଅଙ୍କ ବିଶିଷ୍ଟ ନମ୍ବର ରଖି ପ୍ରତିବର୍ଷ ପାସ୍ କଲା ପରେ ଉଚ୍ଚଶିକ୍ଷା ନିମନ୍ତେ ଦିନରାତି ଏକ କରି ପ୍ରତିଯୋଗିତା ମୂଳକ ପରୀକ୍ଷାରେ ସଫଳତା ହାସଲ କରିବା, ପାଠ ସରୁ ସରୁ ସରକାରୀ କିମ୍ବା ଘରୋଇ ସଂସ୍ଥାରେ ମୋଟା ବେତନରେ ଚାକିରି କରିବାର ପରିସୀମା ମଧ୍ୟରେ ଘୂରି ବୁଲୁଥାଆନ୍ତି ଆଜିର ୨୫ରୁ ୩୦ବର୍ଷ ବୟସ ପର୍ଯ୍ୟନ୍ତର ଯୁବପିଢି। ଏଥିରେ ସଫଳତା ପାଉଥିବା ପିଲାଙ୍କ ସଂଖ୍ୟା ଏକ ଚତୁର୍ଥାଂଶ ହୋଇଥିବାବେଳେ ବାକି ଯୁବକଯୁବତୀ ବିଫଳତାର ସ୍ୱାଦ ଚାଖିବା ସହିତ ହତାଶାର ଶିକାର ହୁଅନ୍ତି। ଇଚ୍ଛା ନଥାଇ ମଧ୍ୟ କେବଳ ପାଠରେ ସଫଳତା ପାଇବାର ଲକ୍ଷ୍ୟ ରଖି ଅନ୍ୟକୌଣସି କ୍ଷେତ୍ରରେ ଜ୍ଞାନ ଅର୍ଜନ କରିପାରନ୍ତି ନାହିଁ। ଏହାଦ୍ୱାରା ବେକାରୀ ସମସ୍ୟା ତ ବଢୁଛି, ମୂଳ ସମସ୍ୟା ଘେର ମଧ୍ୟରେ ଥାଆନ୍ତି ପିତାମାତା। ନିଜ ଜୀବନର ପୁଞ୍ଜି ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ କରିବା ପରେ ପୁଣି ବଢିଲା ପୁଅଝିଅଙ୍କ ଚଳିବା ଖର୍ଚ୍ଚ ବହନ କରିବା ସହ ବିବାହ ବୟସ ଗଡି ଯାଉଥିବାରୁ ବାପା ମାଆ ହତାଶ ହେଉଛନ୍ତି। କିଛି ଅଭିଭାବକ ଏହା ମଧ୍ୟ କହୁଥିବା ଶୁଣିବାକୁ ମିଳେ ପାଠ ନପଢେଇ ସମସ୍ତ ପଢ଼ା ଖର୍ଚ୍ଚ କୃଷି କିମ୍ବା ଘରର ବ୍ୟବସାୟରେ ନିବେଶ କରିଥିଲେ ଆଜି ଏ ଦିନ ଦେଖିବାକୁ ପଡିନଥାନ୍ତା। ଶିକ୍ଷା ଅର୍ଜନ କରିବା ଦ୍ୱାରା ଗୋଟିଏ ସମାଜ ଶିକ୍ଷିତ ହୋଇଥାଏ। କିନ୍ତୁ ତତ୍ ସହିତ ବୁଦ୍ଧି ଓ ଜ୍ଞାନ ନଥଲେ ଏହା କିଭଳି ଭାବରେ ଆମକୁ ବଞ୍ଚିବାରେ ସାହାଯ୍ୟ କରିପାରିବ ? ଯାହା ଆଜିର ସମାଜରେ ଆମେ ନିଜ ପିଲାଙ୍କୁ ଶିଖାଇ ପାରୁନାହୁଁ। ନାମକରା ଭଲ ବିଦ୍ୟାଳୟରେ ନାମ ଲେଖାଇ ଦେଇ ଆମେ ସୁନ୍ଦର ସ୍ୱପ୍ନଟିଏ ଦେଖୁ। ଏହି ବିଦ୍ୟାଳୟରେ ପାଠ ପଢିଲେ ମୋ ପିଲା ଦିନେ ପଡ଼ୋଶୀ ପିଲା ପରି ଅଫିସର ହୋଇ ବାହାରିବ । କିନ୍ତୁ ନିଜ ପିଲାର କେଉଁଥିରେ ଆଗ୍ରହ, କେଉଁ କ୍ଷେତ୍ରରେ ସେ ପ୍ରକୃତରେ ସଫଳତା ପାଇପାରିବ କେବେ ବୁଝିବାକୁ ମଧ୍ୟ ଚେଷ୍ଟା କରୁନାହୁଁ। 'କଠିନ ପରିଶ୍ରମ ସଫଳତାର ଚାବକାଠି' ପିଲାଙ୍କୁ ଉପଦେଶ ଦେଉ କିନ୍ତୁ କଠିନ ପରିଶ୍ରମ କରିବାକୁ ସୁଯୋଗ ଦେଉନାହୁଁ। ଯେଉଁଥି ପାଇଁ ଆଜିର ପିଲା ସମୟ ପାଇଲେ ମୋବାଇଲ କିମ୍ବା ଲାପଟପରେ ଡିଜିଟାଲ ଗେମରେ ନିଜକୁ ଘଣ୍ଟା ଘଣ୍ଟା ଧରି ହଜାଇ ଦିଅନ୍ତି।

ଆଜିର ଦିନରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ସବୁଠାରୁ ବଡ଼ କଷ୍ଟ ନିଜର ଦିନଚର୍ଯ୍ୟା। ଇଂରାଜୀ ମିଡିୟମ୍‌ରେ ପାଠ ପଢୁଥିବା ପ୍ରତ୍ୟେକ ପିଲା ବହିରେ ପଢ଼ିଛନ୍ତି 'Early to bed, early to rise, makes a man healthy, wealthy and wise.' କିନ୍ତୁ ବାସ୍ତବ ଜୀବନରେ ଏହାକୁ ମାନନ୍ତି ନାହିଁ। ଛୁଟିଦିନ ହେଲେ ପିଲାଙ୍କର ନିଦ ଭାଙ୍ଗିବା ବେଳକୁ ଘଣ୍ଟାରେ ଦିନ ୧୧ଟା ପାର ହୋଇସାରିଥାଏ । ଏହା ଏକ ନିରାଟ ସତ୍ୟ ଯାହା ଏବେ ଅଧିକାଂଶ ଘରେ ଦେଖିବାକୁ ମିଳୁଛି। ପୂଜାପାର୍ବଣରେ ଅଧିକାଂଶ ପିଲା କେବଳ ନିଜେ ବୁଲିବା, ଖାଇବା ଓ ଫଟୋ ଉତ୍ତୋଳନ କରିବାର ମଜାନିଅନ୍ତି। ତେବେ ପାଠପଢ଼ାରେ ସଫଳତା ନପାଇଲେ ପିଲା ଆଗକୁ ଯାଇ କ'ଣ କରିବ ନା ପିତାମାତା, ନା ବିଦ୍ୟାଳୟ କାହାରି ପାଖରେ ଏମାନଙ୍କୁ ଥଇଥାନ କରିବା ନିମନ୍ତେ ଭାବିବାକୁ ସମୟ ନାହିଁ। ଶେଷରେ ଆର୍ଥିକ ଅନଟନ ଭୋଗିବା ପରେ ଯୁବକଟି ଘରୋଇ ଶିକ୍ଷାନୁଷ୍ଠାନରେ ନିଜକୁ ଠିକା କର୍ମଚାରୀ ଗ୍ରୁପରେ ସାମିଲ୍ କରିଦିଏ, ନହେଲେ ପରିବାରର ବୋଝ ପାଲଟି ନୀତି ଗାଳି ମନ୍ଦ ଶୁଣିବାକୁ ବାଧ୍ୟ ହୁଏ। କାହିଁକି ନା, ପ୍ରକୃତରେ କିଛି କରିବାକୁ ଭାବିଲା ବେଳକୁ ବୟସ ଗଡିଯାଇଥାଏ। ନୂଆ କରି କିଛି କରିବାକୁ ନା ଶିକ୍ଷା ସାହାଯ୍ୟ କରେ, ନା ପୁଞ୍ଜି ଥାଏ। ଜୀବନରେ ଅନେକ ସୁଯୋଗ ହାତଛଡ଼ା ହୋଇଗଲା ଭାବି ଚିନ୍ତା ମୁକ୍ତ ହେବା ନିମନ୍ତେ କେହି କେହି ନିଶାର ଶିକାର ହେଉଛନ୍ତି, କେହି କେହି ଚୋରି ଡକାୟତି ପନ୍ଥା ମଧ୍ୟ ଆପଣାଉଛନ୍ତି। ବହୁତ୍ କିଛି ଭଲ କରିବାକୁ ଯାଇ ଛୋଟ ଛୋଟ ସୁଯୋଗକୁ ହାତଛଡା କରିଥିବା ମଣିଷ ବିଳମ୍ବରେ ବୁଝିପାରେ ଯେ ଭଲମନ୍ଦ, କମ୍ ବେଶୀ, ଛୋଟ ବଡ଼, ହାର ଜିତ୍ ସହ କଠିନ ପରିଶ୍ରମକୁ ନେଇ ଜୀବନ। ଏକ ନିର୍ଦ୍ଦିଷ୍ଟ ବୟସ ପରେ ନିଜ ଯୋଗ୍ୟତା ଅନୁସାରେ ନିଜେ ନିଜର ଖାଦ୍ୟ , ବସ୍ତ୍ର ଓ ବାସଗୃହର ଦାୟିତ୍ୱବହନ କରିବା ସହ ପିତାମାତା, ପରିବାର, ସାଙ୍ଗସାଥୀ ଓ ବନ୍ଧୁ କୁଟୁମ୍ବ ଭିତରେ ରହି ଦାୟିତ୍ୱ ତୁଲାଇବାକୁ ପଡ଼ିବ। ଯୁବପିଢୀ ଏସବୁକୁ ନେଇ ଉଚିତ୍ ସମୟରେ ଅବଗତ ନହେଲେ ନିଜେ ନିଜର ଦୁଃଖର କାରଣ ପାଲଟି ଥାଆନ୍ତି।

ପାଠ ପଢି କେବଳ ଗୋଟିଏ ପ୍ରକାର ସଫଳତାକୁ ଆଶା ନରଖି ଜୀବନର ଉତ୍ଥାନ ପତନ, ଆଶା ନିରାଶା ମଧ୍ୟରେ ଆମକୁ ସବୁବେଳେ ନିଜର କର୍ମ ଖୋଜି ବାହାର କରିବାକୁ ପଡ଼ିବ। ନିଜର ଆତ୍ମବିଶ୍ୱାସକୁ ଦୃଢ଼ କରି ଏ ଅସମ୍ପୂର୍ଣ୍ଣ ଦୁନିଆଁରେ ଛୋଟ ସୁଯୋଗର ସହାୟତାରେ ମଧ୍ୟ ସଂପୂର୍ଣ୍ଣ ଶାନ୍ତିମୟ ଜୀବନ ଯାପନ କରିପାରିବା। ନିଜର ପ୍ରତ୍ୟେକଟି ମୁହୂର୍ତ୍ତକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ହେଲେ ଆମକୁ କର୍ମ କରିବାକୁ ହେବ ଛୋଟ ବଡ଼ ଚିନ୍ତା ନକରି । ନିଜର ଅଭିଳଷିତ ଆକାଂକ୍ଷା ପୂରଣ କରିବାକୁ ମାତ୍ରାଧିକ ସୁଯୋଗର ଅପେକ୍ଷା କରିବାର ଆବଶ୍ୟକତା ସବୁବେଳେ ଠିକ୍ ସାବ୍ୟସ୍ତ ହୁଏନାହିଁ। ସମସ୍ତଙ୍କ ଜୀବନରେ ନିଜ ଇଚ୍ଛା ମୁତାବକ ସବୁ କିଛି ହେବ; ଏହା ସମ୍ଭବ ନୁହେଁ ଏହା ମଧ୍ୟ ବୁଝିବାକୁ ହେବ।

# ସିଦ୍ଧାନ୍ତରେ ସିଦ୍ଧି



କିଶୋର ଚନ୍ଦ୍ର ଜେନା
ଜଗନ୍ନାଥ ନଗର, ରୋଡ଼ ନଂ-୬, ଭୁବନେଶ୍ୱର
ମୋ: ୯୪୩୭୦୪୧୩୦୦

ଜୀବନରେ ସମସ୍ତଙ୍କର ନିଜ ନିଜର ସିଦ୍ଧାନ୍ତ ବା ନିର୍ଦ୍ଧାରଣ କରିବାର ସ୍ୱଶକ୍ତି ନିଜ ଭିତରେ ବିଦ୍ୟମାନ ଏବଂ ଏହା ମୂଲ୍ୟବୋଧଭିତ୍ତିକ। ସମସ୍ତଙ୍କର ନିର୍ଦ୍ଧାରଣ ଶକ୍ତି ଅଲଗା ଅଲଗା। କାରଣ ସିଦ୍ଧାନ୍ତ ଯଦି ଠିକ୍ ନହୋଇ ପାରିଲା ବା ମୂଲ୍ୟଭିତ୍ତିକ ନହେଲା, ସିଦ୍ଧି ପ୍ରାପ୍ତି ମଧ୍ୟ ମୂଲ୍ୟଭିତ୍ତିକ ହେବନାହିଁ। ମଣିଷ ଜୀବନରେ ସିଦ୍ଧାନ୍ତ ଦିବ୍ୟ ଚେତନାକୁ ଜନ୍ମଦିଏ। ପ୍ରତ୍ୟେକ ଅଣୁ, ପରମାଣୁ ଏବଂ ତତ୍ତ୍ୱ ଠାରୁ ଆରମ୍ଭ କରି ଜଡ଼ ଚେତନ ଆଦି ସମସ୍ତେ ସ୍ୱଃ ସିଦ୍ଧାନ୍ତଯୁକ୍ତ। ପ୍ରତ୍ୟେକଙ୍କର ସ୍ୱସିଦ୍ଧାନ୍ତ ହେତୁ ସମସ୍ତେ ନିଜ ନିଜର ମୌଳିକତାକୁ ପରିପୁଷ୍ଟ କରିବା ସଙ୍ଗେ ସଙ୍ଗେ ନିଜର ଅସ୍ତିତ୍ୱ ଏବଂ ଔଚିତ୍ୟର ଗୁଣକୁ ପରିପୁଷ୍ଟ କରିବାର ପ୍ରଭାବଶାଳୀ ସାମର୍ଥ୍ୟ ବହନ କରିଥାନ୍ତି। ମଣିଷ ହିଁ ଏହି ଧରିତ୍ରୀରେ ଏକମାତ୍ର ଜୀବ, ଯିଏ ଜନ୍ମଠାରୁ ଜ୍ଞାନପ୍ରାପ୍ତ ପର୍ଯ୍ୟନ୍ତ ନିଜର ଆତ୍ମସ୍ଥିତି ଏବଂ ମୌଳିକଗୁଣମାନଙ୍କ ଦ୍ୱାରା ଆବଦ୍ଧ ହୋଇ ରହିଥାଏ ଏବଂ ନିଜ ମାନବିକତାର ଖୋଳ ଭିତରେ ଆତ୍ମଗୋପନ କରିଥାଏ। ମଣିଷ ଯେତେବେଳେ ବୁଝିବାର ଶକ୍ତି ଆହରଣ କରନ୍ତି ପରେ ଏହି ଜୀବନକାଳ ପର୍ଯ୍ୟନ୍ତ ମଣିଷତ୍ୱରୁ ମୁକ୍ତି ହୋଇଯିବାର ପଥପାଏ ଏବଂ ଇଏ ଯେକୌଣସି ଠାରେ ଯେକୌଣସି କାର୍ଯ୍ୟ କରିବାରେ ଏବଂ କରେଇବାର ସ୍ଥିତାବସ୍ଥାକୁ ପ୍ରାପ୍ତ କରେ। ଯେତେ ଯେତେ ଏ ସଂସାର ସାଗରରେ ସେ ପ୍ରବେଶ କରେ ଏବଂ ଆସକ୍ତ ହେବାରେ ଲାଗେ, ସେତେ ସେତେ ତା'ଭିତରେ ଥିବା ମନୁଷ୍ୟତା ଲୋପ ପାଇବାକୁ ଲାଗେ। ତା'ପରେ ମାୟାଜାଲରେ ଛନ୍ଦିହୋଇ ସେ ବୁଢ଼ିଆଣୀ ସଦୃଶ ନିଜର ଜାଲ ସୃଷ୍ଟିରେ ଲାଗିପଡ଼େ ଏବଂ ମୌଳିକତାବାଦର ସ୍ଫୁରଣ ହେବାରେ ଲାଗେ ଏବଂ ମନରେ ବା ହୃଦୟ ସିଂହାସନରୁ ମାନବିକତା ବିତାଡିତ ହୁଏ। ପଶୁତୁଲ୍ୟର ସ୍ୱଭାବ ତା'ର ହୃଦୟ ସିଂହାସନରେ ରାଜତ୍ୱ କରେ ଏବଂ ସ୍ୱୟଂ ନିଜେ ମଧ୍ୟ ମାନବିକତାକୁ ଘୃଣା ଚକ୍ଷୁରେ ଦେଖିବାକୁ ଆରମ୍ଭ କରେ। ଯେବେ ଜଣେ ମଣିଷ, ମଣିଷ ପଦବାଚ୍ୟ ହୁଏ ଯେତେବେଳେ ତା'ର ମୌଳିକତାକୁ ପ୍ରତିପାଦନ କରେ। ମଣିଷର ମୌଳିକତା ହେଉଛି ତାହାର ମାନବିକତାର ଗୁଣ ଏବଂ ଏହା ହେଉଛି ମାନବର ସହଯାତ ମୌଳିକ ଗୁଣ। ଏହି ମାନବଧର୍ମକୁ ଯିଏ ଧାରଣ କରେ, ତାକୁ ମାନବ କୁହାଯାଏ। ଏହି ଏସବୁ କାରଣ ହେତୁ ମଣିଷକୁ କେତେଗୁଡ଼ିଏ ଶ୍ରେଣୀରେ ବିଭକ୍ତ କରାଯାଇଅଛି। ପୃଥିବୀରେ ବହୁତ କମ୍ ଲୋକ ଅଛନ୍ତି ଯେ ପୁରା ଜୀବନ କାଳଖଣ୍ଡରେ ଏହି ମାନବୀୟ ଗୁଣ ଧର୍ମକୁ ଅଖଣ୍ଡ ରଖିବାରେ ସମର୍ଥ ହୁଅନ୍ତି। ଅନେକ ମଣିଷ ଅଛନ୍ତି ସ୍ୱଭାବତଃ ସେମାନେ ଦେଶ, କାଳ, ପରିସ୍ଥିତି ଓ ସମୟୋପଯୋଗୀ ମାନବ ଗୁଣ ଧର୍ମକୁ ଉପଯୋଗ କରନ୍ତି। ସ୍ୱାମୀ ବିବେକାନନ୍ଦଙ୍କ ମତରେ 'ସ୍ୱୟଂ ଜୀବନ ହିଁ ଧର୍ମ' । ଏହି ମଣିଷ ଜୀବନର କାଳଖଣ୍ଡରେ ସଠିକ୍ ସିଦ୍ଧାନ୍ତ ହିଁ ମଣିଷକୁ ଉଚିତ୍ ମାର୍ଗ ଦେଖାଇଥାଏ।ଏକଲବ୍ୟଙ୍କର ଦୃଢ଼ ଇଚ୍ଛାଶକ୍ତି ବା ସିଦ୍ଧାନ୍ତ ତାଙ୍କୁ ଏକ ଶ୍ରେଷ୍ଠ ଧନୁର୍ଦ୍ଧାରୀ ଭାବରେ ମହାଭାରତରେ ପ୍ରତିପ୍ରାଦିତ କରିପାରିଥିଲା। ଗୁରୁ ଦ୍ରୋଣଚାର୍ଯ୍ୟ ଏକଲବ୍ୟଙ୍କୁ ଗ୍ରହଣ କରିବାର ଅମଙ୍ଗ ଏବଂ ଧନୁର୍ଦ୍ଧାରୀ ଅର୍ଜୁନଙ୍କର ତିରସ୍କାର ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ସେ ମନ ଭିତରେ କଠିନ ସିଦ୍ଧାନ୍ତ ନେଲେ ଯେ ସେ ନିଶ୍ଚିତ ଭାବରେ ଜଣେ ଧନୁର୍ଦ୍ଧାରୀ ହେବେ। ଦ୍ରୋଣଚାର୍ଯ୍ୟଙ୍କୁ ମନରେ ଗୁରୁରୂପେ ସ୍ୱୀକାର କରି ତାଙ୍କର ଏକ ପ୍ରତିମା ନିର୍ମାଣ କରି ସେ ପ୍ରତିଦିନ ନିଜେ ନିଜେ ଏକ ଲକ୍ଷ୍ୟ ପଥରେ ସର ନିକ୍ଷେପ କରିବାକୁ ଲାଗିଲେ। ତାଙ୍କ ମନରେ ଦୃଢ଼ ସିଦ୍ଧାନ୍ତ ତାଙ୍କୁ ମହାନ ଧନୁର୍ଦ୍ଧାରୀ ହିସାବରେ ଗଢ଼ି ତୋଳିଥିଲା। ଦୃଢ଼ ସିଦ୍ଧାନ୍ତ ହିଁ ସିଦ୍ଧିପ୍ରାପ୍ତିର ଏକମାତ୍ର ରାସ୍ତା। ଆମର ସିଦ୍ଧାନ୍ତ ହେବା ଦରକାର ଯେ ଆମେ ଆମର ଜୀବନ ରଥକୁ କିପରି ସତ୍‌ମାର୍ଗରେ ପରିଚାଳିତ କରିପାରିବା। ସତ୍‌ମାର୍ଗ ପଥରେ ପରିଚାଳିତ ହେଲେ ତୁମେ ବିଶୃଙ୍ଖଳିତ ଜୀବନାବସ୍ଥାରୁ କ୍ରମେ ଶୃଙ୍ଖଳିତ ମାର୍ଗରେ ଅବସ୍ଥାପିତ ହୋଇପାରିବ। ନିଜେ ସବୁବେଳେ ଧାର୍ମିକ ଉପାସନା ଓ କଠିନ ପୂଜାକର୍ମ ଆଦି ବିଭ୍ରାନ୍ତିକର କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଚେଷ୍ଟା କରିବ। କଷ୍ଟଦାୟକ ସାଧନା ଓ ତପସ୍ୟା କରିବାର ଆବଶ୍ୟକତା ଠାରୁ ଦୂରରେ ରହିବ। ଏପରି ଭାବ ସୁଦୃଢ଼ ହେଲେ ଏହାକୁ ସିଦ୍ଧାନ୍ତ କୁହାଯାଏ । ସିଦ୍ଧାନ୍ତର ଅର୍ଥ ସତ୍‌ମାର୍ଗ ଚୟନ । ଯେତେବେଳେ ତୁମେ ନାନା ପ୍ରକାର ବିଶୃଙ୍ଖଳିତ ସାଂସାରିକ କାର୍ଯ୍ୟରୁ ନିବୃତ୍ତ ରହି ସର୍ବଧର୍ମାନୁସାରେ ଅନାସକ୍ତ ଜୀବନଯାପନ କରିବ, ସେତେବେଳେ ତୁମେ ଶାନ୍ତିମୟ ଜୀବନ ପ୍ରବାହ ଭିତରେ ପ୍ରବେଶ କରିପାରିବ ଯାହାଦ୍ୱାରା ତୁମେ (ଆତ୍ମା) ଅନିନ୍ଦ୍ୟ ସୁଖ ଆକାଶରେ ଘୂରି ବୁଲିବ, ତାହାପାଖରେ ସ୍ୱର୍ଗ ସୁଖ ବି ତୁଚ୍ଛ ବୋଲି ଅନୁମେୟ ହେବ। ଏଥିପାଇଁ ଦରକାର ସାଧନା। ସାଧନା ଯେତେବେଳେ ଦୃଢ଼ୀଭୂତ ହେବ ସେତେବେଳେ ଧୀରେ ଧୀରେ ସିଦ୍ଧିପ୍ରାପ୍ତିର ରାସ୍ତା ଉଦ୍‌ଭାଷିତ ହେବାକୁ ଲାଗିବ। ସ୍ୱୟଂ ଗୌତମ ବୁଦ୍ଧ ସାଧନା ଉପରେ ଆଲୋକପାତ କରି କହିଛନ୍ତି ଯେ ମହତ୍ ବ୍ୟକ୍ତି ସାଧନା ମାଧ୍ୟମରେ ସମସ୍ତ ପ୍ରକାର ମାନସିକ ଶୃଙ୍ଖଳ ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଚୁରମାର କରିଦିଏ, ସେତେବେଳେ ସେ 'ଅର୍ହତ' ଅବସ୍ଥାକୁ ପ୍ରାପ୍ତି କରେ। 'ଅର୍ହତ' ଅର୍ଥାତ୍- ଯିଏ ମନରେ ସମସ୍ତ ଶତ୍ରୁକୁ ବିନାଶ କରିପାରନ୍ତି। ହିନ୍ଦୁ ଧର୍ମରେ ଏହାକୁ ସ୍ଥିତପ୍ରଜ୍ଞ ବୋଲି କୁହାଯାଏ। ଏଠାରେ ସମସ୍ତ ଶତ୍ରୁ ଏବଂ ମିତ୍ର ଏକାକାର ହୋଇଯାଆନ୍ତି। ବୌଦ୍ଧ ଧର୍ମାବଲମ୍ବୀଙ୍କ ମତରେ ଯେତେବେଳେ ସାଧନା ଉଚ୍ଚତମ ସୋପାନରେ ପହଞ୍ଚେ ସେତେବେଳେ ସିଦ୍ଧି ପ୍ରାପ୍ତ ହୁଏ। ଏହାକୁ ଆମେ ନିର୍ବାଣ ବୋଲି କହୁ। ସେତେବେଳ ମନ ସମସ୍ତ ଶୃଙ୍ଖଳରୁ ମୁକ୍ତି ହୋଇଯାଏ। ତେଣୁ ସାଧନାରେ ମନକୁ ଏକାଗ୍ର କରିବାକୁ ପଡ଼େ । ଭାଗ୍ୟ, ଦୁର୍ଭାଗ୍ୟ, ଶତ୍ରୁ, ମିତ୍ର, ରାଗ, ଦ୍ୱେଷ, ହାନି, ଲାଭ, ନକ୍ଷତ୍ର ଗଣନା, ଜ୍ୟୋତିଷ ଶାସ୍ତ୍ର, ଶୁଭ ଓ ଅଶୁଭର ଭବିଷ୍ୟତ ବାଣୀ ବିଷୟ ଉପରେ ଆଦୌ ସମୟ ନଷ୍ଟ ନକରି ଏଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ମନରୁ ପରିତ୍ୟାଗ କଲେ ମନ ସଂଯମ ହୁଏ। ମନକୁ ସଂଯତ ପୂର୍ବକ ସବୁ ସାଂସାରିକ ଆକର୍ଷଣୀୟ ଉପଭୋଗରୁ ନିବୃତ୍ତ ରହି ମନକୁ ଶାନ୍ତ କର । ପ୍ରଜାପତି ଯେପରି ଫୁଲକୁ କ୍ଷତ ବିକ୍ଷତ ନକରି ଏବଂ ବାସ୍ନାକୁ ସମ୍ପୂର୍ଣ୍ଣ ଅପହରଣ ନକରି ଫୁଲରୁ ଫୁଲକୁ ଉଡ଼ି ମଧୁପାନ କରେ, ଠିକ୍ ସେହିପରି ସର୍ବନିମ୍ନ ଆବଶ୍ୟକତା ଗ୍ରହଣକରି ଜୀବନ ଅତିବାହିତ କରିବା ଉଚିତ୍। ମନକୁ ଯେତେ ପାରୁଛ ଧ୍ୟାନସ୍ଥ କର ଏବଂ ସବୁବେଳେ ଶରୀର ସେବା ପରିବର୍ତ୍ତେ ମନର ସେବାରେ ନିଜକୁ ନିୟୋଜିତ କର। ଯେତେବେଳେ ସମସ୍ତ ପ୍ରକାର ବିବେକ ଦ୍ୱାରା ତୁମେ ପରିଚାଳିତ ହେବ ଏବଂ ଜ୍ଞାନାଲୋକିତ ହେବ ସେତେବେଳେ ତୁମେ ତୁମ ସାଧନା ବଳରେ ସିଦ୍ଧିପ୍ରାପ୍ତ କରିପାରିବ। ଯାହାର ଅନ୍ୟନାମ ମୋକ୍ଷ ବା ନିର୍ବାଣ ବୋଲି କୁହାଯାଏ। "ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା"ର ମନ୍ତ୍ର ଉଚ୍ଚାରଣ ସହିତ ସିଦ୍ଧାନ୍ତ ଓ ସାଧନାର ଆହୁଲାରେ ସିଦ୍ଧି ରୂପୀ ନାବକୁ ସଂସାର ରୂପକ ଅଗାଧ ଜଳରେ ନିର୍ଭୟରେ ଆଗକୁ ଆଗକୁ ଆଗେଇ ନେବାରେ ସମର୍ଥ୍ୟ ହେବ।




କାଳିଆପାଣି, (ଭାସ୍କର ନ୍ୟୁଜ୍): କାଳିଆପାଣି ଖଣି ଅଞ୍ଚଳର ଓଡିଶା ଖଣି ନିଗମ ଅଧିନ ଖଣି ସୁରକ୍ଷାରେ ନିୟୁକ୍ତ ଥିବା ଓଡିଶା ଇଣ୍ଡଷ୍ଟ୍ରିଆଲ ଫୋର୍ସ କାଳିଆପାଣି ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଟାଉନସିପସ୍ଥିତ ଓ ଆଇଏସଏଫର ବାରାକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରେଡ୍‌କ୍ରସ ବ୍ଲଡ଼ବ୍ୟାଙ୍କ, ମୁଖ୍ୟ ଡ.ହିମାଂଶୁ ଶେଖର ବେହେରା ଓ ଓଆଇଏସଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କିରଣ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଫିତା କାଟି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ କଷ ରେଡ କ୍ରସ ବ୍ଲଡ ସେଣ୍ଟର କଟକର ମୁଖ୍ୟ ଡ. ହିମାଂଶୁ ଶେଖର ବେହେରାଙ୍କ ନେତୃତ୍ୱରେ ମେଡିକେଲର ବିକ୍ରମ ପରିଡା, ଲ୍ୟାବ ଟେକନିସିଆନ ସୋମ୍ୟ ରଞ୍ଜନ ସାହୁ, ଗୋବିନ୍ଦ ଚନ୍ଦ୍ର ମହନ୍ତ, ଲ୍ୟାବ ଆଟେଣ୍ଡାଣ୍ଟ ଶିଶିର କୁମାର ଦାସ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସମୁଦାୟ ୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ଓ ଆଇଏସଏଫର ସୁରକ୍ଷା ବାହିନୀ ଜବାନମାନେ ରକ୍ତଦାନ କରିଥିଲେ। ରକ୍ତ ପାଇଁ କାହାର ଜୀବନ ନଯାଉ ବୋଲି ରକ୍ତଦାନ କରିଥିବା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପ୍ରକାଶ କରିଥିଲେ। ଏହି ଶିବିରକୁ ଇନ୍‌ସପେକ୍ଟର ଶିବନାରାୟଣ ଷଡ଼ଙ୍ଗୀ, ଏସଏକେସାହୁ, ଏସ ରାଉଳ, ହାବିଲଦାର ନିହାର ସାହୁ, ପିକେ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନିଜେ ରକ୍ତଦାନ କରିବା ସହିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ସରପଞ୍ଚଙ୍କ ମନମାନୀ

# ମୋଟା ଅଙ୍କର ନେଇ ଚାଲିଛି ପାଣି ବିକ୍ରି

ରାଜନଗର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଜନସାଧାରଣଙ୍କ ତୃଷା ଓ ଜଳ ସଙ୍କଟରୁ ରକ୍ଷା ପାଇବା ପାଇଁ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ବୋରିଂ ଓ ଓଭରହେଡ ଟ୍ୟାଙ୍କ କରାଯାଇ ସ୍ଥାନେସ୍ଥାନେ ଷ୍ଟାଣ୍ଡପୋଷ୍ଟ କରାଯାଇଛି। ସେହି ଷ୍ଟାଣ୍ଡ ପୋଷ୍ଟରୁ ସର୍ବସାଧାରଣ ଓ ସାହି ବାସିନ୍ଦା ଘରକୁ ସୁବିଧାରେ ପାଣି ନେଇପାରନ୍ତି। ଏହି ଉଦ୍ଦେଶ୍ୟରେ ସରକାର ୪୦ ଏଲ୍‌ପିସିରେ ପାଣି ଯୋଗାଣ ହେଉଛି। ମାତ୍ର ଏଥିରେ ସରପଞ୍ଚଙ୍କ ଅର୍ଥଖୋର ନିତି ଯୋଗୁ ଷ୍ଟାଣ୍ଡ ପୋଷ୍ଟକୁ ପାଣି ନଆସି ମୋଟା ଅଙ୍କ କାରବାରରେ ବାଟରୁ ମଟର ଲଗାଇ ବିଲ୍ଡିଂ ଓ ଚାଷ, ଜଳଖିଆ ଦୋକାନ, ହୋଟେଲ, ଏପରିକି ୩୦୦/୪୦୦ମିଟର ପର୍ଯ୍ୟନ୍ତ ପୂର୍ତ୍ତ ଓ ସିସି ରାସ୍ତା ଫଟାଇ ଘରମାନଙ୍କୁ ପାଣି ନେଇ ବ୍ୟବହାର କରୁଥିବାରୁ ଜଳ ସଙ୍କଟ ଦେଖା ଦେଉଛି। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦର ପଞ୍ଚାୟତ ସମେତ ମହିଁସାସୁର ପଞ୍ଚାୟତରେ। ଏହି ସବୁ ପଞ୍ଚାୟତରେ ଜଡଝଝ ଦ୍ୱାରା ୪୦ ଖଟଉରେ ପାଣି ଯୋଗାଣ ଷ୍ଟାଣ୍ଡ ପୋଷ୍ଟ ପର୍ଯ୍ୟନ୍ତ କରାଯାଇଛି। ଏହାର ରକ୍ଷଣାବେକ୍ଷଣ ପାଇଁ ଗ୍ରାମପଞ୍ଚାୟତକୁ ଅନୁଦାନ ଦିଆଯାଇ ହସ୍ତାନ୍ତର କରାଯାଇଛି। ମାତ୍ର ଷ୍ଟାଣ୍ଡପୋଷ୍ଟ ଛଡା ଘର ତଥା ଅନ୍ୟ କୌଣସି ସ୍ଥାନକୁ ଏହି ପାଇପରୁ ବାଇପାସ୍ ହୋଇ କନେକ୍ସନ ଯାଇପାରିବ ନାହିଁ ବୋଲି ସରକାରଙ୍କ ନିର୍ଦ୍ଦେଶା ନାମ ଅଛି। ଏପରି ହେବାଦ୍ୱାରା ଷ୍ଟାଣ୍ଡପୋଷ୍ଟକୁ ପାଣି ଆସିପାରୁନାହିଁ ବାଟରେ ମଟର ଦ୍ୱାରା ପାଣି ଟଣାଯାଉଛି। ମହିଁସାସୁର ପଞ୍ଚାୟତର ମହିଁସାସୁର ଠାରୁ ରାଜନଗର ଷ୍ଟେଟବ୍ୟାଙ୍କ ପର୍ଯ୍ୟନ୍ତ ଗୋଟିଏ ହେଲେ ଷ୍ଟାଣ୍ଡପୋଷ୍ଟକୁ ପାଣି ଆସୁନଥିବା ଅଭିଯୋଗ ହେଉଛି, ବ୍ୟାଙ୍କ ଏବଂ ରାଜନଗରର ବିଭିନ୍ନ ଅଫିସକୁ ଆସୁଥିବା ଜନସାଧାରଣ ଷ୍ଟାଣ୍ଡପୋଷ୍ଟରେ ପିଇବାକୁ ପାଣି ପାଉ ନାହାଁନ୍ତି, ତାର ଏକମାତ୍ର କାରଣ ସରପଞ୍ଚଙ୍କ ସଲାସୁତରାରେ ରାସ୍ତା କଡରେ ଯେତେ ଘର ନିର୍ମାଣ ହେଲା ଏବଂ ସେହି ଘରେ ଆଜି ପର୍ଯ୍ୟନ୍ତ ମଟର ଲଗାଇ ବାଇପାସ କରି ପାଣି କାରବାର କରାଯାଉଛି। ଏପରିକି କେଁଉଠି ପୂର୍ତ୍ତ ବିଭାଗ ରାସ୍ତାଫଟାଇ ବାଇପାସ୍ କରି ପାଣି କନେକ୍ସନ ନେଇ ମଟର ପକାଇ ପାଣି ଟଣା ଆଉଥିବା ବେଳେ ଗରୀବ ଲୋକଟି ପାଣି ନେବାକୁ ଡହଳ ବିକଳ ହେଉଥିଲେ ମଧ ସିମେଣ୍ଟ ଖୁଣ୍ଟ ଓ ନନ୍ଦ ତିଆରି କାରଖାନାକୁ ବାଇପାସ କରି ସରପଞ୍ଚଙ୍କ ଜଣାତରେ ପାଣି କନେକ୍ସନ ନିଆଯାଇଛି। କିନ୍ତୁ ଗରିବଙ୍କୁ ପାଣି ଯୋଗାଇବା ସୁଧାକୁ ସ୍ୱାର୍ଥ ଲୋଭି ସରପଞ୍ଚଙ୍କ ହୃଦୟ ନିଷ୍ଠୁର ହେଉଥିବା ଅଭିଯୋଗ ହେଉଛି। ଅପର ପକ୍ଷରେ ଦ୍ୱୀପତଳ ଅନ୍ଧାର ରାଜନଗର ଗ୍ରାମ ପଞ୍ଚାୟତ। ଏହା ବ୍ଲକ, ତହସିଲ, ଥାନା, ଓ ବିଭିନ୍ନ ଲାଇନ୍ ବିଭାଗର ସଦର ମହକୁମା ହୋଇଥିଲେ ମଧ ଏଠାରେ ସରପଞ୍ଚଙ୍କ ବଦଳରେ ପଞ୍ଚାୟତର ମାମଲତି କରନ୍ତି ତାଙ୍କ ସ୍ୱାମି, କେଉଁଠି ଅଳ୍ପ ଦାମର ଲାଇଟି ଲଗାଇ ଅଧିକ ବିଲ୍ କରିବା, ଲାଭଦାୟକ କାର୍ଯ୍ୟ କରିବା ସହ ପାଣି ପାଇପ୍ କନେକ୍ସନରୁ ବାଇପାସ୍ କରି ଅର୍ଥ ନେଇ ଘରକୁ, ଦୋକାନକୁ, ଘରନିର୍ମାଣ, ବଗିଚା ଆଦିକୁ ଯୋଗାଇ ଦେବା ନିୟମ ନାହିଁ। କିନ୍ତୁ ପ୍ରକ୍ସି ସରପଞ୍ଚ ବହୁତ ଯାଗାରେ ନିଜକୁ ସରପଞ୍ଚର ଆଖ୍ୟା ଦେଇ ବହୁ କାର୍ଯ୍ୟ ହାସଲ କରୁଛନ୍ତି। ହେଲେ ଶେଷ ରବିବାର ରାତିରେ ବଜାର ବନ୍ଦ ହେବା ସୁଯୋଗ ନେଇ ଦର୍ପ ଲେଙ୍କାଙ୍କ ପରିବା ଦୋକାନ ପାଖରେ ଯାଇଥିବା ପାଣି ପାଇପ୍‌କୁ ବାଇପାସ୍ କରି ନଦୀ କୂଳେ କୂଳେ ପ୍ରାୟ ୫୦୦ମିଟର ଦୂର ସେଠାରେ ମଧ କାର୍ଯ୍ୟକ୍ଷମ ନଳକୂପ ଅଛି। ତଥାପି ଏତେ ଦୂରରୁ ବାଇପାସ କରି ଦୋକାନୀ ତାଙ୍କର ସୁବିଧା ପାଇଁ ମଟର ଲଗାଇ ପାଣି ନେଉଛନ୍ତି। ଏହା ଜାଣି ସରପଞ୍ଚଙ୍କ ସ୍ୱାମି ପାଇପ୍ ଯୋଡ଼ିବା ବନ୍ଦ କରିଥିଲେ। ଯେତେବେଳେ ୧୦୦୦ଟଙ୍କା ମିଳିଗଲା ପ୍ରକ୍ସି ସରପଞ୍ଚ ଅନୁମତି ଦେଇଦେଲେ। ଏହା ଦେଖି ଆମ ପ୍ରତିନିଧି ସରପଞ୍ଚ ସ୍ୱାମିଙ୍କୁ ପଚାରିବାରୁ ଉତ୍ତରରେ କହିଥିଲେ ମୁଁ ଏକ ହଜାର ଟଙ୍କା ଫାଇନ ଆଣିଛି। ଏଠାରେ ପ୍ରଶ୍ନ ଉଠୁଛି ଏଠାରେ କଣ ସରପଞ୍ଚଙ୍କ ସ୍ୱାମି ପାଣି ବେପାର କରୁଛନ୍ତି କି? ଯଦି ହଁ ତେବେ ବାଇପାସ କରି ଲୁକାୟିତ ବେନୀୟମ ପାଣି ନେବା ବାବଦକୁ କେତେ ଲକ୍ଷ ଫାଇନ୍ ଟଙ୍କା ପଞ୍ଚାୟତରେ ଜମା ହୋଇଛି ତାହା ସର୍ବସାଧାରଣରେ ଜଣାଇପାରିବେ କି ବୋଲି ସାଧାରଣରେ ଦାବୀ ହେଉଛି। ପ୍ରତ୍ୟେକ୍ଷ ଭାବେ ମୁଖ୍ୟ ପାଇପରୁ କନେକ୍ସନ ନେବାକୁ ହେଲେ ଆର୍.ଡବ୍ଲୁ.ଏସ୍.ଏସ୍ ବିଭାଗର ଅନୁମତି ଆଣିବା କଥା। କିନ୍ତୁ ୪୦ଏଲପିସି ପାଣି ଯୋଗାଣରେ ଅନ୍ୟ ସ୍ଥାନକୁ କନେକ୍ସନ ହୋଇପାରିବ ନାହିଁ। ତା'ହେଲେ ପଞ୍ଚାୟତର ସରପଞ୍ଚ କାହିଁକି ବେନୀୟମ କାର୍ଯ୍ୟକୁ ସମର୍ଥନ କରି ରୋକ୍ ଲଗାଇ ନାହାଁନ୍ତି। ଅପରପକ୍ଷରେ ଲୋକଙ୍କ ଚାହିଦା ଅନୁଯାଇ ପଞ୍ଚାୟତ ଅଧିକ ଏଲପିସି ମାଧ୍ୟମରେ ଘରକୁଘର ଟ୍ୟାପ୍ କାଟି ପାଣି ଯୋଗାଉ ନାହିଁ କାହିଁକି ? ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବେନୀୟମ କାର୍ଯ୍ୟକୁ ବନ୍ଦ କରି ପ୍ରତ୍ୟେକ ଷ୍ଟାଣ୍ଡପୋଷ୍ଟକୁ ପାଣି ଆସିବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



## କୃଷକ ସମାଜ ତରଫରୁ ଅକ୍ଷୟ ତୃତୀୟା ପାଳିତ



ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ କୃଷକ ସମାଜ ତରଫରୁ କୃଷିର ଆଦ୍ୟ ପର୍ବ ଅକ୍ଷୟ ତୃତୀୟା ମହା ସମାରୋହରେ ପାଳିତ ହୋଇଯାଇଛି। ପାଲାମହଲ ସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ହଳ ଲଙ୍ଗଳ ଓ ଟ୍ରାକ୍ଟର ଶୋଭାଯାତ୍ରାରେ କୃଷକମାନେ ସହର ପରିକ୍ରମା କରି ହିଙ୍ଗୁଳା ପୀଠରେ ପହଞ୍ଚି ଥିଲେ। କୃଷକ ସମାଜ ସଭାପତି ବାସୁଦେବ ଗୁରୁ ମା' ହିଙ୍ଗୁଳାଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ଅଖିମୁଠି ଅନୁକୂଳ କରାଯାଇଥିଲା। ପରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ କହିଥିଲେ ଯେ କୃଷି ହେଉଛି ଓଡ଼ିଶାର ମେରୁଦଣ୍ଡ। ଏହା ଆମ ସଂସ୍କୃତି ଓ ପ୍ରକୃତିର ଅବିଚ୍ଛେଦ୍ୟ ଅଙ୍ଗ। କୃଷି ପ୍ରତି ସରକାର ପ୍ରାଥମିକତା ଦେଉଛନ୍ତି ଓ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଯୋଗୁଁ କୃଷି ଏବେ ଲାଭଜନକ ବୃତ୍ତି ହୋଇପାରୁଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଏଲଏ ସଂସ୍ଥା ମୁଖ୍ୟ ସମିତ ତ୍ରିପାଠୀ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଇ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ହେବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ କହିଥିଲେ ଯେ, କୃଷି ହେଉଛି ଆମ ଜୀବନ ଓ ବିକାଶର ମାନଦଣ୍ଡ। କୃଷିଭିତ୍ତିକ କାର୍ଯ୍ୟ ଓ କୃଷକମାନଙ୍କ ଉନ୍ନତିରେ ଦେଶର ଉନ୍ନତି ବୋଲି ମତବ୍ୟକ୍ତ କରିଥିଲେ। ମାନକେତନ ସାହୁ, ଅର୍ଜୁନ ପୃଷ୍ଟି,ଚୈତନ୍ୟ ବେହେରା,ଶେଷଦେବ ବେହେରା,ସଦାନନ୍ଦ ପୃଷ୍ଟି,ଜଗବନ୍ଧୁ ପୃଷ୍ଟି,ଭବାନୀ ଶଙ୍କର ବେହେରା ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ। ଉପଦେଷ୍ଟା ଦିଲ୍ଲୀପ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଚାଷୀଭାଇ ମାନେ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଅନୁଷ୍ଠିତ କୃଷି ଯନ୍ତ୍ରପାତି ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଉନ୍ନତ ଜ୍ଞାନକୌଶଳ ସମ୍ପର୍କରେ ପରାମର୍ଶ ଗ୍ରହଣ କରିଥିଲେ।

## ଅକ୍ଷି ତୃତୀୟାରେ ଚାଷୀଙ୍କର ମୁଠି ଅନୁକୂଳ

କଣାସ, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଆଜି ଚାଷୀମାନଙ୍କର ଚଳିତ ବର୍ଷ ଫସଲ ପାଇଁ ପୂଜା ଅର୍ଚ୍ଚନା କରାଯାଉଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ପୁରୁ ପଲ୍ଲୀରେ ଚାଷୀମାନଙ୍କ ପକ୍ଷରୁ ଚଳିତ ବର୍ଷ ଭଲ ଧାନ ଫସଲ ହେବା ପାଇଁ ଧରିତ୍ରୀ ମାତା ପୂଜା ଅର୍ଚ୍ଚନା କରୁଥିବା ଦେଖିବାକୁ ମିଳୁଥିଲା। ପ୍ରତି ପରିବାର ମୁରବୀମାନେ ପ୍ରଭାତରୁ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ କରି ବେତେ ଟୋକେଇ ଓ ନୌଡିରେ ଶ୍ରୀମହାପ୍ରସାଦ, ଫୁଲ, ଚନ୍ଦନ, ଧୂପଦୀପ, ନଡ଼ିଆ ବିଭିନ୍ନପ୍ରକାରର ଭୋଗ, ଧାନବିହନ ଧରି ନିଜନିଜ ଜମିକୁ ଯାଇ ଚଳିତବର୍ଷ ଭଲ ଧାନ ଫସଲ ହେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରି ଧରିତ୍ରୀ ମାତାଙ୍କୁ ପୂଜାର୍ଚ୍ଚନା କରିସାରି ଧୂପଦୀପ ପ୍ରଦାନ କରି ଧାନ ବିହିନ ଅନୁକୂଳ କରି ଘରକୁ ଫେରିଥିଲେ। ଅକ୍ଷି ତୃତୀୟା ଅତ୍ୟନ୍ତ ଶୁଭଦିନ ହୋଇଥିବାରୁ ଆଜି ବିଭିନ୍ନ ଗ୍ରାମରେ ଅନେକ ପରିବାର ନୂତନ ଗୃହ ନିର୍ମାଣ ପାଇଁ ପୂଜା ଅର୍ଚ୍ଚନା କରିବା ଓ କରିଥିବା ନୂତନ ଗୃହ ପୂଜାଅର୍ଚ୍ଚନା କରି ଗୃହ ପ୍ରବେଶ କରିଥିବା ଦେଖିବାକୁ ମିଳିଥିଲା।

# ଡାକବାଜି ଯନ୍ତ୍ର ପ୍ରଚାରରେ କାର୍ଯ୍ୟ ସୀମିତ

# ନିମାପଡ଼ା ପରିଷଦ ଅଞ୍ଚଳ ଆବର୍ଜନାପୂର୍ଣ୍ଣ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବ୍ୟାପକ ଦୁର୍ନୀତି ପରିଲକ୍ଷିତ ହୋଇଥିବା ବେଳେ ଆବର୍ଜନାରେ ପରିପୂର୍ଣ୍ଣ ପରିଷଦ ଅଞ୍ଚଳ। ଲୋକ ଦେଖାଣିଆ ଭାବେ ଓଦା ଅଳିଆ ଓ ଶୁଖିଲା ଅଳିଆ ସଂଗ୍ରହ କରାଯାଉଛି ବୋଲି ପରିଷଦ ପକ୍ଷରୁ ଗାଡ଼ି ବୁଲୁଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରୁଛି। ମାତ୍ର ମୁଖ୍ୟ ରାସ୍ତା ଦେଇ ଏହି ପ୍ରଚାର ଗାଡ଼ି ଯାଉଥିବା ବେଳେ ସେପରି ଅଳିଆ ସଂଗ୍ରହ କରିବା ନଜରକୁ ଆସୁ ନାହିଁ ବୋଲି ଅନେକ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି। ପରିଷଦର କଟକଣା କୋହଳ କାରଣରୁ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ରାସ୍ତାରେ ଗଦା ହୋଇପଡୁଛି ଅଇଁଠା ଖଲି ପତ୍ର। ଏଠାରେ ଜୀବାଣୁ ବଂଶବିସ୍ତାର କରି ଚାଲିଛନ୍ତି। ନିମାପଡ଼ା ସହରର ମଧ ଭାଗରେ ମୁଖ୍ୟ କେନାଲ ଯାଇଥିବା ବେଳେ କେତେକ ହୋଟେଲ ଚଳାଉଥିବା ବ୍ୟକ୍ତି ବିନା ଫୁଡ୍ ଲାଇସେନ୍ସରେ ହୋଟେଲ ଚଳାଉଥିବା ବେଳେ ସେମାନଙ୍କ ପାଇଁ କେନାଲ ପାଲଟିଛି ଡଷ୍ଟବିନ୍। ପ୍ରତ୍ୟେକ ଦିନ ଆବର୍ଜନା ନାଳ ଭିତରକୁ ଫିଙ୍ଗାଯାଉଥିବା ବେଳେ ଏ ସଂପର୍କରେ ପରିଷଦ ପକ୍ଷରୁ କୌଣସି କଟକଣା ଲାଗୁ କରାଯାଇ ନାହିଁ। ପ୍ରିୟାପ୍ରୀତିରେ କର୍ମଚାରୀ ଚଳାଇଛନ୍ତି କାର୍ଯ୍ୟ। ଯାହାକୁ ନେଇ ପରିଷଦର ସ୍ୱଚ୍ଛତା ପ୍ରତି ଲୋକମାନେ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଭିନ୍ନ କାର୍ଯ୍ୟ ନିମ୍ନମାନର କରାଯାଉଥିବା ବେଳେ ଏହାକୁ ଅଧିକାରୀ ସମେତ କର୍ମଚାରୀମାନେ ଘଂଟ ଘୋଡ଼ାଇ ରଖିଛନ୍ତି। କେତେକ କୁଜି ନେତାଙ୍କ ମର୍ଜିରେ ପରିଷଦ ଚାଲୁଥିବା ବାରି ହୋଇପଡ଼ିଛି। ମୁକ୍ତା ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ସଠିକ୍ କାର୍ଯ୍ୟକାରୀ ହୋଇପାରି ନାହିଁ। ପ୍ରତ୍ୟେକ ୱାର୍ଡ଼ରେ ସମସ୍ୟା ଲାଗି ରହିଛି। ଆବଶ୍ୟକ ସ୍ଥାନରେ ଆଲୋକୀକରଣ କରାଯାଉ ନଥିବା ବେଳେ ଅନାବଶ୍ୟକ ସ୍ଥାନରେ ଆଲୋକୀକରଣ କରାଯାଇଛି। ବାରମ୍ବାର ଜନସାଧାରଣ ପରିଷଦ ନିକଟରେ ଦାବୀ କରୁଥିଲେ ମ୍ଭ ପରିଷଦ ଏଥିପ୍ରତି ନଜର ଦେଉ ନାହିଁ। ଅଳିଆ ସଂଗ୍ରହ କରିବା ଏକ ପ୍ରହସନରେ ପରିଣତ ହୋଇଛି। ରଥ ମାର୍କେଟ ଠାରୁ ଆରମ୍ଭ କରି ମାଛ ମାର୍କେଟ, ରାଜା ମାର୍କେଟ୍, ବିଭିନ୍ନ ମାର୍କେଟ୍‌ରେ ଗଦା ଗଦା ଅଳିଆ ଜମା ହୋଇ ରହିଛି। ଡ୍ରେନେଜ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିବା ବେଳେ ଡ୍ରେନେଜ ପାଲଟିଛି ଅଳିଆ ଗଦା। ଦୀର୍ଘଦିନ ହେବ ଏହି ସମସ୍ୟା ରହିଥିବା ବେଳେ କ'ଣ ପାଇଁ ପରିଷଦ ଏଥିପ୍ରତି ଦୃଷ୍ଟି ଦେଉ ନାହିଁ ତାହା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଶନିମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ

ଭୁବନ, (ଭାସ୍କର ନ୍ୟୁଜ୍): ଭୁବନର ଆରାଧ୍ୟ ଦେବତା ବାବା ବୁଦ୍ଧେଶ୍ୱରଙ୍କ ପୀଠରେ ଗ୍ରହରାଜ ଶନିଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମନ୍ଦିର ପରିଚାଳନା କମିଟି ସଭାପତି ନରହରି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ଅତିଥି ଭାବେ ଯୋଗଦେଇ ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନି ମଧ୍ୟରେ ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିରେ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସମେତ ବହୁ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇଥିଲେ। ନୂତନ ଶନିମନ୍ଦିର ନିର୍ମାଣରେ ହାରାହାରି ୨୫ଲକ୍ଷ ଟଙ୍କା ଖର୍ଚ୍ଚହେବ। ଆସନ୍ତା ବର୍ଷ ଅକ୍ଷୟ ତୃତୀୟା ଦିନ ଶୁଭ ଉନ୍ମୋଚନ (ପ୍ରାଣ ପ୍ରତିଷ୍ଠା) କରାଯିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ଶ୍ରଦ୍ଧାଳୁ ଭକ୍ତ ତଥା ସମଗ୍ର ଭୁବନ ବାସୀ ମୁକ୍ତ ହସ୍ତରେ ଦାନ କରିବାକୁ ନିବେଦନ କରାଯାଇଛି। ପ୍ରାରମ୍ଭରେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସହର ପରିକ୍ରମା କରି ବୁଦ୍ଧେଶ୍ୱର ପୀଠରେ ପହଞ୍ଚିଥିଲେ।

## ଉପ ଡାକମଣ୍ଡଳର ନୂତନ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟଙ୍କ ଦାୟିତ୍ୱ ଗ୍ରହଣ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଉପ ଡାକମଣ୍ଡଳର ନୂତନ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଭାବେ ମୋନାଲିସା ଦାସ ଯୋଗଦାନ କରିଛନ୍ତି। ପୂର୍ବରୁ ଦାସ ଭୁବନେଶ୍ୱର ମଣ୍ଡଳର ବର୍ହି ବିଭାଗର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଭାବେ କାର୍ଯ୍ୟରତ ଥିଲେ। ଦାସ ଜଗତସିଂହପୁର ଉପ ଡାକ ମଣ୍ଡଳର କାର୍ଯ୍ୟଭାର ଗ୍ରହଣ କରିବା ପରେ ପ୍ରଧାନ ଡାକଘରର ପ୍ରଧାନ ଡାକପାଳ ମିହିର କୁମାର ରାମ ଓ କାର୍ଯ୍ୟ କରୁଥିବା ସମସ୍ତ ଡାକକର୍ମଚାରୀ ସନ୍ତୋଷ ନାୟକ, ମଞ୍ଜୁଲତା ସିଂ, ରାକେଶ ବେହେରା, ନେପାଳ ଶବର, ତପନ ଦାସ, ପାରସନାଥ ଦଳେଇ, ଉପମଣ୍ଡଳର ଓଭରସିଅର ପ୍ରିତମ ଦାସ ଓ ପୁରୁଷୋତ୍ତମ ସାସମଲଙ୍କ ସମେତ ସମସ୍ତ ଡାକ କର୍ମଚାରୀମାନେ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଦାସଙ୍କୁ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ଜଗତସିଂହପୁର ଉପ ଡାକମଣ୍ଡଳର ନୂତନ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଭାବେ ମୋନାଲିସା ଦାସ ଯୋଗଦାନ କରିଛନ୍ତି। ପୂର୍ବରୁ ଦାସ ଭୁବନେଶ୍ୱର ମଣ୍ଡଳର ବର୍ହି ବିଭାଗର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଭାବେ କାର୍ଯ୍ୟରତଥିଲେ। ଦାସ ଜଗତସିଂହପୁର ଉପ ଡାକ ମଣ୍ଡଳର କାର୍ଯ୍ୟଭାର ଗ୍ରହଣ କରିବା ପରେ ପ୍ରଧାନ ଡାକଘରର ପ୍ରଧାନ ଡାକପାଳ ମିହିର କୁମାର ରାମ ଓ କାର୍ଯ୍ୟ କରୁଥିବା ସମସ୍ତ ଡାକକର୍ମଚାରୀ ସନ୍ତୋଷ ନାୟକ, ମଞ୍ଜୁଲତା ସିଂ, ରାକେଶ ବେହେରା, ନେପାଳ ଶବର, ତପନ ଦାସ, ପାରସନାଥ ଦଳେଇ, ଉପମଣ୍ଡଳର ଓଭରସିଅର ପ୍ରିତମ ଦାସ ଓ ପୁରୁଷୋତ୍ତମ ସାସମଲଙ୍କ ସମେତ ସମସ୍ତ ଡାକ କର୍ମଚାରୀମାନେ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଦାସଙ୍କୁ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଶିକ୍ଷାର ପ୍ରୋତ୍ସାହନ କାର୍ଯ୍ୟକ୍ରମ



ପାରାଦୀପ, (ଭାସ୍କର ନ୍ୟୁଜ୍): ଶିକ୍ଷାରେ ଉତ୍କୃଷ୍ଟତାକୁ ଉତ୍ସାହିତ କରିବା ପାଇଁ ଡ. ବିଭୁତି ରଞ୍ଜନ ତ୍ରିପାଠୀ ଓ ଇଂ.ବିଶ୍ୱ ଦୀପକତ୍ରିପାଠୀଙ୍କ ସ୍ମୃତିରେ ପ୍ରତିଷ୍ଠିତ ଜଗନ୍ନାଥ ଏଜୁକେସନାଲ ଆଣ୍ଡ ସୋସିଆଲ ସର୍ଭିସ୍ ୱେଲଫେୟାର ଟ୍ରଷ୍ଟ ଓ କିଡ୍ସ ଅଲିମ୍ପିୟାଡ଼ ମିଳିତ ଆନୁକୂଲ୍ୟରେ ଏକ ଓଲିମ୍ପିଆଡ୍ ପରୀକ୍ଷା ପାରାଦୀପର ଡିଅରପାର୍କ ଠାରେ ଆୟୋଜିତ ହୋଇଯାଇଛି। ଏହି ପରୀକ୍ଷାରେ ପ୍ରାୟ ୯୦ ଜଣ ଉତ୍ସାହିତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ, ଯେଉଁମାନେ ନିଜର ଜ୍ଞାନପ୍ରତି ଉତ୍ସୁକତା ଓ ଶିକ୍ଷା ପ୍ରତି ନିଷ୍ଠା ପ୍ରଦର୍ଶନ କରିଥିଲେ। ଏହି ପ୍ରୟାସର ଲକ୍ଷ୍ୟ ଥିଲା ଆଲୋଚନାଶୀଳ ଚିନ୍ତାଧାରା, ସ୍ୱସ୍ଥ ପ୍ରତିସ୍ପର୍ଦ୍ଧା ଶିକ୍ଷା ପାଇଁ ଦୀର୍ଘକାଳୀନ ଆଗ୍ରହ ସୃଷ୍ଟି କରିବା। ଓଲିମ୍ପିଆଡ୍ ପରୀକ୍ଷା ଓ ପୁରସ୍କାର ବିତରଣ ଅନୁଷ୍ଠାନର ସଫଳ ଆୟୋଜନରେ ଟ୍ରଷ୍ଟ ସଦସ୍ୟ ଓ ସଦସ୍ୟା ଅରୁନ୍ଧତି ନନ୍ଦା, ରାଧା ରାଣୀ ଶତପଥୀ, ସୁନିତା ଦାଶ, ମମତାମୟୀ ସାମନ୍ତରାୟ, ସୌଦାମିନୀ ରାଣା, ପ୍ରଦୀପ କୁମାର ଗୋଚ୍ଛାୟତ ଓ ଯୁଗ୍ମ ସମ୍ପାଦିକା ସର୍ମିଷ୍ଠା ନାୟକଙ୍କ ସକ୍ରିୟା ସହଯୋଗ ରହିଥିଲା। ଟ୍ରଷ୍ଟର କୋଷାଧ୍ୟକ୍ଷା ଡ. ସଞ୍ଜୁକ୍ତା ଦାଶ ଓ ସମ୍ପାଦିକା ଜ୍ୟୋଷ୍ଣା ଦାଶ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀ ଦାଶ ଓ ଦୀପକ ଷଡଙ୍ଗୀ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଆୟୋଜକମାନଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ଟ୍ରଷ୍ଟ ଦ୍ୱାରା "ଶିଶୁ ମନୋବିଜ୍ଞାନ ଓ କିଶୋର ବିକାଶ" ବିଷୟରେ ଏକ ୱେବିନାର ଆୟୋଜିତ ହୋଇଥିଲା, ଯେଉଁଥିରେ ଅଭିଭାବକ ଓ ଶିକ୍ଷକମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନକୁ ସମ୍ପାଦନା କରିଥିଲେ ଡ. ମୋନାଲିସା ମିଶ୍ର, ଉପ ନିର୍ଦ୍ଦେଶକ, ଡିରେକ୍ଟର, କମ୍ୟୁନିକେସନ୍ ଏଣ୍ଡ ପି.ଆର, ଆରସିଏମ୍। ଟ୍ରଷ୍ଟର ଅଧ୍ୟକ୍ଷ ଡ.ଆଦିତ୍ୟ ଗୌରବ ତ୍ରିପାଠୀ କହିଥିଲେ ଯେ "ଶିକ୍ଷା ବ୍ୟକ୍ତିଗତ ଉନ୍ନତିକୁ ସଶକ୍ତ କରେ ଏବଂ ଶକ୍ତିଶାଳୀ ସମୁଦାୟ ଗଠନ କରେ ଓ ଏହା ଏକ ଉତ୍ତମ ଭବିଷ୍ୟତର ଭିତ୍ତିଭୂମି"।

# କଂଗ୍ରେସର ଉପଖଣ୍ଡ ସ୍ତରୀୟ କର୍ମୀ ସମ୍ମିଳନୀ




ଧର୍ମଗଡ (ଭାସ୍କର ନ୍ୟୁଜ): ଧର୍ମଗଡ ବ୍ଲକ ଅନ୍ତର୍ଗତ ସନ୍ଧି କୁଲିହାରି ମହାଭାରତ ପଡ଼ିଆ ଠାରେ ଉପଖଣ୍ଡ ସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ସଭାପତି ପ୍ରେମ ଲାଲ ସାଗରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେମୁଖ୍ୟ ଅତିଥି ଭାବେ ପିସିସି ସଭାପତି ଭକ୍ତଚରଣ ଦାସ ଯୋଗ ଦେଇଥିଲେ। ରାଜ୍ୟରେ ନାରୀ ନିର୍ଯାତନା, ଚାଷୀ ସମସ୍ୟା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ସେ ମୋହନ ସରକାରଙ୍କୁ ଟାର୍ଗେଟ କରିଥିଲେ। ଲୋକଙ୍କ ହକ ପାଇଁ ପ୍ରତି ବ୍ଲକ, ପଞ୍ଚାୟତ ଓ ଗାଁ ଗାଁ' ରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିବା ସହ ଏଥିପାଇଁ କର୍ମୀଙ୍କୁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ଭାରତ ବେମାଲ, ପଡ଼ୋଶୀ ଛତିଶଗଡ଼ ରାଜ୍ୟ ବିନ୍ଦ୍ରା ନବାଗଡ ବିଧାୟକ ଜନକ ରାମ ଦୁରୁକ୍, କଳାହାଣ୍ଡି ଜିଲ୍ଲା ପ୍ରଭାରୀ ମନୋରଞ୍ଜନ ତ୍ରିପାଠୀ, ଜିଲ୍ଲା କୃଷକ ସେଲ ସଭାପତି ତୁଳେଶ୍ୱର ନାଏକ, ରାଜ୍ୟ ଯୁବ ସମ୍ପାଦକ ବେଣୁ ଦୂର୍ଗା, ସାଂସଦ ପ୍ରାର୍ଥି ଦ୍ରୌପଦୀ ମାଝୀ, ରାଜ୍ୟ ସମ୍ପାଦିକା ମାଣିକ୍ୟ ସୁନା, ଜିଲ୍ଲା ଉପ ସଭାନେତ୍ରୀ ଜ୍ୟୋସ୍ନା ବରର୍ଡ଼ି, କୋକସରା ବ୍ଲକ ସଭାପତି ଲିଙ୍ଗରାଜ ବେହେରା ଯାଦବ, ଜୁନାଗଡ ବ୍ଲକ ସଭାପତି ପରମେଶ୍ୱର ମତେଲ, କଲମପୁର ବ୍ଲକ ସଭାପତି ବିପିନ ବିହାରୀ ପ୍ରଧାନୀ ପ୍ରମୁଖ ମଞ୍ଚାସିନ ଥିଲେ। ଧର୍ମଗଡ ଉପଖଣ୍ଡ ଅନ୍ତର୍ଗତ ୬ ଟି ବ୍ଲକ ଅଞ୍ଚଳରୁ ବହୁସଂଖ୍ୟାରେ କାର୍ଯ୍ୟକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ଭକ୍ତଦାସ ପିସିସି ସଭାପତି ଦାୟିତ୍ୱ ନେବାପରେ କଳାହାଣ୍ଡି ଜିଲ୍ଲାରେ କଂଗ୍ରେସ ସକ୍ରିୟ ହୋଇଉଠିଛି। କର୍ମୀ ନେତାଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବା ବେଳେ ଏବେଠୁ ଦଳ ସଜାଡ଼ିବାରେ ଲାଗି ପଡିଛି।

## ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଗଲପୁର ଶ୍ରୀ ଶ୍ରୀ ଦକ୍ଷିଣେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ଅଖିତୃତୀୟା ଦିବସରୁ ୭ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଜୀବଜଗତକୁ ଦୁର୍ବିପାକରୁ ରକ୍ଷା କରିବା, ପରିବେଶକୁ ଭାବ ମୟ କରିବା, ସମାଜ ଓ ଶରୀରକୁ ସତ୍ ପଥରେ ଆଗେଇ ନବାର ଏକ ମାତ୍ର ମାଧ୍ୟମ ହେଉଛି ଯଜ୍ଞ। ଏହି ପବିତ୍ର ଶିବାଳୟରେ ଏକତ୍ରିତ ହୋଇ ଯଜ୍ଞଶ୍ୱର ନାରାୟଣଙ୍କୁ ପ୍ରାର୍ଥନା କରିବା ନିମନ୍ତେ ବାଗଲପୁର ଗ୍ରାମବାସୀଙ୍କ ପକ୍ଷରୁ ଭକ୍ତ ମାନଙ୍କୁ ଅନୁରୋଧ କରାଯାଇଛି। ଦୁଇଦିନ ଧରି ବ୍ରହ୍ମଗିରିର ମନୋରମା ବେହେରା ଓଡିଶୀ ନୃତ୍ୟ ପରିବେଷଣ କରିବେ। ୩-୬ ତାରିଖ ୪ ଦିନ ବ୍ୟାପି ସ୍ୱପ୍ନ ମହଲ ଯାତ୍ରା ପରିବେଷଣ କରିବେ। ପ୍ରତେକ ଦିନ ସନ୍ଧ୍ୟାରେ ହଜାର ହଜାର ଭକ୍ତମାନଙ୍କୁ ଆଖିଆଗରେ ରଖି ଦୁଇ ଶହରୁ ଊର୍ଦ୍ଧ୍ୱ ଦୋକାନବଜାର ପଡ଼ିଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ଓଲଟପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ଇଣ୍ଡିଗୋ-ଅଟୋ ଧକ୍କାରେ ୯ ଆହତ, ୨ ଗୁରୁତର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ-ଚାନ୍ଦବାଲି ରାସ୍ତାର କମାରିଆ ପଣ୍ଡାପୋଖରୀ ଛକ ନିକଟରେ ବୁଧବାର ଦିନ ୨ଟା ସମୟରେ ଏକ ଇଣ୍ଡିଗୋ କାର୍ ଅଟୋକୁ ପିଟିବା ଫଳରେ ଅଟୋ ଓ କାର୍‌ରେ ବସିଥିବା ୧୧ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଦିନ ୨ଟା ସମୟରେ ଏକ ଅଟୋ ନଂ ଓଡି୨୨-ଜି-୮୯୨୩କମାରିଆ ବଜାରୁ ଯାତ୍ରୀ ନେଇ ସିନ୍ଦୋଳ ପଞ୍ଚାୟତ ଅଧୀନ ନୂଆସାହି ଗ୍ରାମକୁ ଯାଉଥିଲା। ଏହି ସମୟରେ ପଣ୍ଡାପୋଖରୀ ଛକ ନିକଟରେ ଅଟୋଟି ରାସ୍ତା ପାରି ହେଉଥିବା ବେଳେ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିବା ଇଣ୍ଡିଗୋ ନଂ ଓଡି-ସିଜି-୮୦୮୧ ଅଟୋକୁ ପିଟିଥିଲା। ଫଳରେ ଅଟୋଟି ୩ଥର ଓଲଟି ରାସ୍ତାକଡ଼ରେ ପଡ଼ିଥିଲା। ଫଳରେ ଅଟୋରେ ଯାଉଥିବା ଚାନ୍ଦବାଲି ଥାନା ଘଟପୁର ପଞ୍ଚାୟତ ଅଧୀନ ହେଙ୍ଗୁପତି ମହାନ୍ତିସାହି ଗ୍ରାମର ପାର୍ବତୀ ଦାସ (୩୫), ନୂଆସାହି ଗ୍ରାମ ଜୟରାମ ମଳିକ (୩୬), ଉମାକାନ୍ତ ଦାସ (୨୬), ସବିତା ମଳିକ (୩୫), ଜ୍ୟୋସ୍ନା ମଳିକ (୧୨), ସୂର୍ଯ୍ୟ ମଳିକ (୪), ଗୋପବନ୍ଧୁ ଦାସ (୫୭), ଝରଣା ମଳିକ (୪୫), ସାହାପୁର ପଞ୍ଚାୟତ ଅଧୀନ କଣ୍ଡରଗଡ଼ିଆ ନୂଆଗାଁ ଗ୍ରାମର ଅହଲ୍ୟା ମଳିକ (୩୨) ଓ ଇଣ୍ଡିଗୋରେ ଥିବା ବାଂଶଡ଼ା ଥାନା ଅଧୀନ ନନ୍ଦିସାହି ଗ୍ରାମର ଶିବୁ ପରମାଣିକ, ଭଣ୍ଡାରିପୋଖରୀ ଥାନା ଅଧୀନ ବାରିକପୁର ନଗୁଆ ଡଗରପଡ଼ା ଗ୍ରାମର ଶ୍ୱାତି ଶୁଭରେଖା ମହାନ୍ତି (୩୩) ଆହତ ହୋଇଥିବା ଜଣା ପଡ଼ିଛି। ଖବର ପାଇ ସରପଞ୍ଚ ସୁପ୍ରଭା ପାଣି ତତକ୍ଷଣାତ୍ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ମାନଙ୍କୁ ଚିକିତ୍ସା ପାଇଁ ନିଜ ଗାଡ଼ି ଓ ଆମ୍ବୁଲାନ୍ସ ଯୋଗେ ତିହିଡ଼ି ଡାକ୍ତରଖାନାକୁ ପଠାଇଥିଲେ। ସେହିପରି ତିହିଡ଼ି ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ଘଟଣା ସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଚିକିତ୍ସା ପାଇଁ ପଠାଇବାରେ ସହଯୋଗ କରିଥିଲେ। ସେଠାରେ ଆହତ ମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଭଦ୍ରକ ପଠାଇ ଦିଆଯାଇଥିଲା। ଆହତଙ୍କ ମଧ୍ୟରୁ ପାର୍ବତୀ ଦାସ ଓ ଜୟରାମ ମଳିକ ଗୁରୁତର ଆହତ ହୋଇଥିବାରୁ ଭଦ୍ରକରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୀରହାଟ ପୁଲିସ ଏକ ମକଦ୍ଦମା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ୨ଟି ଗାଡ଼ିକୁ ଜବତ କରିବା ସହିତ ଇଣ୍ଡିଗୋ ଡ୍ରାଇଭରକୁ ଗିରଫ କରିଥିବା ଜଣା ପଡ଼ିଛି।



## ଅକ୍ଷୟ ତୃତୀୟା ପାଳିତ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ବିଭିନ୍ନ ପଞ୍ଚାୟତରେ ଅଖିମୁଠି ଅନୁକୂଳ ହୋଇଯାଇଛି। ଚାଷୀ ଭାଇମାନେ ବିଲରେ ଅଖିମୁଠି ଅନୁକୂଳ କରିବା ସହ ସୁନା ପୋତି ରଖିଥାନ୍ତି। ଯେପରି ଚଳିତବର୍ଷ ସୁନା ଫସଲ ଫଳିବା ପାଇଁ ଠାକୁରଙ୍କ ନିକଟରେ ଗୁହାରୀ କରିଥାନ୍ତି। ଏହା କୃଷକ ପରିବାର ପାଇଁ ପ୍ରଧାନପର୍ବ ହୋଇଥିବା ବେଳେ ଶୁଭ ବେଳ ଦେଖି ବିଲକୁ ଚାଷୀ ଭାଇମାନେ ହଳ କରି ବିହନ ବୁଣା ଅନୁକୂଳ କରିଥାନ୍ତି। ପ୍ରତ୍ୟେକ କୃଷକ ପରିବାରରେ ଏହା ଧୂମ୍‌ଧାମ୍‌ରେ ପାଳନ ହୋଇଥାଏ। ଶ୍ରୀମନ୍ଦିରରେ ମଧ ଏହି ଦିନଠାରୁ ରଥ ଅନୁକୂଳ କାର୍ଯ୍ୟ ଆରମ୍ଭ କରାଯାଇଥାଏ। ନିମାପଡ଼ା ଅଞ୍ଚଳର ସମସ୍ତ ଗ୍ରାମରେ ଥିବା କୃଷକ ପରିବାରମାନେ ସକାଳୁ ହଳ ଲଙ୍ଗଳରେ ଚିତା ପକାଇବା ସହ ଏକ ବେତାରେ ଧାନ ମୁଣ୍ଡାଇ ବିଲକୁ ଯାଇ ଅନୁକୂଳ କରିଥାନ୍ତି। ଆଜିଠାରୁ କୃଷକମାନେ ଏହି ପ୍ରଧାନ ପର୍ବ ଠାରୁ ବିଲରେ ଧାନବୁଣା ଅନୁକୂଳ କରନ୍ତି। ଏହା କେଉଁ ଆବାହନ କାଳରୁ ପରମ୍ପରା ରହିଆଏ। ଅକ୍ଷୟେ ତୃତୀୟାରେ ମଧ କୃଷକ ପରିବାରର ଘରେ ଘରେ ସୁସ୍ୱାଦୁ ଭୋଜନ ସାଙ୍ଗକୁ ପିଠାପଣା ହୋଇଥାଏ।

# ସଡ଼କ ଦୁର୍ଘଟଣାରେ ଦୁଇ ଗାଡ଼ିଚାଳକ ଗୁରୁତର



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ଠାରେ ବୁଧବାର ଦିନ ସକାଳ ପ୍ରାୟ ୫ଘଟିକା ସମୟରେ ଏକ ମର୍ମାନ୍ତୁତ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣ ଗାଡ଼ି ଚାଳକ ଗୁରୁତର ହୋଇଥିବା ଜଣାପଡିଛି। ମିଳିଥିବା ସୂଚନାନୁଯାୟୀ, କରଞ୍ଜିଆ ଥାନା ଅନ୍ତର୍ଗତ କାଦଡିହା ଛକରୁ କିଛି ଦୂରରେ ଥିବା ଜଙ୍ଗଲ ନିକଟରେ ଏକ କୁକୁଡ଼ା ବୋଝେଇ ପିକପ୍ ଭ୍ୟାନଟି କରଞ୍ଜିଆ ପଟକୁ ଆସୁଥିବା ବେଳେ ବିପରୀତ ଦିଗରୁ ଏକ କୁଣ୍ଡା ବୋଝେଇ ପିକପ ଭ୍ୟାନଟି ଆସୁଥିବା ସମୟରେ ଉଭୟ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଧକ୍କା ଏତେ ଯୋର୍ ହୋଇଥିଲା ଯେ କୁକୁଡ଼ା ବୋଝେଇ ପିକୋପ୍ ଭ୍ୟାନଟି ଜଙ୍ଗଲ କଡ଼ରେ ଓଲଟି ଯାଇଥିବା ବେଳେ କୁଣ୍ଡା ବୋଝେଇ ପିକପ୍ ଭ୍ୟାନଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଗାଡ଼ି ଦୁଇଟିର ସାମ୍ନା ପଟଟି ସମ୍ପୂର୍ଣ୍ଣ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ତେବେ ଏହି ଦୁର୍ଘଟଣା କିଛି ସ୍ଥାନୀୟ ଗ୍ରାମବାସୀ ଦେଖିବା ପରେ କରଞ୍ଜିଆ ଥାନା ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ଠାରୁ ଖବର ପାଇ କରଞ୍ଜିଆ ପୋଲିସ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ି ଚାଳକ ଦୁଇଜଣଙ୍କୁ ଉଦ୍ଧାର କରି କରଞ୍ଜିଆ ମୁଖ୍ୟ ଚିକିତ୍ସାଳୟକୁ ପାଠେଇ ଥିଲେ। ଗାଡ଼ି ଦୁଇଟି ଜବତ୍ କରି କେଉଁ କାରଣରୁ ଦୁର୍ଘଟଣା ଘଟିଲା ତାହାକୁ ନେଇ ତଦନ୍ତ ଆରମ୍ଭ କରିଥିବା ବେଳେ । ପ୍ରତ୍ୟେକ ଦିନ କୁକୁଡ଼ା, ପରିବା, କୁଣ୍ଡା ନେଇ ଆସୁଥିବା ଗାଡ଼ି ଗୁଡ଼ିକ ଦୃତ ଗତିରେ ଆସୁଥିବା କାରଣରୁ ବାରମ୍ବାର ଦୁର୍ଘଟଣା ଘଟିଥିବା ନେଇ ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଥିବା ବେଳେ ଏପରି ଦ୍ରୁତଗତିରେ ଆସୁଥିବା ଗାଡ଼ିଗୁଡ଼ିକ ଉପରେ ପୋଲିସ କଡ଼ା ନଜର ରଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

ଓଡିଶା ଭାସ୍କର
ରାଜ୍ୟ ଖବର





ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ବୋଲଗଡ଼ ବ୍ଲକ ଅନ୍ତର୍ଗତ କବିତୀର୍ଥ ସାନପଦର ଗ୍ରାମରେ ଜାମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇ ଥିବା ନିରୀହ ଭାରତୀୟଙ୍କ ଉଦ୍ଦେଶ୍ୟରେ ଏକ ମହମବତୀ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ ଶ୍ରୀକାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆତଙ୍କବାଦୀଙ୍କ କାପୁରୁଷ ଆକ୍ରମଣକୁ ତୀବ୍ର ନିନ୍ଦା କରାଯିବା ସହ ସମସ୍ତ ମୃତକଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ଓ ପରେ ପରେ ୧୦୮ ମହମବତୀ ଶୋଭାଯାତ୍ରା କବିପୀଠରୁ ବାହାରି ସମ୍ପୂର୍ଣ୍ଣ ଗ୍ରାମ ପରିକ୍ରମା କରିଥିଲେ। ଏହା ପରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଜୟ କୁମାର ସାହୁ, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲ୍ଲୀପ ମହାପାତ୍ର, ଗ୍ରାମ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଅର୍ଜୁନ ପଟ୍ଟନାୟକ, ଶିକ୍ଷାବିତ ତ୍ରିଲୋଚନ ମହାନ୍ତି, ସମାଜସେବୀ ଅଜୟ କୁମାର ମଙ୍ଗରାଜ, ମାନସ ରଞ୍ଜନ ସାମନ୍ତରାୟ, ଗଗନ କୁମାର ସ୍ୱାଇଁ, ମଧୁ ସାମନ୍ତରାୟ, ବିଶ୍ୱରଂଜନ ଦାସ, ଦେବୀ ପ୍ରସାଦ ସିଂହ, ବିକ୍ରମ କେଶରୀ ସାମନ୍ତରାୟ, ରବୀନ୍ଦ୍ର କୁମାର ସୁବୁଦ୍ଧି, ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାନପଦର, ପିଚୁକୁଳି, ରାସୋଳ, ବାୟାପଲ୍ଲି, ଦେଉଳି, ଚମ୍ପାଇଲୋ ଗ୍ରାମର ବହୁ ଯୁବକ, ବୁଦ୍ଧିଜୀବୀ ତଥା ଦେଶପ୍ରେମୀ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରିଶେଷରେ ଶ୍ରୀକାନ୍ତ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅକ୍ଷୟ ତୃତୀୟା ପର୍ବ ପାଳିତ



ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ ଅଧିନସ୍ଥ କୃଷି ମହାବିଦ୍ୟାଳୟର ପ୍ରଦର୍ଶନ କ୍ଷେତ୍ରରେ କୃଷି ଭିତ୍ତିକ ଅକ୍ଷୟ ତୃତୀୟା ପର୍ବ ପାଳନ କରାଯାଇଛି। କାର୍ଯକ୍ରମର ପ୍ରାରମ୍ଭରେ କୃଷି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡଃ ଭି.ଏସ. ଦେବଦାସଙ୍କ ଦ୍ୱାରା ମାତା ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ପରେ ବିହନ ବୁଣିବା କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ଏହି ପାବନ ଉତ୍ସବ ଅବସରରେ ମହାବିଦ୍ୟାଳୟର ଉପାଧକ୍ଷ ଅଶୋକ କୁମାର ମିଶ୍ର, ପ୍ରଫେସର ଡଃ ସୁଶାନ୍ତ କୁମାର ମହାନ୍ତି, ଡଃ ରିନି ସ୍ୱାଇଁ, ଅଧ୍ୟାପକ ଅଧ୍ୟାପିକା, ବିଭିନ୍ନ ବିଭାଗର କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ଅକ୍ଷୟ ତୃତୀୟା କୃଷି ସହ ଜଡ଼ିତ ସମସ୍ତ ବ୍ୟକ୍ତି ବିଶେଷଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ଆଗାମୀ ମୌସୁମୀ ଋତୁରେ ଭଲ ଅମଳ ଆଶା ପୂର୍ବକ କୃଷି ଭାଇ ଓ ଭଉଣୀ ମାନେ ମାତା ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରି ବିହନ ବୁଣିବା କାର୍ଯ୍ୟ ଆରମ୍ଭ କରିଥାନ୍ତି। ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡଃ ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡଃ ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡଃ ଜଗଦୀଶ ପଣ୍ଡା ଏବଂ ରେଜିଷ୍ଟ୍ରାର ଡଃ ଏନ ଭି ଜେ ରାଓ, ସମସ୍ତଙ୍କୁ ସାଧୁବାଦ୍ ଦେବା ସହ, ଆଗାମୀ ଖରିଫ ଋତୁରେ ଅଧିକରୁ ଅଧିକତମ ଉତ୍ପାଦନ ହେବା ପାଇ ମାତା ଲକ୍ଷ୍ମୀଙ୍କ ପାଖରେ କାମନା କରିଥିଲେ।



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ଅକ୍ଷୟ ତୃତୀୟା ଉପଲକ୍ଷେ, ଜିଲ୍ଲାସ୍ତରୀୟ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ, ଜିଲ୍ଲା କଂଗ୍ରେସ କମିଟି ତରଫରୁ ହୋଇଯାଇଛି। ମାନ୍ୟବର ମୋହନା ବିଧାୟକ ଏବଂ ଗଜପତି ଜିଲ୍ଲା କଂଗ୍ରେସ ସଭାପତି ଦାଶରଥି ଗମାଙ୍ଗ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ୍, ନାରଣପୁର ଠାରେ ଅନୁଷ୍ଠିତ ହୋଇଯାଇଛି ।

# ଜିଲ୍ଲାସ୍ତରୀୟ ରବି ଋତୁ ଧାନ ସଂଗ୍ରହ କମିଟି ବୈଠକ




- ୨୦ରୁ ଆରମ୍ଭ ହେବ ଧାନ ମଣ୍ଡି
- ଚାଷୀ ମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ

ରାୟଗଡା, (ଭାସ୍କର ନ୍ୟୁଜ୍ ) : ଆସନ୍ତା ମଇ ମାସ ୨୦ତାରିଖରୁ ରାୟଗଡ଼ା ଜିଲ୍ଲାରେ ଖୋଲିବ ରବି ଋତୁ ଧାନ ମଣ୍ଡି । ଏ ନେଇ ଆଜି ଜିଲ୍ଲାସ୍ତରୀୟ ରବି ଋତୁ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟବର କୋରାପୁଟ ସଂକ୍ଷସଦ ସପ୍ତଗିରି ଉଲାକା, ରାୟଗଡା ବିଧାୟକ କାଡ୍ରାକା ଆପାଲସ୍ୱାମୀ, ବିଷମ କଟକ ବିଧାୟକ, ନୀଳମାଧବ ହିକକା, ସିଡିଓ ତଥା ଇଓ ଜିଲ୍ଲାପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ବେସାମାରିକ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କରଙ୍କ ସମେତ ଚାଷୀ ପ୍ରତିନିଧି, ଉପ-ନିବନ୍ଧ କ, ସମବାୟ ସମିତି ଓ ଅନ୍ୟମାନେ ଯୋଗ ଦେଇଥିଲେ । ଚଳିତ ରବି ଋତୁରେ ୮ହଜାର ୮୯୦କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୫୦୩ଜଣ ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ ବୋଲି ବୈଠକରେ ଉପସ୍ଥାପନା କରାଯାଇଥିଲା । ଚଳିତବର୍ଷ ମଧ ମଣ୍ଡିରେ ଚାଷୀମାନେ ଯେପରି ଧାନ ବିକ୍ରିୟ ସମୟରେ କୌଣସି ଅସୁବିଧା ନ ହୁଅନ୍ତି ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଚାଷୀ ମାନଙ୍କ ଠାରୁ ଶାନ୍ତି ଶୃଙ୍ଖଳା ସହ ଧାନ ସଂଗ୍ରହ କରାଯିବା ପାଇଁ ଓ ଅଧିକରୁ ଅଧିକ ପଞ୍ଜିକୃତ ଚାଷୀ ଧାନ ବିକ୍ରୟ କରି ପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀ ମାନେ ଧ୍ୟାନ ଦେବାକୁ ଜନପ୍ରତିନିଧି ମାନେ କହିଥିଲେ। ଧାନର କ୍ରୟମୂଲ୍ୟ ଓଡିଶାର ଚାଷୀମାନେଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ଟଙ୍କା+ ଇମ୍‌ପୁଟ୍ ଆସିଷ୍ଟାନ୍ସ ଟ୮୦୦.୦୦କୁ କରାଯାଇଛି। ଅନ୍ୟ ରାଜ୍ୟର ସୀମାନ୍ତ ଅଞ୍ଚଳ ଗୁଡିକରେ କଡ଼ା ନଜର ରଖିବା ପାଇଁ ଉଭୟ ଆର୍‌ଏମ୍‌ସି ସମ୍ପାଦକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀମାନଙ୍କ ଠାରୁ ଧାନ କିଣିବାର ୨୪ରୁ ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଜମା କରାଯିବ। ଚାଷୀ ଏଫ୍‌କ୍ୟୁ ମାନର ଧାନ ମଣ୍ଡିକୁ ଆଣିବେ। ଆର୍‌ଏମ୍‌ସି ତରଫରୁ ସମସ୍ତ ପ୍ରକାର ସୁବିଧା କରାଯିବ ଓ ଧାନର ଗୁଣବତ୍ତା ଚେକ କରିବାକୁ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କୁ ନିୟୋଜିତ କରାଯିବ। ଚାଷୀ ମଣ୍ଡିରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖିନ ନ ହୁଅନ୍ତୁ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ଚାଷୀ ମାନଙ୍କ ସୁବିଧା ନିମନ୍ତେ ଧାନ ବିକ୍ରୟ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ଯୋଗାଣ ଅଧିକାରୀ ଉପସ୍ଥାପନା କରିଥିଲେ। ଜିଲ୍ଲାରେ ଖରିଫ ଧାନ ଆସନ୍ତା ମାସ ୨୦ ତାରିଖରେ ବିଷମ କଟକ, ମୁନିଗୁଡା, ଗୁଡ଼ାରୀ, ପଦ୍ମପୁର, ରାମନାଗୁଡ଼ା ଓ କୋଲାନାରା ବ୍ଲକରେ ଶୁଭ ଆରମ୍ଭ କରାଯିବ ଓ ଆସନ୍ତା ୨୮ ତାରିଖରେ ଗୁଣୁପୁର ବ୍ଲକରେ ଧାନ ମଣ୍ଡି ଶୁଭାରମ୍ଭ କରାଯିବ। ଚାଷୀମାନଙ୍କ ଜାଣିବା ପାଇଁ ବିଭିନ୍ନ ମାଧ୍ୟମରେ ସଚେତନତା କରାଯିବ।

# ସାହାଜପାଲ ନିର୍ମାଣାଧିନ ପେଟ୍ରୋଲ ପମ୍ପ ନିକଟରୁ ଜବରଦଖଲ ଉଚ୍ଛେଦ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଦିନ ୧୧ ଘଣ୍ଟା ସମୟରେ ବୌଦ୍ଧ ତହସିଲ ଅନ୍ତର୍ଗତ ତେଲିବନ୍ଧ ରାଜସ୍ୱ ସର୍କଲ ସଂଗ୍ରାମପୁର ମୌଜାର ସାହାଜପାଲ ନିର୍ମାଣାଧିନ ପେଟ୍ରୋଲ ପମ୍ପ ନିକଟରେ ହୋଇଥିବା ଜବର ଦଖଲକୁ ଉଚ୍ଛେଦ କରିଛି ଜିଲ୍ଲା ପ୍ରଶାସନ। ମିଳିଥିବା ସୂଚନା ଅନୁଯାୟୀ ସଂଗ୍ରାମପୁର ମୌଜାର ସାହାଜପାଲ ନିକଟରେ ଜାତୀୟ ରାଜପଥ ନଂ ୫୭ର ପାର୍ଶ୍ୱରେ ଥିବା ନିର୍ମାଣାଧିନ ପେଟ୍ରୋଲ୍ ପମ୍ପ ନିକଟରେ ରାମଜୀ ଲାଲ ଅଗ୍ରୱାଲ କିଛି ସରକାରୀ ଜମି ଜବରଦଖଲ କରି ଏକ ଦୋକାନ ଘର ନିର୍ମାଣ କରିଥିଲେ। ବାରମ୍ବାର ନୋଟିସ ସତ୍ତ୍ୱେ ଖାଲି ନକରିବା ହେତୁ ଆଜି ବୌଦ୍ଧ ତହସିଲଦାର ଅନୀତା କୁମାରୀ ସାହୁ, ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା, ତେଲିବନ୍ଧ ରାଜସ୍ୱ ନିରୀକ୍ଷକ ଇନ୍ଦ୍ରାଣୀ ଦଣ୍ଡସନା ଓ ବାଉଁଶୁଣୀ ପୋଲିସ ଉପସ୍ଥିତିରେ ସରକାରୀ ଜମିରେ ଥିବା ଦୋକାନ ଘରକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି ।

# ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ

ବେତନଟୀ, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ସରକାରଙ୍କର ଜଙ୍ଗଲଜମି ଅଧିକାର ଆଇନ ଏବଂ ବସୁନ୍ଧରା ଯୋଜନାରେ ଭୂମିହୀନ ମାନଙ୍କୁ ବେତନଟୀ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜମିପଟ୍ଟା ବଣ୍ଟନ କରାଯାଇଛି । ଜଙ୍ଗଲଜମି ଅଧିକାର ଆଇନର ବେତନଟୀ ବ୍ଲକ ସଂଯୋଜକ ସନ୍ତୋଷ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବେତନଟୀ ତହସିଲଦାର ସୁରଥଚନ୍ଦ୍ର ରାଉତ, ଅତିରିକ୍ତ ତହସିଲଦାର ଇଶ୍ୱରଚନ୍ଦ୍ର ରଣା, ରାଜସ୍ୱ ପରିଦର୍ଶକ ଜଗନ୍ନାଥ ସିଂ, ହେଡକ୍ଲର୍କ ନବକିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜମିପଟ୍ଟା ନଥିବାରୁ ଯୋଗ୍ୟତା ଥାଇ ସୁଦ୍ଧା ଭୂମିହୀନ ମାନେ ସରକାରୀ ଆବାସଗୃହ ସମେତ ବିଭିନ୍ନ ଯୋଜନାରୁ ବାଦ ପଡୁଥିଲେ ଏଣିକି ଭୂମିହୀନ ମାନଙ୍କୁ ଦିଆଯାଇଥିବା ଜମିପଟ୍ଟା ବଳରେ ସେମାନେ ସରକାରୀ ଯୋଜନାରେ ଆବସଗୃହ ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇପାରିବେ। ଏହି ଅବସରରେ ବେତନଟୀ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇ ଭୂମିହୀନମାନଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଜଙ୍ଗଲଜମି ଅଧିକାର ଆଇନ ଅନ୍ତର୍ଗତ ୨୬ଜଣ ଏବଂ ବସୁନ୍ଧରା ଯୋଜନାରେ ୪୪ଜଣ ଏହିପରି ମୋଟ ୭୦ଜଣ ଭୂମିହୀନ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

## ହଜାରରୁ ଉର୍ଦ୍ଧ୍ୱ ଚାକିରି ଆଶାୟୀଙ୍କ ନାମ ପଞ୍ଜିକୃତ




ନୂଆପଡା, (ଭାସ୍କର ନ୍ୟୁଜ୍ ) : ନୂଆପଡାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ସରକାରୀ ତାଲିମ୍ କେନ୍ଦ୍ର ଖରୀଆର ରୋଡ଼ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୧୫୫ ଜଣ ଚାକିରୀ ଆଶାୟୀ ଯୁବକ ଯୁବତୀ ନାମ ପଞ୍ଜିକୃତ କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରାଘବେନ୍ଦ୍ର, ନୂଆପଡା ବ୍ଲକ୍ ଅଧକ୍ଷା ତାରେଶ୍ୱରୀ ସାହୁ, ଅଧକ୍ଷା ବିଜ୍ଞାପିତ ଅଞ୍ଚଳ ପରିଷଦ ଖରୀଆର ରୋଡ ଡଃ ସୋନିଆ ଜୈନ୍, ଉପାଧକ୍ଷ ନିଶାନ୍ତ ଡ଼ାଗା, ସଭାପତି ଖରୀଆର ରୋଡ ଚେମ୍ବର୍ସ ଅଫ୍ କମର୍ସ ସନ୍ଦୀପ ଶର୍ମା, ଅଧକ୍ଷ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ସରୋଜ ଦାଶ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ବିନୋଦ ଲାକ୍ରାଙ୍କ ଉଦ୍ୟମ କ୍ରମେ ଆୟୋଜିତ ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ୩୦ରୁ ଉର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ନିଯୁକ୍ତିଦାତା ସଂସ୍ଥା, ପ୍ରକଳ୍ପ, ଶିଳ୍ପ ତାଲିମପ୍ରତିଷ୍ଠାନ ଯୋଗ ଦେଇଥିଲେ। ଏହି ମେଳାରେ ଜିଲ୍ଲାର ସମସ୍ତ ୫ଟି ବ୍ଲକ୍ ତଥା ଜିଲ୍ଲା ବାହାର ଚାକିରୀ ଆଶାୟୀ ଯୁବକ ଯୁବତୀ ବିଭିନ୍ନ ଶିକ୍ଷାଗତ ଯୋଗ୍ୟତାରୁ ଅଂଶ ଗ୍ରହଣ କରିଥିଲେ। ସମସ୍ତ ବିଡ଼ିଓ ଓ ଓଡ଼ିଶା ଜୀବିକା ମିଶନ ତରଫରୁ ସେମାନଙ୍କ ଆସିବା ପାଇଁ ମାଗଣା ବସ୍ ସେବା ଯୋଗାଇ ଦିଆଯାଇଥିଲା। ଶିବିର ପରିଚାଳନାରେ ଇଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଖରୀଆର ରୋଡ କମଳାସନ ରଥ, ଏଠାର ସମସ୍ତ କର୍ମଚାରୀ, ସରକାରୀ ତାଲିମ୍ କେନ୍ଦ୍ର ଖରୀଆର ରୋଡ଼ର ସମସ୍ତ କର୍ମଚାରୀ, ନିୟୋଜନ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। ଯୋଗ୍ୟ ପ୍ରାର୍ଥୀ ପ୍ରାର୍ଥୀନୀ ମାନଙ୍କୁ ଅତିଶୀଘ୍ର ନିଯୁକ୍ତି ପ୍ରଦାନ କରାଯିବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ଜଣାଇଛନ୍ତି ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଅପରାହ୍ଣ ୩ଟା ସମୟରେ ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ଥାନା ଖୁ□ବନ୍ଧ ଛକ ନିକଟରେ ଟ୍ରକ ଧକ୍କାରେ ଗୁରୁତର ବାଇକ ଆରୋହୀଙ୍କ ବୌଦ୍ଧ ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପଦ୍ମନପୁର ପଞ୍ଚାୟତ କୁମୁରୁସିଙ୍ଗା ଗ୍ରାମର ପବିତ୍ର ମହାନନ୍ଦିଆ ଏକ ବାଇକ ଯୋଗେ ଖୁ□ବନ୍ଧ ଗ୍ରାମ ପଟରୁ ଜାତୀୟ ରାଜପଥକୁ ବାହାରୁ ଥିବା ସମୟରେ ବୌଦ୍ଧ ପଟରୁ ଜନ୍‌ହାପଙ୍କ ଆଡକୁ ଯାଉଥିବା ଏକ ଆଏଚର୍ ଟ୍ରକ ସହ ଧକ୍କା ହୋଇଥିଲା । ଫଳରେ ବାଇକ ଆରୋହୀ ପବିତ୍ର ଗୁରୁତର ଆହତ ହୋଇଥିଲେ ଓ ଟ୍ରକ ଘଟଣା ସ୍ଥଳରୁ ଫେରାର ମାରିଥିଲା। ସ୍ଥାନୀୟ ଲୋକେ ଗୁରୁତର ଆହତ ପବିତ୍ରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡ଼ାକ୍ତର ଖାନା ଆଣିଥିଲେ। ଖବର ପାଇ ଜନ୍‌ହାପଙ୍କ ଫାଣ୍ଡି ପୋଲିସ ଆଏଚର୍ ଟ୍ରକକୁ ଅଟକ ରଖିଛି ଓ ବୌଦ୍ଧ ଡାକ୍ତରଖାନାରେ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଥିବା ସୂଚନା ମିଳିଛି।

# ସ୍ୱାଭିମାନ ଦିବସ ପାଳିତ




ଉମରକୋଟ, (ଭାସ୍କର ନ୍ୟୁଜ୍ ) : ମଧୁ ବାବୁଙ୍କ ଜୟନ୍ତୀ ଅବସରରେ ଆମ ଓଡ଼ିଶା ଓ ଫକିର ମୋହନ ପଠନଶାଳାର ମିଳିତ ଆନୁକୁଲ୍ୟରେ ଉମରକୋଟ ବ୍ଲକ ଅନ୍ତର୍ଗତ ଚିକଲ୍ ପଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସ୍ୱାଭିମାନ ଦିବସ ମହା ସମାରୋହରେ ପାଳିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ଓଡ଼ିଶା ସହିତ ଏକାଡେମୀର ସଦସ୍ୟ ବଲ୍ଲଭ ରାଉତ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ସୁରେନ୍ଦ୍ର ନାଥ ଦାସ, ସମ୍ମାନିତ ଅତିଥି ଭାବେ ଚିକଲପଦର ସରପଞ୍ଚ ଉଷା। ନାୟକ, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ଏବିଇଓ ଦେବେନ୍ଦ୍ର ବାଘ ଓ ସୋନା ମାଝି, ଅଭୟ ଚରଣ ନାୟକ, ମହାନନ୍ଦ ମହାଳିକ ଯୋଗ ଦେଇଥିବା ବେଳେ ଫକିର ମୋହନ ପଠନଶାଳାର ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ସେଠି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମସ୍ତ ଅତିଥି ମାନେ ମଧୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବକ୍ତା ମାନେ ମଧୁବାବୁଙ୍କ ଭାରତ ରତ୍ନ ଦେବ। ପାଇଁ ଦାବି କରାଯାଇଥିଲା। ସାଗର ପରିଡ଼ା, ନଗେନ୍ଦ୍ର କୁମାର ରାଉତ, ଅଞ୍ଜନ ଦାସ, ଶାନ୍ତି ଲତା ମହାନ୍ତି, ଶେଖ୍ ନାସିର ଉଦ୍ଦିନ, ପ୍ରକାଶ ଚନ୍ଦ୍ର ବେହେରା, ରାମ ଚନ୍ଦ୍ର ରାମ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ।

# ଗଞ୍ଜେଇ ଚୋରାଚାଲାଣ ମାମଲାରେ ଅଭିଯୁକ୍ତଙ୍କୁ ୧୫ ବର୍ଷ ଜେଲ୍

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲାର ସ୍ୱତନ୍ତ୍ର ଜିଲ୍ଲା ଜଜ୍ ଶାନ୍ତନୁ ଦାସ ମଙ୍ଗଳବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୫ ବର୍ଷ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ କରିଛନ୍ତି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଡ୍ରାଇଭର ଗିରଫ ହୋଇ ଜାମିନରେ ବାହାରିଲା ପରେ ନିର୍ଦ୍ଦିଷ୍ଟ ସମୟରେ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି। ପ୍ରକାଶ ଥାଉ କି ୨୬/୫/୨୦୧୮ରେ ଭୁବନେଶ୍ୱର ନାର୍କୋଟିକ୍ କଣ୍ଟ୍ରୋଲର ମାଲକାନଗିରି ଜିଲା ଆସି ବାଲିମେଳା ଯାଞ୍ଚ ଫାଟକଠାରେ ଗାଡ଼ି ଯାଞ୍ଚ କରୁଥିଲେ ଆନ୍ଧ୍ରପ୍ରଦେଶରୁ ରାୟପୁର ଅଭିମୁଖେ ଯାଉଥିବା ଏକ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିବା ସମୟରେ ଲୁଣ ବସ୍ତା ତଳେ ଲୁଚାଇ ରଖାଯାଇଥିବା ୫୪ ବସ୍ତା ଗଞ୍ଜେଇ ଜବତ କରିଥିଲେ। ଜବତ ଗଞ୍ଜେଇର ଓଜନ ୧୫୯୮ କେଜି ଥିଲା । ଏହି ଫେରାର ଘଟଣାରେ ଆନ୍ଧ୍ର କର୍ନଲ ଜିଲା ଦେବନଗର ଅଦିୟାଲ ଗ୍ରାମର ଟ୍ରକ୍ ଡ୍ରାଇଭର ମୁଗି ଭେଙ୍କଟେଶ୍ୱରୁଲୁ ଓ ହେଲ୍‌ପର ଚାଣ୍ଟି ସୁରେଶଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିଲା। ଇତିମଧ୍ୟରେ ଡ୍ରାଇଭର ମୁଗି ଭେଙ୍କଟେଶ୍ୱରୁଲୁ କୋର୍ଟରୁ ଜାମିନ ପାଇ ନିଜ ଗ୍ରାମକୁ ଯାଇଥିଲେ। ତେବେ ନିୟମ ଅନୁଯାୟୀ କୋର୍ଟର ଧାର୍ଯ୍ୟ ସମୟ ୩ ତାରିଖରେ ହାଜର ନ ହୋଇ ଫେରାର ହୋଇଯାଇଥିବାରୁ ତାଙ୍କ ନାମରେ ଜିଲା ସ୍ୱତନ୍ତ୍ର ଜଜ୍ ଦାସ ଜାମିନ ବିହୀନ ପରୱାନା ଜାରି କରିଛନ୍ତି। ଏଥିସହ ହେଲ୍ପର ଚାଣ୍ଟି ସୁରେଶ ୧ ଲକ୍ଷ ଟଙ୍କା ଜରିମାନା ଅନାଦାୟେରେ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ଶୁଣାଣିଜାରୀ କରିଛନ୍ତି । ଏହି ମାମଲାକୁ ସରକାରୀ ଓକିଲ ବିଜୟ କୁମାର ମହାନ୍ତି ପରିଚାଳନା କରିଥିଲେ।

# ଜିମି ଧାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଉମରକୋଟ ବ୍ଲକର ବେହେଡା ପଞ୍ଚାୟତରେ 'ଜିମି ଧାରିଣୀ' ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଶୁଭ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ନିକଟସ୍ଥ ନଦୀରୁ ଗ୍ରାମର ଶତାଧିକ ମହିଳା କଳସରେ ପାଣି ଆଣି ନବ ନିର୍ମିତ ମନ୍ଦିରରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗ ଦେଇଥିଲେ। ପ୍ରତିଷ୍ଠା ଉତ୍ସବ ୩ ଦିନ ଧରି ଚାଲିଥିବା ବେଳେ ଅକ୍ଷୟ ତୃତୀୟାରେ 'ଜୀମି ଧରଣୀ' ମା'ଙ୍କ ମୂର୍ତ୍ତି ହୋମ ଯଜ୍ଞ କରି ମନ୍ଦିରରେ ସ୍ଥାପନ କରାଯିବ ବୋଲି ବିର୍‌ନାଥ ଭତ୍ରା କହିଛନ୍ତି। ଏହି ପ୍ରତିଷ୍ଠା ଉତ୍ସବରେ ମନ୍ଦିର କମିଟିର ସଭାପତି ବୀର୍ ନାଥ ଭତରା, ସମ୍ପାଦକ ସୁକୁନାଥ ଗୋଣ୍ଡ, ସରପଞ୍ଚ ପ୍ରମିଳା ଗଣ୍ଡ, ସମିତି ଜୟମଣି ଗଣ୍ଡ, ବୃନ୍ଦା ପୂଜାରୀ, ଲଚ ପୂଜାରୀ, ଯୁଗ ସାଇ ଭତରା, ରତି ରାମ ଗଣ୍ଡ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ତୁଲାଇଛନ୍ତି।

# ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ କରଞ୍ଜିଆ ଗସ୍ତ



## ଅଧିବକ୍ତା ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ଉପସ୍ଥାପନ

କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ରାଧାକ୍ରୀଷ୍ଣ ପଟ୍ଟନାୟକ ସୋମବାର କରଞ୍ଜିଆ ଗସ୍ତ କରିଛନ୍ତି। ବାରିପଦାସ୍ଥିତ ଜିଲ୍ଲା ଅଧିବକ୍ତା ସଂଘ ପକ୍ଷରୁ ଆୟୋଜିତ ମଧୁବାବୁ ଜୟନ୍ତୀ ଓ ଅଧିବକ୍ତା ଦିବସରେ ସେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୟୁରଭଞ୍ଜ ଜିଲ୍ଲା ପାଇଁ ସେ ପୋର୍ଟଫଲିୟୋ ବିଚାରପତି ଭାବେ ଜିଲ୍ଲାକୁ ତାଙ୍କର ପ୍ରଥମ ଗସ୍ତ ହୋଇଥିବା କାରଣରୁ କଟକ ଫେରିବା ବାଟରେ କରଞ୍ଜିଆକୁ ଆସି ବିଚାରବିଭାଗ ଅଧିକାରୀ ଓ ଅଧିବକ୍ତା ସଂଘ ସହ ସାକ୍ଷାତ ଆଲୋଚନା କରିଥିଲେ। ବିଚାରପତି ଶ୍ରୀ ପଟ୍ଟନାୟକଙ୍କ ସହ ଜିଲ୍ଲା ଦୌରାଜଜ ଅରବିନ୍ଦ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି ମଧ କରଞ୍ଜିଆକୁ ଆସିଥିଲେ। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ ଆଶିଷ କୁମାର ତ୍ରିପାଠୀ, ସବଜଜ୍ ଅମିତ ସ୍ୱରୂପ ସେଠୀ, ଏସଡିଜେଏମ୍ ପ୍ରଭାତ କୁମାର ସାମଲ, ଅଧିବକ୍ତା ସଂଘର ସଭାପତି ମଦନ ମୋହନ ମହାନ୍ତ, ସମ୍ପାଦକ ସରୋଜ କୁମାର ରାଉଳ, ଦିବ୍ୟପ୍ରସାଦ ସାହୁ, ସଂଘର ବରିଷ୍ଠ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ବିଚାରପତିଙ୍କୁ ରାଜସ୍ୱ ବିଶ୍ରାମଗାରରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆଲୋଚନା ସମୟରେ ଅଧିବକ୍ତା ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ବଳିତ ସ୍ମାରକପତ୍ର ବିଚାରପତିଙ୍କୁ ପ୍ରଦାନ କରାଯାଇଥିଲା। ବରିଷ୍ଠ ଅଧିବକ୍ତା ବିଶ୍ୱଜିତ ଚୌଧୁରୀ ସମସ୍ୟାଗୁଡିକ ଉପରେ ବିଚାରପତିଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ସେଗୁଡ଼ିକ ମଧ୍ୟରେ ଅଧିବକ୍ତାମାନଙ୍କ ପାଇଁ ସ୍ୱତନ୍ତ୍ର କୋଠାଘର, ଟ୍ରାଞ୍ଜିଟ ଗୃହ, ମହିଳା ଅଧିବକ୍ତାଙ୍କ ଶୌଚାଳୟ, କଣ୍ଟିଜେନ୍ସ କୋର୍ଟ ମାଜିଷ୍ଟ୍ରେଟ ପାଇଁ ସ୍ୱତନ୍ତ୍ର କୋର୍ଟ, ପୋକ୍ସ କୋର୍ଟ ସ୍ଥାପନ ଏବଂ ବନ୍ୟଜନ୍ତୁ ସୁରକ୍ଷା ଆଇନରେ ଗିରଫ ଅଭିଯୁକ୍ତମାନଙ୍କ ବିଚାର ପାଇଁ ବାରିପଦା ବଦଳରେ କରଞ୍ଜିଆର ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କୁ କ୍ଷମତା ପ୍ରଦାନ ଇତ୍ୟାଦି ମୁଖ୍ୟ ପ୍ରସଙ୍ଗ ଥିଲା। ସମସ୍ୟାଗୁଡିକର ସମାଧାନ ଉପରେ ଉଚ୍ଚ ନ୍ୟାୟାଳୟରେ ବିଚାରପତି ଆଲୋଚନା କରିବେ ବୋଲି ପ୍ରକାଶ କରିଥିଲେ। ସନ୍ଧ୍ୟାରେ ସେ କଟକ ଅଭିମୁଖେ ପ୍ରସ୍ଥାନ କରିଥିଲେ।

# ବୋଲିକୁକୁଡ଼ା ପାଳନ ଯୋଜନାରେ ବ୍ୟାପକ ଅର୍ଥ ହେରଫେର ଅଭିଯୋଗ



ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବୌଦ୍ଧ ଜିଲ୍ଲା ପୁରୁଣା କଟକ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନରେ ପ୍ରାୟ ୩୦ ଜଣ ଚାଷୀଙ୍କୁ କୁକୁଡ଼ା ପାଳନ ଯୋଜନାରେ କୁକୁଡ଼ାଘର ଯୋଗାଇବାରେ ଅନିୟମିତା ଓ ବ୍ୟାପକ ଅର୍ଥ କାରବାର ହୋଇଥିବାର ଅଭିଯୋଗ ହେଉଛି। ଏହି କୁକୁଡ଼ା ଘର ପାଇଁ ଅନେକ ଚାଷୀ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। କ୍ରମିକ ଅନୁସାରେ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦେବାର ନିୟମ ରହିଛି । କିନ୍ତୁ ପୁରୁଣା କଟକ ପ୍ରାଣୀ ଚିକିତ୍ସକ ମୋଟାଙ୍କର ଅର୍ଥ ନେଇ ନିୟମକୁ ଫୁ କରି ପୁରୁଣା ଘରକୁ ନୂଆ କରି ଗୋଟିଏ ପରିବାରର ଦୁଇଜଣ ସଦସ୍ୟଙ୍କୁ କୁକୁଡ଼ା ଘର ବାଣ୍ଟି ଥିବାରୁ ପ୍ରକୃତ ଚାଷୀ ଏହି ଯୋଜନାରୁ ବାଦପଡ଼ି ଥିବାର ଚାଷୀ ମାନଙ୍କ ଅଭିଯୋଗ ହେଉଛି। ଏହି ଯୋଜନାରେ ଘର ଓ ପାଞ୍ଚ ଶହ କୁକୁଡ଼ା ପାଇଁ ଏକ ଲକ୍ଷ ଅଶି ହଜାର ଟଙ୍କା ଅଟକଳ ମୂଲ୍ୟ ଥିବାବେଳେ ତନ୍ମଧ୍ୟରୁ ଏକଲକ୍ଷ ଆଠହଜାର ଛାଡ଼ ଥିବାରୁ କେତେକ ଚାଷୀ ଉଦ୍ୟାନ ବିଭାଗରୁ ପାଇଥିବା ପିଆଜ ଘରକୁ ୩୦ରୁ ୪୦ହଜାର ଟଙ୍କା ହାତଗୁଞ୍ଜା ଦେଇ ପ୍ରାଣୀ ଚିକିତ୍ସକଙ୍କୁ ଧରି ନୂଆ କୁକୁଡ଼ାଘର ଦର୍ଶାଇ ହରିଲୁଟ ହୋଇଥିବାର ଅଭିଯୋଗ ହେଉଛି। ଏହି ବ୍ଲକରେ ଆବାସ ଯୋଜନା ପରେ କୁକୁଡ଼ାଘର ସାଙ୍ଗଠିକ ଦୁର୍ନୀତି ପଦାକୁ ଆସିଛି। ଘର ଏକ ଯୋଜନା ଅନେକ ଭଳି ଅର୍ଥ ଯାହାର ଯୋଜନା ତାହାର ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହେଉଛି। ନିୟମ ଅନୁଯାୟୀ କ୍ରମିକ ଅନୁସାରେ ଆବେଦନ କରିଥିବା ହିତାଧିକାରୀଙ୍କୁ ଗୃହ ବଣ୍ଟନ କରାଯିବାର ନିୟମ ଥିଲେ ମଧ୍ୟ ନିୟମକୁ ଉଲଙ୍ଘନ କରି ଗୋଟିଏ ପରିବାରରେ ଦୁଇ ଜଣ ସଦସ୍ୟଙ୍କୁ ଘର ବଣ୍ଟନ କରି ବ୍ୟାପକ ଦୁର୍ନୀତି ହୋଇଥିବାର ଅଭିଯୋଗ ହେଉଛି। ଏହିପରି ବ୍ୟତିକ୍ରମ ଖରସଙ୍କୁଲେଇ, ବେଠିଆବେନି, କୃଷପାଲି, ତେନ୍ତୁଳି ପଦର, ରତନପୁର, ବଘୁଆକଟା ଓ ବାମଣ୍ଡା ଗ୍ରାମରେ ହୋଇଥିବାର ଅଭିଯୋଗ ଶୁଣିବାକୁ ମିଳୁଛି। ଏହାକୁ ତଦନ୍ତ କରାଗଲେ ସମସ୍ତ ରହସ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଜନମତ ପ୍ରକାଶ ପାଉଛି। ପ୍ରାଣୀଚିକିତ୍ସଙ୍କ ଉଚ୍ଚ ପଦାଧିକାରୀଙ୍କ ସଙ୍ଗେ ଲମ୍ବା ହାତ ଥିବାରୁ ଜାଣିଶୁଣି ଚୁପ ରହୁଥିବାର କୁହାଯାଉଛି। ଅନଲାଇନ ମାଧ୍ୟମରେ ଆବେଦନ ହୋଇଥିବାରୁ ଉଚ୍ଚ ପଦାଧିକାରୀ ଏ ସଂକ୍ରାନ୍ତରେ ସବୁ ଜାଣି ମଧ୍ୟ ନିରବ ରହୁଥିବାରୁ ଏଥିରେ ଜଡ଼ିତ ଥିବାର ସନ୍ଦେହ ସୃଷ୍ଟି ହେଉଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ରାମରାଓ ପାଲଙ୍କୁ ଟେଲିଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ଉଠାଇ ନଥିଲେ। ଉପ ପଶୁ ଚିକିତ୍ସା ଅଧିକାରୀ ତପନ ଦ୍ୱିବେଦୀଙ୍କୁ ହୋଇଥିବା ଅନିୟମିତତା ସମ୍ପର୍କରେ ପଚାରିବାରୁ ଉଚ୍ଚାପଦାଧିକାରୀ ଅଛନ୍ତି ସେ ତା'ର ବିଚାର କରିବେ ବୋଲି ଉତ୍ତର ମିଳିଥିଲା।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ କାର୍ଯ୍ୟରତ ମଣ୍ଡଳ ଶିକ୍ଷା ଅଧିକାରୀ ବିଜୟ କୁମାର ସ୍ୱାଇଁ ଓ ଉପବିଭାଗୀୟ ଅଧିକାରୀ ସୌମ୍ୟରଞ୍ଜନ ସାମଲଙ୍କୁ ସରକାରୀ ସେବାରୁ ଅବସର ମିଳିଛି। ଏହି ପରିପେକ୍ଷୀରେ ବୁଧବାର ସ୍ଥାନୀୟ ମଧୁସୂଦନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳ ସହଶିକ୍ଷାଅଧିକାରୀ ଆଶୁତୋଷ ବାନାର୍ଜୀଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଅଧକ୍ଷ ଜିଲ୍ଲାଶିକ୍ଷା ଶିକ୍ଷକ ପ୍ରତିଷ୍ଠାନର ରମେଶ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଶିକ୍ଷକ ହେଉଛନ୍ତି ସମାଜର ଦର୍ପଣ ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ସହଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ସମ୍ମାନିତ ଅତିଥି ସୌଦାମିନୀ ମହାପାତ୍ର ମଣ୍ଡଳ ଶିକ୍ଷାଧିକାରୀ ବିରିଡି, ରଜନୀକାନ୍ତ ରାୟ ବିଆରସିସି ରଘୁନାଥପୁର ଶିକ୍ଷା ମଣ୍ଡଳ, ଚାଟାଆକାଉଣ୍ଟାଣ୍ଟ ନାରାୟଣ ଚୌଧୁରୀ, ପ୍ରାକ୍ତନ ସହଶିକ୍ଷାଧିକାରୀ ସବିତା ଦାସ, ରଘୁନାଥପୁର ଅତିରିକ୍ତ ବିଡିଓ ଜ୍ଞାନଦା ନାୟକ, ତିର୍ତ୍ତୋଲ ବ୍ଲକ ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ ଯୋଗଦେଇ ଅବସର ନେଇଥିବା ଶିକ୍ଷା ଅଧିକାରୀ ବିଜୟ କୁମାର ସ୍ୱାଇଁ ଓ ଉପବିଭାଗୀୟ ଅଧିକାରୀ ସୌମ୍ୟରଞ୍ଜନ ସାମଲଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ନେତା ଦେବାଶିଷ ବେହେରା, ଧନ୍ୟବାଦ ଦେଇଥିଲେ ଗୋପାଳପୁର କ୍ଲଷ୍ଟର ସିଆରସିସି ସୁକାନ୍ତ କୁମାର ଦ୍ୱିବେଦୀ। ଏଥିରେ ସହଯୋଗ କରିଥିଲେ ନିର୍ମଳେନ୍ଦୁ ସୋମ, ଜୟପ୍ରକାଶ ପଣ୍ଡା, ଦିବ୍ୟଜ୍ୟୋତି ସିନା, ମହାବୀର ପ୍ରସାଦ ଦାସ, ସମସ୍ତ ସିଆରସିସି, ଭାସ୍କର ମୁଦୁଲି, ବିରୁପାକ୍ଷ ସେଠୀ, ଯଜ୍ଞବଲ୍କ ମିଶ୍ର, ବିଶ୍ୱନାଥ ଦାସ, ତରୁଣ ଜେନା, ମଧୁସୂଦନପୁର ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନେ।



## ଜିଲ୍ଲାସ୍ତରୀୟ କୃଷକ ଦିବସରେ ଗଣଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଅଖିମୁଠି ଶୁଭାରମ୍ଭ

# ଖରିଫ୍ ଋତୁ ପାଇଁ ସିଏମ୍-କିଷାନ ରାଶି ପ୍ରଦାନ

ଗୁଣପୁର (ଭାସ୍କର ନ୍ୟୁଜ୍): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାୟଗଡ଼ା ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ ଉତ୍ସବ ଗୁଣପୁରସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ କର କମଳରେ ବୈଦିକ ରୀତିନୀତି ଅନୁଯାୟୀ ପୂଜକଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣ, ଭୂମି ପୂଜନ, ଅକ୍ଷ ଧାନ ପୂଜନ, ହଳ ବଳଦ ପୂଜନ ତଥା ବିଭିନ୍ନ ଦେବଦେବୀଙ୍କ ଆବାହନ ପୂର୍ବକ ଗୁଣୁପୁର ଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମହା ଆଡ଼ମ୍ବର ପାଳିତ ହୋଇଯାଇଛି। ଏଥିରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡ ମୁଣ୍ଡରେ ପାଗ ବାନ୍ଧି ଅଖିମୁଠି ଚାଷ ଜମିରେ ବୁଣିବା ସହ ପାରମ୍ପରିକ ନୀତି ଅନୁଯାୟୀ ହଳ ଲଙ୍ଗଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ଜିଲ୍ଲାପାଳ ଶ୍ରୀମତୀ ପାରୂଲ ପଟାୱରୀ ସମ୍ମାନିତ ଅତିଥି, ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଗୁଣପୁର ଉପ-ଜିଲ୍ଲାପାଳ କିରନ ଦୀପ କୌର ସହୋତା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଚଳିତ ବର୍ଷର ସିଏମ କିଷାନର ପ୍ରଥମ ପ୍ରୋତ୍ସାହନ ରାଶି ଡିବିଟି ମାଧ୍ୟମରେ ପ୍ରଦାନ ପୂର୍ବକ



ଏହାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ନିଜର ବକ୍ତବ୍ୟରେ କହିଛନ୍ତି ଯେ କୃଷକଟିଏ ତା ହୃଦୟରେ ଭକ୍ତି ଓ ନିଷ୍ଠା ସହକାରେ ଏହି ପର୍ବଟିକୁ ପାଳନ କରେ। ଆଜିର ଦିନରେ ଧାନ ବୁଣା କାର୍ଯ୍ୟ ଆରମ୍ଭ ହୁଏ। ଅକ୍ଷୟ ତୃତୀୟା ଦିନଟି ଶାସ୍ତ୍ରୀୟ ଏବଂ ପୌରାଣିକ ଉଭୟ ମତରେ ଏକ ପବିତ୍ର ତଥା ଧର୍ମୀୟ ଭାବନାର ଦିନ। ଶ୍ରୀଜଗନ୍ନାଥଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ବାର୍ଷିକ ରଥ ଗଢ଼ାକାମ ମଧ୍ୟ ଏହି ଅକ୍ଷୟ ତୃତୀୟା ଦିନରୁ ହିଁ ଅନୁକୂଳ ହୋଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି। ଏଥିସହ ଆଜିର ପବିତ୍ର ଦିନଟିକୁ ରାଜ୍ୟ ସରକାର କୃଷକଙ୍କୁ ସମର୍ପିତ କରିଥିବା ସେ ସୂଚନା ଦେଇଛନ୍ତି। ସେ ଆହୁରୀ ମଧ କହିଛନ୍ତି, ସମୃଦ୍ଧ ଗ୍ରାମୀଣ ଜୀବନର ମୂଳ ଆଧାର ହେଉଛି କୃଷକଙ୍କ ସଶକ୍ତୀକରଣ। ଆଜି ସାରା ରାଜ୍ୟରେ କୃଷକ ଦିବସ ପାଳନ କରାଯାଉଛି। ଏହି ଦିବସ ଆମକୁ ଆମ ପରମ୍ପରା, ସଂସ୍କୃତି ସହ ଯୋଡ଼ି ରଖିବାରେ ସହାୟକ ହେବ। ସେହିପରି ଅନ୍ନଦାତାଙ୍କୁ ଅଧିକ ସଶକ୍ତ କରିବାକୁ ବଜେଟରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ବର୍ଷ କୃଷି ବଜେଟ ପୂର୍ବ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ ରହିଛି। ସୂଚନାଯୋଗ୍ୟ ସିଏମ୍ କିଷାନ ଯୋଜନାରେ ଖରିଫ୍ ଋତୁ ପାଇଁ ରାୟଗଡ଼ା ଜିଲ୍ଲାର ୮୭,୨୨୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩,୫୧୬ଜଣ ଭୂମିହୀନ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲ୍ଲାରେ ମୋଟ୍ ୯୦,୭୩୯ଜଣ ଚାଷୀ ଏଥିରେ ଲାଭବାନ୍ ହୋଇଛନ୍ତି। ସିଏମ୍ କିଷାନ ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ଯୋଗ୍ୟ ବିବେଚିତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରତ୍ୟେକ ଫସଲ ଋତୁ ଆରମ୍ଭରେ ୨୦୦୦ଟଙ୍କା ହିସାବରେ ବାର୍ଷିକ ୪୦୦୦ଟଙ୍କାର ଆର୍ଥିକ ସହାୟତା ଏବଂ ଭୂମିହୀନ କୃଷକ ପରିବାରଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଯଥା ପଶୁପାଳନ, ମତ୍ସ୍ୟ ଚାଷ ଓ ଉଦ୍ୟାନକୃଷି ଭଳି ଯେକୌଣସି ବୃତ୍ତି ଆପଣେଇବା ପାଇଁ ତିନୋଟି କିସ୍ତିରେ ସମୁଦାୟ ୧୨,୫୦୦ ଟଙ୍କାର ସହାୟତା ପ୍ରଦାନ କରାଯାଉଅଛି।

# ଅଖିମୁଠି ଅନୁକୂଳ କଲେ ଚାଷୀ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ବୈଶାଖ ମାସ ଶୁକ୍ଲ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପାଳନ କରାଯାଇଥାଏ। ଏହି ଦିନକୁ ଶୁଭ ଦିନ ମନେ କରି ଅନେକ ଶୁଭକର୍ମ ଅନୁଷ୍ଠିତ ହୁଏ। ଆଜିର ଦିନରେ ଯାହା କାର୍ଯ୍ୟ କରାଯାଏ ତାହା ଅକ୍ଷୁର୍ଣ୍ଣ ଏବଂ ନିରନ୍ତର ରହିଥାଏ। କୃଷକମାନେ ଏହାକୁ ବଡ଼ ଶୁଭ ଦିବସ ଭାବେ ପାଳନ କରିନ୍ତି। ଏହି ଦିନକୁ ସରକାରୀ ସ୍ତରରେ କୃଷକ ଦିବସ ରୂପେ ପାଳନ କରାଯାଏ। କୃଷକ ଏହିଦିନ ଅମୃତ ବେଳାରେ ଅଖିମୁଠି ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଥାଏ। ହେଲେ ଲକ୍ଷ୍ମୀପୁର ବ୍ଲକରେ କୃଷି ବିଭାଗ ତରଫରୁ ଏହି ଦିନକୁ ବଡ଼ ଉତ୍ସାହର ସହ ପାଳନ କରାଯାଏ। ବର୍ତ୍ତମାନ ଗତ କିଛିବର୍ଷ ହେଲାଣି ଏହି ଦିବସ ପାଳନ କରାଯାଉ ନଥିବାରୁ ଅଖିମୁଠି କ'ଣ ତାହା ଅନେକ ଚାଷୀ ଭୁଲି ଗଲେଣି। ଏପରିକି ଜିଲ୍ଲା କୃଷି ଅଧିକାରୀ ଜିଲ୍ଲାସ୍ତରରେ ପାଳନ କରି ଚୁପ୍ ବସି ପଡୁଥିବା ବେଳେ ବ୍ଲକ ପ୍ରତି ତାଙ୍କର ଜମାରୁ ଆଦର ନଥିବା ଜଣାପଡୁଛି। ତଥାପି କିଛି ଚାଷୀ ଏହି ଅବସରରେ ପାରମ୍ପାରିକ ରୀତିନୀତି ଅନୁଯାୟୀ ଅତିଥିମାନେ ଅଖିମୁଠି ଅନୁକୂଳ କରିବା ସହିତ ଚାଷ ଜମିରେ ବିହନ ବୁଣିଥିଲେ। ବ୍ଲକ ଚାଷୀ କ'ଣ କରୁଛି କ'ଣ ନାହିଁ ତାହା ତାଙ୍କର ଯାଏ କେତେ ଆସେ କେତେ। ଫଳରେ ଚାଷୀ ଆଉ ସରକାରଙ୍କ ମଧ୍ୟରେ ତାଳମେଳ ରହୁ ନାହିଁ। କାର୍ଯ୍ୟକ୍ରମ ଜିଲ୍ଲା ପରିବର୍ତ୍ତେ ପ୍ରତ୍ୟେକ ବ୍ଲକରେ ପାଳନ କରିବାକୁ ଚାଷୀଙ୍କ ମହଲରେ ଦାବି ହୋଇଛି।

# ଅକ୍ଷୟ ତୃତୀୟା ପାଳିତ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ଚାଷୀମାନେ ପବିତ୍ର ଅକ୍ଷୟ ତୃତୀୟା ପର୍ବ ପାଳନ କରିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଢେଙ୍କାନାଳ ଜିଲ୍ଲା ଏକ କୃଷି



ପ୍ରଧାନ ଜିଲ୍ଲା ହୋଇଥିବାବେଳେ, ଏହି ଅକ୍ଷୟ ତୃତୀୟା ଦିନ ଚାଷୀ ନିଜ ଚାଷ ଜମି ଉପରେ କରିଥାଏ ଅଖିମୁଠି ଅନୁକୂଳ। ଚାଷୀ ଘରୁ ଟୋକେଇରେ ଧାନ, ପୂଜା ସାମଗ୍ରୀ ଧରି ଚାଷ ଜମିରେ ପହଞ୍ଚି ସେଠାରେ ପୂଜାର୍ଚ୍ଚନା ସାରି ଜମିରେ ହଳ ଧରି ବିହନ ବୁଣିବା ଆରମ୍ଭ କରିଥିଲେ। ଅଞ୍ଚଳର ବିଭିନ୍ନ ଗ୍ରାମର ଚାଷୀମାନେ ଅଖିମୁଠି ଅନୁକୂଳ ଆରମ୍ଭ କରିଥିବାବେଳେ ପରଜଙ୍ଗ ପଞ୍ଚାୟତ ଜହ୍ନାପଡ଼ା ଗ୍ରାମର ଚାଷୀ ଅଜୟ କୁମାର ସାହୁ ଓ ଗ୍ରାମର ଅନ୍ୟ କେତେକ ଚାଷୀ ଧାନ ବୁଣା ଅନୁକୂଳ କରିଥିବା ବେଳେ, ସେହିପରି ବସୋଇ, ବଡଝରା, ବାରିହାପୁର, ମୁକ୍ତାପଶି ଆଦି ଗ୍ରାମରେ ଅନେକ ଚାଷୀ ପୂଜାର୍ଚ୍ଚନା କରି ଅଖିମୁଠି ଅନୁକୂଳ କରିଥିଲେ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚିନ୍ତାମଣି ପାଣିଗ୍ରାହୀଙ୍କ ୨୫ତମ ଶ୍ରାଦ୍ଧବାର୍ଷିକୀ

ବୋଲଗଡ (ଭାସ୍କର ନ୍ୟୁଜ୍) : ବିଶିଷ୍ଟ ଜନନେତା, ପୂର୍ବତନ ବିରୋଧୀଦଳ ନେତା ଓ କେନ୍ଦ୍ରମନ୍ତ୍ରୀ ତଥା ମଣିପୁରର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତଃ ଚିନ୍ତାମଣି ପାଣିଗ୍ରାହୀଙ୍କ ୨୫ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ନନ୍ଦିଘୋଷ ଭବନ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚିନ୍ତାମଣି ପାଣିଗ୍ରାହୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଯୋଗଦେଇ ପୂଜ୍ୟପୂଜା ପରମ୍ପରା ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ହରିବନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବେ ଗୋପୀନାଥ ଖାଡ଼ଙ୍ଗା, ପ୍ରଫୁଲ୍ଲ ମହାପାତ୍ର ଓ ବୈକୁଣ୍ଠ ମହାରଣା ମଞ୍ଚାସିନ ଥିଲେ।



କବି ଭକ୍ତବଲ୍ଲଭ ପଟ୍ଟନାୟକଙ୍କ ଗୀତାପାଠ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବେଳେ ସମସ୍ତ ଅତିଥି ମାନେ ସ୍ୱର୍ଗତ ପାଣିଗ୍ରାହୀଙ୍କ ସୁଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପାଲା ଓ ସଙ୍କୀର୍ତ୍ତନ ପରିବେଷଣ ହୋଇଥିଲା ବେଳେ ଅନେକ କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତାପାଠ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ମୁଖ୍ୟ ଅତିଥିଙ୍କୁ ବୋଲଗଡ଼ ଇତିହାସ ତୃତୀୟ ସଂସ୍କରଣ ପୁସ୍ତକ ଐତିହାସିକ ଶ୍ରୀ ପରିଡା ପ୍ରଦାନ କରିଥିଲେ। ରାଧଶ୍ୟାମ ରାୟଗୁରୁ ମହାପାତ୍ର, ଲଲାଟେନ୍ଦୁ କେଶରୀ ସିଂ, କୈଳାସ ତ୍ରିପାଠୀ, ସେବତୀ ପରିଡ଼ା, ସନାତନ ପାଟଶାଣୀ, ରବୀନ୍ଦ୍ର ସାଥୁଆ ଓ ଚିନ୍ମୟ ପରିଡ଼ା ପ୍ରମୁଖଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିବାବେଳେ ସ୍ମୃତି ସଂସଦ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ। ବିବେକାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚତତ୍ତ୍ୱ ପଞ୍ଚସଖା ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତରେ ଥିବା ଛୁଆବାବା ପଞ୍ଚତତ୍ତ୍ୱ ପଞ୍ଚସଖା ଆଶ୍ରମରେ ପଷ୍ଠବାର୍ଷିକ ବିଶ୍ୱଶାନ୍ତି ବ୍ରହ୍ମଏକାକ୍ଷର ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର ୧୦୮ କଳସଯାତ୍ରା କରାଯାଇ ସୁବାଧିବାସ ଓ ଅଙ୍କୁରରୋପଣ କରାଯାଇଛି। ଏଥିରେ ପ୍ରବଚକ ବାବା ଦିବାକର ଦାସ ଯୋଗଦେଇଥିଲେ। ପଞ୍ଚଦିନାତ୍ମକ ଏହି ଯଜ୍ଞର ପୂର୍ଣ୍ଣାହୂତି ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବ। ଏହି ଅବସରରେ ଆଶ୍ରମ ପରିଷରରେ ଯଥାରିତିନିତି ଅନୁଯାୟୀ ପୂଜାବିଧି, ଆହୂତିପ୍ରଦାନ ଓ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସୁଜ୍ଞାନୀ ପଣ୍ଡିତ ମାନଙ୍କଦ୍ୱାରା ପ୍ରବଚନ, ରାମଲୀଳା ଓ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି।

# 'ଭାରତୀୟ ମୁକ୍ତି ସଂଗ୍ରାମରେ ଲବଣ ସତ୍ୟାଗ୍ରହ ଅନନ୍ୟ ଅଧ୍ୟାୟ'




କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଭାରତୀୟ ମୁକ୍ତି ସଂଗ୍ରାମର ଇତିହାସରେ ଲବଣ ସତ୍ୟାଗ୍ରହ ଅନନ୍ୟ। ଏହାର ସବିଶେଷ ତଥ୍ୟ ଓ ସତ୍ୟ ପାଠ୍ୟପୁସ୍ତକରେ ସ୍ଥାନ ପାଇପାରିଲେ ଆଗାମୀ ପିଢ଼ିମାନଙ୍କ ଭିତରେ ଜାତୀୟତା ଭାବ ବୃଦ୍ଧି ପାଇବ ବୋଲି କୁଜଙ୍ଗ ଠାରେ ଆୟୋଜିତ ଲବଣ ସତ୍ୟାଗ୍ରହର ପଞ୍ଚାନବେତମ ପୂର୍ତ୍ତି ପାଳନ ଅବସରରେ ମତପ୍ରକାଶ ପାଇଛି। କୁଜଙ୍ଗସ୍ଥିତ ନ୍ୟାସନାଲ୍ ସ୍କୁଲ ପରିସର ମଧ୍ୟରେ ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ସାମାଜିକ ସଙ୍ଗଠନ 'ପ୍ରିୟବନ୍ଧୁ' ପକ୍ଷରୁ ଆୟୋଜିତ ନାଟ୍ୟକାର ଡ. ରଘୁନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପଞ୍ଚାନବେତମ ଲବଣ ସତ୍ୟାଗ୍ରହ ସ୍ମାରକୀ ପାଳନ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସ୍ତମ୍ଭକାର ସୁଧାଂଶୁ ମୋହନ ଶତପଥୀ ଯୋଗଦେଇ ଲବଣ ଆଇନ୍ ଅମାନ୍ୟ କରି କୁଜଙ୍ଗର କଳିଆପାଟ, ଚଟୁଆର ବେଢ଼ିମଠ, ଏରସମା ଆଦି ଅଞ୍ଚଳର ଅସଂଖ୍ୟ ନରନାରୀ ଯେଉଁ ତ୍ୟାଗ ସହିଛନ୍ତି ତାହାର ଇତିହାସ ଆଗାମୀ ଦିନ ମାନଙ୍କରେ ଯେପରି ଜନମାନସରୁ ଉଭେଇ ନଯାଏ, ଏବେ ଠାରୁ ସତର୍କ ରହିବାର ଆବଶ୍ୟକତା ଅଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ କହିଥିଲେ, ଭାରତୀୟ ମୁକ୍ତି ସଂଗ୍ରାମରେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହ ଥିଲା ଅବିସ୍ମରଣୀୟ ଗଣ କାର୍ଯ୍ୟକ୍ରମ। ଏଥିରେ କୁଜଙ୍ଗ ଅଧିବାସୀ ବ୍ରିଟିଶ ପ୍ରଶାସନ ଭୟରେ ଅଂଶଗ୍ରହଣ କରିବେ କି ନାହିଁ, ସଂଶୟ ଭିତରେ ଥିଲାବେଳେ କୁଜଙ୍ଗ ରାଣୀ ଭାବବତୀ ପାଟମହାଦେଇ ପ୍ରଥମ କରି ୧୯୩୦, ଅକ୍ଷୟ ତୃତୀୟାରେ ରାଜନଅର ତ୍ୟାଗ କରି ନେତୃତ୍ୱ ନେବାରୁ ପ୍ରାୟ ଦଶ ହଜାର ମହିଳା ଲବଣ ଉତ୍ପାଦନର କଳା ଆଇନ୍ ଭଙ୍ଗକରି ଗାନ୍ଧୀଜୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ କୁଜଙ୍ଗର ସ୍ଥାନ ସ୍ୱତନ୍ତ୍ର ବୋଲି କହିଥିଲେ। ସମ୍ମାନିତ ଅତିଥି ଉତ୍କଳ ସାହିତ୍ୟ ସମାଜର ଉପ ସଭାପତି ଜୀବନାନନ୍ଦ ଅଧିକାରୀ, ଶିକ୍ଷାବିତ୍ ସୁଧାକର ବିଶ୍ୱାଳ ଓ ସମାଜସେବୀ ବିଜୟ କୁମାର ଖଟେଇ, ହଜାର ହଜାର ସଂଖ୍ୟକ ସତ୍ୟାଗ୍ରହୀଙ୍କୁ ଦେଖି ଇଂରେଜୀ ଫଉଜ ପଛ ଘୁଞ୍ଚା ଦେଇଥିଲା ବୋଲି ମତପ୍ରକାଶ କରିଥିଲେ। କୁଜଙ୍ଗଠାରେ ଲବଣ ସତ୍ୟାଗ୍ରହର ଏକ ସ୍ମାରକୀ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଥିଲେ ସଭାପତି ଡ଼ଃ ସାହୁ। ପ୍ରାରମ୍ଭରେ ନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିବା ବେଳେ ଅଧକ୍ଷା ପ୍ରମିଳା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ନିକାଶ ଦଳେଇ, ସୁଭଦ୍ରା ନାୟକ, ସ୍ମୃତିରେଖା ପ୍ରଧାନ, ଚିନ୍ମୟୀ ସ୍ୱାଇଁ, ମୋନାଲିସା ଦାସ ଓ ସୁଚିସ୍ମିତା ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। କବି ଗୀତା ଦାସ ଓ ରୁନିବାଳା ମଲିକ ଦେଶ ପ୍ରୀତି କବିତା ପାଠ କରିଥିଲେ।

# ଜଗନ୍ନାଥପୁରରେ ବାଦି ପାଲା

ଫୁଲନଖରା (ଭାସ୍କର ନ୍ୟୁଜ୍) : ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ପଂଚାୟତ ଜଗନ୍ନାଥପୁର ଗ୍ରାମରେ ବହୁ ପୁରାତନ ଅନୁଷ୍ଠାନ ଶ୍ରୀ ଶ୍ରୀ ସତ୍ୟ ନାରାୟଣ ଦେବଙ୍କ ବାଦି ପାଲା ମହୋତ୍ସବ ୫ ଦିନବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଏହି ପାଲା ଉତ୍ସବରେ ଗାୟକ ବିଶ୍ୱନାଥ ସ୍ୱାଇଁ ଓ ତାଙ୍କର ସାଥି ବାୟକ ଜ୍ଞାନଭୂଷଣ, ଶିଶିର କୁମାର ପାଢ଼ୀ ଓ ସାଥିମାନେ ପାଲା ପରିବେଷଣ କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ଆଖପାଖ ଅଞ୍ଚଳ ସହ ସହ ପାଲାପ୍ରେମୀ ଆସି ପାଲା କାର୍ଯ୍ୟକ୍ରମ ଉପଭୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥପୁର ଗ୍ରାମର ଗ୍ରାମ୍ୟ କମିଟି ଓ ଉତ୍ସାହୀ ଯୁବକମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଛି।

# ଆଦର୍ଶ ପ୍ରଧାନଶିକ୍ଷକଙ୍କ ସମ୍ବର୍ଦ୍ଧନା ସଭା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଅନ୍ଧାରରେ ସେ ଦେଖାନ୍ତି ଆଲୋକର କିରଣ, ସଫଳତାର ଶିଖର ଚଢାଇବାରେ ଥାଏ ତାଙ୍କ ହାତ। ବିପଥଗାମୀ ପାଇଁ ସାଜନ୍ତି ପଥ ପ୍ରଦର୍ଶକ। ସେ ହେଉଛନ୍ତି ଗୁରୁ, ଶିଷ୍ୟଙ୍କୁ ଭଲ ମଣିଷ ଭାବେ ଗଢିବାରେ ଥାଏ ଅବଦାନ ଅତୁଳନୀୟ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ତାଳଦା ପଞ୍ଚାୟତ ସରକାରୀ ତାଳଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ତଥା ପ୍ରଧାନଶିକ୍ଷକ ବୃନ୍ଦାବନ ଜେନା ନିଜ ଚାକିରି କାଳରୁ ଅବସର ନେଇଛନ୍ତି। ବୁଧବାର ବିଦ୍ୟାଳୟ ପରିସରରେ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ବରିଷ୍ଠ ସମାଜସେବୀ ପ୍ରତାପ ପରିଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପୁରୀ ନିମାପଡା ଶିକ୍ଷା ଜିଲ୍ଲାଅଧିକାରୀ ଅନିଲ କୁମାର ବିଶ୍ୱାଳ, ସମ୍ମାନୀତ ଅତିଥି ଅବସରପ୍ରାପ୍ତ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବିଶ୍ୱାଳ, ଅସ୍ତରଙ୍ଗ ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ବିପିନି କୁମାର ମହାନ୍ତି, ଅସ୍ତରଙ୍ଗ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ମଙ୍ଗୁଳି ଚରଣ ଦାସ, ଏନପିଏସ୍ ଶିକ୍ଷକ ସଙ୍ଘ ସଭାପତି ଭରତ ଚନ୍ଦ୍ର ବିଶ୍ୱାଳ, ଏଡ଼ବାଂଶ ସାଧନ ସଂଯୋଜକ ତ୍ରିଲୋଚନ ବେହେରା, ତାଳଦା ସରପଞ୍ଚ ଦୀପକ ପରିଡା, ସମିତି ସଭ୍ୟ ଅମୀୟ ରଞ୍ଜନ ସେଠୀ,



## ଦୀର୍ଘବର୍ଷ ଅକ୍ଲାନ୍ତ ପରିଶ୍ରମ କରି ଗଢିଛନ୍ତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

## ଭାବ ବିହ୍ୱଳ ପରିବେଶରେ ଅବସରକାଳୀନ ସଭା

ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବାକର ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଜେନାଙ୍କ ତାଳଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦୀର୍ଘ ୬ମାସ ହେବ ଶିକ୍ଷକ ରହିବା ଦିନଠାରୁ ନିସ୍ୱାର୍ଥପର ଭାବେ କିଭଳି ଶିକ୍ଷାଦାନ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଭାବେ ରହି ଲକ୍ଷ୍ୟ ଆଡକୁ ଅଗ୍ରସର ହେବାକୁ ମାର୍ଗଦର୍ଶନ ଦେଉଥିଲେ ବୋଲି ଗୁଣଗାନ କରିଥିଲେ। ସଭାରେ ସଭାପତିତ୍ୱ କରୁଥିବା ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ନିଜ ଅଭିଭାଷଣରେ କହିଥିଲେ ବୃନ୍ଦାବନ ଜେନା ଛାତ୍ରଛାତ୍ରୀଙ୍କ ପାଇଁ ଯେତିକି ପ୍ରେରଣା ଓ ଉତ୍ସାହ ଦେଉଥିଲେ ସମପରିମାଣରେ କନିଷ୍ଠ ଗୁରୁଜୀ ଓ ଗୁରୁମା'ଙ୍କୁ ଉତ୍ତମ ମାର୍ଗଦର୍ଶନ ଦେଇ ଆସୁଥିଲେ ବୋଲି କହିଥିଲେ। ବରିଷ୍ଠ ଶିକ୍ଷକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୃନ୍ଦାବନ ଜେନା ନିଜ ଶିକ୍ଷକତା ମଧ୍ୟରେ ଦୀର୍ଘଦିନ ଭିତରେ ସେ ଦେଖିଛନ୍ତି ଉତ୍ଥାନପତନ ଆଉ ଏହି ସମୟ ଭିତରେ ସ୍କୁଲକୁ ଗଢି ତୋଳିଥିଲେ ନିଜ ଘରଭଳି। ଶ୍ରୀଯୁକ୍ତ ଜେନା ଏକାଧାରରେ ଥିଲେ ଛାତ୍ର ବତ୍ସଳ, ସରଳ ନିଷ୍କପଟ ମଣିଷ ତାଙ୍କର ସ୍ୱାଭିମାନ ପଣିଆ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠ ପଣିଆକୁ ଉପସ୍ଥିତ ଅତିଥି ଅଭିଭାଷଣରେ ଉପସ୍ଥାପନା କରିଥିଲେ। ଛାତ୍ରଛାତ୍ରୀଙ୍କ ସଫଳତା ଏବଂ ଗୁରୁଜୀ ଗୁରୁମାମାନେ ବିଦ୍ୟାଳୟର ନାଁକୁ ସବୁବେଳେ ଗୌରବାନୀତ କରିବାକୁ ଆଶା ପ୍ରକଟ କରିଥିଲେ ବୃନ୍ଦାବନ ଜେନା। ବିଦ୍ୟାଳୟ ପକ୍ଷରୁ ଶ୍ରୀଯୁକ୍ତ ଜେନାଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଉପସ୍ଥିତ ଅତିଥି, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଭାବବିହ୍ୱଳ ହୋଇ ପଡ଼ିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ ଓ ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ। ଶେଷରେ ଉପସ୍ଥିତ ଅତିଥି, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ବିଦ୍ୟାଳୟର ଅତି ପ୍ରିୟ ପ୍ରଧାନଶିକ୍ଷକ ବୃନ୍ଦାବନ ଜେନାଙ୍କୁ ବିରାଟ ପଟୁଆରରେ ଶୋଭାଯାତ୍ରା ମାଧ୍ୟମରେ ବିଦ୍ୟାଳୟ ଠାରୁ ନେଇ ଗୁରୁଜୀଙ୍କ ବାସଭବନ ଛାଡିଥିଲେ।

# ସାପ କାମୁଡ଼ାରେ ମହିଳା ମୃତ

ମୁରିବାହାଲ (ଭାସ୍କର ନ୍ୟୁଜ୍) : ମୁରିବାହାଲ ଥାନା ଡେଙ୍ଗପଦର ଗ୍ରାମରେ ଏକ ବିଷଧର ନାଗ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଦୁର୍ଯ୍ୟୋଧନ ନାଗଙ୍କ ସ୍ତ୍ରୀ ବିଳାସ ନାଗ (୫୨) ଘରେ ଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ତୁରନ୍ତ ତାଙ୍କୁ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ପ୍ରାଥମିକ ଚିକିତ୍ସା କଲା ପରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠେଇ ଥିଲେ। ମାତ୍ର ଟିଟିଲାଗଡ଼ ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଅ ରମେଶ ନାଗ ଏନେଇ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୁରିବାହାଲ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠେଇଥିଲା। ବ୍ୟବଚ୍ଛେଦ ପରେ ମରଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ମରଶରୀର ପହଞ୍ଚିଲା ପରେ ଶୋକାକୁଳ ପରିବେଶରେ ଗାଁ ମଶାଣିରେ ଶେଷକୃତ ସମ୍ପନ୍ନ ହୋଇଛି।

# ସରକାରୀ ଆୟୁର୍ବେଦିକ କଲେଜକୁ ପୁନଶ୍ଚ ଖୋଲିବା ପାଇଁ ଦାବି

## ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ


ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର ବାରିପଦା ଠାରେ ୨୦୦୮ ମସିହା ଠାରୁ ଆୟୁର୍ବେଦିକ କଲେଜ ବନ୍ଦ ହୋଇ ପଡିରହିଛି। ବହୁବାର ଜିଲ୍ଲାବାସୀ ଉକ୍ତ ଅନୁଷ୍ଠାନକୁ ଖୋଲିବା ନିମନ୍ତେ ଦାବି କରି ଆସୁଥିଲେ ମଧ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ କଲେଜ ଖୋଲିବା ନିମନ୍ତେ କୌଣସି ପଦକ୍ଷେପ ନେଇନଥିଲେ। କିନ୍ତୁ ବର୍ତ୍ତମାନ ନୂଆ ସରକାରର ମାନ୍ୟବର ମୁଖ୍ୟମନ୍ତ୍ରୀ ରାଇରଙ୍ଗପୁର ଠାରେ ଏକ ନୂଆ ଆୟୁର୍ବେଦିକ କଲେଜ ଖୋଲିବା ନିମନ୍ତେ ବଜେଟ୍‌ରେ ବ୍ୟୟ ବରାଦ ପାରିତ କରିଛନ୍ତି। କିନ୍ତୁ ବାରିପଦା ଠାରେ ଥିବା ସର୍ବ ପୁରାତନ ଆୟୁର୍ବେଦ କଲେଜ ଯାହାର କି ଉଚିତ୍ ଭିତ୍ତିଭୂମି ଅଛି, ବିଲଡ଼ିଂ ଅଛି କିନ୍ତୁ ତାହା କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ନେଲେ ନାହିଁ। ଆମ୍ଭେ ମୟୂରଭଞ୍ଜବାସୀ ଦାବି କରୁଛୁ କି



ବାରିପଦାରେ ଥିବା ସରକାରୀ ଆୟୁର୍ବେଦିକ କଲେଜକୁ ପୁନଶ୍ଚ ଖୋଲିବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିହିତ ପଦକ୍ଷେପ ନିଅନ୍ତୁ, ନଚେତ୍ ଜନଆନ୍ଦୋଳନ ସୃଷ୍ଟି ହେବ। ଏଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ବାରିପଦା ସ୍ଥିତ ଆୟୁର୍ବେଦିକ କଲେଜ ଖୋଲିବା ନିମନ୍ତେ ପଦକ୍ଷେପ ନେଲେ ଜିଲ୍ଲାବାସୀ ଉପକୃତ ହେବେ। ବାରିପଦା ପୂର୍ବତନ ନଗର କଂଗ୍ରେସ ସଭାପତି ଶାନ୍ତନୁ ପାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ଅଶୋକ ଅଧିକାରୀ, ଜ୍ୟୋତିପ୍ରକାଶ ରଥ, ମୀନକେତନ ବେହେରା, ସୁସ୍ମିତା ଘୋଷାଲ, ଅରବିନ୍ଦ ଦାସ, ସଞ୍ଜୀବ ପଣ୍ଡା, ନିର୍ମଳ ପ୍ରଧାନ, ଦୀପକ ଦାଶ, ଶିବାନନ୍ଦ ଦାସ, କିଶୋର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

# ରାଶିଫଳ


ଗୁରୁବାର, ୦୧ ମଇ ୨୦୨୫



**ମେଷ:** ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କ ଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ।



**ମିଥୁନ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସତର୍କ ରୁହନ୍ତୁ।




**କର୍କଟ:** କିଛି ବଡ଼ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କ ଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ।



**କୁମ୍ଭ:** ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆପଣ ବଢ଼ିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ପ୍ରସ୍ତୁତିରେ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବରଗଡ଼ (ଭାସ୍କର ନ୍ୟୁଜ୍): ବୁର୍ଲା କ୍ରୀଷ୍ଣା ବିକାଶ ବିନାୟକ ହସ୍ପିଟାଲ୍‌ଠାରେ ବିକାଶ ଗ୍ରୁପ୍ ଅଫ୍ ଇଷ୍ଟିଚ୍ୟୁସନ୍‌ର ଚେୟାର୍‌ମ୍ୟାନ୍ ଡି. ମୁରଲୀକ୍ରିଷ୍ଣାଙ୍କ ଜନ୍ମଦିନ ଏବଂ ୨୪ ତମ ବିକାଶ ଗ୍ରୁପ୍ ଅଫ୍ ଇଷ୍ଟିଚ୍ୟୁସନ୍‌ର ପ୍ରତିଷ୍ଠା ଦିବସ ଅବସରରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମର ଆୟୋଜନ ହୋଇଯାଇଛି । ଚେୟାର୍‌ମ୍ୟାନ୍ ଡି. ମୁରଲୀକ୍ରିଷ୍ଣା ଙ୍କୁ ସହକର୍ମୀ ଏବଂ ଡାକ୍ତରମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବାପରେ ହସ୍ପିଟାଲ୍ ମଧ୍ୟରେ ଥିବା ଠାକୁରଙ୍କ ଠାରେ ପୂର୍ଜାର୍ଚ୍ଚନା ପରେ ନୂତନ ଏଣ୍ଡୋସ୍କୋପି ୟୁନିଟ୍, ନୂତନ ଏନ୍.ଆଇ.ସି.ୟୁ , ନୂତନ ସି.ଏସ୍.ଏସ୍.ଡି ୟୁନିଟ୍ ଏବଂ ହସ୍ପିଟାଲ୍ ପରିସରରେ ଏକ କେଫେଟେରିଆକୁ ନିଜ କରକମଳରେ ଉଦ୍ଘାଟନ କରିଥିଲେ । ହସ୍ପିଟାଲର ସଭାରେ ସମସ୍ତ ସହକର୍ମୀମାନଙ୍କୁ ଜନ୍ମଦିନ ଅବସରରେ ଅଭିନନ୍ଦନ ଜଣାଇଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ । ନିଜ ଜୀବନର ଅନେକ ଗୁଡ଼ିଏ ଅନୁଭୂତି ନିଜ ବକ୍ତବ୍ୟରେ ଜଣାଇଥିଲେ । ଆଗକୁ ବିକାଶ ଗ୍ରୁପ୍ ଅଫ୍ ଇଷ୍ଟିଚ୍ୟୁସନ୍ ଶିକ୍ଷା ଏବଂ ଚିକିତ୍ସା କ୍ଷେତ୍ରରେ ଅଞ୍ଚଳବାସୀଙ୍କୁ ଅତ୍ୟାଧୁନିକ ସେବା ଯୋଗାଇବା ପାଇଁ ଚେଷ୍ଟା ଜାରି ରହିବ ବୋଲି ଡି. ମୁରଲୀକ୍ରିଷ୍ଣା ମହୋଦୟ ନିଜ ମତ ରଖିଥିଲେ ।



# ଡୁବୁକୁବାସୀ ପାଇଲେ ଆଲୋକ

ଦୀର୍ଘଦିନର ଦାବି ପୂରଣ ହେଲା



ସମ୍ବଲପୁର(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ବାମରା ପଞ୍ଚାୟତ ସମିତି ଅନ୍ତର୍ଗତ କିନାବଗା ପଞ୍ଚାୟତର ଡୁବୁକୁ ଗ୍ରାମରେ ପ୍ରଥମ ଥର ପାଇଁ ବିଜୁଳି ସଂଯୋଗ ଉଦଘାଟନ କରିଛନ୍ତି ମନ୍ତ୍ରୀ ରବିନାରାୟଣ ନାଏକ । ଦେଶ ସ୍ୱାଧୀନତା ପରେ ଆଜି ପର୍ଯ୍ୟନ୍ତ ଯେଉଁଠାରେ ବିଜୁଳି ଆସିନଥିଲା, ସେଠି ଆଜି ଆଲୋକ ପହଞ୍ଚିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ସମ୍ବଲପୁରର ମାନ୍ୟବର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସ ଦ୍ୱାରା ଆଜି ଏହା ସମ୍ଭବ ହୋଇଛି । ଯାହାକି ଲୋକଙ୍କ କଲ୍ୟାଣ ପାଇଁ ଲୋକଙ୍କ ସରକାରର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି । ଗତ ବିଧାନସଭା ନିର୍ବାଚନ ସମୟରେ କିନାବଗା ପଞ୍ଚାୟତ ସମିତି ସଭ୍ୟା ବିଶାଖା ମାଝିଙ୍କ ନେତୃତ୍ୱରେ ଗ୍ରାମର ଲିଲିମା ଓ ସୁଷମା ମୋତେ ସମସ୍ୟା ବିଷୟରେ ଅବଗତ କରାଇଥିଲେ । ତାଙ୍କ ଉଦ୍ୟମ ଓ ସଂଘଠିତ ଚେଷ୍ଟାରେ ଆଜି ଏହା ସାକାର ରୂପ ନେଇଛି । ଏହି ଉଦ୍ୟମ ମାଧ୍ୟମରେ ଗ୍ରାମର ଅନେକ ପରିବାରର ଜୀବନରେ ଆଲୋକ ଆସିବ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଉନ୍ନତି ପାଇଁ ଏହା ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ । ମୁଁ ଏହି ଉନ୍ନତିର ଅଂଶ ହୋଇଥିବାରୁ ଗର୍ବ ଅନୁଭବ କରୁଛି ।

# କାଳବୈଶାଖୀରେ ଛାରଖାର ପଡ଼ିଆ ବ୍ଲକ

## ୭୦ରୁ ଉର୍ଦ୍ଧ୍ୱ ଘର ନଷ୍ଟ, ୧୦୦ରୁ ଅଧିକ ଗଛ ଭାଙ୍ଗିଛି



ମାଲକାନଗିରି (ଭାସ୍କର ନ୍ୟୁଜ୍): ୭୦ ରୁ ଉର୍ଦ୍ଧ୍ୱ ଘର ନଷ୍ଟ, ୧୦୦ରୁ ଅଧିକ ଗଛ ଭାଙ୍ଗିଛି । କାଳବୈଶାଖୀ ପ୍ରଭାବରେ ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଘରର ଆଜବେଷ୍ଟସ ଉଡ଼ି ଯାଇଥିବା ବେଳେ କାନ୍ଥ ଭାଙ୍ଗିଯାଇଛି । ଏଥିସହ ୧୦୦ରୁ ଉର୍ଦ୍ଧ୍ୱ ଗଛ ଭାଙ୍ଗିଯାଇଥିବା ବେଳେ କିଛି ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିବାରୁ ଯାତାୟାତ ଠପ୍ ହୋଇଯାଇଛି । ସୂଚନା ଅନୁଯାୟୀ, ଗତକାଲି ସଂଧ୍ୟାରେ ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ ବହିବା ସହିତ ବର୍ଷା ହୋଇଥିଲା । ଫଳରେ ପଡିଆ ସଦର ମହକୁମା ବଜାରରେ ଥିବା ଖ୍ରୀଷ୍ଟିଆନ ସାହିର ନାଗୁଲୁ ବିନା ରାଜୁ, ବିନାମ ମିନତି, ଓ୍ୱାଲକ୍ଷ୍ମୀଙ୍କ ସମେତ ପଡିଆ ପଞ୍ଚାୟତର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଜଣଙ୍କ ଘର ଭାଙ୍ଗିଯାଇଛି । ଏଥିସହ ପଡିଆ ସ୍ଥିତ ସରକାରୀ ମଦଦୋକାନର ଛପର ଉଡ଼ିଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି । ସେହିପରି କାଲଦାପଲ୍ଲୀ, ବାପନପଲ୍ଲୀ ଓ ମାଟେରୁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଘରର ଛପର ଉଡ଼ିଯିବା ଓ କାନ୍ଥ ଭୁଶୁଡ଼ି ଯାଇଥିବା ସୂଚନା ମିଳିଛି । ପଡିଆ ଥାନା ସାହିରେ ଏକ ବିରାଟ ଗଛ ଭାଙ୍ଗିଯାଇ ନିକଟସ୍ଥ ଘର ଉପରେ ପଡ଼ିଯାଇଥିଲା । ସେହିପରି କାଲଦାପଲ୍ଲୀ ପଞ୍ଚାୟତ ସଦର ମହକୁମା ସମେତ କୋଲାକୋଣ୍ଡା, ଏମ୍ଭି-୫୯, ସୁପୁଲୁର ଓ ସୋଡ଼ିଗୁଡ଼ା ଗ୍ରାମରେ ମଧ୍ୟ ଏକାଧିକ ଘଟ ଛପର ଉଡ଼ିଯାଇଥିବା ସୂଚନା ରହିଛି । ପଡିଆ ଥାନା ନିକଟରେ ଥିବା ଏକ ବିରାଟ ଗଛ ଭାଙ୍ଗିଯାଇ ଥିବାରୁ ଯାତାୟାତ ଏକପ୍ରକାର ଠପ୍ ହୋଇପଡ଼ିଛି । ପଡିଆସ୍ଥିତ ସରକାରୀ ମଦ ଦୋକାନ ନିକଟରେ ଥିବା ଏକ ଗଛ ଉପରେ ପଡ଼ିଯିବାରୁ ଛତିଶଗଡ଼ ସୁକମା ଜିଲ୍ଲା ଅଧୀନସ୍ଥ କେରଲାପାଲ ଗ୍ରାମର ଲକ୍ଷ୍ମୀ ଦୁରୁଆଙ୍କ ଗୋଡ଼ ଭାଙ୍ଗି ଯାଇଛି । ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଛି । ବ୍ଲକ ସଦର ମହକୁମାକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାରେ ଗଛ ଗୁଡ଼ିକ ଭାଙ୍ଗି ପଡ଼ିଥିବାରୁ ଯାତାୟାତ ପ୍ରଭାବିତ ହୋଇଛି । ଅଗ୍ନିଶମ ବିଭାଗର ଏକ ଟିମ୍ ବିଭିନ୍ନ ସ୍ଥାନରେ ପହଞ୍ଚି ଗଛ ଗୁଡ଼ିକୁ କାଟି ସଫା କରୁଥିବା ବେଳେ ପଡିଆ ରାଜସ୍ୱ ନିରୀକ୍ଷକ ଚିନ୍ମୟ କୁମାର ମହାପାତ୍ର ପଡିଆ ବଜାର ଓ ଆଖପାଖ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ ଆକଳନ କରୁଥିବା ଜଣାପଡ଼ିଛି ।

# ଆଇନ ସଚେତନତା ଶିବିର

ନୂଆପଡା(ଭାସ୍କର ନ୍ୟୁଜ୍):ନୂଆପଡା ସଦର ମହକୁମାରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ନୂତନ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସେକ୍ରେଟାରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ନବନିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରାଘବେନ୍ଦ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ବକ୍ତା ହିସାବରେ ଆଡଭୋକେଟ ଗୌରୀଶଙ୍କର ଶତପଥି,



କୁମୁଦ କୁମାର୍ ହୋତା ଏବଂ ସଖି କେନ୍ଦ୍ର ପରିଚାଳିକା ତପସ୍ୱିନୀ ପଣ୍ଡା ନିଜର ମତ ରଖିଥିଲେ । ସମସ୍ତ ଅତିଥି ଓ ବକ୍ତା ଏଫ୍ ଆଇଆର୍, ବେଲ୍, ସମନ୍, ୱାରେଣ୍ଟ, ଅପିଲ, ବ୍ୟକ୍ତିର ଆଇନ୍‌ଗତ ଅଧିକାର ଇତ୍ୟାଦି ଉପରେ ନୂଆ ଆଇନରେ ଥିବା ସମସ୍ତ ପ୍ରାବଧାନ ଉପରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଆଜିକାର ଏଇ ଆଇନ୍ ସଚେତନତା ଶିବିରରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ପୋଲିସ୍ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ , ବିଭିନ୍ନ ବିଭାଗୀୟ ଅଧିକାରୀ, ଆଇନ୍ ଶିକ୍ଷାନବିଶ, ଟ୍ରେନି ପ୍ରଶାସନିକ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

# ଆମ ପୋଲିସ ସମିତିର ସଚେତନତା କାର୍ଯ୍ୟକ୍ରମ



କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ମାଝୀ ଧନୁଆ ପଂଚାୟତ ସଦର ମହକୁମା ଠାରେ କୋଷାଗୁମୁଡା ପୋଲିସ ପ୍ରଶାସନ ପକ୍ଷରୁ ଆମ ପୋଲିସ ସମିତିର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କୋଷାଗୁମୁଡା ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଏସଆଇ କୂଳଭୂଷଣ ନାୟକ, ଏସଆଇ-ପର୍ଶୁରାମ ଛତ୍ରୀଆ ,ଏ ଏସଆଇ-ରାମଚନ୍ଦ୍ର କଣ୍ଡଗୋରୀ, ହାବିଲଦାର-ବିଦ୍ୟୁତ କୀର୍ତ୍ତନିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ତଥା ଛୋଟଛୋଟ ପିଲା ମାନଙ୍କୁ ଯାନବାହାନ ନଦେବା,ଟ୍ରାଫିକ ନିୟମ ପାଳନ କରିବା, ମଦ୍ୟପାନ କରି ଯାନବାହାନ ନଚଳେଇବା , ମଟର ସାଇକେଲ ଚଳାଇଲାବେଳେ ହେଲମେଟ ପିନ୍ଧିବା, ବୁଲାଣି ରାସ୍ତାରେ ହର୍ଣ୍ଣ ବଜେଇବା ସହ ଇଣ୍ଡିକେଟର ଜଳେଇ ଗାଡିର ଗତି କମେଇବା, ହିଂସା ଛାଡି ଅହିଂସା ପଥରେ ଚାଲିବା, ସୁସ୍ଥ, ସୁରକ୍ଷିତ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ପୋଲିସ ସହ ସୁସମ୍ପର୍କ ରଖିବା ଓ ପୋଲିସକୁ ସହଯୋଗ କରିବା, ସାମୂହିକ ବିକାଶ ପାଇଁ ନୈତିକ ଦାୟିତ୍ୱ ନିର୍ବାହ କରିବା, ବାଲ୍ୟ ବିବାହ ଓ ଯୌତୁକ ରୋକିବା, ପୁଅଝିଅ ମାନଙ୍କୁ ଉଚ୍ଚ ଶିକ୍ଷିତ କରିବା, ଯୁବବର୍ଗଙ୍କୁ ବ୍ୟାପକ ସଚେତନ କରିବା, ଅନ୍ଧବିଶ୍ୱାସ ଉପରେ ଉପସ୍ଥିତି ଲୋକ ମାନଙ୍କୁ ସଚେତନ କରିଥିଲେ । ସେହିପର ସାଇବର କ୍ରାଇମ ଉପରେ ସଚେତନତା କରିଥିଲେ । ବିଶେଷ କରି ଅଶ୍ଳୀଳ ଭିଡିଓକୁ ଟଚ୍ ନକରିବା ଓ ଅଜଣା ନମ୍ବରରୁ କଲ ଆସିଲେ ତାକୁ ନଉଠେଇବା, ନିଜ ଓଟିପି ଅନ୍ୟ କାହାରିକୁ ପ୍ରଦାନ ନକରିବା ପାଇଁ ପରାମର୍ଶ ଦେବା ସହ ସାଇବର କ୍ରାଇମରେ ସମସ୍ୟାର ସମ୍ମୁଖିନ ହୋଇଥିବା କିଛି ଲୋକଙ୍କ ଉଦାହରଣ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ମାଝିଧନୁଆ ସରପଞ୍ଚ ଦୟାରମ ମାଝୀ , ସମିତି ସଭ୍ୟ ଯୁଗଧର ହରିଜନ,ସହ ମାଝୀ ଧନୁଆ ପଂଚାୟତର ବୁଦ୍ଧିଜୀବୀ,ମାନ୍ୟଗଣ୍ୟ ବ୍ୟକ୍ତି, ଭଦ୍ରବ୍ୟକ୍ତି ଓ ସାଧାରଣ ଜନସାଧାରଣ ଉପସ୍ଥିତ ରହିଥିଲେ । କୋଷାଗୁମୁଡା ଥାନା ପକ୍ଷରୁ ସ୍ଥାନୀୟ ଜନସାଧାରଣ ଭଦ୍ର ମଣ୍ଡଳୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରକ୍ତଦାନ ଶିବିର

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ରକ୍ତଭଣ୍ଡାର ଠାରେ ଆନ୍ତର୍ଜାତୀୟ ସମବାୟ ବର୍ଷ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାକୁଡଙ୍କ ତତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଅତିରିକ୍ତ ଜିଲ୍ଲା ଚିକିତ୍ସକ ଅଧିକାରୀ ଡାକ୍ତର ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଳିଆର ସିଂ, ସମବାୟ ସମିତି ସମୁହର ସହକାରୀ ନିବନ୍ଧକ ଫକୀର ଚରଣ ବାଘ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ । ବିଭାଗୀୟ କର୍ମଚାରୀ, ବିଭିନ୍ନ ପେଷ୍ବର ସମ୍ପାଦକମାନଙ୍କ ସମେତ ସ୍ୱେଚ୍ଛାସେବୀ ମାନେ ରକ୍ତଦାନ କରୁଥିବା ଦେଖିବାକୁ ମିଳିଛି ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ଓ ଆମ ବସ୍‌ଷ୍ଟାଣ୍ଡ ନୋଡାଲ କମିଟି ବୈଠକ

ନୂଆପଡା (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ଓ ଆମ ବସ୍‌ଷ୍ଟାଣ୍ଡ ନୋଡାଲ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି.ଆର.ରାଘବେନ୍ଦ୍ର, ଅତିରିକ୍ତ ଜିଲ୍ଲାପାଳ ସୁବାଷଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ,ସିଡିଏମ୍‌ଓ ଡଃ ଗୁରୁ ପ୍ରସାଦ ଜେନା ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ମାନ ସିଂ ପୂର୍ବ ବୈଠକର ବିବରଣୀ ସହ ଆଗାମୀ ମାସର ବହୁବିଧ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଏବଂ ଏସ୍‌ପି ଆଗକୁ କିପରି ଜିଲ୍ଲାକୁ ଦୁର୍ଘଟଣାଶୂନ୍ୟ କରାଯିବ ସେ ଉପରେ ସମସ୍ତେ ଆଗକୁ ଆସି କାମ କରିବାକୁ ହେବ ବୋଲି ଆହ୍ୱାନ ଦେଇଥିଲେ । ଆମକୁ ସଚେତନ ହେବା ସହ ଅବସ୍ଥାରେ ସୁଧାର ଆଣିବାକୁ ହେବ । ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ଜରୁରୀ ବୋଲି କହିଥିଲେ । ଜିଲ୍ଲାପାଳ କହିଲେଯେ ଆଗାମୀ ଦିନରେ ହେଲମେଟ୍ ଚେକିଂ ଉପରେ ଗୁରୁତ୍ୱ ଦେବା ସହ ସପ୍ତାହର ପ୍ରତି ବୁଧବାର ଦିନ ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ (ନୋ ହେଲମେଟ ନୋ ପେଟ୍ରୋଲ) କଡ଼ାକଡ଼ି କରାଯିବ । ଏହାକୁ ସମସ୍ତ ବିଡ଼ିଓ ତହସିଲଦାର ଓ ଆର୍‌ଟିଓ ତଦାରଖ କରିବେ । ନାବାଳକ ଏବଂ ମଦ୍ୟପ ଗାଡିଚାଳକମାନଙ୍କ ଉପରେ ବିଶେଷ ନଜର ରଖାଯିବ । ଆର୍‌ଟିଓ, ପୋଲିସ୍ ବିଭାଗ ଓ ଅବକାରୀ ବିଭାଗ ଅନେକ ସମୟରେ ମିଳିତ ଭାବରେ ଗାଡ଼ି ଚେକିଙ୍ଗ କରିବେ ।ଏକତା ଛକରେ ଖୁବଶିଘ୍ର ଅଟୋ ଟ୍ରାଫିକ ସିଗ୍ନାଲ ଲାଇଟ୍ ଲଗାଯିବ । ବର୍ଷାଦିନ ଆଗରୁ ସବୁପଟ୍ ହୋଲ୍ ମରାମତି ହେବ । ବିଜୁ ଏକ୍ସପ୍ରେସ ୱେରେ ଯେଉଁ ଜାଗାମାନଙ୍କରେ ବେଶି ଦୁର୍ଘଟଣା ହେଉଛି ସେଇଠି ଜନ ସଚେତନତା ସୃଷ୍ଟି କରାଯିବା ସହିତ ସାଇନେଜ୍ ଲଗାଯିବ । ଜାତୀୟ ରାଜପଥ ୩୫୩ ଅନ୍ତର୍ଗତ ଖରିଆରରୋଡ ଏବଂ ନୂଆପଡା ସହର ରାସ୍ତାକଡର ଉଠାଦୋକାନ ଉଚ୍ଛେଦ କରାଯିବ । ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ନିଜ ଅଫିସ୍ ର କର୍ମଚାରୀମାନଙ୍କୁ ହେଲମେଟ ପିନ୍ଧି ଆସିବା ନିଶ୍ଚିତ କରିବେ । ୨୦୨୪ ବର୍ଷରେ ୨୧୧ ଜଣ ମଦ୍ୟପ ଗାଡ଼ି ଚାଳକ ଏବଂ ବିନା ହେଲମେଟରେ ଦୁଇଚକିଆ ଯାନ ଚଳାଇବା ପାଇଁ ୫୧୦୮ ଟି ଚାଲାଣ କଟିଥିବା ବେଳେ ଏହି ସଂଖ୍ୟା ୨୦୨୫ ରେ ୫୯ ଓ ୯୪୮ ରେ ପହଞ୍ଚିଛି । ବିଗତ ୫ ମାସରେ ଜିଲ୍ଲାରେ ୭୫ ଟି ଦୁର୍ଘଟଣା ରେ ୬୯ ଜଣ ମୃତ୍ୟୁ ବରଣ କରିଛନ୍ତି । ଜିଲ୍ଲାପାଳ ସମସ୍ତଙ୍କୁ ଏ ବିଷୟରେ ସଚେତନ କରିଛନ୍ତି । ଏହାପରେ ଜିଲ୍ଲାର ପରିବହନ କ୍ଷେତ୍ର ଏବଂ ବସ୍‌ଷ୍ଟାଣ୍ଡ ମାନଙ୍କର ସୁଧାର ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା । ଆମ ବସ୍‌ମାନଙ୍କ ନୂତନ ରୁଟ୍ ଚାର୍ଟ, ବସଷ୍ଟାଣ୍ଡ ମାନଙ୍କରେ ମହିଳା ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ମହିଳା ଗାର୍ଡ ମୁତୟନ, ବେସରକାରୀ ବସ୍‌ମାନଙ୍କ ଠାରୁ ପ୍ରବେଶ ଶୁଳ୍କ ଆଦାୟ, ବସ୍ ମାନଙ୍କରେ ସର୍ପ୍ରାଇଜ୍ ଚେକିଂ, ଜଳଛତ୍ର ପରିଚାଳନା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥଲା ।




ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବ୍ଲକ୍ ବିଡ଼ିଓ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶେଖ୍ ନସିମ, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ପରିବହନ ଅଧିକାରୀ ମାନ ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଏମଭିଆଇ ଉପେନ୍ଦ୍ର କୁମାର ପୁସିକା, ପିଡବ୍ଲ୍ୟୁଡି ବିଭାଗ ସହ-ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ଗର୍ଡିଆ, ସିଡିଭିଓ ଡଃ. ଆଲୋକ କୁମାର ନାୟକ , ଟିଏସଆଇ ପ୍ରଜ୍ଞା ପରିମିତା ଧଳ, ନୂଆପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାୟକ, ଖରିଆରରୋଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ, ଖରିଆର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, କଦମ୍ବୁ ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା , ବିଜୟ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ ।

# ଗୋଇମୁଣ୍ଡି -ଚଲାନପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଗୋଇମୁଣ୍ଡି -ଚଳାନପଡା ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠାନର ସଭାପତି ପ୍ରହଲ୍ଲାଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ଯୋଗଦାନ କରିଥିବାବେଳେ, ମୁଖ୍ୟବକ୍ତା ପଲ୍ଲୀ ପ୍ରଗତି ମହାବିଦ୍ୟାଳୟର ଅଧକ୍ଷ ରୁଦ୍ରମାଧବ ବାରିକ, ସମ୍ମାନିତ ଅତିଥି ଭାବେ ସ୍କୁଲ ପାଇଁ ଜମି ଦାନ କରିଥିବା ସ୍ୱର୍ଗତ ବସନ୍ତ ସିଂ ଚଳାନଙ୍କ ଧର୍ମପତ୍ନୀ ପ୍ରମୋଦିନୀ ଚଳାନ, ସମ୍ପାଦକ ମହେନ୍ଦ୍ର ବାରିକ ମଞ୍ଚାସୀନ ହୋଇଥିଲେ । ପ୍ରଧାନ ଆଚାର୍ଯ୍ୟ କ୍ଷୀରୋଦ ରଣା ସମ୍ପାଦକୀୟ ବିବରଣୀ ପଠନ କରିଥିବା ବେଳେ କୋଷାଧକ୍ଷ ସଞ୍ଜୟ ଚଳାନ ଅତିଥି ପରିଚୟ ପ୍ରଦାନ କରିଥିବା । ସମ୍ପାଦକ ଶ୍ରୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଛି । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଗୁରୁମା ନିରୂପମା ବାରିକ, ନିରୂପମା ରାଉତ, ନନ୍ଦିନୀ ଦଣ୍ଡସେନା, ଈଶ୍ୱରୀ ଚଳାନ, କାଦମ୍ବିନୀ ଦଣ୍ଡସେନା, ଜ୍ୟୋତି ବାରିକ, ଗୁରୁଜୀ ରୂପଚନ ପ୍ରଧାନ, ନିତ୍ୟାନନ୍ଦ ରଣା, କିଶୋର ଗହୀର, ଗିରିଷ କଟା, ରୂପେଶ ଦଣ୍ଡସେନା, ପ୍ରବୀଣ ଘିଭେଲା, ସେବୀକା ରବିତା ବନଛୋର, ପରମେଶ୍ୱରୀ ବିଶି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଜିଲ୍ଲା ପ୍ରମୁଖ ଧ୍ରୁବ ପାତ୍ର, ସଂକୁଳ ପ୍ରମୁଖ ଅବସରପ୍ରାପ୍ତ ବିଇଓ ହୃଷିକେଶ ଦଣ୍ଡସେନା, ସଂକୁଳ ସଂଯୋଜକ ତଥା ଖଡ଼ିଆଳ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଯୋଗ ଦେଇଥିଲେ ।



# ବଜ୍ରପାତରେ ୧୧ ଗୋରୁ ମୃତ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ନାରାୟଣପାଟଣା ବ୍ଲକ୍‌ରେ ମଙ୍ଗଳବାର ରାତି ବାରଟାରେ ହୋଇଥିବା କାଳ ବୈଶାଖୀର ପ୍ରଭାବରେ ଅନେକ କ୍ଷୟକ୍ଷତି ହୋଇଥିବା ଖବର ମିଳିଛି । ବ୍ଲକର ଲଙ୍ଗଳବେଡା ପଞ୍ଚାୟତର ଫୁଲବାଡି ଗ୍ରାମରେ ୧୧ଟି ଗୋରୁଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଖବର ପାଇ ଘଟଣା ସ୍ଥଳକୁ ଆଜି ପ୍ରାଣୀ ଚିକିତ୍ସା ଅଧିକାରୀମାନେ ଗସ୍ତକରି ଶବ ବ୍ୟବଛେଦ କରାଇ ଗୋରୁ ପାଳକଙ୍କୁ ହସ୍ତାନ୍ତର କରିଛନ୍ତି । ଗୋରୁ ପାଳୁଥିବା ଲୋକେ ଅତି ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି । ସେହିପରି ପୋଡ଼ାପଦର୍ ପଞ୍ଚାୟତ ଅନ୍ତର୍ଗତ ନାକଟିପଦର ଗାଁରେ ଏକ ବିଶାଳକାୟ ତେନ୍ତୁଳିଗଛ ଉପୁଡି ପଡ଼ିଥିବାରୁ ସକାଳେ ପଡ଼ାପଦର ଓ ତଳ ଗୁମାଣ୍ଡି ଯାଏଁ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା ।ଖବର ଶୁଣି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିବା ପରେ ସବୁ କିଛି ସ୍ୱାଭାବିକ ହୋଇଥିଲା ।

# ମେ' ୧୦ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଆସନ୍ତା ତା ୧୦.୦୫.୨୦୨୫ ରିଖ ଶନିବାର ଦିନ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ - ୨୦୨୫ ଅନୁଷ୍ଠିତ ହେବ ବୋଲି ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କନ୍ଧମାଳ ସୂଚନା ଦେଇଛନ୍ତି । ସୂଚନାରୁ ଜଣାପଡିଛି ଯେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ(ସାଲିସ ଯୋଗ୍ୟ) , ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଜୁଳି, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ(ଛାଡପତ୍ର ବ୍ୟତୀତ ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇ ପାରିବ । ଏହା ବ୍ୟତିତ ପ୍ରାକ-ମକଦ୍ଦମା ସ୍ତରୀୟ (କଚେରୀରେ ଦାଏର ହୋଇନଥିବା ) ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ଭରଣପୋଷଣ ବିବାଦ , ଅନ୍ୟାନ୍ୟ ସାଲିସଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦଲତାଙ୍କ ରାୟ ବୈଧ, ଚୁଡାନ୍ତ ଏବଂ ଅମଳଯୋଗ୍ୟ । ଯଦି କୌଣସି ବିଚାରାଧିନ ମକଦ୍ଦମା/ବିବାଦର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ ତରଫରୁ ଅନୁରୋଧ କରାଯାଇଛି । ସବିଶେଷ ବିବରଣୀ ତଥା ଏହା ଉପରେ ଅଧିକ ଜାଣିବା ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଜିଲ୍ଲା ଆଇନସେବା ପ୍ରାଧିକରଣ ବା ତଲୁକ୍ ଆଇନସେବା କାର୍ଯ୍ୟାଳୟ ସହ କିମ୍ବା ଟେଲିଫୋନ୍ ନଂ (୦୬୮୪୨) ୨୫୪୦୩୧ ଯୋଗାଯୋଗ କରିବାକୁ କୁହାଯାଇଛି ।

# ବିଦ୍ୟାସାଗର ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ

 କୁଚିଣ୍ଡା(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଅନ୍ତର୍ଗତ ଜମନକିରା ବିଦ୍ୟା ସାଗର ଜ୍ଞାନ ମନ୍ଦିର ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ବିଦ୍ୟାଳୟ ସମ୍ପାଦକ ଲୁଲେନ୍ଦୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ସମାରୋହରେ ଜମନକିରା ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ରବୀନ୍ଦ୍ର ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସୁଜାତା ଖୁଣ୍ଟିଆ ଜମନକିରା ଜୋନ ୧ ଜିଲ୍ଲା ପରିଷଦ ସଭ୍ୟା ଯୋଗ ଦେଇଥିଲେ, ସମ୍ମାନୀୟ ଅତିଥିଭାବେ ଶ୍ରୀଯୁକ୍ତ ପୁରୁଷୋତ୍ତମ ପାତ୍ର ବରିଷ୍ଠ ଶିକ୍ଷକ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପୁଡ଼ାପରା ଏବଂ ବିଶିଷ୍ଟ ବକ୍ତା ଭାବେ ଶ୍ରୀଯୁକ୍ତ ଯତିନ୍ଦ୍ର କୁମାର ପ୍ରଧାନ ଇଂରାଜୀ ଅଧ୍ୟାପକ ଦ୍ୱାରିକା ପ୍ରସାଦ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁରା ଯୋଗ ଦେଇଥିଲେ । ବର୍ତ୍ତମାନ ସମୟରେ ଶିଶୁମାନଙ୍କୁ ମୋବାଇଲ ଦୁନିଆରୁ ଦୁରେଇ ରଖିବା ଓ ସମାଜରେ ଏକ ଭଲ ମଣିଷ ହେବା ପାଇଁ ବିଦ୍ୟାଳୟ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ସହିତ ପିତା ମାତାଙ୍କ ଭୂମିକା ମଧ୍ୟ ରହିଛି ବୋଲି ଅତିଥି ଗଣ ନିଜ ଅଭିଭାଷଣ ରେ କହିଥିଲେ । ଅନ୍ୟର ଭଲ ଚିନ୍ତା କଲେ ନିଜର କିଭଳି ଭଲ ହୁଏ ସେ ସମ୍ପର୍କ ରେ ବିଡ଼ିଓ ନଜ ଅଭିଭାଷଣ ରେ ଅଭିଭାବକ ମାନଙ୍କୁ ବକ୍ତବ୍ୟ ମାଧ୍ୟମରେ କହିଥିଲେ । ସେହିପରି ବିଦ୍ୟା ସାଗର ଜ୍ଞାନ ମନ୍ଦିରର ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ସୋନାକ୍ଷୀ ସାହୁଙ୍କୁ ମାନେଶ୍ୱର ବ୍ଲକ ରେ ବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିଗ୍ରହଣ କରିଥିବା, ସିଦ୍ରା ଫାତିମାଙ୍କୁ ଜମନକିରା ଓଡିଶା ଆଦର୍ଶ ବିଦ୍ୟାଳୟର ଏଣ୍ଟ୍ରାନ୍ସ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅର୍ଜନ କରିଥିବା ଓ ପ୍ରୀୟାନସି ଚୌଧୁରୀଙ୍କୁ ସମ୍ବଲପୁର ଏକଲବ୍ୟ ଏଣ୍ଟ୍ରାନ୍ସ ପରୀକ୍ଷାରେ ପ୍ରଥମ ସ୍ଥାନ, ରେଙ୍ଗାଲି ଓଡିଶା ଆଦର୍ଶ ବିଦ୍ୟାଳୟ ରେ ପ୍ରଥମ ସ୍ଥାନ ଓ ସମ୍ବଲପୁର ଜବାହର ନବୋଦୟ ବିଦ୍ୟାଳୟ ଏଣ୍ଟ୍ରାନ୍ସ ପରୀକ୍ଷାରେ ଚତୁର୍ଥ ସ୍ଥାନ ଅର୍ଜନ କରିଥିବା ଯୋଗୁଁ ଏହି ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟ ପକ୍ଷରୁ ଅତିଥି ଗଣଙ୍କ ଦ୍ୱାରା ପ୍ରଫୁଲ୍ଲ ପ୍ରଜ୍ଞା ପୁରସ୍କାରରେ ମାନ ପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସେହିପରି ବିଦ୍ୟାଳୟ ରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ଖେଳ ପ୍ରତିଯୋଗିତା ରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ମାନପତ୍ର, ଟ୍ରଫି, ମେଡାଲ ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ପରି ଶେଷରେ ବିଦ୍ୟା ସାଗର ଜ୍ଞାନ ମନ୍ଦିର ମୁରା ଓ ଜମନକିରାର ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ନାଚ ଗୀତ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ଶିକ୍ଷୟତ୍ରୀ ମଧୁସ୍ମିତା ପ୍ରଧାନ ଅତିଥି ପରିଚୟ କରିଥିଲେ । ବିଦ୍ୟାଳୟ ଛାତ୍ରୀ ସିଦ୍ରା ଫାତିମା ବିଦ୍ୟାଳୟ ବିବରଣୀ ପଠନ କରିଥିଲେ । ବିଦ୍ୟାଳୟ ଶିକ୍ଷୟତ୍ରୀ ଅନୁପମା ନାଏକ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱାଗତିକା ପଟେଲ, ଗୋକୁଲ ପଧାନ, ଖୁସି ମିଉଲ, ଜଳିତା ପଧାନ ସହିତ ଅନ୍ୟ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।





ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ ଥାନା ଅଧୀନ ବାରିପଦା ଅବକାରୀ ବିଭାଗ ଖବର ପାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୫୬ଲିଟର ଦେଶୀ ମଦ ସମେତ ୩୪୫୦ଲିଟର ପୋଚ ଜବତ କରାଯାଇଛି। ଏହା ସହିତ ୩ଜଣଙ୍କୁ ମହିଳାଙ୍କୁ ଗିରଫ କରାଯାଇଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ମାନେ ହେଲେ ବେତନଟୀ ଥାନା ଅନ୍ତର୍ଗତ ସାରୁଷୋଳ ଗ୍ରାମର ଝୁମକି ଦେହୁରୀ (୪୦), ଜାମସୁଲି ଗ୍ରାମର ଗୌରୀ ମହାନ୍ତ(୫୮) ଓ କୃଷ୍ଣଚନ୍ଦ୍ରପୁର ଗ୍ରାମର ମାଗରେଟ ସିଂ(୫୫)। ଘଟଣା ରୁ ପ୍ରକାଶ ବେଆଇନ ମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗକୁ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ସଦର ଅବକାରୀ ଥାନା ଟିମ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଦେଶୀ ମଦ ଜବତ କରିଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ସମୟରେ ବାରିପଦା ସଦର ଅବକାରୀ ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁ, ଓଆଇସି ବ୍ରଜମୋହନ ମଲ୍ଲିକ, ଦେଉଳି ଓଆଇସି ପ୍ରଦୀପ କୁମାର ବେହେରା, ପ୍ରହ୍ଲାଦ ବିଶ୍ୱାଳ, ରଜନୀକାନ୍ତ ବେହେରା, ଦିବ୍ୟାନଶୁ ପଣ୍ଡା, ଦେବରାଜ ସାହୁ ଓ ସବିତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତିଗତ...(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ମଞ୍ଜୁରି ଦିଆଯାଇଛି। ୧୬୬.୯ କିମି ଲମ୍ବ ୪ଲେନ୍ ରାଜପଥକୁ ଅନୁମୋଦନ ଦିଆଯାଇଛି। ମେଘାଳୟରୁ ଆସାମକୁ ଏକ ନୂତନ ରାଜପଥ ମଧ୍ୟ ମଞ୍ଜୁର କରାଯାଇଛି । ଅନ୍ୟପକ୍ଷରେ ଆଖୁଚାଷୀମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ମଧ୍ୟ ମିଳିଛି। ଆଖୁର ଏଫଆରପି ବୃଦ୍ଧି କରାଯାଇଛି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏକ ସୁପର କ୍ୟାବିନେଟ୍ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର କ୍ୟାବିନେଟର କେତେକ ଶୀର୍ଷମନ୍ତ୍ରୀ ମଧ୍ୟ ଉପସ୍ଥିତ ରହିଥିଲେ।

## ନର ରାକ୍ଷସଙ୍କୁ...

ହୋଇଛି। ବୁଧବାର ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରଥମେ ବସିଥିଲା ସିସିଏସ୍ ବୈଠକ। ଏଥିରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଗୃହମନ୍ତ୍ରୀ ଅମିତ ଶାହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସାମିଲ ହୋଇଛି। ସିସିଏସ୍ ବୈଠକ ପରେ ମୋଦୀଙ୍କ ଅଧ୍ୟକ୍ଷତାରେ ସିସିପିଏ ବୈଠକ ହୋଇଥିଲା। ଏହି ବୈଠକ ଦେଶର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଓ ଆର୍ଥିକ ମାମଲାର ସମୀକ୍ଷା କରିଥାଏ। ଏହା ପାଖରେ ନିଷ୍ପତ୍ତି ନେବାର ଅଧିକାର ମଧ୍ୟ ରହିଥାଏ। ପୁଲୱାମାରେ ହୋଇଥିବା ଆତଙ୍କୀ ହମଲା ପରେ ଏହି ବୈଠକ ହୋଇଥିଲା। ଶେଷରେ କ୍ୟାବିନେଟ ବୈଠକ ବସିଥିଲା। ତେବେ ଯେଉଁମାନେ ପହଲଗାମରେ ଆତଙ୍କ ସୃଷ୍ଟି କରିଥିଲେ, ସେହି ନର ରାକ୍ଷସଙ୍କୁ ଭାରତ କୌଣସି ପରିସ୍ଥିତିରେ ଛାଡ଼ିବ ନାହିଁ ବୋଲି ପଣ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଦେଶରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରୁଷ ଗସ୍ତକୁ ବାତିଲ କରି ଦିଆଯାଇଛି। ଅନ୍ୟପକ୍ଷରେ ପାକ୍ ସେନା ଏଲଓସି ସହ ଅନ୍ତର୍ଜାତୀୟ ସୀମାରେ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବାରୁ ଏ ନେଇ ଭାରତ ପକ୍ଷରୁ ପାକିସ୍ତାନକୁ ଚେତାବନୀ ଦିଆଯାଇଛି। ହଟ୍‌ଲାଇନରେ ଉଭୟପକ୍ଷର ଡିଜିଏମ୍‌ଓ ଆଲୋଚନା କରିଥିବା ସୂଚନା ମିଳିଛି। ସେହିପରି ଭୟରେ ଥରୁଥିବା ପାକିସ୍ତାନ ସେନା କ୍ଷମତା ନେବାପରେ ମଙ୍ଗଳବାର ବିଳମ୍ବିତ ରାତିରେ ପାକ୍ ସୂଚନା ମନ୍ତ୍ରୀ ଏକ ଜରୁରି ବୈଠକ ଡାକି ଭାରତୀୟ ସେନା ୨୪ରୁ ୩୬ ଘଣ୍ଟା ମଧ୍ୟରେ ଆକ୍ରମଣ କରିବ ବୋଲି କହିଥିଲେ। ତେବେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟାରେସ୍ ପାକ୍ ପ୍ରଧାନମନ୍ତ୍ରୀ ଓ ଭାରତର ବୈଦେଶିକ ମନ୍ତ୍ରୀଙ୍କ ସହ ଫୋନ୍‌ଯୋଗେ କଥା ହୋଇ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ଏନଆଇଏ ପକ୍ଷରୁ ପହଲଗାମରେ ତଦନ୍ତ ପ୍ରକ୍ରିୟା ଜୋର ଧରିଛି। ଯେଉଁ ଆତଙ୍କୀମାନେ ଏଭଳି ନରସଂହାର କରିଛନ୍ତି ସେମାନଙ୍କ ସଂପର୍କରେ ସୁରାକ ମିଳିଥିବା ଏନଆଇଏ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାର ମାଷ୍ଟରମାଇଣ୍ଡ, ଯିଏ କି ପାକିସ୍ତାନର ପୂର୍ବ ପାରା କମାଣ୍ଡୋ ତାକୁ ଧରିବା ପାଇଁ ବଡ଼ଧରଣର ଅପରେସନ ଜାରି ରହିଛି। ତେବେ ସମ୍ଭାବ୍ୟ ଯୁଦ୍ଧକୁ ଆଖିଆଗରେ ରଖି ପାକିସ୍ତାନ ପକ୍ଷରୁ ପିଓକେକୁ ବିମାନ ଆସିବା ଓ ପିଓକେରୁ ବିମାନ ଯିବା ବନ୍ଦକରି ଦିଆଯାଇଛି।

# ଅକ୍ଷୟ ତୃତୀୟା ଅବସରରେ ପୁରୀ ପୋଲିସର ମାନବଶୃଙ୍ଖଳ



ପୁରୀ (ଭାସ୍କର ନ୍ୟୁଜ) : ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ନିର୍ମାଣ ଏବଂ ଚନ୍ଦନ ଯାତ୍ରାର ଶୁଭ ଆରମ୍ଭକୁ ଚିହ୍ନିତ କରୁଥିବା ଅକ୍ଷୟ ତୃତୀୟା ପାଳନର ଏକ ଅଂଶ ଭାବରେ ପୁରୀ ପୋଲିସ ମନ୍ଦିର ରୀତିନୀତିକୁ ବିଳମ୍ବ ନକରି ଆଗକୁ ବଢାଇବା ପାଇଁ ଏକ ସକ୍ରିୟ ଏବଂ ଅଭିନବ ପଦକ୍ଷେପ ଗ୍ରହଣ କରିଛି।ପୁରୀ ଏସପିଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ, ପାଳିଆ ସେବାୟତମାନଙ୍କ ପାଇଁ ଏକ ସମର୍ପିତ କରିଡର ତିଆରି କରିବା ପାଇଁ ପୋଲିସ କର୍ମଚାରୀମାନଙ୍କ ଦ୍ୱାରା ଏକ ମାନବ ଶୃଙ୍ଖଳ ଗଠନ କରାଯାଇଥିଲା, ଯାହା ଫଳରେ ପ୍ରବଳ ଭିଡ଼ ସତ୍ତ୍ୱେ ମନ୍ଦିର ପରିସରରେ ସେମାନଙ୍କର ସୁଗମ ପ୍ରବେଶ ସମ୍ଭବ ହୋଇଥିଲା। ଏହି ଅଭିନବ ପଦକ୍ଷେପ ଶ୍ରୀଜଗନ୍ନାଥଙ୍କ ରୀତିନୀତିର ପବିତ୍ରତା ଏବଂ ସମୟାନୁବର୍ତ୍ତୀତା ବଜାୟ ରଖିବା ପାଇଁ ପୁରୀ ପୋଲିସର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ସହିତ ଭବିଷ୍ୟତରେ ମଧ ସ୍ୱତନ୍ତ୍ର ନୀତି ଥିବା ଦିନ ଓ ପ୍ରବଳ ଭିଡ଼ ଦିନରେ ଯେପରି ପାଳିଆ ସେବାୟତଙ୍କ ପ୍ରବେଶ ସୁଗମ ହୋଇ ପାରିବ ସେଥି ପ୍ରତି ବିଶେଷ ଧାନ ଦିଆଯିବ ବୋଲି ପୁରୀ ଏସପି କହିଛନ୍ତି।ପୁରୀ ପୋଲିସର ଏହି ପଦକ୍ଷେପକୁ ସେବାୟତ ମାନଙ୍କ ଦ୍ୱାରା ବ୍ୟାପକ ଭାବରେ ପ୍ରଶଂସା କରାଯାଇଛି, ଏବଂ ପୁରୀର ଜଗନ୍ନାଥ ଭକ୍ତ ଏବଂ ବୁଦ୍ଧିଜୀବୀମାନେ ଏହାକୁ ସ୍ୱାଗତ କରିଛନ୍ତି।ଏହି ପଦକ୍ଷେପକୁ ସେବାୟତ ଏବଂ ଭକ୍ତଙ୍କ ଠାରୁ ସକାରାତ୍ମକ ପ୍ରତିକ୍ରିୟା ମିଳିଛି ଏବଂ ୨୦୨୫ ରଥଯାତ୍ରା ପୂର୍ବରୁ ଭିଡ଼ ପରିଚାଳନା ରଣନୀତିର ଅଂଶ ଭାବରେ ଆଗାମୀ ଦିନରେ ମଧ ଜାରି ରହିବ।

# ନରେନ୍ଦ୍ରକୋଣ ଠାରେ ଖୋଲିଲା ଫିଡ଼ବ୍ୟାକ ସେଣ୍ଟର



ପୁରୀ (ଭାସ୍କର ନ୍ୟୁଜ) : ଚନ୍ଦନ ଯାତ୍ରାର ପ୍ରଥମ ଦିନରେ ଅନେକ ଭକ୍ତଙ୍କ ସମାଗମ ନରେନ୍ଦ୍ରକୋଣ ଠାରେ ହୋଇଥିଲା। ଏହି ଅବସରରେ ପୁରୀ ପୋଲିସ ପକ୍ଷରୁ ଏକ ନୂଆ ପଦକ୍ଷେପ ନିଆଯାଇଥିଲା। ଏହି ସ୍ଥାନରେ ପ୍ରଥମଥର ପାଇଁ ଏକ ଫିଡ଼ବ୍ୟାକ ସେଣ୍ଟର ଖୋଲାଯାଇଛି। ଏହି ସେଣ୍ଟରରେ ୨୯ ଜଣ ଭକ୍ତ ନିଜର ଅନୁଭୂତି ପରିପ୍ରକାଶ କରିଥିଲେ, ଯାହାକୁ ୨୫ ଜଣ ଏହି ବର୍ଷ ଚନ୍ଦନ ଯାତ୍ରାର ବ୍ୟବସ୍ଥାକୁ ବଡ଼ ଆନନ୍ଦ ଓ ସନ୍ତୋଷ ସହ ବିବେଚନା କରିଥିଲେ। ୪ ଜଣ ଭକ୍ତ ସାମାନ୍ୟ ପରିବର୍ତ୍ତନ ପାଇଁ ମତ ଦେଇଥିଲେ।ଏହି ଫିଡ଼ବ୍ୟାକ ସେଣ୍ଟର ମାଧ୍ୟମରେ ପୁରୀ ପୋଲିସ ଭକ୍ତଜନଙ୍କ ମତାମତ ଗ୍ରହଣ କରି ବୃହତ ପ୍ରତିକ୍ରିୟା ସଂଗ୍ରହ କରିଛନ୍ତି, ଯାହା ଭବିଷ୍ୟତରେ ଆହୁରି ଉନ୍ନତ ବ୍ୟବସ୍ଥା ଗଠନ ପାଇଁ ସହାୟକ ହେବ। ପୁରୀ ପୋଲିସ ଏହି ପଦକ୍ଷେପକୁ ଅନ୍ୟାନ୍ୟ ତୀର୍ଥ ସ୍ଥଳ ଓ ବଡ଼ ପୂଜାପାର୍ବଣରେ ମଧ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ନେଉଛି।


**ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ସୂଚନା**

କଳାହାଣ୍ଡି ଜିଲ୍ଲାରେ ବର୍ଦ୍ଧିତ ଗୃହରକ୍ଷୀ ପଦବୀ ପୁରଣ ନିମନ୍ତେ କୁଶଳ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କ ଠାରୁ ନୁତନ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଗୁଡିକ ଦୁର୍ଗପତି, ଗୃହରକ୍ଷୀ ବାହିନୀ, କଳାହାଣ୍ଡି ଙ୍କ କାର୍ଯ୍ୟାଳୟ ରେ ୦୧.୦୫.୨୦୨୫ ରୁ ୧୦.୦୫.୨୦୨୫ ତାରିଖ ସୁଦ୍ଧା ପହଞ୍ଚିଯିବା ଆବଶ୍ୟକ । ବିଶେଷ ବିବରଣୀ କଳାହାଣ୍ଡି ଜିଲ୍ଲା ର ସମସ୍ତ ଥାନା / ଫାଣ୍ଡି ମାନଙ୍କ ରେ ଉପଲବ୍ଧ ଅଛି । ପୂର୍ବରୁ ( ୧୫.୦୨.୨୦୨୫ ଠାରୁ ୦୧.୦୩.୨୦୨୫ ) ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀ ମାନେ ପୁଣି ଥରେ ଆବେଦନ କରିବା ଆବଶ୍ୟକ ନାହିଁ ।

ସ୍ୱା/-
ନାଗରାଜ ଦେବରକୋଣ୍ଡା
(ଭା.ପୋ.ସେ),
ଦୁର୍ଗପତି, ଗୃହରକ୍ଷୀ ବାହିନୀ
କଳାହାଣ୍ଡି ।


# ମୋ ଜଙ୍ଗଲ ଜମି ଅଧିକାର ଯୋଜନାର ଦସ୍ତାବିଜ୍ ଦାଖଲ



ବୋଲଗଡ (ଭାସ୍କର ନ୍ୟୁଜ): ମୋ ଜଙ୍ଗଲ ଜମି ଅଧିକାର ଆଇନ ଯୋଜନାର ଦସ୍ତାବିଜ୍ ବୋଲଗଡ ତହସିଲଦାର ଙ୍କୁ ଆଜି ପ୍ରଦାନ କରାଯାଇଛି।ଆଜି ପବିତ୍ର ଅକ୍ଷୟ ତୃତୀୟା ଶୁଭ ଅବସରରେ ଧଳାପଥର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଠଣା।ପଲ୍ଲୀ ଗ୍ରାମ ଓ ମାଣିବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଡପଦର୍ ଏବଂ ସାମନ୍ତରାପୁର ମୌଜାର ଗ୍ରାମବାସୀଙ୍କ ତରଫରୁ ଉଜୁଡା ଜଙ୍ଗଲକୁ ସଜାଡି ସବୁଜ ବନାନୀ ସୃଷ୍ଟି କରିଥିବାରୁ ଏହି ଗ୍ରାମ ମାନଙ୍କୁ ମୋ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ପଟ୍ଟା ପ୍ରଦାନ କରିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଆଜି ଏକ ଐତିହାସିକ ନିଷ୍ପତି ଅନୁଯାୟୀ ଏହି ତିନି ମୌଜାର ଅଧିବାସୀ ଜଙ୍ଗଲ ଜମି ଅଧିକାର ଯୋଜନାରେ ସାମିଲ ହୋଇ ପାରିଛନ୍ତି। ଆଜି ଗ୍ରାମ କମିଟି ର ସଦସ୍ୟ ମାନେ ବୋଲଗଡ ତହସିଲଦାର ବିଜୟ କୁମାର ସେଠୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବି ପତ୍ର ଓ ଆନୁଷଙ୍ଗିକ ଦସ୍ତାବିଜ୍ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତହସିଲଦାରଙ୍କ ସହିତ ତାଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ବସୁନ୍ଧରା ଅନୁଷ୍ଠାନର କର୍ମକର୍ତ୍ତା ମନୋରଞ୍ଜନ ଦାସ,ସୁମିତ ପ୍ରଧାନ, ଚୈତନ୍ୟ ଦେହୁରୀ, ସବିତା ବାରିକ ଆଦି ଯୋଗ ଦେଇଥିଲେ।ଗ୍ରାମବାସୀଙ୍କ ତରଫରୁ ଫକୀର ପ୍ରଧାନ, ଭାଗିରଥୀ ଦାଶ, ଧ୍ରୁବ ଚରଣ ମହାପାତ୍ର, କୃପାସିନ୍ଧୁ ହୋତା, ରାଜ କିଶୋର ବେହେରା,ଝିଲି ବେହେରା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରକାଶ ଥାଉକି ଏହି ଯୋଜନାରେ ଗ୍ରାମବାସୀମାନେ ଜଙ୍ଗଲର ସତ୍ୱ ପାଇବା ସହ ଜଙ୍ଗଲ ଜମି ଅଧିକାର, ଜୈବ ବିବିଧତା ର ସୁରକ୍ଷା, ଜଙ୍ଗଲ ଜାତ ଦ୍ରବ୍ୟ ଗୁଡିକୁ ସଂଗ୍ରହ, ଔଷଧୀୟ ବୃକ୍ଷ ଲତା ର ରକ୍ଷଣା ବେକ୍ଷଣ କରିପାରିବେ। ଜଙ୍ଗଲ ସୁରକ୍ଷା କମିଟି କୁ ସରକାରୀ ପ୍ରୋତ୍ସାହନ,ପାରିପର୍ଶ୍ୱିକ ଅଞ୍ଚଳର ବିକାଶ କୁ ଅଗ୍ରାଧିକାର ଦିଆଯିବା। ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୟର ବ୍ୟବସ୍ଥା କରାଯିବ।ଏହା ଫଳରେ ଗ୍ରାମବାସୀ ମନେ ଉପକୃତ ହୋଇପାରିବେ ।

# ପୁରୀ ପୋଲିସ ପକ୍ଷରୁ ମକ୍ ଡ୍ରିଲ୍

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ପୋଲିସ ଅଧୀକ୍ଷକ ବିନିତ ଅଗ୍ରୱାଲ, ଆଇ.ପି.ଏସ. ଙ୍କ ନିର୍ଦ୍ଦେଶନାୟ ଏବଂ ମାର୍ଗଦର୍ଶନରେ ଆଜି ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ମକ୍ ଡ୍ରିଲ୍ (ମାନବିକ ଆପାତକାଳୀନ ପରିସ୍ଥିତି ସମୟରେ ପ୍ରତିକ୍ରିୟା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭ୍ୟାସର ଉଦ୍ଦେଶ୍ୟ ଥିଲା ମନ୍ଦିର ପ୍ରାଙ୍ଗଣ ଭିତରେ ଆପାତକାଳୀନ ସ୍ଥିତି ସମୟରେ ପୋଲିସ, ମନ୍ଦିର ପ୍ରଶାସନ, ଚିକିତ୍ସା ବିଭାଗ ଓ ଅନ୍ୟାନ୍ୟ ବ୍ୟବସ୍ଥାପନା ଟିମ୍‌ମାନଙ୍କ ମଧ୍ୟରେ ସମନ୍ୱୟ ଓ ପ୍ରସ୍ତୁତି କୁ ମୂଲ୍ୟାୟନ କରିବା। ଏହି ପଦକ୍ଷେପ ପୁରୀ ପୋଲିସଙ୍କ ପକ୍ଷରୁ ଚାଲିଥିବା ଏକ ଦୀର୍ଘକାଳୀନ ଉଦ୍ୟମର ଅଂଶ, ଯାହା ଦ୍ୱାରା ଆପାତକାଳୀନ ପ୍ରତିକ୍ରିୟା ପ୍ରଣାଳୀକୁ ସୁଦୃଢ କରିବା, ବିଭିନ୍ନ ବିଭାଗଙ୍କ ମଧ୍ୟରେ ସଂଯୋଗ ବଢ଼ାଇବା ଏବଂ ଭକ୍ତ ଓ ସେବାୟତଙ୍କ ସୁରକ୍ଷା ନିର୍ଣ୍ଣିତ କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିପେକ୍ଷୀରେ ଆଜି ଏକ ମକ୍ ଡ୍ରିଲ ହୋଇଥିଲା, ଯେଉଁଥିରେ ଏକ ଭକ୍ତକୁ ମନ୍ଦିର ଭିତରେ ଅଚେତ ହୋଇପଡ଼ିଥିବା ଦେଖାଯାଇଥିଲା। ସତ୍ୱରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ପ୍ରତିକ୍ରିୟା ଆରମ୍ଭ କରାଯାଇଥିଲା। ପୁରୀ ବାସିନ୍ଦା, ବୃଦ୍ଧ ଓ ଭକ୍ତବୃନ୍ଦ ଏହି କାର୍ଯ୍ୟକ୍ରମକୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବେ ଗ୍ରହଣ କରିଛନ୍ତି। ସମସ୍ତେ ପୁରୀ ପୋଲିସଙ୍କ ଉଦ୍ୟମ ଓ ବିଭିନ୍ନ ବିଭାଗଙ୍କ ସମନ୍ୱୟ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଏପରି ଅଭ୍ୟାସ କେବଳ ପ୍ରସ୍ତୁତି ହିଁ ନୁହେଁ, ଭକ୍ତ ଓ ମନ୍ଦିର କର୍ମଚାରୀଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧିରେ ମଧ ସାହାଯ୍ୟ କରିଥାଏ।

# ଦୁର୍ଘଟଣାରେ ଜଣେ ମୃତ , ୫ ଆହତ

ଟାଙ୍ଗୀ(ଭାସ୍କର ନ୍ୟୁଜ): ଟ୍ରେନ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସଡ଼କ ଦୁର୍ଘଟଣା ରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । କାଳୁପଡାଘାଟରେଳ ଷ୍ଟେସନରେ ଚଳନ୍ତା ଟ୍ରେନରୁ ଗଳିପଡି ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ହେଉଛନ୍ତି କାଳୁପଡାଘାଟ କାର୍ତ୍ତିକେଶ୍ୱର ବଜାର ଅଞ୍ଚଳର ସୁବ୍ରତ ସାହୁ । ଠିକ୍ ସେହିପରି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ କୁହୁଡ଼ି ବସଷ୍ଟାଣ୍ଡ ରେ ଏକ ଅଚଳ ଗାଡ଼ି କୁ କେତେକ ମିସ୍ତ୍ରୀ ମରାମତି କରୁଥିବା ବେଳେ ପଛପଟୁ ଏକ ପିକ୍-ଅପ୍-ଭ୍ୟାନ ଧକ୍କା ଦେବାରୁ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ମାନଙ୍କୁ ପ୍ରଥମେ ଟାଙ୍ଗୀ ମେଡିକାଲ ଓ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

# ଅନୁକୂଳ ହେଲା ରଥ ନିର୍ମାଣ କାର୍ଯ୍ୟ



ପୁରୀ (ଭାସ୍କର ନ୍ୟୁଜ) : ପବିତ୍ର ଅକ୍ଷୟ ତୃତୀୟ ବୈଶାଖ ଶୁକ୍ଳପକ୍ଷ ତୃତୀୟା ତିଥି ପବିତ୍ର ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି । ତିନୋଟି ୧୨ ଫୁଟିଆ ଧଉରା କାଠକୁ ବାରିକେଡ୍ ଘେରାଇ ସାଇତା ଯାଇଥିଲା। ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ସୋତ୍ରୀୟ ବ୍ରାହ୍ମଣମାନେ ବନଯାଗ ବିଧିରେ ପୂଜା ସମ୍ପାଦନା କରିଛନ୍ତି । ମନ୍ତ୍ର ଧ୍ୱନି ମଧ୍ୟରେ ବିଶ୍ୱକର୍ମାମାନେ ପାରମ୍ପରିକ ରୀତିନୀତିରେ ଉକ୍ତ କାଠରେ ରଥ ନିର୍ମାଣର ଶୁଭାରମ୍ଭ କରିଥିଲେ । ରଥ ନିର୍ମାଣକୁ ଆଗେଇ ନେବାକୁ ଶ୍ରୀନହର ସମ୍ମୁଖରେ ନିର୍ମାଣ ହୋଇଛି ରଥଚାଳି। ତିନି ଜଣ ପୂଜାପଣ୍ଡା ସାମନ୍ତ ଆଣିଥିଲେ ୩ଟି ଆଜ୍ଞାମାଳ । ମୁଖ୍ୟ ବିଶ୍ୱକର୍ମା ରୂପକାର, କମାର, ଚିତ୍ରକର, ଭୋଇ, ଅମୀନ ସେବକମାନେ ଉପସ୍ଥିତ ଥିବେ । ପ୍ରମୁଖ ନିର୍ମାଣକାରୀଙ୍କ ମସ୍ତକରେ ଶାଢ଼ିବନ୍ଧା ନୀତି ହୋଇଥିଲେ । ଯଥାବିଧି ପୂଜାର୍ଚ୍ଚନା ସରି ବିଶ୍ୱକର୍ମାମାନେ ନୂତନ କୁରାଢ଼ିରେ ରଥ ନିର୍ମାଣ ଅନୁକୂଳ କରିଥିଲେ। ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ ହୋଇଥାଏ କୁରାଢ଼ି । ତିନି ରଥର ମୁଖ୍ୟ ବିଶ୍ୱକର୍ମା ନୂତନ ଲୌହ କୁରାଢ଼ିକୁ ରଥତ୍ରୟର ତିନି କାଠଖଣ୍ଡକୁ ସ୍ପର୍ଶ କରି ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ନିର୍ମାଣାର୍ଥେ ପ୍ରାର୍ଥନା କରିଛନ୍ତି। । ଆସନ୍ତା କାଲି ଠାରୁ ଶ୍ରୀନହର ସମ୍ମୁଖ ଚାଳିରେ ତିନି ରଥ ତିଆରିର ଶୁଭାରମ୍ଭ ହେବ । ପ୍ରଥମେ ଚକ ନିର୍ମାଣ କରାଯିବ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅନୁଯାୟୀ ରଥ ନିର୍ମାଣ ହେବ । ରଥ ନିର୍ମାଣରେ ମୁଖ୍ୟତଃ ଫାସି, ଅସନ,ଧଉରା, ଶିମିଳି, ପାଳଧୂଆ, ମହାନିମ୍ବ, ଗମ୍ଭାରୀ, ମଇ, କଦମ୍ବ, ଦେବଦାରୁ ଆଦି କାଠ ବ୍ୟବହୃତ ହୋଇଥାଏ । ଅକ୍ଷୟ ତୃତୀୟାରେ କୌଣସି ଶୁଭ କାର୍ଯ୍ୟ କରାଗଲେ 'ଅକ୍ଷୟ ଫଳ' ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି । ମେ ୪ ତାରିଖ ଗୁରୁବାର ନୃସିଂହ ଚତୁର୍ଦ୍ଦଶୀରେ ଗୁଜ ଅନୁକୂଳ । ୧୨ ତାରିଖ ଶୁକ୍ରବାର ଭଉଁରୀ ଉତ୍ସବରେ ଚକ ଅଖ ଡେରା ହୋଇ ଜୁନ୍? ୪ ରବିବାର ସ୍ନାନପୂର୍ଣ୍ଣମୀ ସୁଦ୍ଧା ଚାରି ନାହାକା ଉଠିବ । ଜୁନ୍ ୨୦ ତାରିଖ ମଙ୍ଗଳବାର ରଥଯାତ୍ରା ଅବସରରେ ଚତୁର୍ଦ୍ଧାମୂର୍ତ୍ତି ଗୁଣ୍ଡିଚା ଘର ଜନ୍ମବେଦିକୁ ଯାତ୍ରା କରିବେ । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଶୁଭ ଅନୁକୂଳ ହୋଇଛି।ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ଠାକୁର ମାନେ ବିମାନକୁ ବିଜେ କରିଥିଲେ। ଅପରାହ୍ନ ୪ ଟାରେ ରଥ ଖଳାକୁ ଆଜ୍ଞାମାଳ ବିଜେ ସହ ବିମାନ ଉଠିଥିଲା।ତିନି ଜଣ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ରଥ ଖଳାରେ ପହଁଚିବା ପରେ ତିନି ରଥର ତିନି ମୁଖ୍ୟ ବିଶ୍ୱକର୍ମାଙ୍କୁ ପ୍ରଦାନ କରିଥିଲେ।ଏହାପରେ ସୁବର୍ଣ୍ଣ ବେଷ୍ଟ ଯୁକ୍ତ କୁରାଢି ଦ୍ୱାରା ରଥ ନିର୍ମାଣ ଅନୁକୂଳ ହୋଇଥିଲା।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ,ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ,ଏସପି ବିନୀତ ଅଗ୍ରୱାଲ,ଛତିଶା ନିଯୋଗ ମହାନାୟକ,ବରିଷ୍ଠ ସେବାୟତ ଉପସ୍ଥିତ ରହି ରଥକାଠ ନିକଟରେ ପ୍ରଣିପାତ କରିଥିଲେ।ରଥ ଖଳାରେ ସୃଷ୍ଟି ହୋଇଥିଲା ଏକ ଆଧାତ୍ମିକ ପରିବେଶ ।ରଥ ନିର୍ମାଣ ଅନୁକୂଳ ପରେ ବାଦ୍ୟ,କାହାଳୀ,ସଙ୍କୀର୍ତ୍ତନ ଓ ଭକ୍ତଙ୍କ ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ମଦନ ମୋହନ,ରାମ,କୃଷ୍ଣ, ଶ୍ରୀଦେବୀ , ଭୂଦେବୀ ଓ ଶ୍ରୀକ୍ଷେତ୍ରରେ ପଞ୍ଚ ମହାଦେବ ବିମାନ ଓ ପାଲିଙ୍କିରେ ବସି ନୌକା ବିହାର ବା ଜଳକ୍ରୀଡା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଯାଇଥିଲେ।


**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 15.04.2025, I Purushottam Majhi, S/o-Madhaba Majhi, Vill/Po-Naktiguda, Ps-Papadahandi,Dist-Nabarangpur, Odisha, declare that. I have changed my minor daughter's name from Sanai Majhi to Tanuja Majhi. Henceforth she shall be known as Tanuja Majhi for all purposes.

Sd/- Purushottam Majhi

**AFFIDAVIT**

By virtue of an affidavit sworn before The Executive Magistrate Dharakote, Dated: 19.04.2025, I Jhuli Pradhan, Address: village-Haripur, Po- Baradabilli, Ps-Badagada, Dist- Ganjam, Odisha, PIN-761107, declare that I have changed my name from Laxmi Das to Jhuli Pradhan. Henceforth I shall be known as Jhuli Pradhan for all purposes.

Sd/- Jhuli Pradhan

**AFFIDAVIT**

By virtue of an affidavit sworn before The Notary Public, G.Udayagiri, Dist-Kandhamal (Odisha), Dated: 24.04.2025. I Dhruba Charan Digal, Address: village-Bedaguba, Po-Gumamaha, Ps- Raikia, Dist- Kandhamal, Odisha, PIN-762101, declare that I have changed my son's name from Dinesh Digal to Arman Digal. Henceforth he shall be known as Arman Digal for all purposes.

Sd/- Dhruba Charan Digal

**AFFIDAVIT**

By virtue of an affidavit sworn before the Executuve Magistrate, Athamallik, dated 25.04.2025, I Judhisthir Roul, Address: At-Kandharamunda, Po-Angapada, Ps- Handapa, Dist- Angul, Odisha, PIN-759126, declare that I have changed my daughter's name from Hirnmayee Raul to Manashi Raul. Henceforth, She shall be known as Manashi Raul for all purposes.

Sd/- Judhisthir Roul

**AFFIDAVIT**

By virtue of an affidavit sworn before the Executuve Magistrate, Keonjhar, Dated: 24.04.2025, I Labanyabati Munda, Address: village-Tambahara, Po-Tambahara, Ps-Harichandanpur, Dist-Keonjhar, Odisha, PIN-758028, declare that I have changed my daughter's name from Loveiy Munda Lovely Munda. Henceforth, She shall be known as Lovely Munda for all purposes.

Sd/- Labanyabati Munda

**AFFIDAVIT**

By virtue of an affidavit before The Executive Magistrate, Rajnagar, Date: 28.04.2025, I Monalisa Parida, W/o-Bibekananda Pradhan, resident of village/post-Dera, Ps- Rajnagar, Dist-Kendrapara, declare that I have changed my name from Monalisa Pradhan to Monalisa Parida. Henceforth I shall be known as Monalisa Parida for all purposes.

Sd/- Monalisa Parida

**AFFIDAVIT**

By virtue of an affidavit sworn before The Notary Public, G.Udayagiri, Dist-Kandhamal (Odisha), dated: 24.04.2025, I Nina Digal, Address: village-Bedaguba, Po-Gumamaha, Ps- Raikia, Dist- Kandhamal, Odisha, PIN- 762101, declare that I have changed my daughter's name from Anvi Digal to Aradhana Digal. Henceforth, She shall be known as Aradhana Digal for all purposes.

Sd/- Nina Digal

**ଘୋଷଣାନାମା**

ଏହିକି ଯେ ମୁଁ ଶ୍ରୀ ରଞ୍ଜନ କୁମାର ଜେନା ପି-ରମାକାନ୍ତ ଜେନା ସା-ଓରଡ଼ା ଥାନା-ତିହିଡ଼ି ଜିଲ୍ଲା-ଭଦ୍ରକ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ତହସିଲଦାର, ତିହିଡ଼ିଙ୍କ ଇଜଲାସରେ ତା ୨୧. ୨. ୨୫ତାରିଖେ ସତ୍ୟାପନ ନଂ ୧୨ଏଏ ୯୮୬୨୩୧ରେ କରିଥିବା ସତ୍ୟପାଠ ଅନୁଯାୟୀ ଜଣାଉଅଛି କି ମୋ ମାଙ୍କ ନାଁ ପୂର୍ବରୁ ଭୋଟର କାର୍ଡ଼ରେ ସତ୍ୟଭାମା ଜେନା ଥିଲା । ତେଣୁ ସେହି ନାଁରେ LIC No . 597939021 policy କରିଥିଲା । କିନ୍ତୁ ପରେ ସୁମିତ୍ରା ନାମରେ ତାର ଆଧାର କାର୍ଡ, ବ୍ୟାଙ୍କ ପାସ ବହି, ଭୋଟର କାର୍ଡ ହୋଇଛି । ତେଣୁ ସତ୍ୟଭାମା ଜେନା ଓ ସୁମିତ୍ରା ଜେନା ଜଣେ ମହିଳା ଅଟନ୍ତି ।

ସ୍ୱା- ରଞ୍ଜନ କୁମାର ଜେନା

*छत्तीसगढ़ शासन जल संसाधन विभाग*
*कार्यालय कार्यपालन अभियंता*
जल संसाधन संभाग, कोटा, जिला–बिलासपुर (छ.ग.)
निविदा निरस्तीकरण आदेश

आदेश क्र./ 2476 /व.ले.लि./2025-26 कोटा, दिनांक 25.04.2025

निविदा सूचना क्र 26/व.ले.लि./2024-25 दिनांक 15.01.2025 सिस्टम नं. 164316 (प्रथम आमंत्रण ) "बिलासपुर जिले के विकासखण्ड तखतपुर अंतर्गत अरपा सिंचाई कालोनी सकरी मे 02 वि./गां. संभागीय कार्यालय एवं 02 उप संभागीय कार्यालय का निर्माण कार्य" अनुमोदित लागत राशि रू. 278.90 लाख की निविदा को प्रमुख अभियंता (निविदा प्रकोष्ठ) जल संसाधन विभाग रायपुर (छ.ग.) के पत्र पृ.क्र. 4263541/निविदा प्रकोष्ठ/2025/949(TC) नवा रायपुर दिनांक 22.04.2025 (जी नं. 242505695/1 दिनांक 06.03.2025) के परिपेक्ष्य में उक्त निविदा निरस्त की जाती है।

कार्यपालन अभियंता
जल संसाधन संभाग कोटा
जिला–बिलासपुर (छ.ग.)

252600563/4

**A-99**

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MAYURBHANJ IRRIGATION DIVISION, BARIPADA
e-mail: exen.mid@gmail.com FAX/TEL: 06792-295472

"E" PROCUREMENT NOTICE NO. 01MBJ/2025-26.

| | |
|---|---|
| 1. Name of works | : Bank protection works, canal critical works and road works |
| 2. Total no. of works | : 25 (Twenty five) nos. of work. |
| 3. Estimated cost | : Varies from Rs. 16.81 lakhs to Rs. 49.81 lakhs |
| 4. Class of Contractor | : 'D' & 'C' and 'C' & 'B' and 'B' Class. |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Superintending Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : **02.05.2025 from 10.00 Hours to 16.05.2025 up to 17.00 Hours.** |
| | |
| (iii) Date, time and place of opening of Bid. | : **On 17.05.2025 at 11.00 Hours** in the O/o the Superintending Engineer, Mayurbhanj Irrigation Division, Baripada |
| **(iv) Date, time and place of Transparent Lottery (If required)** | : **The Transparent Lottery will be held on dt. 26.05.2025 at 11.00 AM in the O/o the Undersigned.** |
| 7. Further details can be seen from the 'e' Procurement Portal http://tendersorissa.gov.in | |

Sd/-Superintending Engineer,
Mayurbhanj Irrigation Division,
Baripada.

OIPR 32041/11/0011/2526

**A-97**

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MAYURBHANJ IRRIGATION DIVISION, BARIPADA
e-mail: exen.mid@gmail.com FAX/TEL: 06792-295472

"E" PROCUREMENT NOTICE NO. 01MBJ/2025-26.

| | |
|---|---|
| 1. Name of works | : Bank protection works, canal critical works and road works |
| 2. Total no. of works | : 25 (Twenty five) nos. of work. |
| 3. Estimated cost | : Varies from Rs. 16.81 lakhs to Rs. 49.81 lakhs |
| 4. Class of Contractor | : 'D' & 'C' and 'C' & 'B' and 'B' Class. |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Superintending Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : **02.05.2025 from 10.00 Hours to 16.05.2025 up to 17.00 Hours.** |
| | |
| (iii) Date, time and place of opening of Bid. | : **On 17.05.2025 at 11.00 Hours** in the O/o the Superintending Engineer, Mayurbhanj Irrigation Division, Baripada |
| **(iv) Date, time and place of Transparent Lottery (If required)** | : **The Transparent Lottery will be held on dt. 26.05.2025 at 11.00 AM in the O/o the Undersigned.** |
| 7. Further details can be seen from the 'e' Procurement Portal http://tendersorissa.gov.in | |


Sd/-Superintending Engineer,
Mayurbhanj Irrigation Division,
Baripada.

OIPR 32158/11/0026/2526



ନୂଆଦିଲ୍ଲୀ : ଜମ୍ମୁ-କାଶ୍ମୀର ପହଲଗାମରେ ଆତଙ୍କୀ ଗୁଳିକାଣ୍ଡ ଯୋଗୁ ସାରା ଦେଶ ଏବେ କ୍ରୋଧରେ । ଏଥିରେ ଗ୍ୟାଙ୍ଗଷ୍ଟ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପାକିସ୍ତାନକୁ ସିଧା ଧମକ ଦେଇଛି । ସୋସିଆଲ ମିଡିଆରେ ଏକ ପୋଷ୍ଟ ସାମ୍ନାକୁ ଆସିଛି । ଏଥିରେ ଆତଙ୍କବାଦୀ ହାଫିଜ ସଇଦର ଫଟୋରେ ଲାଲ ଛକ ଚିହ୍ନ ଲଗାଇ ଲେଖିଛି 'ତୁମେ ଆମର ନିର୍ଦ୍ଦୋଷ ଲୋକଙ୍କୁ ମାରିଛ ଏବେ ଆମେ ପାକିସ୍ତାନରେ ପଶି ଏକ ଏପରି ବ୍ୟକ୍ତିକୁ ମାରିବୁ ଯିଏ ୧ ଲକ୍ଷ ଲୋକଙ୍କ ସଙ୍ଗେ ସମାନ' । ତେବେ ଏହି ପୋଷ୍ଟକୁ ବିଷ୍ଣୋଇ ଗ୍ୟାଙ୍ଗ ଜାରି କରିଛି କି ନା ତାହା ଏପର୍ଯ୍ୟନ୍ତ ଅଧିକାରୀକ ପୁଷ୍ଟି ହୋଇ ନାହିଁ । ହେଲେ ସୋସିଆଲ ମିଡିଆରେ ଏହି ପୋଷ୍ଟ ଦ୍ରୁତ ଭାଇରାଲ ହେବାରେ ଲାଗିଛି । ତେବେ ବିଷ୍ଣୋଇ ଗ୍ୟାଙ୍ଗର ଏହି ଧମକ ଏବେ ନୂଆ ମୋଡ଼ ନେଇଛି ।

# ପ୍ରଧାନମନ୍ତ୍ରୀ ମୋଦିଙ୍କ ଋଷ ଗସ୍ତ ବାତିଲ



ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମୁହାଁମୁହିଁ ହୋଇଛନ୍ତି । ଏପରି ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୁଷ ଗସ୍ତକୁ ବାତିଲ କରାଯାଇଛି । ମେ' ୯ ତାରିଖ ମସ୍କୋରେ ଭିକ୍ଟ୍ରି ଡେ ପରେଡରେ ଭାଗ ନେବେ ନାହିଁ ମୋଦି । ଏନେଇ କ୍ରେମଲିନ୍ ମୁଖପାତ୍ର ପେସକୋଭଙ୍କ ପକ୍ଷରୁ ସୂଚନା ଜାର କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମସ୍କୋରେ ଭିକ୍ଟ୍ରି ଡେ' ପରେଡକୁ ନିମନ୍ତ୍ରଣ କରାଯାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀ ବିପକ୍ଷରେ ବିଜୟର ୮୦ ତମ ବାର୍ଷିକୀ ପାଳନ ପାଇଁ ଏହି ସମାରୋହ ପାଳନ କରାଯାଉଛି । ସେହି ସମୟରେ, ରୁଷର ଉପ-ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରେ ରୁଡେଙ୍କୋ କହିଛନ୍ତିଥି ଯେ, ଏହି ଉତ୍ସବ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନିମନ୍ତ୍ରଣ ପଠାଯାଇଛି । ତଥାପି, ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ । ତାଙ୍କ ସ୍ଥାନରେ ଆଉ ଏକ ପ୍ରତିନିଧି ଦଳ ରୁଷ ଯିବ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସକୋଭ୍ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ଉପସ୍ଥିତ ନ ଥିଲେ ମଧ୍ୟ, ଏକ ପ୍ରତିନିଧିମଣ୍ଡଳୀ ମାଧ୍ୟମରେ ଭାରତକୁ ପ୍ରତିନିଧିତ୍ୱ କରାଯିବ । ତଥାପି, ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ଥାନରେ କିଏ କାର୍ଯ୍ୟକ୍ରମରେ ଯୋଗଦେବେ ତାହା ସେ ସ୍ପଷ୍ଟ କରିନାହାଁନ୍ତି ।

# ଆଖୁର ଉଚିତ ଏବଂ ଲାଭକାରୀ ମୂଲ୍ୟକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ: ଆଖୁ ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଖୁର ଉଚିତ୍ ଏବଂ ଲାଭକାରୀ ମୂଲ୍ୟ(ଏଫଆରପି)କୁ ମଞ୍ଜୁର କରିଛନ୍ତି । ଆଖୁ ଋତୁ ୨୦୨୫-୨୬ (ଅକ୍ଟୋବର-ସେପ୍ଟେମ୍ବର) ନିମନ୍ତେ କ୍ୱିଣ୍ଟାଲ ପିଛା ୩୫୫ ଟଙ୍କାର ଏଫଆରପି ଧାର୍ଯ୍ୟ କରାଯାଉଛି । ଏଥିରେ ୧୦.୨୫%ରୁ ଅଧିକ ପ୍ରତ୍ୟେକ ୦.୧% ବୃଦ୍ଧି ନିମନ୍ତେ କ୍ୱିଣ୍ଟାଲ ପିଛା ୩.୪୬ ଟଙ୍କାର ପ୍ରିମିୟମ ଦିଆଯିବ । ଅନ୍ୟପକ୍ଷରେ ଲାଭ ପ୍ରାପ୍ତିରେ ପ୍ରତ୍ୟେକ ୦.୧%ର ହ୍ରାସ ପାଇଁ ଏଫଆରପିରେ କ୍ୱିଣ୍ଟାଲ ପିଛା ୩.୪୬ ଟଙ୍କା ହ୍ରାସ କରାଯିବ । ତେବେ, ଆଖୁ ଚାଷୀମାନଙ୍କ ସ୍ୱାର୍ଥର ସୁରକ୍ଷା ଉଦ୍ଦେଶ୍ୟରେ ସରକାର ଏହା ମଧ୍ୟ ନିଷ୍ପତ୍ତି ନେଇଛନ୍ତି ଯେ ଯେଉଁ ଚିନି କାରଖାନାଗୁଡ଼ିକରେ ପୁନରୁଦ୍ଧାର ୯.୫ ପ୍ରତିଶତରୁ କମ୍, ସେ କ୍ଷେତ୍ରରେ କୌଣସି ଛାଡ଼ କରାଯିବ ନାହିଁ । ଏଭଳି କୃଷକମାନେ ଆଗାମୀ ଚିନି ଋତୁରେ (୨୦୨୫-୨୬) ଆଖୁ ପାଇଁ କ୍ୱିଣ୍ଟାଲ ପିଛା ୩୨୯.୦୫ ଟଙ୍କା ପାଇବେ । ଚିନି ଋତୁ ୨୦୨୫-୨୬ ପାଇଁ ଆଖୁ ଉତ୍ପାଦନ ମୂଲ୍ୟ (ଏଟୁ + ଏଫଏଲ) ହେଉଛି କ୍ୱିଣ୍ଟାଲ ପିଛା ୧୭୩ଟଙ୍କା । ୧୦.୨୫% ପୁନରୁଦ୍ଧାର ହାରରେ କ୍ୱିଣ୍ଟାଲ ପିଛା ୩୫୫ଟଙ୍କାର ଏହି ଏଫଆରପି ଉତ୍ପାଦନ ଖର୍ଚ୍ଚ ତୁଳନାରେ ୧୦୫.୨% ଅଧିକ । ଚିନି ଋତୁ ୨୦୨୫-୨୬ ପାଇଁ ଏଫଆରପି ବର୍ତ୍ତମାନର ଚିନି ଋତୁ ୨୦୨୪-୨୫ ଠାରୁ ୪.୪୧% ଅଧିକ । ଚିନି ଋତୁ ୨୦୨୫-୨୬ ରେ କୃଷକମାନଙ୍କ ଠାରୁ ଆଖୁ କ୍ରୟ ପାଇଁ ଅନୁମୋଦିତ ଏଫଆରପି (୧ ଅକ୍ଟୋବର, ୨୦୨୫ ଠାରୁ) ଚିନି କାରଖାନାଗୁଡ଼ିକ ଦ୍ୱାରା ଲାଗୁ କରାଯିବ । ଚିନି କ୍ଷେତ୍ର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କୃଷି ଭିତ୍ତିକ କ୍ଷେତ୍ର ଯାହା କୃଷି ଶ୍ରମିକ ଏବଂ ପରିବହନ ସମେତ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟକଳାପରେ ନିୟୋଜିତ ବ୍ୟକ୍ତିଙ୍କ ବ୍ୟତୀତ ପ୍ରାୟ ୫ କୋଟି ଆଖୁ ଚାଷୀ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ଏବଂ ଚିନି କାରଖାନାରେ ସିଧାସଳଖ ନିଯୁକ୍ତ ପ୍ରାୟ ୫ ଲକ୍ଷ ଶ୍ରମିକଙ୍କ ଜୀବିକା ଉପରେ ପ୍ରଭାବ ପକାଇଥାଏ । ସୂଚନାଯୋଗ୍ୟ, କୃଷି ବ୍ୟୟ ଏବଂ ମୂଲ୍ୟ ଆୟୋଗ (ସିଏସିପି) ର ସୁପାରିସ ଆଧାରରେ ଏବଂ ରାଜ୍ୟ ସରକାର ତଥା ଅନ୍ୟ ଅଂଶୀଦାରମାନଙ୍କ ସହିତ ପରାମର୍ଶ ପରେ ଏଫଆରପି ନିର୍ଦ୍ଧାରଣ କରାଯାଇଛି । ୨୮ ଏପ୍ରିଲ ୨୦୨୫ ସୁଦ୍ଧା ୨୦୨୩-୨୪ ଚିନି ଋତୁରେ ଆଖୁ ଚାଷୀଙ୍କ ବକେୟା ପାଉଣା ୧,୧୧,୭୮୨ କୋଟି ଟଙ୍କା ମଧ୍ୟରୁ ୧,୧୧,୭୦୩ ଟଙ୍କା ପଇଠ କରାଯାଇସାରିଛି । ଅର୍ଥାତ୍ ୯୯.୯୨% ପାଉଣା ଦିଆଯାଇସାରିଛି । ସେହିପରି ଚଳିତ ଆଖୁ ଋତୁ ୨୦୨୪-୨୫ରେ ବକେୟା ପାଉଣା ୯୭,୨୭୦ କୋଟି ଟଙ୍କା ମଧ୍ୟରୁ ପ୍ରାୟ ୮୫,୦୯୪ କୋଟି ଟଙ୍କା ଅର୍ଥାତ୍ ୮୭% ପାଉଣା ପୈଠ କରାଯାଇସାରିଛି ।

# ସମତା, ସମରସତ୍ତା, ସୁଶାସନ ଏବଂ ସାମାଜିକ ନ୍ୟାୟର ନୂଆ ଯୁଗ ଆରମ୍ଭ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ଆଜିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାତିଗତ ଜନଗଣନାକୁ ଆଗାମୀ ଜନଗଣନାରେ ସାମିଲ କରିବା ପାଇଁ ସ୍ୱୀକୃତି ଦେଇଛି, ଯେଉଁ ଐତିହାସିକ ନିର୍ଣ୍ଣୟକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ସମତା, ସମରସତା, ସୁଶାସନ ଏବଂ ସାମାଜିକ ନ୍ୟାୟର ଏକ ନୂଆ ଯୁଗ ଆରମ୍ଭ । ବଞ୍ଚିତ, ପଛୁଆ ଲୋକଙ୍କୁ ନୀତି-ନିର୍ମାଣରେ କେନ୍ଦ୍ରରେ ରଖିବା, ସମାଜର ସମସ୍ତ ବର୍ଗଙ୍କୁ ଯୋଡିବା, ସାମାଜିକ, ଶୈକ୍ଷିକ ଏବଂ ଆର୍ଥିକ ଅସମାନତାକୁ ପାରଦର୍ଶୀ ଏବଂ ପ୍ରମାଣିକ ଶୈଳୀରେ ଦୂର କରିବା ତଥା ସବୁ ବର୍ଗଙ୍କ ପାଇଁ ଉଚିତ୍ ଅଧିକାର ସୁନିଶ୍ଚିତ କରିବା ଦିଗରେ ଏହା ଏକ ସକରାତ୍ମକ ପଦକ୍ଷେପ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ବିଗତ ୧୧ ବର୍ଷ ଧରି ସମ୍ବିଧାନର ମୂଳ ଭାବନା ଅନୁସାରେ ସବକା ସାଥ୍- ସବକା ବିକାଶର ସଂକଳ୍ପ ସହ କାମ କରୁଥିବା ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ସରକାର ଚାଲୁଅଛି । ଆଜିର ଏହି ନିର୍ଣ୍ଣୟ ସବକା ସାଥ୍ – ସବକା ବିକାଶ ଏବଂ ସାମାଜିକ ନ୍ୟାୟର ଅବଧାରଣାକୁ ସଶକ୍ତ କରିବା ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହେବ । କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସବୁବେଳେ ଜାତି ଗଣନା ବିଷୟରେ ଛଳନା କରିଛନ୍ତି । କଂଗ୍ରେସ ଯେତେବେଳେ ସରକାରରେ ଥିଲା, ସେତେବେଳେ ଏହି ବିଷୟକୁ କେବଳ ଫାଷ୍ଟ ସର୍ଭେ ମଧ୍ୟରେ ସୀମିତ ରଖିଥିଲା । ଏହାକୁ ଜନଗଣନାର ଅଂଶ ଭାବରେ ସାମିଲ କଲାନାହିଁ । କିନ୍ତୁ ମୋଦୀ ସରକାରଙ୍କ ନୀତି ସ୍ପଷ୍ଟ ଏବଂ ଦୂରଦର୍ଶୀ ନିର୍ଣ୍ଣୟାକ ମଧ୍ୟ । ଐତିହାସିକ ଭୁଲକୁ ସୁଧାରୁଥିବା ଏହି ସମ୍ବେଦନଶୀଳ ନିର୍ଣ୍ଣୟ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଦୃଢ ଇଚ୍ଛାଶକ୍ତି କାରଣରୁ ସମ୍ଭବ ହୋଇଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

## ହୋଟେଲରେ ନିଆଁ:୧୪ ମୃତ

କୋଲକାତା: କୋଲକାତାରେ ଭୟଙ୍କର ଅଗ୍ନିକାଣ୍ଡ । ନିଆଁରେ ପୋଡି ହୋଇ ୧୪ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ମଙ୍ଗଳବାର ବିଳମ୍ବିତ ରାତିରେ ସେଣ୍ଟ୍ରାଲ କୋଲକାତାରେ ଥିବା ଋତୁରାଜ ହୋଟେଲରେ ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି । ଅନେକ ଲୋକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି । ସେମାନଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଅଗ୍ନିକାଣ୍ଡ ର କାରଣ ଜଣାପଡିନାହିଁ । ତେବେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।

## ଜାତି ଜନଗଣନା ନିଷ୍ପତ୍ତିକୁ ରାହୁଲଙ୍କ ସମର୍ଥନ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଜାତି ଜନଗଣନା ଲାଗି ନିଷ୍ପତ୍ତି ହୋଇଛି । କଂଗ୍ରେସ କହିଛି ଯେ ଆମ ପାର୍ଟି ପକ୍ଷରୁ ଲଗାତାର ଦାବି ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଏ ନେଇ ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ତାଙ୍କ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ବାସ୍ତବିକ ସ୍ୱାଗତଯୋଗ୍ୟ । ଏବେ ପ୍ରଧାନମନ୍ତ୍ରୀ ଏଥି ପାଇଁ ତାରିଖ ଘୋଷଣା କରନ୍ତୁ । ରାହୁଲ କହିଛନ୍ତି ଯେ ଆମେ ଦେଶରେ ଜାତି ଜନଗଣନା କରିକି ରହିବୁ ବୋଲି ସଂସଦରେ କହିଥିଲୁ । ଏହା ସହିତ ଆମେ ଏ ପର୍ଯ୍ୟନ୍ତ ସଂରକ୍ଷଣରେ ଥିବା ୫୦% ସୀମାକୁ ବି ହଟାଇବାକୁ ଦାବି କରିଥିଲୁ । ଆମେ ସରକାରଙ୍କ ଏହି ନିଷ୍ପତ୍ତିକୁ ସମର୍ଥନ କରୁଛୁ । ରାହୁଲ ଗାନ୍ଧି କହିଛନ୍ତି ଯେ ଏହା ପ୍ରଥମ ପଦକ୍ଷେପ, ଏବେ ଆମକୁ ଆଗକୁ ଢେରବାଟ ଯିବାକୁ ଅଛି । ତେବେ ସରକାର ଏବେ ଦେଶରେ ଜାତି ଜନଗଣନା କେବେ ଆରମ୍ଭ କରିବେ ସେଥି ଲାଗି ତାରିଖ ଘୋଷଣା କରନ୍ତୁ ବୋଲି କହିଛନ୍ତି । ରାହୁଲ ଗାନ୍ଧି କହିଛନ୍ତି ଯେ 'ତେଲେଙ୍ଗାନାରେ ଆମେ ଜନତାଙ୍କ ସହ ଗଭୀର ଆଲୋଚନା କରି ଏହାକୁ କରିଛୁ । ଆମେ ଲୋକଙ୍କ ସେନସସ ଜାଣିବାକୁ ଚାହୁଁଛୁ ନା କି ବ୍ୟୁରୋକ୍ରାଟଙ୍କ ସଂଖ୍ୟା । ରାହୁଲ କହିଛନ୍ତି ଯେ ଏହାର ଦ୍ୱିତୀୟ ପ୍ରିନ୍ସପୁଲ ହେଉଛି ଏଥି ପାଇଁ ଏକ୍ସପର୍ଟ ଗ୍ରୁପ ସେଟଅପ କରାଯିବ, ଯେଉଁମାନେ ସଂଗୃହୀତ ତଥ୍ୟର ଅଧ୍ୟୟନ କରିବେ । ଏହାର ତୃତୀୟ ପଦକ୍ଷେପ ହେଉଛି ୫୦% ସଂରକ୍ଷଣର ସୀମାକୁ ହଟାଯିବା, ଯାହା ତେଲେଙ୍ଗାନା ସରକାର ଏବେ କରି ଦେଖାଇଛନ୍ତି । ଏହା ଭାରତ ସରକାର ମଧ୍ୟ ଆପଣାନ୍ତୁ ବୋଲି ରାହୁଲ ଗାନ୍ଧି କହିଛନ୍ତି ।

## ସୀମା ଲଙ୍ଘନ ନ କରିବାକୁ ଚେତାବନୀ ଦେଲା ଭାରତ



ନୂଆଦିଲ୍ଲୀ: ଭାରତୀୟ ସେନାର ସାମରିକ ଅପରେସନ ମହାନିର୍ଦ୍ଦେଶକ ପାକିସ୍ତାନୀ ଡିଜିଏମଓଙ୍କ ସହ କଥା ହୋଇଛନ୍ତି ଏବଂ ନିୟନ୍ତ୍ରଣ ରେଖା ନିକଟରେ ପାକ୍ ସେନା ଦ୍ୱାରା କୌଣସି ବି ଉତ୍ତେଜନାରେ ଉଲ୍ଲଂଘନ ନ କରିବାକୁ ଚେତାବନୀ ଦେଇଛନ୍ତି । ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୁଇ ଡିଜିଏମ୍ଓ ଗତକାଲି ସ୍ଥାପିତ ସାମରିକ ହଟଲାଇନ୍ ମାଧ୍ୟମରେ କଥା ହୋଇଥିଲେ । ଭାରତୀୟ ଅଧିକାରୀ ଜଣକ ପାକିସ୍ତାନ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ ପ୍ରସଙ୍ଗ ଉଠାଇଥିଲେ ।

### ଶ୍ରମିକ ଦିବସ ଅବ୍ୟବହିତ ପୂର୍ବରୁ ବିଷ୍ଣୁଦେବଙ୍କ ସୂଚନା

## ଶ୍ରମିକର ପୁଅ ଆଉ ମଜଦୁର ହେବ ନାହିଁ




ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ନେତୃତ୍ୱରେ ଶ୍ରମିକ ଏବଂ ସେମାନଙ୍କ ପରିବାର ନିମନ୍ତେ ବହୁ ଯୋଜନା ପ୍ରଣୟନ କରାଯାଉଛି । ଏହି ଯୋଜନାଗୁଡିକ ମାଧ୍ୟମରେ ଶ୍ରମିକମାନଙ୍କ ସାମାଜିକ ଏବଂ ଆର୍ଥିକ ସ୍ଥିତିର ବିକାଶ ହେଉଛି । ଶ୍ରମ ବିଭାଗ ପକ୍ଷରୁ ସନିର୍ମାଣ କର୍ମକାରକ ମଣ୍ଡଳ, ଅସଂଗଠିତ କର୍ମକାର ଏବଂ ରାଜ୍ୟ ସାମାଜିକ ସୁରକ୍ଷା ମଣ୍ଡଳ ଏବଂ ଶ୍ରମ କଲ୍ୟାଣ ମଣ୍ଡ ମାଧ୍ୟମରେ ଏହି ଯୋଜନାଗୁଡିକର ସଠିକ ରୂପାୟନ କରାଯାଉଛି । ଶ୍ରମିକମାନଙ୍କୁ ବିଭିନ୍ନ ଯୋଜନାରେ ୫୦୦କୋଟି ଟଙ୍କାର ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିବା ଶ୍ରୀ ସାଏ କହିଥିଲେ । ଏହି କାର୍ଯ୍ୟକ୍ରମରେ ଛତିଶଗଡ ଶ୍ରମ ମନ୍ତ୍ରୀ ଲଖନ ଲାଲ ଦେବଗନ୍ କହିଥିଲେ ଯେ, ଛତିଶଗଡ ସରକାର ରାଜ୍ୟବାସୀଙ୍କୁ ସୁଶାସନ ଦେଉଥିବା ବେଳେ ଏଣିକି ଶ୍ରମିକମାନଙ୍କ ସନ୍ତାନମାନେ ଆଉ ମଜଦୁର ହେବନାହିଁ । ସେମାନଙ୍କ ପାଇଁ ବହୁ କଲ୍ୟାଣକରଯୋଜାନ କାର୍ଯ୍ୟକାରି କରାଯିବ । ଯାହାଫଳରେ ସେମାନେ ସମାଜର ମୁଖ୍ୟ ସ୍ରେତାରେ ସାମିଲ ହୋଇପାରିବେ । ଶ୍ରମିକଙ୍କ ସନ୍ତାନମାନଙ୍କ ପାଇଁ ଛାତ୍ର ବୃତ୍ତି ଯୋଜନା, ମିନି ମାତା ମହତାରୀ ଜତନ୍ ଯୋଜନା, ମୁଖ୍ୟମନ୍ତ୍ରୀ ଶ୍ରମିକ କିଟ୍ ଯୋଜନା, ମୁଖ୍ୟମନ୍ତ୍ରୀ ମେଧାବୀ ଶିକ୍ଷା ପ୍ରୋତ୍ସାହନ ଯୋଜନା, ନିଃଶୁଳ୍କ ଶିକ୍ଷା, ପୁସ୍ତକ ଏବଂ ଅନ୍ୟାନ୍ୟ ସାମଗ୍ରୀ ପାଇଁ ସହାୟତା ରାଶି ଯୋଜନା ଇତ୍ୟାଦିନ ପ୍ରଦାନ କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ସବୁ ଯୋଜନା ପାଇଁ ୨୫୫କୋଟି ୩୧ଲକ୍ଷ ଟଙ୍କା ବରାଦ କରାଯାଇଥିବା ଶ୍ରୀ ସାଏ କହିଥିଲେ । ସେ ଆହୁରି କହିଥିଲେ ଯେ, ମଇ ୧ତାରିଖ ସାରା ବିଶ୍ୱରେ ଶ୍ରମିକ ଦିବସ ପାଳନ କରାଯିବ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶ୍ରମିକମାନଙ୍କର ବିକାଶ । ୧୮୮୬ ମସିହାରେ ଶିକାଗୋ ସହରରେ ମଜଦୁରମାନଙ୍କୁ ହଇରାଣ କରାଯାଉଥା ପରିପ୍ରେକ୍ଷୀରେ ଏକ ବଡ ବିରୋଧ ପ୍ରଦାନ କରାଯାଉଥିଲା । ସେମାନେ ଦିନ ତମାମ କାମ କରିବା ଅପେକ୍ଷା ୮ଘଣ୍ଟାକାମ କରିବାକୁ ଦାବି କରିଥିଲେ ।

# ବାଣିଜ୍ୟ



ନୂଆଦିଲ୍ଲୀ: ମୋଟୋରୋଲା ଯାହାକି ମୋବାଇଲ ଜ୍ଞାନକୌଶଳରେ ବିଶ୍ୱର ନେତୃତ୍ୱକାରୀ ତଥା ନବୀକରଣ ଏବଂ ଭାରତର ଅଗ୍ରଣୀ ଏଆଇ ସ୍ମାର୍ଟଫୋନ ବ୍ରାଣ୍ଡ ଆଜି ଏହା ସହିତ ଏକ ନୂତନ ଅବିରାମ ସ୍ମାର୍ଟଫୋନର ଧାରାକୁ ଯୋଡ଼ି ପାରିଛି ଯାହାକି ଏଜ ୬୦ ଲାଇନଅପ ସହିତ ମୋଟୋରୋଲା ଏଜ ୬୦ ପ୍ରୋର ଶୁଭାରମ୍ଭ ହୋଇଛି । ଉପକରଣଟି ସେଗମେରେ ୫୦ଏମପି+୫-ଏମପି+୫୦x(ଟେଲିଫୋଟୋ) ଅତ୍ୟାଧୁନିକ ଏଆଇ କ୍ୟାମେରା ସହିତ ଆସିଛି ତଥା ଏଥିରେ ସଂଯୋଗ ହୋଇଥିବା ଅନ୍ୟାନ୍ୟ ବିଶେଷତ୍ୱ ମଧ୍ୟରେ ସେଗମେର ସବୁଠାରୁ ପାରମ୍ପରିକ ତଥା ପ୍ରସଙ୍ଗ ଆଧାରିତ ଉପକରଣ ଯୁକ୍ତ ଏଆଇ ଅଭିଜ୍ଞତା ସହିତ ଉତ୍ସର୍ଗୀକୃତ ଏଆଇ ପ୍ରମୁଖତା ଏବଂ ବିଶ୍ୱର ସବୁଠାରୁ ଅଧିକ ନିମଜ୍ଜିତକାରୀ ୧.୫୦କେ ଟ୍ରୁକଲର କ୍ୱାର୍ଡ଼-କଭର୍ଡ଼ ଡ଼ିସପ୍ଲେ ସହିତ ଏହା ଉପସ୍ଥାପିତ ହୋଇଛି । ଅତିରିକ୍ତ ଭାବରେ ମୋଟୋରୋଲା ଏଜ ୬୦ ପ୍ରୋ ଅନ୍ୟାନ୍ୟ ବିଶେଷତ୍ୱ ହେଉଛି ଏହା ବିଶ୍ୱର ସବୁଠାରୁ ଉଚ୍ଚତାଯୁକ୍ତ ବ୍ୟାଟେରୀ ଡ଼ିଏକ୍ସଓଏମଆରକେର ବ୍ୟାଟେରୀ ରେଟିଙ୍ଗ ଯାହାକି ଏହା ପୂର୍ବରୁ ଗୋଲ୍ଡ ଲେବୁଲ ପ୍ରମାଣପତ୍ର ପ୍ରାପ୍ତ ହୋଇଛି – ତଥା ଏହା ଏକ ଶକ୍ତିଶାଳୀ ଗାରିମାକାରୀ ୬୦୦୦ ଏମଏଏଚ୍ ବ୍ୟାଟେରୀ ସହିତ ୯୦ୱା ଟର୍ବୋ ପାୱାର ଚର୍ଜିଙ୍ଗ ତଥା ୧୫ ୱାର ୱାରଲେସ ଚର୍ଜିଙ୍ଗରେ ଆସିଅଛି । ପୁନର୍ବାର ଉପକରଣଯି ଅଭୂତପୂର୍ବ ଶକ୍ତିଶାଳୀ ଏଆଇ ସକ୍ଷମକାରୀ ମେଡ଼ିଆଟେକ୍ ଡ଼ାଇମେନସିଟି ୮୩୫୦ ଏକ୍ସଟ ପ୍ରୋସେସର ଦ୍ୱାରା କ୍ଷମତାଶାଳୀ ଅଟେ ।

## ୱଣ୍ଡରଲା ପକ୍ଷରୁ 'ଫଙ୍କି ମଙ୍କି' ଓ 'ୱଣ୍ଡରଲା ବାମ୍ବା'ର ଶୁଭାରମ୍ଭ






ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆମ୍ୟୁଜମେଣ୍ଟ ପାର୍କ ଶୃଙ୍ଖଳା ୱଣ୍ଡରଲା ହଲିଡେଜ ଲିମିଟେଡ ପକ୍ଷରୁ ଆଜି ଏହାର ଭୁବନେଶ୍ୱର ପାର୍କରେ ଦୁଇଟି ନୂଆ ଆକର୍ଷଣ 'ଫଙ୍କି ମଙ୍କି' ଓ 'ୱଣ୍ଡରଲା ବାମ୍ବା'ର ଶୁଭାରମ୍ଭ କରାଯାଇଛି । ଏସବୁକୁ ମିଶାଇ ୱଣ୍ଡରଲା ଭୁବନେଶ୍ୱରରେ ଏବେ ୨୩ଟି ଭୂପୃଷ୍ଠ ଓ ଜଳ ଆକର୍ଷଣ ରହିଛି ଏବଂ ଏହା ଓଡ଼ିଶାର ସର୍ବବୃହତ ଆମ୍ୟୁଜମେଂଟ ପାର୍କ ଭାବେ ନିଜର ସ୍ଥାନ ସୁଦୃଢ଼ କରିଛି । ଗ୍ରୀଷ୍ମ ଋତୁ ପାଇଁ ସମୟୋପଯୋଗୀ ଏହି ନୂଆ ଯାତ୍ରାରେ ୱଣ୍ଡରଲାର ଉଚ୍ଚ-ରୋମାଂଚ ଏବଂ ପାରିବାରିକ ଅନୁକୂଳ ଅନୁଭୂତିର ପୋର୍ଟଫୋଲିଓକୁ ବିସ୍ତାର କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଲୋକପ୍ରିୟ ଅଭିନେତା ତଥା ଗାୟକ ବାବୁଶାନ ମହାନ୍ତିଙ୍କ ସହ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଏମଡି ଅରୁଣ କେ ଚିଟିଲପିଲି, ସିଓଓ ଧୀରନ ଚୌଧୁରୀ ଓ ଭୁବନେଶ୍ୱର ପାର୍କ ମୁଖ୍ୟ କଳ୍ପତରୁ ନାୟକଙ୍କ ଉପସ୍ଥିତିରେ ପାର୍କରେ ଏହି ଉନ୍ମୋଚନ ଉତ୍ସବ ପାଳିତ ହୋଇଥିଲା । ଫଙ୍କି ମଙ୍କି: ଏହା ହେଉଛି ୭ ମିଟର ଉଚ୍ଚତା ବିଶିଷ୍ଟ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଥିବା ଏକ ଆକର୍ଷଣ, ଯେଉଁଥିରେ ଏକ କ୍ୟାବିନ୍ ରହିଛି । ୱଣ୍ଡରଲା ବାମ୍ବା: ଏହି ରୋମାଞ୍ଚକର ଯାତ୍ରାରେ ୧୮ ଜଣ ଯାତ୍ରୀ ରହିପାରିବେ ଏବଂ ୧୦ ଆରପିଏମ ପର୍ଯ୍ୟନ୍ତ ବେଗରେ ଉଭୟ କ୍ଲକ ୱାଇଜ ଏବଂ ଆଂଟି-କ୍ଲକ୍ ୱାଇଜ୍ ଦିଗରେ ୩୬୦ ଡିଗ୍ରୀ ଘୂର୍ଣ୍ଣାୟମାନ ଅନୁଭୂତି ପ୍ରଦାନ କରିବ ଯାହା ୫.୫ ମିଟର ଉଚ୍ଚତାରେ ପହଞ୍ଚିବ । ୨ ମିନିଟ୍ ଏବଂ ୩୦ ସେକେଣ୍ଡର ଯାତ୍ରାରେ ପ୍ରତ୍ୟେକ ରାଇଡରଙ୍କୁ କାନ୍ଧର ତାଲା ସୁରକ୍ଷିତ ରଖିବା ସହିତ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଉନ୍ମୋଚନ ଅବସରରେ ୱଣ୍ଡରଲା ହଲିଡେଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଏମଡି ଅରୁଣ କେ ଚିଟିଲାପିଲି କହିଛନ୍ତି ଯେ, 'ଆମ ଭୁବନେଶ୍ୱର ପାର୍କରେ ଦୁଇଟି ପାରିବାରିକ ଯାତ୍ରା ଯୋଡ଼ିବା ସବୁ ବୟସ ବର୍ଗ ପାଇଁ ବିବିଧ, ଉଚ୍ଚମାନର ଆମୋଦ ପ୍ରଦାନ ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଗ୍ରୀଷ୍ମକାଳୀନ ଅଭିଯାନ ୨୦୨୫ର ଏକ ଅଂଶ ଭାବରେ ୱଣ୍ଡରଲା ଭୁବନେଶ୍ୱର ପ୍ରଥମ ଥର ପାଇଁ ନାଇଟ୍ ପାର୍କ ଅନୁଭୂତି ଆରମ୍ଭ କରିଛି । ଜୁନ୍ ୩୦ ପର୍ଯ୍ୟନ୍ତ ଉପଲବ୍ଧ ଥିବା ଗ୍ରୀଷ୍ମକାଳୀନ ଅଭିଯାନରେ ଅନେକ ସ୍ୱତନ୍ତ୍ର ଅଫର ମଧ୍ୟ ରହିଛି । ଆଗୁଆ ବୁକିଂ ଉପରେ ୨୫% ପର୍ଯ୍ୟନ୍ତ ରିହାତି । ବରିଷ୍ଠ ନାଗରିକଙ୍କ ପାଇଁ ୫୦% ରିହାତି । ଦଶମ-ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ୩୫% ରିହାତି (ହଲ୍ ଟିକେଟ୍ ଅଫର) ଏବଂ ବୈଧ ପରିଚୟପତ୍ର ଥିବା କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ୨୦% ରିହାତି । ଜନ୍ମଦିନ ମାସରେ ଯେକୌଣସି ସମୟରେ ଅତିଥିମାନଙ୍କ ପାଇଁ ବାଏ-ୱାନ-ଗେଟ୍-ୱାନ୍-ଫ୍ରି । ମୋ ବସ୍ ବ୍ୟବହାର କରୁଥିବା ପର୍ଯ୍ୟଟକଙ୍କ ପାଇଁ ଟିକେଟ ଉପରେ ୧୫% ରିହାତି (ବୈଧ ଟିକେଟ୍ ଦେଖାଇବା ଉପରେ) । ଗ୍ରୀଷ୍ମ ପର୍ବକୁ ଆହୁରି ବଢ଼ାଇ ୱଣ୍ଡରଲାର ପ୍ରିୟ ଆମରସ ଫେଷ୍ଟିଭାଲ ରେ ଆମରସ ପୁରୀ, ଆମରସ୍ ଶେକ୍, ଆମ୍ କା ଲସି ଏବଂ ଆମ୍ ରାବିଡି ଜିଲାପି ଭଳି ଆଂଚଳିକ ପସନ୍ଦର ମେନୁ ରହିଛି । ପ୍ରତି ପାର୍କ ପାଇଁ ୱଣ୍ଡରଲାର ଅନଲାଇନ୍ ବୁକିଂ ପୋର୍ଟାଲ ମାଧ୍ୟମରେ ସମସ୍ତ ସ୍ୱତନ୍ତ୍ର ଅଫର ଉପଲବ୍ଧ ।

## ଅମୂଲ କ୍ଷୀର ମୂଲ୍ୟ ବୃଦ୍ଧି

ଅହମଦାବାଦ : ମଦର ଡେରୀ ପରେ ଅମୂଲ ମଧ୍ୟ କ୍ଷୀରର ମୂଲ୍ୟ ବୃଦ୍ଧି କରିଛି । ଗୁଜରାଟ କୋ-ଅପରେଟିଭ ମିଲ୍କ ମାର୍କେଟିଂ ଫେଡେରେସନ (ଜିସିଏମଏମଏଫ) ଘୋଷଣା କରିଛି ଯେ ମେ ୧, ୨୦୨୫ ଠାରୁ କ୍ଷୀରର ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରାଯିବ । ଏହି ନିଷ୍ପତ୍ତି ଦେଶରେ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଏବଂ ଚାଷୀଙ୍କୁ ଉତ୍ପାଦନ ଖର୍ଚ୍ଚ ଅନୁଯାୟୀ ଉଚିତ ମୂଲ୍ୟ ପ୍ରଦାନ କରିବା ପାଇଁ ନିଆଯାଇଛି । ଜିସିଏମଏମଏଫର ମ୍ୟାନେଜିଂ ଡାଇରେକ୍ଟର ଜୟେନ ମେହେଟା କହିଛନ୍ତି, କୃଷକଙ୍କ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଏବଂ ପଶୁ ଖାଦ୍ୟ ଓ ଅନ୍ୟାନ୍ୟ ଇନପୁଟ ଖର୍ଚ୍ଚ ବୃଦ୍ଧି ହେତୁ ଏହି ମୂଲ୍ୟ ବୃଦ୍ଧି ଆବଶ୍ୟକ ହୋଇପଡ଼ିଛି । ଏହା ସତ୍ତ୍ୱେ, ଆମେ ଗ୍ରାହକଙ୍କ ଉପରେ ଅତ୍ୟଧିକ ବୋଝ ନପଡ଼େ ତାହା ନିଶ୍ଚିତ କରିଛୁ । ସେ ଆହୁରି କହିଛନ୍ତି ଯେ, ଏହି ବୃଦ୍ଧିରୁ ଅଧିକାଂଶ ଲାଭ କୃଷକଙ୍କୁ ପ୍ରଦାନ କରାଯିବ, ଯାହା ଦେଶର କ୍ଷୀର ଉତ୍ପାଦନ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଏହା ପୂର୍ବରୁ, ମଦର ଡେରୀ ମଧ୍ୟ ଏପ୍ରିଲ ୨୦୨୫ରେ କ୍ଷୀରର ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଥିଲା ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ



ବୁଲଘା (ଭାସ୍କର ନ୍ୟୁଜ) : ସମ୍ବଲପୁର ଜିଲ୍ଲା ବାମ୍ରା ବଲକ ଅନ୍ତର୍ଗତ କିନାର୍ବା ପଞ୍ଚାୟତର ଘନ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଦୁର୍ଗମ୍ ଡୁବୁକୁ ଗ୍ରାମ୍ । ଏହି ଅପହଞ୍ଚ ଗ୍ରାମ୍ରର ଦୀର୍ଘ ଦିନରୁ ବିଦୁତ୍ ସଂଯୋଗ ଯେପରିସାତ ସପନ ହୋଇ ରହିଥିଲା । ୨୦୧୭-୧୮ ମସିହାରର "ଦୀନଦୟାଲ ଉପାଧ୍ୟାୟ ଗ୍ରାମ୍ ଜ୍ୟୋତି ଯୋଜନା" ଅଧୀନରର ଏହି ଗ୍ରାମକୁ ବିଜୁଳି ସଂଯୋଗ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଥିଲା । ମାତ୍ର ବିଦୁତ୍ ସଂଯୋଗ ସମ୍ପୂର୍ଣ୍ଣ ରହିବା ପୂର୍ବରୁ ଦୁର୍ବୃତ୍ତମାନେ ବିଦୁତ୍ ତାରଗୁଡିକୁ ଚୋରି କରି ନେଇଯାଇଥିଲେ । ଯାହା ଗ୍ରାମବାସୀଙ୍କ ଆଶାକୁ ଧୂଳିସାତ୍ କରି ଦେଇଥିଲା । ମାତ୍ର ପଶ୍ଚିମ୍ ଓଡିଶାର ବିଦ୍ୟୁତ୍ ବିତରଣ କମ୍ପାନୀ, ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଏହି ଗ୍ରାମ୍କୁ ବିଦୁତ୍ ଯୋଗାଣ ସ୍ୱାଭାବିକ୍ କରିବା ପାଇଁ କାର୍ଯ୍ୟ ପନ୍ଥା ପ୍ରସ୍ତୁତି କରାଯାଇଥିଲା । ବିଭିନ୍ନ ଆହବାନପୂର୍ଣ୍ଣ ପରିସ୍ଥିତର ସାମ୍ନା କରି କମ୍ପାନୀ ପକ୍ଷରୁ ସଫଳତାର ସହିତ ଆବଶ୍ୟକୀୟ ଭିତ୍ତିଭୂମ୍ ନିର୍ମାଣ କରାଯାଇଥିଲା । ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ଗ୍ରାମକୁ ବିଦୁତ୍ ନିର୍ମାଣର ଶୁଭାରମ୍ଭ କରିଥିଲେ । ଏହି ଅବସରରର ମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହିତ ଟିପିଡବ୍ଲ୍ୟୁଓଡିଏଲର ପ୍ରୟାସ ଏବଂ ଦକ୍ଷତାକୁ ପ୍ରଶଂସା କରିଥିଲେ । ଏହି ଦୀର୍ଘ ଅବହେଳିତ ଗ୍ରାମର ଶେଷରେ ବିଦୁତ୍ ପହଞ୍ଚିବା ନିଶ୍ଚିତ କରିବା ପାଇଁ ରସ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ତାଙ୍କର ହୃଦୟରୁ କୃତଜ୍ଞତା ଜଣାଇଥିଲେ । ସେହିପରି ଦୀର୍ଘ ଦିନ ପରେ ବିଦ୍ୟୁତ୍ ସେବା ପାଇବା ପରର ଅଞ୍ଚଳବାସୀମ୍ାନ କମ୍ପାନୀକୁ ଭୂରି ପ୍ରସଂସା କରିଥିଲେ ।

## ଇ-କମର୍ସ ଠକେଇର ମୁକାବିଲା ପାଇଁ ଆମାଜନର ବହୁସ୍ତରୀୟ ଆଭିମୁଖ୍ୟ

ନୂଆଦିଲ୍ଲୀ: ଦେଶରେ ଗତ କିଛି ବର୍ଷ ମଧ୍ୟରେ ସୋସିଆଲ ମିଡିଆ, ଇ-କମର୍ସ, ଏଂଟରପ୍ରାଇଜ୍ ଏବଂ ଫିନଟେକ୍ ପ୍ଲାଟଫର୍ମରେ ଠକେଇ କାର୍ଯ୍ୟକଳାପ ଯଥେଷ୍ଟ ବୃଦ୍ଧି ପାଇଛି । ତେଣୁ ଆମାଜନ ଏହାର ଇକୋସିଷ୍ଟମକୁ ସୁରକ୍ଷିତ ରଖିବା ପାଇଁ ଅତ୍ୟାଧୁନିକ ରଣନୀତି ପ୍ରୟୋଗ କରୁଛି । ୱାନ୍-ଟାଇମ୍ ପାସୱାର୍ଡ (ଓଟିପି) ଯାଂଚ ଏକ ଅତ୍ୟ' ସୁରକ୍ଷିତ ପଦ୍ଧତି ଯାହା ନିଶ୍ଚିତ କରେ ଯେ ଡେଲିଭରି ଗୁଡିକ ଇଚ୍ଛିତ ପ୍ରାପ୍ତକାରୀଙ୍କ ନିକଟରେ ପହଂଚିପାରିବ । ମୂଲ୍ୟବାନ, ସମ୍ବେଦନଶୀଳ କିମ୍ବା ଉଚ୍ଚ ସ୍ତରୀୟ ଡେଲିଭରି ପାଇଁ ଏହି ପଦକ୍ଷେପ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ । ଆମାଜନ୍ ଇଣ୍ଡିଆ ଠକେଇକୁ ହ୍ରାସ କରିବା ଏବଂ ଏକ ବିଶ୍ୱସନୀୟ ବଜାର ସୁନିଶ୍ଚିତ କରିବା ପାଇଁ ବିକ୍ରେତା ଯାଂଚ ପ୍ରକ୍ରିୟା ନିୟୋଜିତ କରୁଛି । ଟେମ୍ପର-ସ୍ପଷ୍ଟ ବ୍ୟାଗ୍ ଏବଂ ସିକ୍ୟୁରିଟି ସିଲରେ ଅନନ୍ୟ ପ୍ୟାକେଜ୍ ଆଇଡି ରହିଥାଏ । ଆମାଜନ ଏହି ପ୍ୟାକେଜିଂ ସମାଧାନଗୁଡିକ ବ୍ୟବହାର କରି ଆପଣଙ୍କ ଜିନିଷଗୁଡିକ ସୁରକ୍ଷିତ ଭାବରେ ପ୍ୟାକ୍ କରେ । ପ୍ୟାକେଜ୍ ଆଇଡି ହେଉଛି ଏକ ଆଲ୍ଫା-ସଂଖ୍ୟାଗତ କୋଡ୍ ଯାହା ଆପଣଙ୍କୁ ଆପଣଙ୍କ ଅର୍ଡର ଚିହ୍ନଟ କରିବାରେ ସାହାଯ୍ୟ କରେ । ଯଦି ଗ୍ରାହକମାନେ ଏହି ପ୍ୟାକେଜଗୁଡିକ ପ୍ରଦର୍ଶିତ ସଙ୍କେତ ମାଧ୍ୟମରେ ଚିହ୍ନଟ ଯୋଗ୍ୟ ଟେମ୍ପରିଂ ଅନୁଭବ କରନ୍ତି, ତେବେ ସେମାନେ ଡେଲିଭରି ସମୟରେ ଏକ ପ୍ୟାକେଜକୁ ପ୍ରତ୍ୟାଖ୍ୟାନ କରିପାରିବେ । ସେହିଭଳି ଓପନ୍ ବକ୍ସ ଇନସ୍ପେକ୍ସନ ସହ ଡେଲିଭରି ସମୟରେ ଗ୍ରାହକଙ୍କ ଅର୍ଡର ହୋଇଥିବା ପ୍ୟାକେଜ୍ ଗୁଡ଼ିକୁ ସେମାନଙ୍କ ରକ୍ଷଣାବେକ୍ଷଣ ପାଇଁ ଅନପ୍ୟାକ୍ କରିଥାଏ । ଏ ସମ୍ପର୍କରେ ଆମାଜନ ପ୍ରାଇମ୍, ସ୍ପିଡ୍ ଆଣ୍ଡ ଫୁଲଫିଲିମେଂଟ ଏକ୍ସପିରିଏନ୍ସ, ଇଣ୍ଡିଆର ନିର୍ଦ୍ଦେଶକ ଏବଂ ମୁଖ୍ୟ ଅକ୍ଷୟ ସାହି କହିଛନ୍ତି ଯେ, 'ଏକ ଗ୍ରାହକ କେନ୍ଦ୍ରୀତ କମ୍ପାନୀ ଭାବରେ, ଆମେ ଏକ ସୁରକ୍ଷିତ ଏବଂ ବିଶ୍ୱସନୀୟ ସପିଂ ଅଭିଜ୍ଞତାକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ । ଆମେ ଆମର ଗ୍ରାହକମାନଙ୍କୁ ସତର୍କ ରହିବା ଏବଂ ସୁପାରିଶ କରାଯାଇଥିବା ସୁରକ୍ଷା ଅଭ୍ୟାସକୁ ପାଳନ କରି ସେମାନଙ୍କ ଅନଲାଇନ୍ ସପିଂକୁ ସୁରକ୍ଷିତ ରଖିବାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରୁଛୁ । ଏହାବ୍ୟତୀତ ଆମେ ଏକାଧିକ ପଦକ୍ଷେପ ମାଧ୍ୟମରେ ବିକ୍ରେତାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛୁ ।'

## ବନ୍ଧନ ବ୍ୟାଙ୍କ ପକ୍ଷରୁ ଆର୍ଥିକ ଫଳାଫଳ ଘୋଷଣା




କୋଲକାତା: ବନ୍ଧନ ବ୍ୟାଙ୍କ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି । ବ୍ୟାଙ୍କର ମୋଟ ବ୍ୟବସାୟ ଏହି ସମୟରେ ୧୧ ପ୍ରତିଶତ ବୃଦ୍ଧି ପାଇ ୨.୮୮ ଲକ୍ଷ କୋଟି ଟଙ୍କା ହୋଇଛି । ମୋଟ ଜମାରେ ବ୍ୟାଙ୍କର ରିଟେଲ୍ ଭାଗ ଏବେ ପ୍ରାୟ ୬୯ ପ୍ରତିଶତ ରହିଛି । ବିତରଣରେ ସମ୍ପ୍ରସାରଣ, ବ୍ୟବସାୟରେ ଦକ୍ଷତା ଓ ଅନୁକୂଳ ପରିଚାଳନା ପରିବେଶକୁ ନେଇ ଏହି ତ୍ରୈମାସିକରେ ବ୍ୟାଙ୍କ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ୟାଙ୍କର ନିଟ୍ ଲାଭ ୨୭୪୫ କୋଟି ଟଙ୍କା ରହିଛି । ଭାରତର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୩୫ଟିରେ ବ୍ୟାଙ୍କ ୬୩୦୦ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଜରିଆରେ ଏହାର ୩.୧୫ କୋଟି ଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଛି । ବନ୍ଧନ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ମୋଟ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୭୫,୦୦୦ ରହିଛି । ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୧୨% ବୃଦ୍ଧି ପାଇଛି ଏବଂ ମୋଟ ଜମା ଏବେ ୧.୫୧ ଲକ୍ଷ କୋଟି ଟଙ୍କା ରହିଛି । ମୋଟ ଅଗ୍ରୀମ ପରିମାଣ ୧.୩୭ ଲକ୍ଷ କୋଟି ଟଙ୍କା ହୋଇଛି । (କରେଂଟ୍) ଚଳନ୍ତୀ ଓ ସଂଚୟ ଖାତା ପୁସ୍ତିକା (କାସା) ମୋଟ ଜମାର ୩୧.୪% ରହିଛି । ବ୍ୟାଙ୍କ ସ୍ଥିରତାର ସଙ୍କେତ ଭାବେ ବିଚାର କରାଯାଉଥିବା ପ୍ରି ସ୍ୱଚ୍ଛତା ଅନୁପାତ (ସିଏଆର୍) ୧୮.୭% ରହିଛି ଯାହା ନିୟାମକ ଆବଶ୍ୟକତା ତୁଳନାରେ ଅଧିକ ରହିଛି । ଫଳାଫଳ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ପାର୍ଥ ପ୍ରତୀମ ସେନଗୁପ୍ତା କହିଛନ୍ତି ଯେ, 'ବନ୍ଧନ ବ୍ୟାଙ୍କର ପ୍ରଦର୍ଶନ ଦୃଢ଼ ପ୍ରଶାସନ, ବିପଦ ପରିଚାଳନା ଏବଂ ଅଂଶୀଦାରଙ୍କ ବିଶ୍ୱାସ ଦ୍ୱାରା ପରିଚାଳିତ ସନ୍ତୁଳିତ, ସ୍ଥାୟୀ ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି । ଯେତେବେଳେ ଆମେ ବନ୍ଧନ ବ୍ୟାଙ୍କ ୨.୦ରେ ବିକଶିତ ହେଉଛୁ ଆମର ଧ୍ୟାନ ଗ୍ରାହକ କୈନ୍ଦ୍ରୀକ, ଡିଜିଟାଲ-ପ୍ରଥମ ସମାଧାନ, ବିତରଣର ସମ୍ପ୍ରସାରଣ, ସମ୍ପତିର ବିବିଧତା ଏବଂ ଅଭିଜ୍ଞତା ବୃଦ୍ଧି ଉପରେ ରହିଛି ଯାହା ଆମକୁ ଦୀର୍ଘମିଆଦୀ ମୂଲ୍ୟ ଏବଂ ଭବିଷ୍ୟତ ଅଭିବୃଦ୍ଧି ପାଇଁ ଅବସ୍ଥାପିତ କରିବ । ରିଟେଲ ପୋର୍ଟଫୋଲିଓ ବୃଦ୍ଧି ଉପରେ ରଣନୈତିକ ଗୁରୁତ୍ୱ ଦେବା ସହ ବ୍ୟାଙ୍କ ଏହାର ସମ୍ପତି ଭିତିଭୂମିରେ ବିବିଧତା ଆଣିବା ଉପରେ ଗୁରୁତ୍ୱ ଦେଉଛି । ଦକ୍ଷତା ବୃଦ୍ଧି, ଉତ୍ପାଦକତାରେ ଉନ୍ନତି ଆଣିବା ଏବଂ ଗ୍ରାହକଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଡିଜିଟାଇଜେସନକୁ ତ୍ୱରାନ୍ୱିତ କରିବା ଏକ ପ୍ରାଥମିକତା ଅଟେ ।

ଓଡ଼ିଶା ଭାସ୍କର ODISHA BHASKAR

# ଖେଳ ଖବର




ନୂଆଦିଲ୍ଲୀ: କ୍ରିକେଟ ଜଗତର ନୂତନ ପ୍ରତିଭା ଭାବେ ଉଭା ହୋଇଛନ୍ତି ବୈଭବ ସୂର୍ଯ୍ୟବଂଶୀ। ନିଜର ଦମଦାର ଶତକ ସହିତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକରଙ୍କଠାରୁ ରାହୁଲ ଦ୍ରାବିଡଙ୍କ ପର୍ଯ୍ୟନ୍ତ, ସମସ୍ତେ ତାଙ୍କ ପ୍ରତିଭା ଦେଖି ଆଶ୍ଚର୍ଯ୍ୟ। ରାଜସ୍ଥାନ ରୟାଲ୍ସ ପାଇଁ ଖେଳି ବୈଭବ ମାତ୍ର ୩୫ ବଲରେ ଶତକ ହାସଲ କରିଥିଲେ। ମାତ୍ର ୧୪ ବର୍ଷ ବୟସରେ, ବୈଭବ ତାଙ୍କ ନାମରେ ଅନେକ ରେକର୍ଡ କରିଥିଲେ। ଆଇପିଏଲ ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ ବୈଭବଙ୍କ ନାମରେ ହୋଇଛି। ତାଙ୍କ ଆଗରେ ଅଛନ୍ତି ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟର କ୍ରିସ ଗେଲ, ଯିଏ ୨୦୧୩ରେ ମାତ୍ର ୩୦ ବଲରେ ଶତକ ହାସଲ କରିଥିଲେ। ଏହି ତାଲିକାରେ ୟୁସୁଫ ପଠାନ ତୃତୀୟ ସ୍ଥାନରେ ଅଛନ୍ତି ଯିଏ ରାଜସ୍ଥାନ ରୟାଲ୍ସ ପାଇଁ ୩୭ ବଲରେ ଶତକ ହାସଲ କରିଥିଲେ। ବୈଭବ ସୁରଚବଂଶୀଙ୍କ କ୍ରିକେଟ ପ୍ରତିଭା ତାଙ୍କ ପିଲାଦିନରୁ ହିଁ ସ୍ପଷ୍ଟ ଥିଲା। ତାଙ୍କ ବାପା ତାଙ୍କୁ ଭାରତର ଅନ୍ତର୍ଜାତୀୟ ମ୍ୟାଚ ଏବଂ ଆଇପିଏଲ୍ ମ୍ୟାଚ ଦେଖାଉଥିଲେ। ବିହାରର ସମସ୍ତିପୁରର ବାସିନ୍ଦା ବୈଭବ ସୂର୍ଯ୍ୟବଂଶୀଙ୍କୁ ତାଙ୍କ ବାପା ପିଲା ଦିନେ ଆଇପିଏଲ ଦେଖାଇବା ପାଇଁ କ୍ରିକେଟ ଷ୍ଟାଡିୟମକୁ ନେଇଯାଉଥିଲେ। ୨୦୧୭ ମସିହାର ବୈଭବ ସୂର୍ଯ୍ୟବଂଶୀଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ତାଙ୍କ ବାପା ତାଙ୍କୁ କାଖରେ ଧରି ଏକ ମ୍ୟାଚ ଦେଖିବାକୁ ନେଉଥିଲେ। ଏହି ଫଟୋରେ ବୈଭବ ପୁନେ ସୁପର ଜାଏଣ୍ଟସକୁ ଚିୟର କରିବାକୁ ପହଞ୍ଚିଥିଲେ। ବୈଭବଙ୍କ ବାପା ତାଙ୍କ ଭିତରେ କ୍ରିକେଟ ପ୍ରତି ଆଗ୍ରହ ଏବଂ ପ୍ରତିଭା ଦେଖିସାରିଥିଲେ ଏବଂ ବୁଝିସାରିଥିଲେ।



୪୯ତମ ମ୍ୟାଚ୍ | ଚେନ୍ନାଇ ସୁପର କିଙ୍ଗ୍ସ ବନାମ ପଞ୍ଜାବ କିଙ୍ଗ୍ସ

# ପଞ୍ଜାବ କିଙ୍ଗ୍ସ ୪ୱିକେଟ୍‌ରେ ବିଜୟୀ



ଚେନ୍ନାଇ: ଆଇପିଏଲର ୪୯ତମ ମ୍ୟାଚ୍ ଚେନ୍ନାଇ ସୁପର କିଙ୍ଗସ୍ (ସିଏସ୍‌କେ) ଏବଂ ପଞ୍ଜାବ କିଙ୍ଗସ୍ (ପିବିକେଏସ୍) ମଧ୍ୟରେ ଏମଏ ଚିଦାମ୍ବରମ ଷ୍ଟାଡିୟମ ଅର୍ଥାତ୍ ଚେପକରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ପଞ୍ଜାବ କିଙ୍ଗସ୍ ୪ ୱିକେଟରେ ଜିତି ନେଇଛି। ପଞ୍ଜାବ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ଚେନ୍ନାଇ ସୁପର କିଙ୍ଗସ୍ ବ୍ୟାଟିଂ ଆରମ୍ଭ କରିଥିଲା। ଚେନ୍ନାଇ ସୁପର କିଙ୍ଗସ୍ ୧୯.୨ ଓଭରରେ ଅଲ୍ ଆଉଟ୍ ହୋଇ ୧୯୦ ରନ୍ କରିଛି। ଫଳରେ ପଞ୍ଜାବ ପାଇଁ ବିଜୟ ଲକ୍ଷ୍ୟ ୧୯୧ ରନ୍ ରହିଛି। ଚେନ୍ନାଇ ସୁପର କିଙ୍ଗସ୍ ପକ୍ଷରୁ ଶେଖ୍ ରସିଦ୍ ୧୧ ରନ୍ କରିଥିବାବେଳେ ଆୟୁସ ମାତରେ ୭ ରନ୍ କରିଥିଲେ। ସାମ୍ କୁରେନ ୮୮ ରନ୍, ରବିନ୍ଦ୍ର ଜାଡେଜା ୧୭ ରନ୍, ଡେୱାଲାଡ ବ୍ରେଭିସ୍ ୩୨ ରନ୍, ଶୁଭମ୍ ଦୁବେ ୬ ରନ୍, ଏମଏସ ଧୋନି ୧୧ ରନ୍ କରିଥିଲେ। ସେହିପରି ପଞ୍ଜାବ ପକ୍ଷରୁ ଆକାଶଦୀପ୍ ୨ଟି, ମାର୍କୋ ଜାନସେନ ୨ଟି, ଅଜମତୁଲ୍ଲା ଓମରଜାଇ ଗୋଟିଏ, ହରପ୍ରୀତ୍ ବ୍ରାର ଗୋଟିଏ ଏବଂ ଯୁଜବେନ୍ଦ୍ର ଚହଲ ୪ଟି ୱିକେଟ ନେଇଥିଲେ। ୧୯୧ରନ୍‌ର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲା ପଞ୍ଜାବ କିଙ୍ଗସ। ପଞ୍ଜାବ କିଙ୍ଗସ ୧୯.୪ ଓଭରରେ ୬ ୱିକେଟ ହରାଇ ୧୯୪ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟ ୨୩, ପ୍ରଭସିମାରନ ସିଂ ୫୪, ଅଧିନାୟକ ଶ୍ରେୟାସ ଆୟର ୪୧ ବଲରୁ ୭୨ (୪ଛକା, ୫ ଚୌକା), ନେହାଲ ୱାଧେରା ୫, ଶଶାଙ୍କ ସିଂ ୨୩, ଜୋସ ଇଂଲିସ୍ ୬, ସୂୟାଂଶ ସେଜ୍ ୧, ମାର୍କୋ ଜନସେନ୍ ୪ ରନ୍ କରିଥିଲେ। ସିଏସ୍‌କେ ପକ୍ଷରୁ ଖଲିଲ ଅହମ୍ମଦ, ମାଥେସ୍ ପଥିରାନ୍ ପ୍ରତ୍ୟେକ ୨ଟି ୱିକେଟ ଅକ୍ତିଆର କରିଥିବା ବେଳେ ରବିନ୍ଦ୍ର ଜାଡେଜା, ନୁର ଅହମ୍ମଦ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

# ବୈଭବ ସୂର୍ଯ୍ୟବଂଶୀଙ୍କୁ ମର୍ସିଡିଜ୍-ବେଞ୍ଜ୍ କାର ଉପହାର



ଜୟପୁର: ଆଇପିଏଲରେ ଶତକ ମାରିଥିବା ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ଏବେ ସବୁଠି ଚର୍ଚ୍ଚାରେ ଅଛି। ୧୪ ବର୍ଷୀୟ ବୈଭବଙ୍କ ଉତ୍କୃଷ୍ଟ ପ୍ରଦର୍ଶନରେ ଖୁସି ହୋଇ, ରାଜସ୍ଥାନ ରୟାଲ୍ସର ମାଲିକ ରଞ୍ଜିତ ବାରଠାକୁର ତାଙ୍କୁ ପୁରସ୍କାର ସ୍ୱରୂପ ଏକ ନୂତନ ମର୍ସିଡିଜ୍-ବେଞ୍ଜ୍ କାର ଉପହାର ଦେଇଛନ୍ତି। ମ୍ୟାଚ ପରେ, ସୋସିଆଲ ମିଡିଆରେ ଏକ ଫଟୋ ଭାଇରାଲ ହେଉଛି। ଏଥିରେ ବୈଭବଙ୍କୁ ମର୍ସିଡିଜ ବେଞ୍ଜର ଚାବି ଦିଆଯାଉଥିବାର ଦେଖାଯାଉଛି। ତଥାପି, ଏହା ମର୍ସିଡିଜର କେଉଁ ମଡେଲ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବୈଭବ ବର୍ତ୍ତମାନ ୧୪ ବର୍ଷ ବୟସର, ତେଣୁ ସେ ଆଇନଗତ ଭାବରେ ଏହି ଗାଡ଼ି ଚଲାଇ ପାରିବେ ନାହିଁ। ସୋସିଆଲ ମିଡିଆରେ ଶେୟାର ହୋଇଥିବା ଫଟୋରେ ଦେଖିବାକୁ ମିଳୁଛି, ରାଜସ୍ଥାନ ରୟାଲ୍ସର ମାଲିକ ରଞ୍ଜିତ ବର୍ଠାକୁର ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଠିଆ ହୋଇଛନ୍ତି ଏବଂ ତାଙ୍କ ହାତରେ ମର୍ସିଡିଜର ଚାବି ଅଛି, ଯାହାକୁ ସେ ବୈଭବଙ୍କୁ ଦେଉଥିବାର ଦେଖାଯାଉଛି। ରଞ୍ଜିତ ବାରଠାକୁର ଆସାମର ଜୋରହାଟର ଜଣେ ବ୍ୟବସାୟୀ ଏବଂ ଏହା ବ୍ୟତୀତ ସେ ରୟାଲ ମଲ୍ଟିସ୍ପୋର୍ଟ ପ୍ରାଇଭେଟ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ। ସୂଚନାଯୋଗ୍ୟ ଯେ, ବୈଭବ ସୂର୍ଯ୍ୟବଂଶୀ ମଙ୍ଗଳବାର ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୩୫ ବଲରେ ଶତକ ହାସଲ କରି ଇତିହାସ ରଚିଥିଲେ। ବୈଭବ ଟି-୨୦ କ୍ରିକେଟରେ ଶତକ ମାରିଥିବା ସବୁଠାରୁ କମ ବୟସର ଖେଳାଳି ହୋଇଯାଇଛନ୍ତି। ସୂର୍ଯ୍ୟବଂଶୀ (୧୪ ବର୍ଷ ୩୨ ଦିନ) ଏହି ରେକର୍ଡ ଭାଙ୍ଗି ମନୀଷ ପାଣ୍ଡେ (୧୯ ବର୍ଷ ୨୫୩ ଦିନ), ରିଷଭ ପନ୍ତ (୨୦ ବର୍ଷ ୨୧୮ ଦିନ) ଏବଂ ଦେବଦତ୍ତ ପଡିକ୍କଲ (୨୦ ବର୍ଷ ୨୮୯ ଦିନ)ଙ୍କୁ ପଛରେ ପକାଇ ଦେଇଛନ୍ତି। ଏହା ଟୁର୍ନାମେଣ୍ଟର ଦ୍ୱିତୀୟ ଦ୍ରୁତତମ ଶତକ। କ୍ରିସ ଗେଲ ୩୦ ବଲ୍‌ରେ ଶତକ ହାସଲ କରିଥିଲେ, ଏବଂ ଜଣେ ଭାରତୀୟଙ୍କ ଦ୍ୱାରା ଦ୍ରୁତତମ ଶତକ, ଯାହା ୟୁସୁଫ ପଠାନଙ୍କ ୩୭ ବଲ୍‌ରେ ଶତକ ହାସଲ କରି କରିଛନ୍ତି। ସର୍ବକନିଷ୍ଠ ଖେଳାଳିଭାବେ ଟ୍ୱେଣ୍ଟି-୨୦ ଶତକ ଅର୍ଜନ କରିବା ତାଙ୍କୁ ଯେତିକି ଚର୍ଚ୍ଚିତ କରିଛି, ତାଠାରୁ ଅଧିକ ପ୍ରତିପକ୍ଷ ଗୁଜରାଟ ଟାଇଟନ୍ସ ବିପକ୍ଷରେ କରିଥିବା ନିର୍ଭୀକ ବ୍ୟାଟିଂ, ଛକା ବର୍ଷା କରିବାର ଅତୁଳନୀୟ ଦକ୍ଷତା, ଦୃଢ଼ ଆତ୍ମବଳ ତଥା ଅନନ୍ୟ ଏକାଗ୍ରତା ପାଇଁ ଲୋକପ୍ରିୟ କରିଛି।

## ଟି୨୦ରେ ନିୟମିତ ସଦସ୍ୟ ହେବା ରାହୁଲଙ୍କ ଟାର୍ଗେଟ



ନୂଆଦିଲ୍ଲୀ: ଚଳିତ ଆଇପିଏଲରେ କେଏଲ ରାହୁଲ ବିସ୍ଫୋରକ ବ୍ୟାଟିଂ କରି ଚର୍ଚ୍ଚାରେ ଅଛନ୍ତି। ଆନ୍ତର୍ଜାତୀୟ ଟି୨୦ରେ ରାହୁଲ ଭାରତୀୟ ଦଳର ନିୟମିତ ସଦସ୍ୟ ହେବାକୁ ଚାହୁଁଛନ୍ତି । ଏଥିପାଇଁ ସେ ତାଙ୍କ ବ୍ୟାଟିଂ ଶୈଳୀରେ ପରିବର୍ତ୍ତନ ମଧ୍ୟ କରିଛନ୍ତି। ୨୦୧୬ରେ ରାହୁଲ ଭାରତ ପକ୍ଷରୁ ଆନ୍ତର୍ଜାତୀୟ ଟି୨୦ରେ ପଦାର୍ପଣ କରିଥିଲେ। ୨୦୨୨ ନଭେମ୍ବରରେ ସେ ଶେଷ ଆନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିଛନ୍ତି। ସେ ଟି୨୦ରେ ଭାରତ ପକ୍ଷରୁ ୭୨ଟି ମ୍ୟାଚ ଖେଳିଛନ୍ତି । ୩୭.୭୫ ଆଭରେଜରେ ସେ ୨୨୬୫ ରନ କରିଛନ୍ତି । ଏଥିରେ ୨ଶତକ ଓ ୨୨ ଅର୍ଦ୍ଧଶତକ ସାମିଲ। ଟି୨୦ରେ ରାହୁଲ ଧୀମା ବ୍ୟାଟିଂ କରୁଥିବା ଅଭିଯୋଗ ମଧ ହୋଇଥିଲା। ରାହୁଲ ଟି୨୦ରେ ଓଭରାଲ ୨୩୪ ମ୍ୟାଚ ଖେଳି ୭୯୫୦ ରନ କରିଛନ୍ତି। ଏଥିରେ ୬ ଶତକ ଓ ୬୮ ଅର୍ଦ୍ଧଶତକ ସାମିଲ । ସୁନୀଲ ଶେଟ୍ଟୀ ମଧ ରାହୁଲ ଭାରତୀୟ ଦଳରେ ସାମିଲ ହେବା ପାଇଁ କଠିନ ପରିଶ୍ରମ କରୁଛନ୍ତି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସୁନୀଲଙ୍କ ଝିଅ ଆଥିୟାଙ୍କୁ ରାହୁଲ ବିବାହ କରିଛନ୍ତି।

## ଇଂଲଣ୍ଡ ଗସ୍ତ ପାଇଁ ୩୫ଜଣ ଖେଳାଳିଙ୍କ ତାଲିକା ପ୍ରସ୍ତୁତ



ନୂଆଦିଲ୍ଲୀ: ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ କ୍ରିକେଟ ଟିମ ଶୋଚନୀୟ ଭାବେ ପରାଜୟବରଣ କରିଥିଲା। ଏବେ ବିସିସିଆଇ ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାବିଚିନ୍ତି ଯୋଜନା ପ୍ରସ୍ତୁତ କରୁଛି। ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟ ଅନୁସାରେ ଇଂଲଣ୍ଡ ଗସ୍ତ ପାଇଁ ୩୫ ଜଣିଆ ଖେଳାଳିଙ୍କ ଶର୍ଟଲିଷ୍ଟ କରାଯାଇଛି । ବିସିସିଆଇ ରୋହିତ ଶର୍ମାଙ୍କ ଉପରେ ପୁଣି ଭରସା ରଖିଛି। ଏପରିକି ସେ ଅଧିନାୟକ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ରିପୋର୍ଟ ମୁତାବକ କରୁଣ ନାୟାରଙ୍କ ଏଂଟ୍ରି ହୋଇପାରେ। କରୁଣଙ୍କ ଉପସ୍ଥିତି ଭାରତର ମିଡିଲ ଅର୍ଡର ସମସ୍ୟାକୁ ସମାଧାନ କରିବ ବୋଲି ଆଶା କରାଯାଉଛି। ସେହିପରି ୫ ଏବଂ ଷଷ୍ଠ ସ୍ଥାନ ପାଇଁ କରୁଣଙ୍କ ବ୍ୟତୀତ ରଜତ ପାଟୀଦାରଙ୍କ ନାମ ନେଇ ଆଲୋଚନା ହୋଇଛି। ସର୍ଫରାଜ ଖାଁଙ୍କ ଉପରେ ଏତେଟା ଭରୋଷା ବ୍ୟକ୍ତ କରାଯାଇ ପାରୁନି। ତୃତୀୟ ଓପନର ଭାବେ ସାଈ ସୁଦର୍ଶନ ଆଗରେ ରହିଛନ୍ତି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଶ୍ରେୟାଶ ଆୟାର ଓ ଅକ୍ଷର ପଟେଲଙ୍କ ନାମ ଉପରେ ମୋମହର ବସିନି। ଜାଡେଜାଙ୍କ ବିକଳ୍ପ ଭାବେ ଅକ୍ଷର ଆଗରେ ଥିଲେ ମଧ ବିସିସିଆଇ ଗୁରୁତ୍ୱ ନ ଦେବା ବୁଝା ପଡୁନି । ଅଧିକାଂଶ ଖେଳାଳି ଇଣ୍ଡିଆ ଏ ଟିମ ସହ ଇଂଲଣ୍ଡ ଗସ୍ତରେ ଯାଇ ପାରନ୍ତି ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି।

## ୧୫ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କଲା ଭାରତୀୟ ମହିଳା ଦଳ

ନୂଆଦିଲ୍ଲୀ: କଲମ୍ବୋରେ ଖେଳାଯାଇଥିବା ଏକ ରୋମାଞ୍ଚକର ମୁକାବିଲାରେ ଭାରତୀୟ ମହିଳା ଦଳ ୧୫ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ତ୍ରିରାଷ୍ଟ୍ରୀୟ ଦିନିକିଆ ଶୃଙ୍ଖଳାରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତ ନିଜର ବିଜୟ ଧାରା ୮ଟି ମ୍ୟାଚକୁ ବୃଦ୍ଧି କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୬ ୱିକେଟ୍ ହରାଇ ୨୭୬ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଭଲ ପ୍ରଦର୍ଶନ କରିଥିବା ବେଳେ ୨୬୧ ରନରେ ଅଲ୍ ଆଉଟ୍ ହୋଇଥିଲା। ଭାରତର ଚମତ୍କାର ପ୍ରଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିବା ସହ ନିଜର ଅପରାଜେୟ ଧାରାକୁ ବଜାୟ ରଖିବା ସହ ତ୍ରିକୋଣୀୟ ଶୃଙ୍ଖଳାରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି।


Government of Jharkhand
Department of Information Technology and e-Governance
3rd Floor, Jharkhand Mantralaya, Dhurwa, Ranchi-834004

**Corrigendum I**

With reference to the tender no. ASA/MPLS/1/2025-UID/001 and Advertisement PR No. 350541 the bid extension details are as follow:

| S. No. | Item | Particulars |
|---|---|---|
| 1 | Last date and time for availability of tender document | 10.05. 2025 at 15:00 hrs. |
| 2 | Last date and time for online submission of technical & financial bids | 10.05.2025 at 18:00 hrs. |
| 3 | Last date and time for submission of hard copies of technical bid documents only. | 14.05.2025 at 15:00 hrs. |
| 4 | Date & Time of opening of Technical Bids | 15.05.2025 at 16:00 hrs. |
| 5 | Date & Time of opening of Financial Bids | To be informed later |

The remaining clause, terms & conditions will remain as it is.

Sd/-
Joint Secretary, DoIT & e-Gov.

PR 351466 (Information Technology) 25-26 (D)


ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଚମକିଲେ ବେଦାନ୍ତ ସମର୍ଥିତ ତୀରନ୍ଦାଜ

# ଓଡିଶା ପାଇଁ ଝିଲି ମୁଣ୍ଡା ଆଣିଲେ ବ୍ରୋଞ୍ଜ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଦ୍ୱାରା ସମର୍ଥିତ ତୀରନ୍ଦାଜ ଝୁଲି ମୁଣ୍ଡା ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଓଡିଶା ପାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ନିକଟରେ ବିଶାଖାପାଟଣାରେ ଆୟୋଜିତ ଜନଜାତୀୟ କ୍ରୀଡା ମହୋତ୍ସବ ଆଦିବାସୀ ତୀରନ୍ଦାଜୀ ପ୍ରତିଯୋଗିତାରେ ୨୦୨୫ରେ ଓଡ଼ିଶା ପାଇଁ ୧୭ ବର୍ଷରୁ କମ୍ ବର୍ଗରେ ସେ ଏହି ଗୌରବ ଆଣି ଦେଇଛନ୍ତି। ଭାରତୀୟ ତୀରନ୍ଦାଜୀ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ଦେଶର ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ, ଯାହା ଝୁଲିଙ୍କ ସଫଳତାକୁ ଏହି ଅଞ୍ଚଳ ପାଇଁ ଏକ ଗୌରବରେ ପରିଣତ କରିଥିଲା। ଗତ ତିନି ବର୍ଷ ଧରି ଝୁଲି ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକ୍ରମ ଅଧୀନରେ ବୃତ୍ତିଗତ ତାଲିମ ନେଉଛନ୍ତି। ତାଙ୍କ ରେକର୍ଡରେ ଗୋଟିଏ ଜାତୀୟ ପ୍ରତିନିଧିତ୍ୱ, ଚାରୋଟି ରାଜ୍ୟ ସ୍ତରୀୟ ପ୍ରତିନିଧିତ୍ୱ ଏବଂ ଚାରୋଟି ରାଜ୍ୟ ପଦକ ଅନ୍ତର୍ଭୁକ୍ତ। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର କହିଥିଲେ,'ଝୁଲିଙ୍କ ଉଲ୍ଲେଖନୀୟ ସଫଳତା ଅବିଶ୍ୱସନୀୟ ପ୍ରତିଭାର ଏକ ପ୍ରମାଣ। ଆମେ ଏଭଳି ଯୁବ ପ୍ରତିଭାମାନଙ୍କୁ ଜାତୀୟ ମଞ୍ଚରେ ଚମକିବାକୁ ସକ୍ଷମ କରୁଛୁ। ବେଦାନ୍ତ ଆଲୁମିନିୟମ କଳାହାଣ୍ଡିରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା, ସମ୍ପ୍ରଦାୟର ସଦସ୍ୟ, ବିଶେଷ କରି ଯୁବକମାନଙ୍କ ପାଇଁ କ୍ରୀଡ଼ା ସମେତ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଏହାର ମିଶନରେ ପ୍ରତିଶ୍ରୁତିବଦ୍ଧ। ଝୁଲିଙ୍କ ସଫଳତା ହେଉଛି କଳାହାଣ୍ଡିର ସାମଗ୍ରିକ ବିକାଶ ପ୍ରତି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାର ଏକ ଉଦାହରଣ। ୨୦୧୮ରେ ଏହାର ଆରମ୍ଭ ପରଠାରୁ, ଲାଞ୍ଜିଗଡ଼ରେ ବେଦାନ୍ତ କ୍ରୀଡା ତାଲିମ ପଦକ୍ଷେପ କଳାହାଣ୍ଡିରେ କ୍ରୀଡା ପ୍ରତିଭାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ଏହି କାର୍ଯ୍ୟକ୍ରମ ତୀରନ୍ଦାଜୀ, କରାଟେ ଏବଂ ଅନ୍ୟାନ୍ୟ କ୍ରୀଡ଼ାରେ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରିଥାଏ, ଯେଉଁଥିରେ ଗୁଣାତ୍ମକ ତାଲିମ ଉପକରଣ, ୟୁନିଫର୍ମ ଏବଂ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ କୋଚିଂ ଶିବିରର ସୁବିଧା ରହିଛି। ଆଜି ପର୍ଯ୍ୟନ୍ତ, ୧୦୦ ରୁ ଅଧିକ ଯୁବ ତୀରନ୍ଦାଜଙ୍କୁ ଏହି କାର୍ଯ୍ୟକ୍ରମ ଅଧୀନରେ ତାଲିମ ଦିଆଯାଇଛି, କେବଳ ଗତ ବର୍ଷ ରାଜ୍ୟ ଏବଂ ଜାତୀୟ ଚାମ୍ପିଅନସିପରେ ୪୦ ରୁ ଅଧିକ ପଦକ ଜିତିଛନ୍ତି। ଏକଦା ଏହାର ଦାରିଦ୍ର୍ୟ ଏବଂ ପଛୁଆ ଅଞ୍ଚଳ ପାଇଁ କୁଖ୍ୟାତ ଥିବା କଳାହାଣ୍ଡି ଗତ ଦୁଇ ଦଶନ୍ଧି ମଧ୍ୟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଇ ଗତି କରିଛି, ଲାଞ୍ଜିଗଡ଼ରେ ବେଦାନ୍ତର ଉପସ୍ଥିତି ଏକ ପ୍ରମୁଖ ଉତପ୍ରେରକ ଭାବରେ କାର୍ଯ୍ୟ କରୁଛି। ୨୦୦୩ ରେ ବେଦାନ୍ତର ଆଲୁମିନା ବିଶୋଧନାଗାର କାର୍ଯ୍ୟକ୍ଷମ ହେବା ଦ୍ୱାରା ସାମାଜିକ-ଅର୍ଥନୈତିକ ପ୍ରଗତିର ଏକ ତରଙ୍ଗ ସୃଷ୍ଟି ହୋଇଥିଲା, ଯାହା ସମଗ୍ର ଜିଲ୍ଲାରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତ୍ତିଭୂମି, ସ୍ଥାୟୀ ଜୀବିକା ସୃଷ୍ଟି ଏବଂ ତୃଣମୂଳ କ୍ରୀଡ଼ାରେ ଅଗ୍ରଗତି କରିଥିଲା। ଆଜି, କଳାହାଣ୍ଡିରେ ବେଦାନ୍ତ ହସ୍ପିଟାଲ ଭଳି ଆଧୁନିକ ସ୍ୱାସ୍ଥ୍ୟ ସୁବିଧା, ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ ଭଳି ଶିକ୍ଷା ଅନୁଷ୍ଠାନ ଏବଂ ମହିଳା ଓ ଯୁବକମାନଙ୍କ ପାଇଁ କୌଶଳ ବିକାଶ କାର୍ଯ୍ୟକ୍ରମ ଜରିଆରେ ବେଦାନ୍ତର ଗୋଷ୍ଠୀଗତ ପଦକ୍ଷେପ ହଜାର ହଜାର ଲୋକଙ୍କ ନିକଟରେ ପହଞ୍ଚୁଛି। ଏହି ପଦକ୍ଷେପଗୁଡ଼ିକ ସାକ୍ଷରତାର ଉନ୍ନତି, ଅପପୁଷ୍ଟି ହ୍ରାସ ଏବଂ ସ୍ଥାୟୀ ଆୟ ଉତ୍ସ ସହିତ ମହିଳା ଏବଂ କୃଷକମାନଙ୍କୁ ସଶକ୍ତ କରିବାରେ ସାହାଯ୍ୟ କରିଛି। ଏହି ପରିବର୍ତ୍ତନ କେବଳ ଶିଳ୍ପାୟନ ଦ୍ୱାରା ପରିଚାଳିତ ବିକାଶର ସମ୍ଭାବନାକୁ ଦର୍ଶାଏ ନାହିଁ, ବରଂ ଗ୍ରାମୀଣ ସମୁଦାୟକୁ ଉନ୍ନତ କରିବାରେ ସାର୍ବଜନିକ-ଘରୋଇ ଭାଗିଦାରୀର ଶକ୍ତିକୁ ମଧ ଦର୍ଶାଏ। ତୀରନ୍ଦାଜୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭଳି ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଏହି ପରମ୍ପରାକୁ ଆଗକୁ ବଢ଼ାଇବାରେ ଲାଗିଛି- କେବଳ କ୍ରୀଡ଼ାବିତମାନଙ୍କୁ ନୁହେଁ, ବରଂ କଳାହାଣ୍ଡିର ଭବିଷ୍ୟତର ପ୍ରତିନିଧିମାନଙ୍କୁ ମଧ ଗଢ଼ିବାରେ ଲାଗିଛି।


GOVERNMENT OF JHARKHAND
Agriculture, Animal Husbandry & Co-operative Department
(Co-Operative Division)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI

**Short e-Tender Notice**

Tender Notice No:- ICDP/RANCHI/03/2025-26 DATE:- 28.04.2025

| SL. No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 100 MT Capacity Godown with Marketing Centre in Different Lamps Of District RANCHI AND LOHARDAGA | 39 | 14,53,02,300.00 | 10,000.00 | 14,53,500.00 | 12 Months |
| | (B) | Construction of 100 MT Capacity Godown with Marketing Centre in Different Lamps Of District SARAIKELA KHARSAWAN. | 23 | 8,56,91,100.00 | 10,000.00 | 8,57,000.00 | |
| | (C) | Construction of 100 MT Capacity Godown with Marketing Centre in Different Lamps Of District DUMKA AND PAKUR. | 40 | 14,90,28,000.00 | 10,000.00 | 14,91,000.00 | |
| | (D) | Construction of 100 MT Capacity Godown with Marketing Centre in Different Lamps Of Districts GUMLA, SIMDEGA AND LATEHAR. | 40 | 14,90,28,000.00 | 10,000.00 | 14,91,000.00 | |
| | (E) | Construction of 100 MT Capacity Godown with Marketing Centre in Different Pacs Of District DHANBAD. | 42 | 15,64,79,400.00 | 10,000.00 | 15,62,000.00 | |
| | (F) | Construction of 100 MT Capacity Godown with Marketing Centre in Different Lamps Of District SAHEBGANJ. | 40 | 14,90,28,000.00 | 10,000.00 | 14,91,000.00 | |
| 02. | | Date Of Publication of on Website | 09.05.2025 AT 11:00 AM | | | | |
| 03. | | Last Date & Time of Submission of bids | 20.05.2025 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, 4th Pasupalan-Sahkarita Bhawan Singh More Hatia, Ranchi. 834003 | | | | |
| 05. | | Contact No of Procurement Officer | 9431782508, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 09.05.2025 at 11:00 AM to 20.05.2025 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 20.05.2025. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 21.05.2025

07. Estimate Cost May Vary.

08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 351446 Co-opretive(25-26).D


## ଏସୀୟ ଜୁ- ଜିତଷୁ ପ୍ରତିଯୋଗୀତା: ଯୋଗ୍ୟତା ହାସଲ କଲେ ଓଡିଶାରୁ ୪




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମେ ମାସ ୨୧ ରୁ ୨୫ ତାରିଖ ମଧ୍ୟରେ ଜୋଡାନ ଠାରେ ହେବାକୁ ଥିବା ନବମ ଏସୀୟ ଜୁ-ଜିତଷୁ ପ୍ରତିଯୋଗୀତା ନିମନ୍ତେ ଭାରତୀୟ ଖେଳାଳି ମାନଙ୍କର ମନୋନୟନ ଶିବିର ଉତ୍ତରାଖଣ୍ଡର ହଳଦ୍ୱାନୀ ଠାରେ ଅପ୍ରେଲ ୨୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ଏସୀୟ ଜୁ-ଜିତଷୁ ପଦକ ବିଜେତା ଅନୁପମା ସ୍ୱାଇଁ ଙ୍କ ବ୍ୟତୀତ ସନ୍ତୋଷ ସିଂ, ପୁରୁଷ ବରିଷ୍ଠ ୭୭ କିଲୋ ବିଭାଗରେ , ସ୍ୱୋରାଜ ଯାନୀ ପୁରୁଷ ବରିଷ୍ଠ ୬୯କିଲୋ ବିଭାଗରେ ଓ ଦେବାଶିଷ ସାମନ୍ତରାଏ ପୁରୁଷ ବରିଷ୍ଠ ୬୨ କିଲୋ ବିଭାଗରେ ଆସନ୍ତା ଏସୀୟ ପ୍ରତିଯୋଗୀତା ନିମନ୍ତେ ଭାରତୀୟ ସଂଘ ଦ୍ୱାରା ମନୋନୀତ ହୋଇଛନ୍ତି। ବିଗତ ୫ ଟି ଏସୀୟ ପ୍ରତିଯୋଗିତାର ପଦକ ବିଜେତା ଓ ଏସିଆନ ଗେମ୍ସ ରେ ଜୁ- ଜିତଷୁ ଶୃଙ୍ଖଳାରେ ଭାଗ ନେଇଥିବା ଅନୁପମା ସ୍ୱାଇଁ ଆସନ୍ତା ଏସୀୟ ପ୍ରତିଯୋଗିତାରେ ବରିଷ୍ଠ ମହିଳା ୫୨ କିଲୋ ବିଭାଗ ନିମନ୍ତେ ମନୋନୀତ ହୋଇଛନ୍ତି। ଉତ୍ତରାଖଣ୍ଡ ର ହଳଦ୍ୱାନୀ ଠାରେ ଅନୁଷ୍ଠିତ ହୋଇଥିବା ଜୁ- ଜିତଷୁ ପ୍ରଶିକ୍ଷଣ ଶିବିର ଓ ରେଫରି ପରୀକ୍ଷାରେ ଓଡିଶାର ତନେଶ ପୁନୀତ ଲେଙ୍କା ଓ ସ୍ୱରାଜ ଯାନୀ ଘଓ-ଡଇତଇ ବିଭାଗର ଗ୍ରେଡ-ଏ ରେଫରି ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ମନୋନୀତ ସମସ୍ତ ପ୍ରତିଯୋଗୀ ଓ ରେଫରି ମାନଙ୍କୁ ଓଡିଶା ଜୁ-ଜିତଷୁ ସଂଘ ତରଫରୁ ଶୁଭେଚ୍ଛା ଜଣାଇ ଦିଆଯାଇଛି ।


झारखण्ड सरकार
पथ निर्माण विभाग, पथ प्रमण्डल, हजारीबाग।

**ई–प्रोक्योरमेंट सूचना**

ई–निविदा प्रसंग सं० :– RCD/HAZARIBAG/343/2025-26 दिनांक :–30.04.2025

| | | |
|---|---|---|
| 1. | कार्य का नाम | वित्तीय वर्ष 2025–26 में पथ प्रमण्डल, हजारीबाग अन्तर्गत "जीहूँ–ईटखोरी पथ के पहले कि.मी. में अवस्थित अरार नाला परउच्चस्तरीय पुल निर्माण (पहुँच पथ निर्माणसहित) कार्य। |
| 2. | प्राक्कलित राशि (रूपये में) | रू. 1,79,32,900.00 (एक करोड़ उनासी लाख बत्तीस हजार नौ सौ रूपये मात्र) |
| 3. | कार्य समाप्ति की अवधि | 12 (बारह) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 07.05.2025 10:30 AM |
| 5. | निविदा प्राप्ति की अंतिम तिथि एवं समय | 20.05.2025 12:00 Noon |
| 6. | निविदा खोलने की तिथि एवं समय | 21.05.2025 12:30 PM |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, हजारीबाग। |
| 8. | प्रोक्योरमेंट पदाधिकारी का सम्पर्क नं० | 8709320541 |
| 9. | ई–प्रोक्योरमेंट सेल का हेल्प लाईन नं० | 0651–2446007 |

अतिरिक्त जानकारी के लिए वेबसाईट पर देखें :–
http://jharkhandtenders.gov.in
E-mail ID : eercdhazari-jhr@nic.in
Tel. No. – 06546-225818

कार्यपालक अभियंता,
पथ निर्माण विभाग, पथ प्रमण्डल,
हजारीबाग।

PR 351477 (Road) 25-26 (D)



OFFICE OF EXECUTIVE OFFICER
NAGAR PARISHAD RAMGARH

**Request for Proposal/E-Procurement Notice**

RFPNo:NIT/RGH/NP/03/2024-25of2024-25 (2nd call)Dated:01.04.2025

Request for Proposal are invited on behalf of Nagar Parishad Ramgarh (RGH) Jharkhand for work on DBOT basis from reputed and eligible companies/firm/Consortium/Joint Ventures having sound Technical and Financial capability for the following works

| No | Description of Package | Estimated Capital Cost (Rs. In Lac) | Earnest Money (Rs. In Lac) | Tender free (Rs) | Completion Period |
|---|---|---|---|---|---|
| 1. | Construction of sewage Treatment Plant (STP) 250 KLD at Chhatarmandu Talab in ward No 28 | 130.00 | 2% of Tender Value to be paid online INR 260,000/- | INR–10,000/- to be paid online | 120Days |
| 2 | Date/ Time of Publication of Tender on Website | 02.05.2025 from 02.05.2025 10:00 am to 16.05.2025 02:00 Pm | | | |
| 3 | Last date for receiving queries | 10.05.2025 02:00 Pm | | | |
| 4 | Pre bid meeting | 08.05.2025 2:00 Pm | | | |
| 5 | Last Date/Time for Receipt of Bid Online | 16.05.2025 2:00 Pm | | | |
| 6 | Opening of technical bid | 17.05.2025 2:00 Pm | | | |
| 7 | Official Inviting Tender | Executive Officer Nagar Parishad Ramgarh | | | |
| 8 | Mobile Number | 9962405690/8130016531 | | | |
| 9 | E-mail | nagarparishadramgarh@gmail.com | | | |

Note:- 1. Only e-tenders are acceptable. Further details can be seen on websitehttp://jharkhand tenders.gov.in
2. Contractor Should be registered in appropriate class as per NIT
3. Estimated Cost/Quantity May vary

Executive Officer
Nagar Parishad Ramgarh

PR.NO.351469 District(25-26):D

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ଲୋକଙ୍କ ପରିବର୍ତ୍ତିତ ଜୀବନଶୈଳୀ ରୋଗ ସୃଷ୍ଟି କରୁଛି। ଲୋକଙ୍କ ମଧ୍ୟରେ ହୃଦଘାତର ଆଶଙ୍କା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଜିକାଲି ଯୁବ ପିଢ଼ିର ଲୋକମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି। ଖାଦ୍ୟପେୟ ପରିବର୍ତ୍ତନ ଏବଂ ବ୍ୟାୟାମର ଅଭାବ ଯୋଗୁଁ ହୃଦଘାତର ଆଶଙ୍କା ବଢ଼ିଯାଏ। ଯୁବପିଢ଼ିଙ୍କ ମଧ୍ୟରେ ହୃଦଘାତ ଅଧିକ ଦେଖାଯାଉଛି। ହୃଦଘାତରୁ ରକ୍ଷା ପାଇବା ଏବଂ ହୃଦୟକୁ ସୁସ୍ଥ ରଖିବା ପାଇଁ ଆପଣଙ୍କୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆଣିବା ଉଚିତ। ଉଷୁମ ପାଣି ସହ ଆପଣଙ୍କ ଦିନ ଆରମ୍ଭ କରନ୍ତୁ: ଉଷୁମ ପାଣିରେ ଲେମ୍ବୁ ଏବଂ ମହୁ ମିଶାଇ ପିଅନ୍ତୁ। ଏହା ଶରୀରକୁ ବିଷମୁକ୍ତ କରିଥାଏ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଭଲ। ଯୋଗ, ବ୍ୟାୟାମ, ଧ୍ୟାନ ଯୋଗ: ଏହା ଆପଣଙ୍କ ଶରୀରକୁ ସକ୍ରିୟ ରଖେ ଯାହା ସ୍ୱାସ୍ଥ୍ୟ ପାଇଁ ଭଲ। ଆପଣ ପ୍ରତିଦିନ ୧୫-୨୦ ମିନିଟ୍ ଯୋଗ କରିବା ଉଚିତ। ଏହା ବ୍ୟତୀତ, ଚାପ ଦୂର କରିବା ପାଇଁ ଆପଣ ଧ୍ୟାନ କରିବା ଉଚିତ। ଫାଇବରଯୁକ୍ତ ଖାଦ୍ୟ: ଆପଣ ଆପଣଙ୍କ ସକାଳ ଜଳଖିଆରେ ଫାଇବରଯୁକ୍ତ ଖାଦ୍ୟ ସାମିଲ କରିବା ଉଚିତ। ଫଳ ଏବଂ ବାଦାମ ଭଳି ଖାଦ୍ୟ ଖାଇ ଆପଣ ଆପଣଙ୍କ ହୃଦୟକୁ ସୁସ୍ଥ ରଖିପାରିବେ। ଏହା ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରିବା ଏବଂ ରକ୍ତ ପ୍ରବାହକୁ ଉନ୍ନତ କରିବାରେ ସାହାଯ୍ୟ କରିବ।




ଆଜି ହେଉଛି ଆନ୍ତର୍ଜାତିକ ଶ୍ରମିକ ଦିବସ। ଏମାନେ କେବଳ ଦେଶର ଭବିଷ୍ୟତ ନୁହଁନ୍ତି, ଦେଶର ସମ୍ପଦ ଅଟନ୍ତି। ଆନ୍ତର୍ଜାତିକ ସ୍ତରରେ ଶ୍ରମିକ ଦିବସର ଇତିହାସ ବହୁ ପୁରୁଣା । ସେତେବେଳେ ଶ୍ରମିକମାନେ ପ୍ରତିଦିନ ବାରରୁ ଷୋଳ ଘଣ୍ଟା ଏପରିକି କେତେକ ସ୍ଥାନରେ ଅଠରରୁ କୋଡିଏ ଘଣ୍ଟା ଶ୍ରମଦାନ କରିବାକୁ ବାଧ୍ୟ ହେଉଥିଲେ। ଏପରିକି ସେମାନଙ୍କ ଶ୍ରମ ତୁଳନାରେ ମଜୁରୀର ପରିମାଣ ବହୁତ କମ୍ ଥିଲା। ଏହାକୁ ଦୃଷ୍ଟିରେ ରଖି ଶ୍ରମିକମାନେ କାର୍ଯ୍ୟ ସମୟକୁ ହ୍ରାସ କରିବା ପାଇଁ ୧୮୮୬ ମସିହାରେ ଆମେରିକାର ଚିକାଗୋ ସହରରେ ଶ୍ରମିକମାନେ ଧର୍ମଘଟର ଡାକରା ଦେଇଥିଲେ । ସେମାନେ ଦିନକୁ ଆଠ ଘଣ୍ଟିଆ କାମ କରିବାକୁ ଆନ୍ଦୋଳନ ଚଳାଇଥିଲେ ପୁଞ୍ଜିପତିମାନେ ସେମାନଙ୍କ ଆନ୍ଦୋଳନକୁ ଦମନ କରିବାକୁ ଜୋରଦାର ପ୍ରୟାସ କରିଥିଲେ। ସେମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଗିରଫଦାରୀ, ଗୁଳିକାଣ୍ଡ ଓ ମିଥ୍ୟା ମକଦ୍ଦମାର ଭୟ ଦେଖାଇ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଫଳସ୍ୱରୂପ ସାରା ବିଶ୍ୱରେ ଆଠ ଘଣ୍ଟିଆ ଶ୍ରମ ଦିବସ ଶ୍ରମିକମାନଙ୍କ ପାଇଁ ଏକ ଆଇନଗତ ଅଧିକାରରେ ପରିଣତ ହୋଇଛି। ବିଗତ ଦିନର ଏହି ଆନ୍ଦୋଳନକୁ ମନେପକାଇ ବିଶ୍ୱର ଶ୍ରମିକଶ୍ରେଣୀ ସଂଘର୍ଷର ପ୍ରତୀକ ଭାବେ ମେ ୧ ତାରିଖକୁ ଶ୍ରମିକ ଦିବସ ରୂପେ ପ୍ରତିବର୍ଷ ପାଳନ କରି ଆସୁଅଛନ୍ତି ।

## ଫିଲ୍ମରେ ଡେବ୍ୟୁ କରିବେ କାଜଲଙ୍କ ଝିଅ ନିସା




ଅଜୟ ଦେବଗନ ଏବଂ କାଜୋଲଙ୍କ ଝିଅ ନିସା ଦେବଗନ ବର୍ତ୍ତମାନ ବଲିଉଡ୍‌ରୁ ଦୂରରେ ଅଛନ୍ତି। ତଥାପି, ପ୍ରଶଂସକମାନେ ତାଙ୍କୁ ଚଳଚ୍ଚିତ୍ରରେ ଦେଖିବାକୁ ଚାହାଁନ୍ତି। କାଜୋଲ ଏବଂ ଅଜୟ ଏ ବିଷୟରେ ଅନେକ ଥର କଥା ହୋଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ନିସାଙ୍କର ବଲିଉଡ୍‌ରେ ପ୍ରବେଶ କରିବାର କୌଣସି ଯୋଜନା ନାହିଁ। ବର୍ତ୍ତମାନ ମନୀଷ ମଲହୋତ୍ରା ବଲିଉଡ୍‌ରେ ନିସାଙ୍କ ପ୍ରବେଶ ବିଷୟରେ ଏକ ସଙ୍କେତ ଦେଇଛନ୍ତି। ମନୀଷ ମଲହୋତ୍ରା ନିସାଙ୍କ ଅନେକ ଫଟୋ ଶେୟାର କରିଛନ୍ତି। ଏହି ଫଟୋଗୁଡ଼ିକରେ ସେ ଏଥିନିକ୍ ଅବତାରରେ ନଜର ଆସିଛନ୍ତି। ଫଟୋଗୁଡ଼ିକର କ୍ୟାପସନରେ ମନୀଷ ଲେଖିଛନ୍ତି - ନିସା ସିନେମା ତୁମକୁ ଅପେକ୍ଷା କରିଛି। ମନୀଷଙ୍କ ଏହି ପୋଷ୍ଟରେ ଔରୀ କମେଣ୍ଟ କରିଛନ୍ତି - ମୁଁ ତୁମର ଡେବ୍ୟୁ ପାଇଁ ଅପେକ୍ଷା କରିପାରୁ ନାହିଁ। ଫଟୋଗୁଡ଼ିକରେ, ନିସାଙ୍କୁ ଏକ ଲେହେଙ୍ଗାରେ ଦେଖିବାକୁ ମିଳେ। ସେ ଗୋଲାପୀ ଏବଂ ହଳଦିଆ ରଙ୍ଗର ଲେହେଙ୍ଗା ପିନ୍ଧିଛନ୍ତି। ଏହା ସହିତ ସେ ହାଲୁକା ମେକ୍‌ଅପ୍ ନେଇଥିଲେ। ଏହି ସମ୍ପୂର୍ଣ୍ଣ ଲୁକ୍‌ରେ ନିସା ବହୁତ ସୁନ୍ଦର ଦେଖାଯାଉଛନ୍ତି। ନିସାଙ୍କ ଫଟୋ ଏବଂ ଭିଡିଓ ପ୍ରାୟତଃ ଭାଇରାଲ ହୁଏ। ପାଶ୍ଚାତ୍ୟ ଠାରୁ ପାରମ୍ପରିକ ପର୍ଯ୍ୟନ୍ତ ତାଙ୍କର ଲୁକ୍‌କୁ ଲୋକେ ଖୁବ ପସନ୍ଦ କରନ୍ତି। ନିସା ୨୦ ଏପ୍ରିଲ ୨୦୦୩ରେ ଜନ୍ମ ହୋଇଥିବା ବେଳେ ବର୍ତ୍ତମାନ ତାଙ୍କୁ ୨୨ ବର୍ଷ ହୋଇଛି। ନିସା ସିଙ୍ଗାପୁରରୁ ପାଠ ପଢ଼ିଛନ୍ତି। ନିସା ସୋସିଆଲ ମିଡିଆରେ ମଧ୍ୟ ବହୁତ ସକ୍ରିୟ। ସେ ଇନଷ୍ଟାଗ୍ରାମ ମାଧ୍ୟମରେ ତାଙ୍କ ପ୍ରଶଂସକମାନଙ୍କୁ ଅପଡେଟ୍ ଦେଇ ଚାଲିଥାନ୍ତି।





## ୮୯ ବର୍ଷରେ ବି ଧର୍ମେନ୍ଦ୍ରଙ୍କ କମିନି ଜୋସ୍

୮୯ ବର୍ଷରେ ବୟସରେ ବି ଜମେଇକି ବ୍ୟାୟାମ କରୁଛନ୍ତି ଧର୍ମେନ୍ଦ୍ର। ଏହାର ଝଲକ ଏବେ ସୋସିଆଲ ମିଡିଆରେ ଦେଖାଯାଉଛି। ଯିଏ ଦେଖୁଛି ସିଏ କରୁଛି ପ୍ରଶଂସା। ବଲିଉଡ୍‌ର 'ହୀ-ମ୍ୟାନ୍' ଭାବରେ ପରିଚିତ ଅଭିନେତା ଧର୍ମେନ୍ଦ୍ରଙ୍କୁ ଏବେ ୮୯ ବର୍ଷ ହୋଇଗଲାଣି। ଏହି ବୟସରେ ମଧ୍ୟ ସେ ନିଜକୁ ଫିଟ୍ ରଖିଛନ୍ତି। ଏ ବୟସରେ ବି ସେ ଜମେଇକି ବ୍ୟାୟାମ କରୁଛନ୍ତି। ଏହାର ଝଲକ ଏବେ ସୋସିଆଲ ମିଡିଆରେ ଦେଖାଯାଉଛି। ଏବେ ସେ ଇନ୍‌ଷ୍ଟାଗ୍ରାମ୍‌ରେ କିଛି ନୂଆ ଭିଡିଓ ସେୟାର କରିଛନ୍ତି। ଏହା ଦେଖି ତାଙ୍କ ପୁଅ ବବି ଦେଓଲ ଏବଂ ଝିଅ ଈଶା ଦେଓଲ ତାଙ୍କ ଉପରେ ପ୍ରେମ ବର୍ଷା କରିଛନ୍ତି। ତେବେ ସେ ଯାହାହେଉ, ପ୍ରଶଂସକମାନେ ତାଙ୍କୁ ବହୁତ ସମ୍ମାନ କରନ୍ତି। ସେମାନେ ତାଙ୍କର ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା ମଧ୍ୟ କରନ୍ତି। ଧର୍ମେନ୍ଦ୍ର ଏହି ଭିଡିଓଗୁଡ଼ିକୁ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରିଛନ୍ତି। ସେ ସୁଇମିଂ ପୁଲ୍‌ରେ ଅଛନ୍ତି। ଭିଡିଓରେ ଧର୍ମେନ୍ଦ୍ର ଏକ ଟି-ସାର୍ଟ ଏବଂ ତାଙ୍କ ମୁଣ୍ଡରେ ଏକ ଟୋପି ମଧ୍ୟ ପିନ୍ଧିଛନ୍ତି। ପାଣିରେ ବ୍ୟାୟାମ କରିବା ସମୟରେ ତାଙ୍କର ଉତ୍ସାହ ଦେଖିବା ଯୋଗ୍ୟ। ବଡି ମୁଭ୍‌ମେଣ୍ଟ୍ ପାଇଁ ସେ ଏକ ବଲ୍ ବ୍ୟବହାର କରିବା ଦେଖାଯାଏ। ବ୍ୟାକ୍‌ଗ୍ରାଉଣ୍ଡ୍‌ରେ ତାଙ୍କ ପ୍ରଶିକ୍ଷକଙ୍କ ସ୍ୱର ମଧ୍ୟ ଶୁଣାଯାଉଛି, ଯିଏ ତାଙ୍କୁ ମାର୍ଗଦର୍ଶନ କରୁଛନ୍ତି। ଧର୍ମେନ୍ଦ୍ରଙ୍କ ଏନର୍ଜୀରେ ପ୍ରଶଂସକମାନେ ବହୁତ ପ୍ରେରଣା ପାଉଛନ୍ତି। ଧର୍ମେନ୍ଦ୍ରଙ୍କ ପୋଷ୍ଟରେ ପୁଅ ବବି ଦେଓଲ କମେଣ୍ଟ୍ ସେକ୍ସନ୍‌ରେ ଏକ ହାର୍ଟ ଇମୋଜି ଦେଇଛନ୍ତି। ତାଙ୍କ ଝିଅ ଈଶା ଦେଓଲ ମଧ୍ୟ



ବହୁତ ଭଲପାଇବା ଦେଇଛନ୍ତି। ପ୍ରଶଂସକମାନେ ମଧ୍ୟ ତାଙ୍କ ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା କରୁଛନ୍ତି। ଗୋଟିଏ ଦିନ ପୂର୍ବରୁ, ଧର୍ମେନ୍ଦ୍ର ତାଙ୍କ ପୁଅ ସନ୍ନି ଦେଓଲ ଏବଂ ଦିଲୀପ କୁମାରଙ୍କ ଏକ ବହୁତ ପୁରୁଣା ଫଟୋ ସେୟାର କରିଥିଲେ। ସେ କ୍ୟାପ୍‌ସନ୍‌ରେ ଲେଖିଥିଲେ, "ଫିଲ୍ମ 'ବେତାବ'ର ମୁହୂର୍ତ୍ତରେ ଦିଲୀପ ସାହେବଙ୍କ ପ୍ରେମପୂର୍ଣ୍ଣ ଆଶୀର୍ବାଦର ହାତ ସନ୍ନିଙ୍କ ଉପରେ ଥିଲା।" ଧର୍ମେନ୍ଦ୍ରଙ୍କ ଫିଲ୍ମ ବିଷୟରେ କହିବାକୁ ଗଲେ, "ତେରି ବାତୋଁ ମେ ଐସା ଉଲ୍‌ଝା ଜିଆ' ପରେ ଚିରସବୁଜ ଅଭିନେତା 'ଇକ୍କିସ୍'ରେ ନଜର ଆସିବେ। ଏହି ଫିଲ୍ମର ସୁଟିଂ ଶେଷ ହୋଇଛି।

### ଅଦ୍ଭୁତ ପ୍ରାଣୀ

## ବିନା ପାଣିରେ ବଞ୍ଚୁଛି ସାରା ଜୀବନ



ପୂର୍ବ ଆଫ୍ରିକାର ଶୁଷ୍କ ଭୂମିରେ ବାସ କରୁଥିବା ଗେରେନୁକ ନାମକ ଏକ ଅଦ୍ଭୁତ ପ୍ରାଣୀ ବିଷୟରେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ । ଏହି ପ୍ରାଣୀ ପାଣି ନ ପିଇ ସାରା ଜୀବନ ବଞ୍ଚିବାର ଅନନ୍ୟ କ୍ଷମତା ପାଇଁ ଜଣାଶୁଣା। ଏହାର ବୈଜ୍ଞାନିକ ନାମ ହେଉଛି ଲିଟୋକ୍ରାନିଅସ ୱାଲେରି, ଏବଂ ଏହାକୁ ଜିରାଫ ଗାଜେଲ ମଧ୍ୟ କୁହାଯାଏ।

ଗେରେନୁକ ମୁଖ୍ୟତଃ ଇଥିଓପିଆ, ସୋମାଲିଆ ଏବଂ ତାଞ୍ଜାନିଆର କଣ୍ଟାଗ୍ରସ୍ତ ଓ ଶୁଷ୍କ ଅଞ୍ଚଳରେ ଦେଖାଯାଏ।

ଏହାର ଲମ୍ବା ଓ ପତଳା ବେକ ଏହାକୁ ଅନ୍ୟ ହରିଣଙ୍କଠାରୁ ସ୍ୱତନ୍ତ୍ର କରିଥାଏ, ଯାହାର ଲମ୍ବ ୮୦ରୁ ୧୦୫ ସେମି ପର୍ଯ୍ୟନ୍ତ ହୋଇଥାଏ। ଏହି ପ୍ରାଣୀ ବିଭିନ୍ନ ପ୍ରକାରର ଗଛପତ୍ର, ଡାଳ, ଫୁଲ ଏବଂ ଫଳ ଖାଇ ନିଜର ଜୀବନ ବଜାୟ ରଖିଥାଏ। ଆଶ୍ଚର୍ଯ୍ୟର କଥା ହେଲା, ଏମାନେ ପାଣି ପିଇବା ଆବଶ୍ୟକତା ଅନୁଭବ କରନ୍ତି ନାହିଁ।

ଗଛପତ୍ରରୁ ମିଳୁଥିବା ଜଳୀୟ ଅଂଶ ହିଁ ଏମାନଙ୍କ ଶରୀରର ପାଣି ଆବଶ୍ୟକତା ପୂରଣ କରିଥାଏ।

ଗେରେନୁକର ଶାରୀରିକ ଗଠନ ମଧ୍ୟ ଅତ୍ୟନ୍ତ ଚମତ୍କାର। ଏହାର ଅନନ୍ୟ ମେରୁଦଣ୍ଡ ଏହାକୁ ଉଚ୍ଚ ଗଛରୁ ଖାଦ୍ୟ ସଂଗ୍ରହ କରିବାରେ ସାହାଯ୍ୟ କରିଥାଏ। ଏହା ସହିତ, ଶିକାରୀଙ୍କଠାରୁ ବଞ୍ଚିବା ପାଇଁ ଏମାନେ ଘଣ୍ଟା ପ୍ରତି ୬୪ କିଲୋମିଟର (ପ୍ରାୟ ୪୦ ମାଇଲ) ବେଗରେ ଦୌଡ଼ିପାରନ୍ତି। ଏହି ଅସାଧାରଣ ପ୍ରାଣୀ ପ୍ରକୃତିର ଏକ ଜୀବନ୍ତ ଉଦାହରଣ ଯେ କିପରି କଠିନ ପରିସ୍ଥିତିରେ ମଧ୍ୟ ଜୀବନ ନିଜର ରାସ୍ତା ଖୋଜିପାରେ। ଗେରେନୁକର ଏପରି ଅଦ୍ଭୁତ କ୍ଷମତା ଏହାକୁ ପୃଥିବୀର ଅନ୍ୟତମ ଆକର୍ଷଣୀୟ ପ୍ରାଣୀଙ୍କ ମଧ୍ୟରେ ସ୍ଥାନ ଦେଇଛି।

### ଆପଣ ଡିପ୍ରେସନରେ ରହୁଛନ୍ତି କି ?

## ତେବେ ଜାଣନ୍ତୁ କ'ଣ ରହିଛି ଏହାର କାରଣ ?

*ବେଳେବେଳେ କୌଣସି କାରଣରୁ ଆମେ ଦୁଃଖୀ, ଉଦାସ ରହିଥାଉ । ଅନେକାଂଶ ସମୟରେ ଦୁଃଖୀ ହେବାର କୌଣସି କାରଣ ହିଁ ନଥାଏ । ଅନେକ ଲୋକ କୁହନ୍ତି ଉଦାସ ହୋଇ ରହିବା ଅଭ୍ୟାସ ଥାଏ । ହେଲେ ଦୁଃଖ ପଛରେ କାରଣ ଲୁଚି ରହିଥାଏ। ବାରମ୍ବାର ଦୁଃଖୀ, ଉଦାସ ରହିବା ଦ୍ୱାରା ଡିପ୍ରେସନର କାରଣ ହୋଇପାରେ । ତେଣୁ ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଗୁରୁତ୍ୱପୂର୍ଣ୍ଣ ।*



ପାଣିପାଗ, ପରିବେଶରେ ପରିବର୍ତ୍ତନ, ନିଦରେ କମି, ହର୍ମୋନାଲ ଏବଂ ପରିୟର୍ଡସରେ ପରିବର୍ତ୍ତନ, ଗର୍ଭବତୀ ସମୟରେ ଦୁଃଖୀ, ଉଦାସ ଅନୁଭବ ହେବାରେ ଲାଗିଥାଏ । ଏକ୍ସରସାଇଜ୍, ମେଡିଟେସନ ଏବଂ ବିଶ୍ରାମ କରିବା ଫଳରେ କିଛି ସମୟ ପାଇଁ ଆମକୁ ରିଲାକ୍ସ ଲାଗିବାରେ ସାହାଯ୍ୟ କରିଥାଏ । ଆପଣ ଉଦାସ ଏବଂ ଦୁଃଖୀ ରହୁଛନ୍ତି କି ? ତେବେ ଜାଣନ୍ତୁ କେଉଁ କାରଣରୁ ଏପରି ସମସ୍ୟା ଦେଖାଦେଇଥାଏ ତେବେ ଆସନ୍ତୁ ସେ ସମ୍ପର୍କରେ ଜାଣିବା ।

**ବ୍ୟାୟୋଲୋଜିକାଲ କାରଣ:** ଯଦି ଆପଣ ଉଦାସ ରହୁଛନ୍ତି ତେବେ ଆପଣ ସେରୋଟୋନିନ ଏବଂ ଡୋପାମାଇନ ହରମୋନ ହୋଇଥାଇପାରେ ।ଅକ୍ସିଟୋସିନ, ବେସୋପ୍ରାଟିନ ଏବଂଏଣ୍ଡୋଜେନି, ଓପିଓଇଡ ଭଳି ରାସାୟନିକ ପ୍ରୋଲକ୍ଟିନ ଏବଂ ଟେଷ୍ଟୋଷ୍ଟେରୋନ ଭଳି ହର୍ମୋନ ଥିବା ଫଳରେ ବ୍ୟକ୍ତିଙ୍କ ଉପରେ କାନ୍ଦିବା ଭଳି ପ୍ରଭାବ ପଡିଥାଏ । ପ୍ରଭାବିତ ହେବା ଯୋଗୁଁ ଆପଣ କାହିଁକି ଦୁଃଖୀ ରହୁଛନ୍ତି ତା'ର କାରଣକୁ ସ୍ପଷ୍ଟ କରିଥାଏ ।

**ହର୍ମୋନାଲରେ ପରିବର୍ତ୍ତନ :** ରିପୋର୍ଟ ଅନୁଯାୟୀ ହରମୋନରେ ପରିବର୍ତ୍ତନ ହେବା ଫଳରେ ମନୋଭାବରେ ପରିବର୍ତ୍ତନ, ଚିଡ଼ିଚିଡ଼ା, ନର୍ଭସନେସ୍, ପ୍ରେସର ଏବଂ ଦୁଃଖ ଉଦାସ ଭଳି ଲକ୍ଷଣଗୁଡ଼ିକୁ ଆପଣଙ୍କୁ ପ୍ରଭାବିତ କରିଥାଏ। ମାସିକ ଋତୁସ୍ରାବ କିମ୍ବା ଗର୍ଭାବସ୍ଥାରେ ହରମୋନ ଅସନ୍ତୁଳନ ହେବା ଦ୍ୱାରା ଦୁଃଖ, ଉଦାସକୁ ବଢାଇଦେଇଥାଏ ।

**ମାନସିକ ସ୍ଥିତିରେ ପରିବର୍ତ୍ତନ :** ବେଳେବେଳେ ଆଘାତ ପାଇବା ଦ୍ୱାରା ଆମେ ଦୁଃଖୀ ଉଦାସ ଅନୁଭବ କରିଥାଉ । ଯାହା ଆମକୁ ମାନସିକ ସ୍ତରରେ ସିଧାସଳଖ ପ୍ରଭାବ ପକାଇଥାଏ । ହଠାତ୍ ପୁରୁଣା କଥାକୁ ନେଇ ଆମେ ଦୁଃଖୀ ହେଇଯାଉ । କିନ୍ତୁ ଆମେ ସେସବୁ ଜାଣି ପାରିନଥାଉ ।

**ପରିବେଶରେ ପରିବର୍ତ୍ତନ :** ଯଦି ଆପଣ ବାରମ୍ବାର ଉଦାସ ରହୁଛନ୍ତି ତେବେ ପରିବେଶ ଉପରେ ଧ୍ୟାନ ଦିଅନ୍ତୁ । ଅନେକ ଗବେଷକ କୁହନ୍ତି ଯେ, ସୂର୍ଯ୍ୟକିରଣ ପ୍ରଭାବ ଯୋଗୁଁ ସେରୋଟିନିନ୍ ସ୍ତରକୁ ବଜାୟ ରଖିବାରେ ସହାୟକ ହୋଇଥାଏ । ତେଣୁ ଅନ୍ଧାରରେ ରହିବା ଅପେକ୍ଷା ସୂର୍ଯ୍ୟକିରଣରେ ରହିବା ଦ୍ୱାରା ଆପଣଙ୍କ ଦୁଃଖକୁ ଦୂର କରି ଖୁସି ପ୍ରଦାନ କରିଥାଏ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ବାଲାଜୀ କଲଚରାଲ ସୋସାଇଟି ପକ୍ଷରୁ ଭଗବାନ ଭେଙ୍କଟେଶ୍ୱର ଓ ପଦ୍ମାବତୀଙ୍କ ବିବାହ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବ ଲାଗି ସକାଳୁ ସ୍ଥାନୀୟ ତାଡେପଲ୍ଲୀ ଜଗନ୍ନାଥ ମନ୍ଦିରରେ ଅଭିଷେକ ଓ ପୂଜାନୀତି ହୋଇଥିଲା। ପରେ ସେଠାରୁ ବିଗ୍ରହଙ୍କୁ ରଥାରୂଢ଼ କରି ନଗର ପରିକ୍ରମା କରି ମା' ରାମାୟଣାମ୍ମା ସୌଭାଗ୍ୟ କଲ୍ୟାଣ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଭଗବାନ ଭେଙ୍କଟେଶ୍ୱର ଓ ପଦ୍ମାବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବର ପକ୍ଷରୁ ଏମ. ସତ୍ୟ ନାରାୟଣା ଓ ପତ୍ନୀ ଭାଗ୍ୟଲକ୍ଷ୍ମୀ, ସୁଧୀର ପଟ୍ଟନାୟକ ଓ ପତ୍ନୀ ସମାପ୍ତି ଏବଂ କନ୍ୟା ପକ୍ଷରୁ ବି. ଶ୍ରୀନିବାସ ଓ ପତ୍ନୀ ଉଷା, ଭି. ମନୋଜ କୁମାର ଓ ପତ୍ନୀ ରାମିୟା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୁରୋହିତ ଆର ଧନଞ୍ଜୟା ଆଚାରିଲୁ ବୈଦିକ ରୀତିନୀତିରେ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଆଇ. ମନ୍ମଦ ରାଓ ପାରମ୍ପରିକ ବାଦ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ବିଗ୍ରହମାନଙ୍କୁ ରଥରେ ନଗର ପରିକ୍ରମା କରି ତାଡେପଲ୍ଲୀ ଜଗନ୍ନାଥ ମନ୍ଦିରକୁ ଅଣାଯାଇଥିଲା। ଆସନ୍ତା ମେ ୫ ତାରିଖରେ ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଂରୁମ୍ ତଥା ଟାଉନହଲ ଠାରେ ଆନ୍ଧ୍ରର ବନ୍ଦାରୁ ରମଣ ମୂର୍ତ୍ତି ଗ୍ରୁପ୍ ପକ୍ଷରୁ ଭଜନ ଓ ସଂକୀର୍ତ୍ତନ ଏବଂ ତେଲୁଗୁ ଗାୟକ ବିଏ ନାରାୟଣ ରାଓ ସଂଗୀତ ପରିବେଷଣ କରିବେ ବୋଲି ଆବାହକ ବି ଶ୍ରୀନିବାସ ସୂଚନା ଦେଇଛନ୍ତି।



## ମେ' ୧୦କୁ ଘୁଞ୍ଚିଲା ଆଇଆଇଏମ୍‌ସି ସାମ୍ବାଦିକତା ପାଠ୍ୟକ୍ରମ ଆବେଦନର ଶେଷ ତାରିଖ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଢେଙ୍କାନାଳରେ 'ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ' ପାଇଁ ଚାଲିଥିବା ନାମଲେଖା ପ୍ରକ୍ରିୟାର ଆବେଦନ ମେ' ମାସ ୧୦ ତାରିଖ ଯାଏଁ ଘୁଞ୍ଚାଯାଇଛି। ଇଚ୍ଛୁକ ଛାତ୍ରଛାତ୍ରୀ ଅନ୍‌ଲାଇନ କିମ୍ବା ଅଫ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ ବୋଲି ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ଡ. ପ୍ରଧାନ କହିଛନ୍ତି, ୨୦୨୫ ମାର୍ଚ୍ଚ ୩ ତାରିଖଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆବେଦନ ଫର୍ମ ପହଞ୍ଚିବାର ଶେଷ ତାରିଖ ଥିଲା ଏପ୍ରିଲ ୩୦ ତାରିଖ। ହେଲେ ଏହି ତାରିଖକୁ ମେ' ମାସ ୧୦ ତାରିଖ ଯାଏଁ ଘୁଞ୍ଚାଇ ଦିଆଯାଇଛି। ପ୍ରବେଶିକା ପରୀକ୍ଷା ମେ' ୧୯ ତାରିଖରେ ଅନୁଷ୍ଠିତ ହେବାର ଅଛି। ପ୍ରବେଶିକା ପରୀକ୍ଷାରେ ଶିକ୍ଷାର୍ଥୀଙ୍କ ଓଡ଼ିଆ ଭାଷା ବ୍ୟବହାର କରିବାର ପାରଦର୍ଶିତା, ଲିଖନ ଦକ୍ଷତା, ସାଧାରଣ ଜ୍ଞାନ ଓ ସାମ୍ବାଦିକତା ପ୍ରତି ଆଗ୍ରହ ଆଦିର ମୂଲ୍ୟାୟନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ବର୍ଷ କିଆ ପାଠ୍ୟକ୍ରମରେ ଓଡ଼ିଆ ଭାଷାକୁ ଅଧିକ ଗୁରୁତ୍ୱ ଦିଆଯିବା ସହିତ ଛାତ୍ରଛାତ୍ରୀଙ୍କୁ ସାମ୍ବାଦିକତା, ଗଣମାଧ୍ୟମ ଲିଖନ, ରିପୋର୍ଟିଂ, ସମ୍ପାଦନା, ଡିଜିଟାଲ ଯୋଗାଯୋଗ ଓ ଲୋକସମ୍ପର୍କ ଆଦି ବିଭିନ୍ନ ବିଷୟରେ ଶିକ୍ଷା ପ୍ରଦାନ କରାଯିବ। ଡ. ପ୍ରଧାନ ଆହୁରି କହିଛନ୍ତି, ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ ୨୫ବର୍ଷରେ ପହଞ୍ଚିଛି। ଯା' ଭିତରେ ସଂସ୍ଥାନରୁ ଶତାଧିକ ଶିକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ତଥା ଦେଶ ବିଦେଶର ବିଭିନ୍ନ ଗଣମାଧ୍ୟମ ସଂସ୍ଥା, କର୍ପୋରେଟ୍ ସଂସ୍ଥା ଏବଂ ସରକାରୀ ସଂସ୍ଥାଗୁଡ଼ିକରେ ବିଭିନ୍ନ ପଦପଦବିରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଆଗାମୀ ଦିନରେ ମଧ୍ୟ ସାମ୍ବାଦିକତା ଓ ଯୋଗାଯୋଗ କ୍ଷେତ୍ରରେ ଅନେକ ନିଯୁକ୍ତି ସୁଯୋଗ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ପାଠ୍ୟକ୍ରମ ପାଇଁ ମୋଟ ୩୦ଟି ଆସନ ରହିଛି। ଏଥିମଧ୍ୟରୁ ଭାରତ ସରକାରଙ୍କ ନିୟମାନୁସାରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ଆର୍ଥିକ ଅନଗ୍ରସର ବର୍ଗ, ଦିବ୍ୟାଙ୍ଗ ବର୍ଗ ପାଇଁ ଆସନ ସଂରକ୍ଷିତ ରହିଛି। ଯେଉଁ ଇଚ୍ଛୁକ ଛାତ୍ରଛାତ୍ରୀ ସ୍ନାତକ ସମାପ୍ତ କରିସାରିଥିବେ କିମ୍ବା ସ୍ନାତକ ଶେଷ ବର୍ଷରେ ଅଧ୍ୟୟନରତ, ସେମାନେ ଏହି ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ।ଆବେଦନକାରୀ ଆଇଆଇଏମ୍‌ସିର ୱେବ୍‌ସାଇଟ୍ https://iimc.gov.in/language-courses-25-26ରୁ ନାମଲେଖା ଫର୍ମ ଡାଉନ୍‌ଲୋଡ୍ କରିପାରିବେ କିମ୍ବା ୱେବ୍‌ସାଇଟ୍‌ରେ ଦିଆଯାଇଥିବା https://forms.gle/ZzU1Ftf7UCe9kFr37 ଗୁଗୁଲ୍ ଲିଙ୍କ୍ ମାଧ୍ୟମରେ ବି ଅନ୍‌ଲାଇନ୍ ଆବେଦନ କରିପାରିବେ। ଏହାସହ ଢେଙ୍କାନାଳ ସ୍ଥିତ ଆଇଆଇଏମ୍‌ସି ଢେଙ୍କାନାଳ କ୍ୟାମ୍ପସ୍‌ର ପ୍ରଶାସନିକ କାର୍ଯ୍ୟାଳୟ, ଭୁବନେଶ୍ୱର ସ୍ଥିତ ରେଳ ସଦନ ପଛପଟେ ଥିବା ପ୍ରେସ୍ ଇନ୍‌ଫରମେସନ୍ ବ୍ୟୁରୋ କାର୍ଯ୍ୟାଳୟ ଏବଂ କଟକ ସ୍ଥିତ ଚଳଚ୍ଚିତ୍ର ଭବନରେ ଥିବା ସିବିଏଫ୍‌ସି ଆଞ୍ଚଳିକ କାର୍ଯ୍ୟାଳୟରେ ଫର୍ମ ମଧ୍ୟ ଉପଲବ୍ଧ ହେଉଛି। ଶିକ୍ଷାର୍ଥୀମାନେ ସିଧାସଳଖ ଉପରୋକ୍ତ ସ୍ଥାନକୁ ଆସି ଫର୍ମ ନେଇପାରିବେ। ପାଠ୍ୟକ୍ରମ ସମ୍ପର୍କରେ ଯଦି କିଛି ଦ୍ୱନ୍ଦ୍ୱ ବା ପ୍ରଶ୍ନ ଥାଏ, ତେବେ ଶିକ୍ଷା ସଂଯୋଜକ ଜିତେନ୍ଦ୍ର ପତିଙ୍କୁ ୯୪୩୭୪୪୨୦୦ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ସଂସ୍ଥାନ ପକ୍ଷରୁ କୁହାଯାଇଛି।

## ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାୟଗଡ଼ା ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ ଉତ୍ସବ ଗୁଣପୁରସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କର କରକମଳରେ ବୈଦିକ ରୀତିନୀତି ଅନୁଯାୟୀ ପୂଜକଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣ, ଭୂମି ପୂଜନ, ଅକ୍ଷ ଧାନ ପୂଜନ, ହଳବଳଦ ପୂଜନ ତଥା ବିଭିନ୍ନ ଦେବାଦେବୀଙ୍କ ଆବାହନ ପୂର୍ବକ ଗୁଣୁପୁର ଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମହା ଆଡ଼ମ୍ବର ପାଳିତ ହୋଇଯାଇଥିଲା। ଏଥିରେ ମାନ୍ୟବର ମନ୍ତ୍ରୀ ଗଣ୍ଡ ନିଜ ମୁଣ୍ଡରେ ପାଗ ବାନ୍ଧି ଅକ୍ଷୀ ମୁଠି ଚାଷ ଜମିରେ ବୁଣିବା ସହ ପାରମ୍ପରିକ ନୀତି ଅନୁଯାୟୀ ହଳ ଲଙ୍ଗଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟାୱରୀ ସମ୍ମାନିତ ଅତିଥି, ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଗୁଣପୁର ଉପ ଜିଲ୍ଲାପାଳ କିରନ ଦୀପ କୌର ସହୋତା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଚଳିତ ବର୍ଷର ସିଏମ କିଷାନର ପ୍ରଥମ ପ୍ରୋତ୍ସାହନ ରାଶି ଡିବିଟି ମାଧ୍ୟମରେ ପ୍ରଦାନ ପୂର୍ବକ ଏହାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ନିଜର ବକ୍ତବ୍ୟରେ କହିଛନ୍ତି ଯେ କୃଷକଟିଏ ତା ହୃଦୟରେ ଭକ୍ତି ଓ ନିଷ୍ଠା ସହକାରେ ଏହି ପର୍ବଟିକୁ ପାଳନ କରେ। ଆଜିର ଦିନରେ ଧାନ ବୁଣା କାର୍ଯ୍ୟ ଆରମ୍ଭ ହୁଏ। ଅକ୍ଷୟ ତୃତୀୟା ଦିନଟି ଶାସ୍ତ୍ରୀୟ ଏବଂ ପୌରାଣିକ ଉଭୟ ମତରେ ଏକ ପବିତ୍ର ତଥା ଧର୍ମୀୟ ଭାବନାର ଦିନ। ଶ୍ରୀଜଗନ୍ନାଥଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ବାର୍ଷିକ ରଥ ଗଢ଼ାକାମ ମଧ୍ୟ ଏହି ଅକ୍ଷୟ ତୃତୀୟା ଦିନରୁ ହିଁ ଅନୁକୂଳ ହୋଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି। ଏଥିସହ ଆଜିର ପବିତ୍ର ଦିନଟିକୁ ରାଜ୍ୟ ସରକାର କୃଷକଙ୍କୁ ସମର୍ପିତ କରିଥିବା ସେ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ସମୃଦ୍ଧ ଗ୍ରାମୀଣ ଜୀବନର ମୂଳ ଆଧାର ହେଉଛି କୃଷକଙ୍କ ସଶକ୍ତୀକରଣ। ଏହି ଦିନ ସାରା ରାଜ୍ୟରେ କୃଷକ ଦିବସ ପାଳନ କରାଯାଉଛି। ଏହି ଦିବସ ଆମକୁ ଆମ ପରମ୍ପରା, ସଂସ୍କୃତି ସହ ଯୋଡ଼ି ରଖିବାରେ ସହାୟକ ହେବ। ସେହିପରି ଅନ୍ନଦାତାଙ୍କୁ ଅଧିକ ସଶକ୍ତ କରିବାକୁ ବଜେଟରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତବର୍ଷ କୃଷି ବଜେଟ ପୂର୍ବ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ ରହିଛି। ସୂଚନାଯୋଗ୍ୟ, ଆଜିର ଶୁଭ ଅବସରରେ ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୦ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ୨୦୨୫ ଖରିଫ୍ ଋତୁ ପାଇଁ ୧୦୨୫ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ଡିବିଟି ମାଧ୍ୟମରେ ହସ୍ତାନ୍ତର କରିଛନ୍ତି। ସିଏମ୍ କିଷାନ ଯୋଜନାରେ ଖରିଫ୍ ଋତୁ ପାଇଁ ରାୟଗଡ଼ା ଜିଲ୍ଲାର ୮୭,୨୨୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩,୫୧୬ ଜଣ ଭୂମିହୀନ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲ୍ଲାରେ ମୋଟ ୯୦,୭୩୯ ଜଣ ଚାଷୀ ଏଥିରେ ଲାଭବାନ୍ ହୋଇଛନ୍ତି। ସିଏମ୍ କିଷାନ ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ଯୋଗ୍ୟ ବିବେଚିତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରତ୍ୟେକ ଫସଲ ଋତୁ ଆରମ୍ଭରେ ୨୦୦୦ଟଙ୍କା ହିସାବରେ ବାର୍ଷିକ ୪୦୦୦ ଟଙ୍କାର ଆର୍ଥିକ ସହାୟତା ଏବଂ ଭୂମିହୀନ କୃଷକ ପରିବାରଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଯଥା ପଶୁପାଳନ, ମତ୍ସ୍ୟ ଚାଷ ଓ ଉଦ୍ୟାନକୃଷି ଭଳି ଯେକୌଣସି ବୃତ୍ତି ଆପଣେଇବା ପାଇଁ ତିନୋଟି କିସ୍ତିରେ ସମୁଦାୟ ୧୨,୫୦୦ ଟଙ୍କାର ସହାୟତା ପ୍ରଦାନ କରାଯାଉଅଛି।

## ଟ୍ରେଲରରେ ଧକ୍କା ହୋଇ ବାଇକ୍ ଚାଳକ ଗୁରୁତର

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଓରିଏଣ୍ଟ ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ୯ ନମ୍ବର ଆଜାଦ ପାର୍କ ନିକଟରେ ଟ୍ରେଲର ପଛକୁ ଧକ୍କା ଦେଇ ବାଇକ୍ ଚାଳକ ଗୁରୁତର ଆହାତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ଅପରାହ୍ନ ୪ ଟା ସମୟରେ ଝାରସୁଗୁଡ଼ାରୁ ବେଲପାହାଡ଼ ଅଭିମୁଖେ ଏକ ଟ୍ରେଲର ଯାଉଥିବା ବେଳେ ତା ପଛରେ ଏକ ବାଇକ୍ ଆରୋହୀ ଆସୁଥିଲା। ଟ୍ରେଲରଟି ରାସ୍ତାରେ ଥିବା ହମସ୍ ନିକଟରେ ବ୍ରେକ ମାରିବାରୁ ପଛରୁ ଆସୁଥିବା ବାଇକ୍ ଭାରସାମ୍ୟ ହରାଇ ଟ୍ରେଲର ପଛରେ ପିଟି ହୋଇଥିଲା। ଟ୍ରେଲର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ଓରିଏଣ୍ଟ ପୋଲିସକୁ ଖବର ଦେବା ସହ ଆହତ ଯୁବକଙ୍କୁ ମଣ୍ଡଳିଆ ସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ ଓ ସେଠାରେ ତା'ର ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଫକୀର ହରିଚନ୍ଦନ ଜନ୍ମ ଶତାବ୍ଦୀ ସମାପନ ସମାରୋହ




କଣାସ, (ଭାସ୍କର ନ୍ୟୁଜ୍): ବିଶିଷ୍ଟ ସମାଜସେବୀ ଐତିହାସିକ ତଥା ସାରସ୍ୱତ ସାଧକ ସ୍ୱର୍ଗତ ଫକୀର ହରିଚନ୍ଦନଙ୍କ ଶତବାର୍ଷିକୀ ସମାରୋହ ଓ ବ୍ରୋଞ୍ଜ ମୁଖପଟ୍ଟିକା ଉନ୍ମୋଚନ କାର୍ଯ୍ୟକ୍ରମ ଫକୀର ହରିଚନ୍ଦନ ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ କଣାସା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସମ୍ବାଦ ଗ୍ରୁପ ତଥା ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ସୁରେଶ ରାଉତରାୟ, ରମାରଞ୍ଜନ ବଳିୟାରସିଂହ, ଉମାକାନ୍ତ ସାମନ୍ତରାୟ, ଦିଲ୍ଲୀପ ଶ୍ରୀଚନ୍ଦନ, କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ଶିଶୁ ସୁରକ୍ଷା ସମିତିର ପ୍ରାକ୍ତନ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପ୍ରଧାନ ଓ କଣାସ ଗ୍ରାମପଞ୍ଚାୟତ ସରପଞ୍ଚ ଭଗବାନ ସୁବୁଦ୍ଧି ପ୍ରଭୃତି ସମ୍ମାନିତ ଅତିଥୀ ଭାବେ ଯୋଗ ଦେଇଥିଲେ। କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ସ୍ୱର୍ଗତ ହରିଚନ୍ଦନଙ୍କ ବ୍ରୋଞ୍ଜ ମୁଖପଟ୍ଟିକାକୁ ଲୋକାର୍ପଣ କରିଥିଲେ ମୁଖ୍ୟ ଅତିଥୀ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟ ମଞ୍ଚାସୀନ ଅତିଥୀମାନେ। ସମାରୋହରେ ଉପସ୍ଥିତ ବରେଣ୍ୟ ଅତିଥୀ ଓ ବକ୍ତାମାନେ ସ୍ୱର୍ଗତ ହରିଚନ୍ଦନଙ୍କ ବହୁମୁଖୀ ପ୍ରତିଭା, ସମାଜସେବୀ ଓ ସାରସ୍ୱତ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ପ୍ରାକ୍ତନ ସଭାପତି ତଥା ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରସାଦ ହରିଚନ୍ଦନଙ୍କ ସମ୍ପାଦନାରେ ସଂକଳିତ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜୀବନାଲେଖ୍ୟ ଗ୍ରନ୍ଥ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥୀ ସୌମ୍ୟରଞ୍ଜନ ପଟ୍ଟନାୟକ, ପଦ୍ମଚରଣ ନାୟକ ଓ କଣାସ ବଡମଠର ମହାରାଜ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ପାଣିରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଗରାମ ଗ୍ରାମର ବଳରାମ ବଳଙ୍କ ଏକମାତ୍ର ପୁତ୍ର ରାଜାରାମ (୧୭)ର ମଙ୍ଗଳବାର ନିକଟସ୍ଥ ଲୁଣାନଦୀରେ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଭଳି ଏକ ଦୁଃଖଦ ଘଟଣା ଘଟିଯାଇଛି। ସୂଚନାରୁ ପ୍ରକାଶ ଗତକାଲି ପୂର୍ବାହ୍ନରେ ଗରାମ ଗ୍ରାମର ରଜାରାମ ସାଙ୍ଗମାନଙ୍କ ସହିତ ଗ୍ରାମ ନିକଟସ୍ଥ ଲୁଣାନଦୀରେ ଗାଧୋଉଥିବା ବେଳେ ସେ ହଠାତ୍ ଗଭୀରପାଣିକୁ ଖସିଯାଇଥିଲେ। ରାଜାରାମ ବୁଡ଼ିଯାଉଥିବା ବେଳେ ସାଙ୍ଗମାନେ ଚେଷ୍ଟା କରିଥିଲେ ମଧ୍ୟ ଗଭୀର ଜଳରୁ ତାଙ୍କୁ ଉଦ୍ଧାର କରିପାରି ନଥିଲେ। ସାଙ୍ଗମାନେ ଡାକ ପକାଇବାରୁ ଗ୍ରାମବାସୀମାନେ ଉପସ୍ଥିତ ହୋଇ ନଦୀର ଗଭୀର ଜଳରୁ ତାକୁ ଖୋଜାଖୋଜି କରିଥିଲେ ମଧ୍ୟ ରାଜାରାମକୁ ପାଇ ନଥିଲେ। ପରେ ଘଟଣା ସ୍ଥଳରେ ସରପଂଚ ଶଙ୍କର୍ଷଣ ପରିଡ଼ା ଓ ସମାଜସେବୀ ରଜତ ବଳ ପହଞ୍ଚି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ଗଭୀର ଜଳରୁ ଅଚେତ ଅବସ୍ଥାରେ ରାଜାରାମଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ରାଜାରାମଙ୍କ ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ନେଇଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ରାଜାରାମ ପଞ୍ଚାୟତ ଅନ୍ତର୍ଗତ ଡେଲଟା କଲେଜର +୨ ଦ୍ୱିତୀୟ ବର୍ଷ କଳା ଛାତ୍ର ରହିଥିଲା। ତାଙ୍କ ମୃତ୍ୟୁରେ ଅଧ୍ୟାପକ ପ୍ରଦୀପ ଜେନା ଶୋକବ୍ୟକ୍ତ କରି ମହାବିଦ୍ୟାଳୟ ରାଜାରାମ ଭଳି ଜଣେ ମେଧାବୀ ଓ ଉତ୍ତମ କ୍ରୀଡ଼ାବିତକୁ ହରାଇଲା ବୋଲି କହିଥିଲେ। ରାଜାରାମ ତାଙ୍କ ପିତାଙ୍କର ଏକମାତ୍ର ପୁତ୍ର ହୋଇଥିବା ବେଳେ ତା'ର ମୃତ୍ୟୁରେ ପରିବାର ସମେତ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ପଞ୍ଚବଟୀ ଆଶ୍ରମର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ବିଲଣା ଓ ତଳଗୋପବିନ୍ଧା ପଞ୍ଚାୟତ ସୀମାରେ ଥିବା ଦୋଷମାଳି ନାଳିଆ ନଦୀ କୂଳରେ ପଞ୍ଚବଟୀ ଆଶ୍ରମର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମୁରବୀ ବାଇଧର ଦାସ, ହରିହର ଜେନା, ତ୍ରିଲୋଚନ ମଳିକ ଅତିଥି ଭାବେ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣଙ୍କ ତତ୍ତ୍ୱାବଧାନରେ ଓ ସରପଞ୍ଚ ସଞ୍ଜୀବ ବେହେରାଙ୍କ ସହଯୋଗରେ ଅନୁଷ୍ଠିତ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସମାଜସେବୀ ପ୍ରମୋଦ ଦାସ, ରଘୁନାଥ ମଳିକ, ଅରୁଣ ନନ୍ଦ, ଅମରେନ୍ଦ୍ର ନାୟକ, ନିତ୍ୟାନନ୍ଦ ମଳିକ, କୃପାସିନ୍ଧୁ ବାରିକ, ବିମ୍ବାଧର ବେହେରା, ବିନୋଦ ସେଠୀ, ଶେଷଦେବ ପୁହାଣ, କୁଦୁଲି ମହାଲିକ, ଲକ୍ଷ୍ମୀପ୍ରିୟା ନାୟକ, କାମିନୀ ଲତା ମଳିକ, କନକଲତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ବୃଦ୍ଧାଶ୍ରମ ଓ ଗୋଶାଳା ନିର୍ମାଣ କରାଯାଇ ବୃଦ୍ଧବୃଦ୍ଧାମାନଙ୍କୁ ଆଶ୍ରୟ ଦିଆଯିବ। ଏଥିସହିତ ଗୋଶାଳାରେ ଗୋରୁମାନଙ୍କୁ ସୁରକ୍ଷିତ ଅବସ୍ଥାରେ ରଖାଯିବାର ଲକ୍ଷ୍ୟ ରଖା ଯାଇଛି ବୋଲି ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ କହିଛନ୍ତି।

## ଗୁଳୁଗୁଳିରେ ଜନଜୀବନ ଅତିଷ୍ଠ

### ଦୁଇଦିନ ହେଲା ଏମଭି-୧୦୮ ଗ୍ରାମ ଅନ୍ଧାରରେ

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରୀ ରହିଥିବା ବେଳେ ଟିକିଏ ପବନ ବହିଲେ ଅଘୋଷିତ ବିଦ୍ୟୁତ କାଟ ଲାଗି ରହୁଛି। ଖରା ଯୋଗୁ ତାପମାତ୍ରା ପାଖାପାଖି ୪୦ ଡିଗ୍ରୀ ଛୁଇଁଲାଣି। ପ୍ରବଳ ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଗରମରେ ଛଟପଟ ହେଉଛନ୍ତି ବିଦ୍ୟୁତ ଉପଭୋକ୍ତା। ଗତ କିଛି ଦିନ ଧରି ଅଞ୍ଚଳରେ କାଳବୈଶାଖୀ ଯୋଗୁ ପବନ ସାଙ୍ଗକୁ ବର୍ଷା ମଧ୍ୟ ହେଉଥିବା ଦେଖିବାକୁ ମିଳିଛି। ପବନ କମିବା ପରେ ବିଦ୍ୟୁତ ବିଭାଗ ପକ୍ଷରୁ କଟାଯାଇଥିବା କରେଣ୍ଟକୁ ଚାର୍ଜ କରିବା ପରେ ଅଧିକାଂଶ ଗ୍ରାମରେ କରେଣ୍ଟ ଆସୁଥିବା ବେଳେ କୌଣସି କାରଣରୁ ଆଉ କିଛି ଗ୍ରାମକୁ କରେଣ୍ଟ ଆସୁନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଚିତାପାରି -୩ ପଞ୍ଚାୟତ ଅଧିନସ୍ତ ଏମଭି -୧୦୮ ଗ୍ରାମରେ। ଏହି ଗାଁରେ ଗତ ସୋମବାର ରାତିରେ ପବନ ହେବାରୁ କରେଣ୍ଟ ଚାଲି ଯାଇଥିଲା। ପୁନର୍ବାର ମଙ୍ଗଳବାର ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦୀର୍ଘ ଦୁଇଦିନ ହେଲା ଗାଁରେ କରେଣ୍ଟ ନଥିବାରୁ ଗ୍ରାମରେ ବସବାସ କରୁଥିବା ପ୍ରାୟ ୭୫ ରୁ ଉର୍ଦ୍ଧ୍ୱ ପରିବାର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କରେଣ୍ଟ ନଥିବା ଯୋଗୁ ଫ୍ୟାନ, କୁଲର, ଫ୍ରିଜ, କମ୍ପୁଟର, ଟିଭି, ପିଇବା ପାଣି ଭଳି ଅତି ନିତ୍ୟ ବ୍ୟବହାର୍ଯ୍ୟ ମେସିନ ଗୁଡିକ ଅଚଳ ହୋଇପଡିଛି। ପିଲାମାନେ ସନ୍ଧ୍ୟାରେ ପାଠ ପଢି ପାରୁନାହାନ୍ତି। ଗରମ ଯୋଗୁ ରାତିରେ କେହି ଶୋଇ ପାରୁନାହାନ୍ତି।ଏ ନେଇ ଗ୍ରାମବାସୀ ଦୀର୍ଘ ଦୁଇଦିନ ଧରି ବିଦ୍ୟୁତ ବିଭାଗର କତୃପକ୍ଷ ଏବଂ କର୍ମଚାରୀଙ୍କ ନିକଟରେ ବହୁବାର ଅଭିଯୋଗ କଲେ ବି କେହି କର୍ଣ୍ଣପାତ କରୁନଥିବା ଯୋଗୁ ଗ୍ରାମବାସୀ ଆଜି ନିରୁପାୟ ହୋଇ ବାଲିମେଳା ସହରରେ ଥିବା ବିଦ୍ୟୁତ ବିଭାଗର କାର୍ଯ୍ୟାଳୟ ସଂମ୍ମୁଖରେ ସମୂହ ଧାରଣ ଦେବାକୁ ବାଧ ହେଲୁ ବୋଲି ଏମଭି-୧୦୮ ଗ୍ରାମର ସଂଜିତ ସାନ୍ନା, କବିତା ମିସ୍ତ୍ରୀ, ଶାନ୍ତି ମଣ୍ଡକ, ସାବୀ ମଣ୍ଡଳ, ପୂର୍ଣ୍ଣିମା ବାରୋଇ, ସୁନିତା ମଣ୍ଡଳ, ବୈଶାଖ ସର୍ଦାର, ଉର୍ମିଳା ମଣ୍ଡଳ, ରଶ୍ମି ମିସ୍ତ୍ରୀ, ପ୍ରଶାନ୍ତ ମଣ୍ଡଳ, ପୁଷ୍ପା ମଣ୍ଡଳ, ନ୍ୟୁଟନ ସର୍ଦାର, ଶ୍ୟାମଳ ସର୍ଦାର, ସୁଶାନ୍ତ ବିଶ୍ୱାସଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି କରେଣ୍ଟ ନଦେବା ପର୍ଯ୍ୟନ୍ତ ଅଫିସ ସମ୍ମୁଖରେ ଧାରଣାରେ ବସି ରହିବୁ ବୋଲି ଅଡ଼ି ବସିଥିଲେ ଗ୍ରାମବାସୀ ବିଦ୍ୟୁତ ବିଭାଗର ବରିଷ୍ଠ କର୍ମଚାରୀ ମଳୟ ପଟ୍ଟନାୟକ ସେମାନଙ୍କୁ ବୁଝା ସୁଝା କରିବା ସହ ଉକ୍ତ ଗ୍ରାମରେ ତୁରନ୍ତ ଲୋକ ପଠାଇ କରେଣ୍ଟ ଦିଆଯିବ ବୋଲି ପ୍ରତିଶୃତି ଦେବା ପରେ ଗ୍ରାମବାସୀ ସେଠାରୁ ନିଜ ଗ୍ରାମକୁ ଫେରି ଯାଇଥିଲେ।ଏ ସମ୍ପର୍କ ରେ ଦାୟିତ୍ୱରେ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି ଯେ, ଉକ୍ତ ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇଥିବା କେବୁଲରେ କେଉଁଠି ଫ୍ଲଟ ରହିଛି। ତୁରନ୍ତ ମରାମତି କରି ଲାଇନ ଦିଆଯିବ ବୋଲି ସେ କହିଛନ୍ତି।

## ଲୁଣାନଦୀ ବନ୍ଧର ଦୃଢ଼ତା ନେଇ ଆଶଙ୍କା

ଡେରାବିଶ, (ଭାସ୍କର ନ୍ୟୁଜ୍): କଟକ ନର୍ଥ ଡିଭିଜନ୍ ଅଧିନରେ ରହିଥିବା ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧର ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଗରାମ ଠାରୁ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ବାରିଗୋଡ଼ିଆ ପର୍ଯ୍ୟନ୍ତ ସୁଦୃଢ଼ୀକରଣ କାର୍ଯ୍ୟ ଚାଲିଛି। ଏଥିରେ ଠିକାଦାର ଜଣକ ପ୍ରଥମେ ମାଟି ପକାଇ ଉଚ୍ଚା କରିବା ସହିତ ଡଷ୍ଟ ଓ ମେଣ୍ଟାଲ ବିଛା ଏବଂ ପରେ ଏହା ଉପରେ ପିଚୁ କାର୍ଯ୍ୟ ଚାଲିଛି। ହେଲେ ଡଷ୍ଟ ମେଣ୍ଟାଲ ବିଛାଇବା ପରେ ଠିକାଦାର ଜଣକ ଏହାକୁ ବାନ୍ଧି ରଖିବା ପାଇଁ ଆବଶ୍ୟକ ହେଉଥିବା ମାଟି ଦୂରରୁ ନଆଣି ସେହି ବନ୍ଧର ନିମ୍ନ ଭାଗରୁ ଜେସିବି ମାଧ୍ୟମରେ ତାଡ଼ି ବନ୍ଧ ଉପରେ ପକାଇଛି। ଏହାଦ୍ୱାରା ବନ୍ଧର ଉପରିଭାଗ ସୁଦୃଢ଼ ହେଲେ ମଧ୍ୟ ବନ୍ଧର ନିମ୍ନଭାଗ କଡ଼ରୁ ଜେସିବି ଦ୍ୱାରା ମାଟି ଆଣିବା ଫଳରେ ବନ୍ଧର ମୂଳ ଦୁର୍ବଳ ହେଉଛି ବୋଲି ଇନ୍ଦାଳୋ ପଂଚାୟତ ଅନ୍ତର୍ଗତ ନାନକାର ଗ୍ରାମନିବାସୀ ସମାଜସେବୀ ଅକ୍ଷୟ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ବିଭାଗୀୟ କର୍ମଚାରୀ ନରହିବା ଯୋଗୁ ଏହା ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି।

## ଦରପୁର ଗ୍ରାମରେ ମା' ଖରାଖାଇଙ୍କ ବାର୍ଷିକ ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଜାମଯୋଡ଼ି ପଞ୍ଚାୟତ ଅଧୀନ ଦରପୁର ଗ୍ରାମର ପ୍ରସିଦ୍ଧ ଦେବୀ ମା' ଖରାଖାଇଙ୍କର ବାର୍ଷିକ ଉତ୍ସବ ପବିତ୍ର ଅକ୍ଷୟ ତୃତୀୟା ଦିନ ଅନୁଷ୍ଠିତ ହୋଇ ଯାଇଛି। ମା' ଖରାଖାଇ ପ୍ରତ୍ୟେକ ଦିନ ପୂଜା ପାଉଥିବା ବେଳେ ପ୍ରତିବର୍ଷ ଅକ୍ଷୟ ତୃତୀୟା ଦିନ ତାଙ୍କର ବାର୍ଷିକ ଉତ୍ସବ ଗ୍ରାମବାସୀଙ୍କ ସହଯୋଗରେ ପାଳିତ ହୋଇଥାଏ। ମା'ଙ୍କର ମହିମା ଅପାର। ତାଙ୍କୁ ଯିଏ ଯେଉଁ ମାନସିକ କରେ ତାହା ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକମାନେ କହନ୍ତି। ମା'ଙ୍କ ଆବିର୍ଭାବ ସମ୍ପର୍କରେ ସ୍ଥାନୀୟ ଲୋକ ସଠିକ୍ ଭାବେ କହି ପାରୁନଥିବା ବେଳେ ମା'ଙ୍କର ଆବିର୍ଭାବ ପ୍ରାୟ ୨୦୦ ବର୍ଷ ପୂର୍ବରୁ ହୋଇଥିବା କୁହାଯାଉଛି। ଦରପୁର ଗ୍ରାମର କିଛି ଦୂରରେ ପୂର୍ବରୁ ଏକ ଜନବସତି ଥିଲା। ମା' ସେଠାରେ ଆବିର୍ଭାବ ହେବା ପରେ ଧୀରେ ଧୀରେ ଜନବସତି ଲୋପ ପାଇ ଯାଇଥିଲା। ଏବେ ଏକ ନିଛାଟିଆ ପଦାରେ ମା'ଙ୍କର ଏକ ଆସ୍ଥାନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ମା'ଙ୍କ ନିକଟକୁ ପୂଜା ପାଇଁ ପ୍ରତିଦିନ ବହୁ ଶ୍ରଦ୍ଧାଳୁ ଯାଇଥାନ୍ତି। ଅକ୍ଷୟ ତୃତୀୟା ବାର୍ଷିକ ଉତ୍ସବ ଦିନ ସେଠାରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମା'ଙ୍କର ଅଦ୍ୟାବଧି ମନ୍ଦିରଟିଏ ନିର୍ମାଣ ହୋଇ ପାରିନାହିଁ। ଏଥି ସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ମଧ୍ୟ ସେଠାରେ କୌଣସି ବିଶ୍ରାମାଗାର ଓ ପ୍ରସାଦ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ଗୃହଟିଏ ନାହିଁ। ଶ୍ରଦ୍ଧାଳୁମାନେ ଖରାରେ ବହୁ କଷ୍ଟରେ ସେଠାରେ ପହଞ୍ଚି ମା'ଙ୍କୁ ଦର୍ଶନ କରି ଭୋଗ କରିଥାନ୍ତି। ପୂର୍ବତନ ବିଧାୟକ ବିଜୟ କୁମାର ନାୟକ ବିଧାୟକ ଥିବା ସମୟରେ ପାନୀୟଜଳର ସୁବିଧା ପାଇଁ ଏକ ନଳକୂପ ବସାଇଥିଲେ। ମା'ଙ୍କ ନିକଟରେ ପୋଖରୀଟିଏ ଥିଲେ ମଧ୍ୟ ତାହା ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ତେବେ ମା'ଙ୍କ ପୀଠର ଉନ୍ନତି ପାଇଁ କୌଣସି ରାଜନୈତିକ ବ୍ୟକ୍ତିଙ୍କର ଲକ୍ଷ୍ୟ ନାହିଁ। ତେବେ ମା'ଙ୍କର ମନ୍ଦିର ସହିତ ଶ୍ରଦ୍ଧାଳୁମାନଙ୍କର ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳନ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ସହର ନିକଟସ୍ଥ ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମୀରଗାନ୍ ଗୁଡା ଠାରେ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଭୂମି ପୂଜନ ଏବଂ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ସମ୍ମାନୀତ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତି ରାମ ନାୟକ, ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଉପସ୍ଥିତି ସହ ବରିଷ୍ଠ ବୈଜ୍ଞାନିକ, କେଭିକେ ଚକ୍ରଧର ମିଶ୍ର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ମହାନ୍ତି, ନିର୍ଦ୍ଦେଶକ, ଉଦ୍ୟାନ ବିଭାଗ, ଡକ୍ଟର ଦିଲ୍ଲୀପ କବିରାଜ, ଜିଲ୍ଲା କୃଷି ଅଧିକାରୀ ନବରଙ୍ଗପୁର ଅନିଲ କୁମାର ପ୍ରହରାଜ, ଜିଲ୍ଲା କୃଷି ଅଧିକାରୀ ପାପଡାହାଣ୍ଡି ବିଶ୍ୱଜିତ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, କୃଷି ବିଭାଗର ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପୁରୋହିତଙ୍କ ଦ୍ୱାରା ଧରିତ୍ରୀ ମାତାଙ୍କ ହୋମଯଜ୍ଞ ପରେ ମୁଖ୍ୟଅତିଥି ବିଧାୟକ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ କରକମଳରେ ଭୂମି ପୂଜନ ଓ ଅଖିମୁଠି ଅନୁକୂଳ କରିବା ସହ ଆନୁଷ୍ଠାନିକ ଭାବେ ଜମିରେ ହଳ କରିବାପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ନବ ନିର୍ମିତ ଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ମାନ୍ୟବର ବିଧାୟକ ମାଝୀ ଏହି ପରିପ୍ରେକ୍ଷୀରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସର ଶୁଭେଚ୍ଛା ସହ ଚାଷୀମାନଙ୍କ ପାଇଁ ଏହିବର୍ଷ ସୁଖସମୃଦ୍ଧିର ବର୍ଷ ହେଉ ବୋଲି ଶୁଭ କାମନା ଜଣାଇଥିଲେ। ଏହି ଉପଲକ୍ଷେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ୍ କିସାନ ଯୋଜନାରେ ଚାଷୀ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସମାରୋହର ସିଧା ପ୍ରସାରଣ ମଧ୍ୟ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ନବରଙ୍ଗପୁର ବ୍ଲକର ଦଇତାରୀ ମାଝୀ, ଝରି ଗାଁ'ର ଲକ୍ଷ୍ମୀ ଭତରା, ନନ୍ଦାହାଣ୍ଡିର ଭାସ୍କର ଗଉଡଙ୍କୁ ମକାମଞ୍ଜି ଛଡାଇବା ମେସିନ (ମେଜ ହୁଲର) ପ୍ରଦାନ କରାଯାଇଥିଲା। ୧୦ଟି ବ୍ଲକ୍‌ର ୧୦ ଜଣ ମକା ଚାଷୀଙ୍କୁ ଏଭଳି ମେସିନ ପ୍ରଦାନ କରାଯାଉଛି।



## ଅକ୍ଷୟ ତୃତୀୟାରେ କୃଷକସଂଘ ପକ୍ଷରୁ ଅଖି ମୁଠି ବପନ କାର୍ଯ୍ୟକ୍ରମ ପାଳନ



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍): ଅକ୍ଷୟ ତୃତୀତୟ ଅବସରରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରର ସ୍ୱପ୍ନେଶ୍ୱର କୃଷକ ସଂଘ ଅକ୍ଷୀମୁଠୀ ବପନ କାର୍ଯ୍ୟକ୍ରମ ପାଳନ କରିଛନ୍ତି। ସ୍ଥାନୀୟ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଂଘ ସଭାପତି ଆଇ. ମୁକୁନ୍ଦ ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ବିନୋଦ କୁମାର ବେହେରା, ଘୁମୁସର ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ଅଞ୍ଚଳର ସୁସଙ୍ଗଠକ ତଥା ସକ୍ରୀୟ ଯୁବ ଚାଷୀ ନେତା ସୀତାରାମ ପାଣିଗ୍ରାହୀ, ଋଷିକୁଲ୍ୟା ରୟତ ମହାସଂଘ ସଭାପତି ସିମାଞ୍ଚଳ ନାହାକ କାଉନସିଲର ତଥା ସାମ୍ବାଦିକ ଭାସ୍କର ବେହେରା ଅତିଥି ଭାବେ ଯୋଗଦେଇ ଚାଷଜମି ଉପରେ ରିତିକାନ୍ତିରେ ପୂଜା ଅର୍ଚ୍ଚନା କରି ଜମି ଉପରେ ହଳ ଲଙ୍ଗଳ ବୁଲାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଜମି ଉପରେ ଅଖୀ ମୁଠି ବପନର ଶୁଭାରମ୍ଭ କରିଥିଲେ। ଚାଷୀମାନେ ଆନନ୍ଦରେ ହଳିଆ ଗୀତ ଗାଇ ପରିବେଶକୁ ଆନନ୍ଦିତ କରାଇଥିଲେ। ମହିଳାମାନଙ୍କ ଦ୍ୱାରା ହୁଳହୁଳି ଓ ଘଣ୍ଟ ଧ୍ୱନିରେ ଉଚ୍ଛୁଳି ପଡିଥିଲା ଅଞ୍ଚଳ। ପୁରୁଷୋତ୍ତମପୁର ଚାଷୀ ସଂଘ ପ୍ରତିବର୍ଷ ଏହାକୁ ପାଳନ କରିଆସୁଛି। ସଂଘ ସମ୍ପାଦକ କିଶୋର ସାଶମଲ, କୋଷାଧକ୍ଷ ରମେଶ ଗୌଡ଼, ବରିଷ୍ଠ ଚାଷୀ ଲକ୍ଷ୍ମଣ ଗୌଡ଼, କୁମ୍ଭାର ଗୌଡ଼, ଉଗ୍ରସେନ ଗୌଡ଼, ସୁରେଇ ବେହେରା, ଦଣ୍ଡପାଣି ଗୌଡ଼, ଅରୁଣ ମହାକୁଡ଼ ଅନେକ ଚାଷୀ ଯୋଗଦେଇ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ସବୁବେଳେ ପ୍ରତିଟି ସମୟରେ ସାମ୍ବାଦିକ ବନ୍ଧୁମାନେ ଚାଷୀକୂଳକୁ ସହଯୋଗ କରିଅସୁଥିବାରୁ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ଉତ୍ତରୀୟ ଦେଇ ଶୁଭେଚ୍ଛା ଜଣାଇଥିଲେ।



# ଆମ କଳାହାଣ୍ଡି





## ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ





ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କୃଷି ଉତ୍ପାଦନ କ୍ଷେତ୍ରରେ ପ୍ରମୁଖ ରାଜ୍ୟ ରୂପେ ସମଗ୍ର ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିବା ଆମ ରାଜ୍ୟର ପବିତ୍ର ପର୍ବ ଅକ୍ଷୟ ତୃତୀୟା ଅବସରରେ ସମଗ୍ର ରାଜ୍ୟରେ କୃଷକ ଦିବସ ପାଳିତ ହୋଇଯାଇଛି। ଏହି କ୍ରମରେ ୩୦ ତାରିଖ ବୁଧବାର ଦିନ ପୂର୍ବାହ୍ନରେ କଳାହାଣ୍ଡି କୃଷି ବିଭାଗ ପକ୍ଷରୁ ସ୍ଥାନୀୟ କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ର ଠାରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ୍, ଉପସ୍ଥିତ ଥିଲାବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ଶାନ୍ତନୁ କୁମାର ତ୍ରିପାଠୀ, କୃଷି ବିଜ୍ଞାନ କେନ୍ଦ୍ର କଳାହାଣ୍ଡିର ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ର ମୁଖ୍ୟ ଡ.ଅମିତାଭ ପଣ୍ଡା, ଭବାନୀପାଟଣା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାକର ନାୟକ, କଳାହାଣ୍ଡି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜୁନାଗଡ ଏଫ୍.ଆଇଏସି ଅଧକ୍ଷ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଚାଲିଥିଲା ବେଳେ ସକାଳୁ ସକାଳୁ ଅସରାଏ ବର୍ଷା ହୋଇଯିବାରୁ ଉପସ୍ଥିତ କୃଷକ ଓ କୃଷି ଅଧିକାରୀ ତଥା କୃଷି କର୍ମଚାରୀମାନଙ୍କ ମନରେ ଖୁସିରେ ଲହରୀ ଖେଳି ଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ୍ ଅକ୍ଷୟ ତୃତୀୟାର ମହତ୍ତ୍ୱ ସମ୍ପର୍କରେ ବିଭିନ୍ନ ସୂଚନା ଦେବା ସହ ଏ ବର୍ଷ କୃଷି ପାଇଁ ପାଗ ଅନୁକୂଳ ହେଉ ଓ କୃଷକଙ୍କ ଉତ୍ପାଦନ ବୃଦ୍ଧି ପାଉ ବୋଲି ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା ତାଙ୍କ ଅଭିଭାଷଣରେ ଆଜି ଭଳି କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟାରେ ଜିଲ୍ଲାର ଚାଷୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଆଗାମୀ କୃଷି ଋତୁରେ ସେମାନଙ୍କ ଉତ୍ପାଦନ ଅଧିକରୁ ଅଧିକ ବୃଦ୍ଧି ପାଉ ବୋଲି ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଜିଲ୍ଲା ଅଧିକାରୀ, ଭବାନୀପାଟଣାର ପ୍ରମୋଦ କୁମାର ବେହେରା, ନର୍ଲାର ଶୁଭେନ୍ଦୁ କର, ଧର୍ମଗଡର ସଂଜୟ ପାତ୍ର ଓ ଜୁନାଗଡର କମଳ ନାଏକ, ଭବାନୀପାଟଣା ସିଡ୍ ପ୍ରଡକ୍ସନ ଅଧିକାରୀ ପୂଜା ମହାଲିଙ୍ଗ, ବିଭିନ୍ନ ବ୍ଲକର ବ୍ଲକ୍ କୃଷି ଅଧିକାରୀ, ଗ୍ରାମ୍ୟକୃଷି କର୍ମଚାରୀ, ଜିଲ୍ଲାର ଅଗ୍ରଣୀ ପୁରୁଷ ଓ ମହିଳା ଚାଷୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ କର୍ମଚାରୀ ଏବଂ ଏ ଏ ଓ, କେସିଙ୍ଗା, ନିରୂପମା ଗୌଡିଆ, ଏ ଏ ଓ ଭବାନୀପାଟଣା ଏଲୋରା ପ୍ରିୟଦର୍ଶିନୀ ଓ ଏ ଏ ଓ ମଦନପୁର ରାମପୁରର ଜ୍ଞାନେଶ୍ୱରୀ ବିନ୍ଧାଣି ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟର ସଂଯୋଜନା କରିଥିଲେ ସଦର ବ୍ଲକ୍ ଗ୍ରାମ୍ୟ କୃଷି କର୍ମଚାରୀ ସୁଶ୍ରୀ ସୁନିତା ଶର୍ମା। ଭବାନୀପାଟଣା ବ୍ଲକ୍ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ, ବ୍ଲକ୍ ଗ୍ରାମ୍ୟ କୃଷି କର୍ମଚାରୀ ବିଶ୍ୱକାନ୍ତ ସାହୁ, ଖଗପତି ଛୁରା, ସଞ୍ଜୟ ମୁଣ୍ଡା ଏବଂ ଏଗ୍ରିକଲଚର୍ ଟେକ୍ନିକାଲ୍ ଟିମର ସଦସ୍ୟ ସଦସ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସହକାରୀ କୃଷି ଅଧିକାରୀ ଏଲୋରା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନଜୀବୀ ଦିବସ ପାଳିତ

ଜୁନାଗଡ଼ (ଭାସ୍କର ନ୍ୟୁଜ୍ ) : ଜୁନାଗଡ଼ ଜେଏମଏଫସି କୋର୍ଟ ପରିସର ମଧ୍ୟରେ ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘର ସଭାପତି ବାଳକୃଷ୍ଣ ଆଚାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ହିମାଂଶୁ ଶେଖର ବରାଡ଼ ଉପସଭାପତି ଦିଗାମ୍ବର ନାଏକ, ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ବୃନ୍ଦ ମଦନମୋହନ ସାହୁ,




ସୁରେଶ ଚନ୍ଦ୍ର ପଣ୍ଡା, କୈଳାସ ଚୌଧୁରୀ, ଅଶୋକ କୁମାର ପାତ୍ର, ବିଶ୍ୱନାଥ କର, ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହିପରି ଏହିସଭାରେ ଅନନ୍ତ ନାରାୟଣ ବେହେରା, ରମେଶ ଚନ୍ଦ୍ର ନାଏକ, ଧନେଶ୍ୱର ନାଏକ, ଶିଶିର ପଟ୍ଟନାୟକ, ଅଶୋକ ପଣ୍ଡା, ଜୟଦେବ ସୁନାନୀ, ମିଳାପ ଚାନ୍ଦଜୈନ, ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ମଧୁବାବୁଙ୍କ ଶୃତି ଚାରଣ କରିଥିଲେ।

## ଚଢ଼ାଉ ପରେ ବି ବଢୁଛି ମଦ ବିକ୍ରି

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାର ସହର ସମେତ ଅଧିକାଂଶ ଗାଁରେ ଏବେ ମଦକୋଠି ଛତୁ ଫୁଟିଲା ଭଳି ଖୋଲିଛି। ଅନେକ ନିରୀହ ଗରିବ ଲୋକ ମଦ ନିଶାରେ ପଡ଼ି ଦିଗହରା ହେବା ସହ ସର୍ବସ୍ୱାନ୍ତ ହେଉଛନ୍ତି। ଅବକାରୀ ବିଭାଗ ବିଭିନ୍ନ ସମୟରେ ଚଢ଼ାଉ କରିବା ପରେ ମଧ୍ୟ ବେଆଇନ ମଦ କାରବାର କମିବା ବଦଳରେ ବଢ଼ିବାରେ ଲାଗିଛି। ଏଥିଯୋଗୁ ଅପରାଧ ବଢ଼ିବା ସହ ପରିବେଶ ଖରାପ ହେବାରେ ଲାଗିଛି, ଯାହା ଚିନ୍ତାର ବିଷୟ ହୋଇଛି। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲାରେ ଏବେ ୬୭ଟି ଦେଶୀ ମଦଭାଟି ରହିଥିବାବେଳେ ୧୦ଟି ଶାଖା ରହିଛି। ଏହିସବୁ ମଦଭାଟି ଓ ଶାଖାଗୁଡିକରେ ୨୦୨୩-୨୪ ଆର୍ଥିକ ବର୍ଷରେ ୨କୋଟି ୪୯ ଲକ୍ଷ ୪୦୪୦ଲିଟର ଦେଶୀ ମଦ ବିକ୍ରି ହୋଇଛି। ସେହିପରି ୨୦୨୪-୨୫ ବର୍ଷରେ ଅଢ଼େଇ କୋଟି ୪୧ହଜାର ଶହେ ଲିଟର ମଦ ବିକ୍ରି ହୋଇଥିବା ସୂଚନା ମିଳିଛି। ଏହି ପରିସଂଖ୍ୟାନ ଦେଖିଲେ ଗତବର୍ଷ ଅପେକ୍ଷା ୧ଲକ୍ଷ ୩୭ହଜାର ୬୦ ଲିଟର ମଦ ଅଧିକ ବିକ୍ରି ହୋଇଛି। ସରକାରୀ ହିସାବରେ ଏହା ଅଢ଼େଇ କୋଟି ଲିଟର ହୋଇଥିବାବେଳେ ବେସରକାରୀ ହିସାବରେ ଏହା ୪ଗୁଣରୁ ଅଧିକ ହେବ ବୋଲି କୁହାଯାଉଛି। ଚଳିତବର୍ଷ ରାଜସ୍ୱ ଟାର୍ଗେଟ ୭୪କୋଟି ୬୮ଲକ୍ଷ ଥିବାବେଳେ ୮୯ କୋଟି ୯୦ଲକ୍ଷ ଟଙ୍କା ସଂଗ୍ରହ ହୋଇଛି, ଯାହା ୧୫କୋଟିରୁ ଅଧିକ। ସେହିପରି ଜିଲ୍ଲାରେ ୨୦୨୪-୨୫ ଆର୍ଥିକ ବର୍ଷରେ ବିଦେଶୀ ମଦ ୧୩ଲକ୍ଷ ୭୭ହଜାର ୫୦୩ ଏଲ୍‌ପିଏଲ୍ ବିକ୍ରି ହୋଇଥିବାବେଳେ ବିଅର ୬୬ଲକ୍ଷ ୪ହଜାର ୮୬୩ ବିଏଲ୍ ବିକ୍ରି ହୋଇଥିବା ଜଣାପଡ଼ିଛି। ତେବେ ୨୦୨୩-୨୪ ଆର୍ଥିକ ବର୍ଷରେ ବିଦେଶୀ ମଦ ୧୨ଲକ୍ଷ ୬୬ହଜାର ୫୮୯ ଏଲ୍‌ପିଏଲ୍ ରହିଥିବାବେଳେ ବିଅର ୫୮ଲକ୍ଷ ୨୮ହଜାର ୪୧୮ ବିଏଲ୍ ରହିଥିଲା। ଏହିସବୁ ତଥ୍ୟକୁ ଦେଖିଲେ କଳାହାଣ୍ଡି ଜିଲ୍ଲାରେ ଉଭୟ ଦେଶୀ ଓ ବିଦେଶୀ ମଦ କାରବାର ଗତବର୍ଷ ଅପେକ୍ଷା ବୃଦ୍ଧି ପାଇଛି। ଏ ନେଇ ଜିଲ୍ଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକଙ୍କୁ ପଚାରିବାରୁ ବେଆଇନ ମଦ କାରବାର ରୋକିବାକୁ ପ୍ରାୟ ସମୟରେ ଚଢ଼ାଉ କରାଯାଉଛି ବୋଲି କହିଥିଲେ।

## ସବଜେଲ ପରିସରରେ ଆଇନ ସଚେତନତା ଶିବିର

ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : ତାଲୁକ ଆଇନ ସେବା ସମିତି ଧର୍ମଗଡ଼ ଦ୍ୱାରା ସ୍ଥାନୀୟ ଉପଖଣ୍ଡ କାରାଗାର ପରିସରରେ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ




ଦେଓ୍ୱାନୀ ବିଚାରପତି ଇପ୍ସି ମହାନ୍ତି, ସରକାରୀ ଓକିଲ ଧୀରେନ୍ଦ୍ର ନାଥ ପାତ୍ର ଓ ରାଜେନ୍ଦ୍ର ମୁନି, ପାନେଲ ଓକିଲ ହରିଶ ଚନ୍ଦ୍ର ବାଗ, ସହକାରୀ ଜେଲ ସୁପେରିଟେଣ୍ଡେଣ୍ଟ ଶିଶିର ପରିଡା ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ତାଲୁକ ଆଇନ ସେବା ସମିତିର ଅଧକ୍ଷ ଶ୍ରୀ ପ୍ରଧାନ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅଧିନିୟମ ୨୦୨୩ ଉପରେ ବକ୍ତବ୍ୟ ରଖିଥିଲେ ଏବଂ ଏହି ସଂହିତା ଅନ୍ତର୍ଭୁକ୍ତ ବିଭିନ୍ନ ବିଷୟ ଯଥା ଏଫ.ଆଇ.ଆର, ବେଲ, ଓ୍ୱାରେଣ୍ଟ ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସରକାରୀ ଓକିଲ ରାଜେନ୍ଦ୍ର ମୁନି ପରିଚାଳନା କରିଥିବା ବେଳେ ବରିଷ୍ଠ ଓକିଲ ହରିଶ୍ଚନ୍ଦ୍ର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳିତ



କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : ସମଗ୍ର ବ୍ରାହ୍ମଣ ସମାଜର ପ୍ରତିଷ୍ଠାତା ତଥା ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ଭଗବାନ ଶ୍ରୀ ଶ୍ରୀ ପର୍ଶୁରାମଙ୍କ ଜନ୍ମୋତ୍ସବ ଇତି ମଧ୍ୟରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ରାହ୍ମଣ ସମାଜ ପକ୍ଷରୁ ଏକ ଆଧାତ୍ମିକ ପରିବେଶରେ ମହା ଆଡ଼ମ୍ବରରେ ପାଳନ କରାଯାଇଛି। ମଙ୍ଗଳବାର ସକାଳ ୯ ଘଣ୍ଟା ସମୟରେ ସ୍ଥାନୀୟ ଗୌରୀଶଙ୍କର ମନ୍ଦିର ପରିସରରେ ପ୍ରଥମେ ପର୍ଶୁରାମ ଭଗବାନଙ୍କ ବିଗ୍ରହ ପ୍ରାଣପ୍ରତିଷ୍ଠା କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ପରେ ଅପରାହ୍ଣ ୪ ଘଣ୍ଟା ସମୟରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଏକ ବିରାଟ ଶୋଭାଯାତ୍ରା ନଗର ପରିକ୍ରମା କରି ସ୍ଥାନୀୟ ବଲାଙ୍ଗୀର ଛକ ସ୍ଥିତ ହରିଓମ ଟ୍ରେଡର୍ସରେ ସମାପ୍ତ ହୋଇଥିଲା। ପରିକ୍ରମା ସମୟରେ ସହରର ସ୍ଥାନେ ସ୍ଥାନେ ବିଭିନ୍ନ ସଂଗଠନ ପକ୍ଷରୁ ଥଣ୍ଡା ପାନୀୟ ଓ ସରବତର ବ୍ୟବସ୍ଥା କରାଯାଇଥିଲା। ଏଥିରେ କେସିଙ୍ଗା ଅଞ୍ଚଳର ସମସ୍ତ ବ୍ରାହ୍ମଣ ପରିବାର ଉପସ୍ଥିତ ରହି ପ୍ରଭୁ ପର୍ଶୁରାମଙ୍କ ଆର୍ଶୀବାଦ ଲାଭ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ କେସିଙ୍ଗା ବ୍ରାହ୍ମଣ ସମାଜ ସଭାପତି ପ୍ରଦୀପ କୁମାର ରଥଙ୍କ ସମେତ ପର୍ଶୁରାମ ପାଢ଼ୀ, ବସନ୍ତ ପୁରୋହିତ, ଜଗଦୀଶ ଷଡଙ୍ଗୀ, ଅମିୟ ନନ୍ଦ, ରାଜେନ୍ଦ୍ର କୁମାର ରଥ, ଗହିନ୍ଦ୍ର ପାଢ଼ୀଙ୍କ ସମେତ ବ୍ରାହ୍ମଣ ସମାଜର ଶହ ଶହ ସଂଖ୍ୟାରେ ପର୍ଶୁରାମ ସମାଜର ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ସ୍ଥାନୀୟ ବଲାଙ୍ଗୀର ଛକ ସ୍ଥିତ ଲଳିତ ଶର୍ମାଙ୍କ ବାସଭବନ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭୋଗର ସୁବ୍ୟବସ୍ଥା ଆୟୋଜନ କରାଯାଇଥିଲା।

## ଓକିଲ ସଂଘ ପକ୍ଷରୁ ସ୍ୱାଭିମାନ ଦିବସ

ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ଓକିଲ ସଂଘ କାର୍ଯ୍ୟାଳୟ ଠାରେ ମଧୁବାବୁ ଜୟନ୍ତୀ ଓ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା ଆରମ୍ଭ ହୋଇଥଲା। ମଧୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଗଠନ ମୂଳକ କାମରେ ସହଯୋଗ କରିବାକୁ ସଭାପତି ଗୌର ହରିଜନ ସମସ୍ତ ସଭ୍ୟ ମାନଙ୍କୁ ଆହ୍ୱାନ ଦେଇଥିଲେ। ସଭାରେ ସଂଘର ସଂପାଦକ ବିଶ୍ୱ ରଞ୍ଜନ ଭୋଇ, ଯୁଗ୍ମ ସଂପାଦକ ବିଭୂତି ଭୂଷଣ ବହିଦାର, କୋଷାଧକ୍ଷ ଡ. ସଞ୍ଜୟ ଧଙ୍ଗଡାମାଝୀଙ୍କ ସମେତ ସମସ୍ତ ଓକିଲ ଉପସ୍ଥିତ ରହିଥିଲେ। ଏହି ଅବସରରେ ନୀରିହ ଗରିବ ଲୋକମାନଙ୍କୁ ଆଇନ ସହାୟତା ଅତି କମ ମୂଲ୍ୟରେ ଯୋଗାଇ ଦେବା ପାଇଁ ମତ ପ୍ରକାଶ ପାଇଥିଲା।



## ବୁଢୀପଦରରେ ବେନ୍ଦେନ ଦେବୀଙ୍କ ଯାତ୍ରା

ନର୍ଲା, (ଭାସ୍କର ନ୍ୟୁଜ୍ ) : ଆଦି ସଂସ୍କୃତିର ଝଲକ ଦେଖିବାକୁ ମିଳିଛି ପ୍ରାଗ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ବୁଢ଼ୀପଦର ମାଟିରେ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦର ଠାରେ ଚାଲିଛି ବେନ୍ଦେନ୍ ଯାତ୍ରା। ଏହି ଯାତ୍ରାକୁ ନେଇ ଉତ୍ସବମୁଖର ହୋଇ ଉଠିଛି ସଂସ୍କୃତି ସମ୍ପନ୍ନ ବୁଢ଼ୀପଦର ଗାଁ। ସୋମବାର ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଶନିବାର ଦିନ ସମାପ୍ତ ହେବ। ପୂଜା ପୂର୍ବରୁ ସପ୍ତାହ ବ୍ୟାପି ଡକା ଡକାଯାଇଥିଲା। ମଙ୍ଗଳବାର ରାତିସାରା ଗଭା ଉତୁରା ଯାଇଥିଲା। ଡମ୍ ବଜା ଓ ସଲପ ନିସାନର ତାଳେ ତାଳେ ବେନ୍ଦ୍ ଗ୍ରାମ୍ୟ ପରିକ୍ରମା କରିଥିଲେ। ମହିଳାମାନେ ଦେବତାଙ୍କ ପ୍ରତୀକ ଭାବେ ତାଙ୍କୁ ବନ୍ଦାପନା କରିଥିଲେ। ବୁଧବାର ସକାଳୁ ବେନ୍ଦ୍ ପଡ଼ିଥିଲା। ଧରଣୀ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇ ବେନ୍ଦେନ୍ ଆସ୍ଥାନ, ଭୀମା, ବଗଡ଼ା, କଳାପାର, ଜଡେନ୍, ଡଙ୍ଗର, ବାମନେନ ବୁଢ଼ୀ, ଗବଡା, ମାଉଲି, ରପାଙ୍ଗ ଆଦି ଗ୍ରାମ୍ୟ ଦେବାଦେବୀଙ୍କୁ ଭୋଗରାଗ ଅର୍ପଣ କରାଯାଇ ଥିଲା। ଏହାପରେ ଧରଣୀ ପୀଠରେ ଗ୍ରାମବାସୀଙ୍କୁ ବିହନ ପ୍ରଦାନ କରାଯାଇ ଥିଲା। ଗାଁର ଗୌନ୍ତିଆ କୁବେର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜାନୀ ଗୁରୁ ସିଂ ମାଝୀ, ଝାଙ୍କର ଲକ୍ଷ୍ମଣ ମାଝୀ, ଗଣା ଡୁମେର, ପୂଝାରୀ କାନ୍ତ ମାଝୀ, ଛବିର ମାଝୀ, ଗଜିନ୍ଦ୍ର ମାଝୀ, ଭୀମ ଭୋଇ, ଧନେଶ୍ୱର ମାଝୀ, ଦେବାଦି ଭୋଇ, ତ୍ରିଲୋଚନ ଧଙ୍ଗଡାମାଝୀ, ଗୋପାଳ ଧଙ୍ଗଡାମାଝୀ ପ୍ରମୁଖ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ପ୍ରଥମେ ଗାଁର ପ୍ରମୁଖ ପ୍ରଜା ସ୍ୱର୍ଗତ ରାଜ ଧଙ୍ଗଡାମାଝୀଙ୍କ ଘରୁ ଯୋଗ ପାଣି ଆଣି ଧରଣୀ ପୀଠରେ ରଖାଯାଇ ଥିଲା। ବେନ୍ଦକୁ ଗାଧୋଇ ପୂଜାର୍ଚ୍ଚନା କରାଯାଇ ଥିଲା। ଗୌନ୍ତିଆ ଘରେ ବନ୍ଦାପନା କରିବା ପରେ ବେନ୍ଦ୍ ଗାଁର ପ୍ରତ୍ୟେକ ଘର ଅଗଣାକୁ ଯାଇଥିଲେ। ପୂର୍ବତନ ସରପଞ୍ଚ ବିଜୟ କୁମାର ଧଙ୍ଗଡାମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କମିଟିର ସଭାପତି ରଜନୀ ଗଉଡ, ସମ୍ପାଦକ ସୁରେନ୍ଦ୍ର ମାଝୀ, କ୍ଷମାନିଧି ଧଙ୍ଗଡାମାଝୀ, ଭଗବାନ ଧଙ୍ଗଡାମାଝୀ, ଖିରାବ୍ଧି ମାଝୀ, ରବି ଗଉଡ, ସତ୍ରୁଘନ ଧଙ୍ଗଡାମାଝୀ, ବିଭିଷଣ ଧଙ୍ଗଡାମାଝୀ, ଋଷି ଗଉଡ, ବିଷ୍ଣୁ ଗଉଡ, ଡ଼ ସଞ୍ଜୟ ଧଙ୍ଗଡାମାଝୀଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ନର୍ଲା ପୋଲିସ ମୁତୟନ ହୋଇଥିଲେ।



## ସାମ୍ବାଦିକଙ୍କ ମାତୃ ବିୟୋଗ

ନର୍ଲା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ନର୍ଲାର କାର୍ଯ୍ୟରତ ସାମ୍ବାଦିକ ତ୍ରିଲୋଚନ ଗଉଡଙ୍କ ମାଆ ସୁବର୍ଣ୍ଣ ଗଉଡଙ୍କ ନିଜ ବାସଭବନରେ ପରଲୋକ



ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ଦୀର୍ଘ ଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଦୁଇ ଦିନ ପୂର୍ବରୁ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କ ପାଞ୍ଚ ଝିଅଙ୍କ ସହିତ ବନ୍ଧୁ ବାନ୍ଧବ ସମସ୍ତେ ଆସି ତାଙ୍କ ଘରେ ତାଙ୍କୁ ଦେଖିଥିଲେ। ମଙ୍ଗଳବାର ସକାଳ ୫ ଟା ୪୫ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସ୍ଥାନୀୟ ଗାଡ଼ିଆ ଜୋର କୂଳରେ ତାଙ୍କ ଶେଷ କୃତ୍ୟ ସଂପନ୍ନ କରାଗଲା। ଏହି ସମୟରେ ତାଙ୍କ ଚାରି ପୁଅ ଭୀମ ଗଉଡ, ପ୍ରଶନ୍ନ ଗଉଡ଼, ତ୍ରିଲୋଚନ ଗଉଡ ଓ ସଞ୍ଜୟ ଗଉଡ ଉପସ୍ଥିତ ଥିଲେ। ତାଙ୍କ ପୁଅ ତ୍ରିଲୋଚନ ଗଉଡ ମୁଖାଗ୍ନି ଦେଇ ଥିବା ବେଳେ ସାନ ପୁଅ ସଞ୍ଜୟ ଗଉଡ଼ ଗୋଡ଼ ପଟେ ଅଗ୍ନି ସଂଯୋଗ କରି ମାଆଙ୍କୁ ଶେଷ ବିଦାୟ ଦେଇଥିଲେ। ତାଙ୍କ ନାତି ସନ୍ତୋଷ ଗଉଡ, ଚକ୍ର ଗଉଡ, ମାଜିସ୍ ଗଉଡ, ବିକାଶ ଗଉଡଙ୍କ ସହିତ ତାଙ୍କ ଅଣ ନାତି ନାତୁଣୀ ଭୁଲା, ଭବାନୀ, ଲିତୁ, ଜଳି ସମସ୍ତେ ଉପସ୍ଥିତ ଥିଲେ।

## ନୂତନ ଆଇନ ସଚେତନତା ଶିବିର

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ଥାନା ପକ୍ଷରୁ ପର୍ଲା ଗ୍ରାମ ପଞ୍ଚାୟତ ପରିସରରେ ନୂତନ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର କୋଲାହରସଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏଆଇସି ସନ୍ତୋଷ କୁମାର ସେଠୀ, ସନ୍ତୋଷ ଶିରକା ନୂତନ ଆଇନ ସଂଗତ ବିବରଣୀ ଜନସାଧାରଣଙ୍କୁ ବୁଝାଇ



ସଚେତନତା ସୃଷ୍ଟି କରିଥିଲେ। ଥାନା ଅଧିକାରୀ ଶ୍ରୀ କୋଲାହରସ ସାଧାରଣଙ୍କୁ ଭାରତୀୟ ଆଇନ ସଂଗତ ଓ ନୂତନ ଆଇନ ଉପରେ ସ୍ପଷ୍ଟ ବୁଝାଇବା ସହ ପୋଲିସ ସହ ସମାନତା ରଖିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକ ସମେତ ହାବିଲଦାର ସୁରେଶ ଭତ୍ରା କନିଷ୍ଟବଳ ପୁଷ୍ପା ସାହୁ, ଯସ୍ମିନ ଜାଲ, ସୁଧାଂଶୁ କୁମାର ଉପସ୍ଥିତ ରହିଥିଲେ। ଏହି ନୂତନ ଆଇନ ସଚେତନତା ଶିବିରରେ ଗ୍ରାମର ବୁଦ୍ଧିଜୀବୀ ହୃଷିକେଶ ସାହୁ, ବିବସ୍ୱ ଦାସ, ଲଛମନ ଗୋପାଳ, ଖଞ୍ଜିବ ଗୋପାଳ, ଅରୁଣ କୁମାର ଜାଲ, ଗୌରୀ ଗୋପାଳ କୁଳମଣି ଗୋପାଳ, ଲଛମନ ନାଏକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।


## ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ସୂଚନା

କଳାହାଣ୍ଡି ଜିଲ୍ଲାରେ ବର୍ଦ୍ଧିତ ଗୃହରକ୍ଷୀ ପଦବୀ ପୂରଣ ନିମନ୍ତେ କୁଶଳ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କ ଠାରୁ ନୂତନ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଗୁଡିକ, ଦୁର୍ଗପତି, ଗୃହରକ୍ଷୀ ବାହିନୀ, କଳାହାଣ୍ଡିଙ୍କ କାର୍ଯ୍ୟାଳୟରେ ୦୧.୦୫.୨୦୨୫ ରୁ ୧୦.୦୫.୨୦୨୫ ତାରିଖ ସୁଦ୍ଧା ପହଞ୍ଚିଯିବା ଆବଶ୍ୟକ । ବିଶେଷ ବିବରଣୀ କଳାହାଣ୍ଡି ଜିଲ୍ଲାର ସମସ୍ତ ଥାନା / ଫାଣ୍ଡି ମାନଙ୍କରେ ଉପଲବ୍ଧ ଅଛି। ପୂର୍ବରୁ ୧୫.୦୨.୨୦୨୫ ଠାରୁ ୦୧.୦୩.୨୦୨୫ ପର୍ଯ୍ୟନ୍ତ ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀ ମାନେ ପୁଣି ଥରେ ଆବେଦନ କରିବା ଆବଶ୍ୟକ ନାହିଁ ।

*ସ୍ୱା-ନାଗରାଜ ଦେବରକୋଣ୍ଡା,*
*(ଭା.ପୋ.ସେ), ଦୁର୍ଗପତି, ଗୃହରକ୍ଷୀ ବାହିନୀ କଳାହାଣ୍ଡି*

## ରାଶିଫଳ


ଗୁରୁବାର, ୦୧ ମଇ ୨୦୨୫



**ମେଷ:** ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ।



**ମିଥୁନ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ।



**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।




**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।



**କୁମ୍ଭ:** ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଜ୍ୟୋତିଷ ସୂତ୍ର

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯